ଅସ୍ପୃଶ୍ୟତା ଏକ ଜାତୀୟ କଳଙ୍କ—

ଗାନ୍ଧିଜୀଙ୍କ ପରିକଳ୍ପିତ ସମାଜର ଏକ ନିଖୁଣ ଚିତ୍ର

# ଅମୃତ କନ୍ୟା



ବଠ ବିହାରୀ ଦାସ

ଜନ-ସାହିତ୍ୟ ପ୍ରକାଶନ
ବଙ୍ଗାଳି ସାହି, କଟକ—୧
ଫୋନ : ୧୧୨୯

Published, Owned & Printed by Bansidhar Bhuyan
on behalf of Jana-Sahitya Prakashan at LIPIKA, Cuttack-I
Editor—BANSIDHAR BHUYAN

ଟେବୁଲ ଉପରେ ଚା କପ୍‌ଟି ଥୋଇ ଦେଇ ସୁମିତ୍ରା ସ୍ୱାମୀଙ୍କ ମୁହଁକୁ ଲକ୍ଷ୍ୟକରି ଛିଡ଼ା ହୋଇ ରହିଲେ । ସ୍ୱାମୀଙ୍କ ହାତରେ ଖଣ୍ଡେ ଖବର କାଗଜ, କିନ୍ତୁ ଦୃଷ୍ଟି ଗୋଟାଏ ସ୍ଥାନରେ ନିବଦ୍ଧ । ଅନ୍ୟ କେହି ହୋଇଥିଲେ ଚା' କପଟି ଥୋଇ ଦେଇ ଖାଇବାକୁ ନ କହି ଚାଲିଯାଇ ଥାଆନ୍ତା । କିନ୍ତୁ ଚତୁରୀ ସୁମିତ୍ରା ତାହା କରି ନ ଥିଲେ । ସେ ଠିକ୍ ଚତୁରୀ ନୁହନ୍ତି ବା ଉଚ୍ଚଶିକ୍ଷିତା ମଧ୍ୟ ନୁହନ୍ତି, କିନ୍ତୁ ପାରିବାରିକ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳା ଓ ସାବଧାନତା ସହ ସମ୍ପନ୍ନ କରିବା ଦିଗରେ ନିପୁଣା ।

ସ୍ୱାମୀ ଯେ ଅନ୍ୟମନସ୍କ ଅଛନ୍ତି ଏକଥା ଜାଣିବାକୁ ସୁମିତ୍ରାଙ୍କର ଆଉ ବାକି ରହିଲା ନାହିଁ । ଧୀରେ ଏବଂ ନମ୍ର ଭାବରେ କହିଲେ, ଚା' ଥଣ୍ଡା ହେଇ ଯାଉଛି ଯେ !

ଚମକି ପଡ଼ିଲା ପରି ସୋମନାଥ ବାବୁ ଖବର କାଗଜରୁ ଦୃଷ୍ଟି ଫେରାଇ ଆଣିଲେ । ସୁମିତ୍ରାଙ୍କ ମୁହଁକୁ ଟିକିଏ ଚାହିଁଦେଇ ଚା' କପ୍‌ଟି ହାତକୁ ନେଲେ । ଦୀର୍ଘ ଅଥଚ କ୍ଷୀଣ ନିଃଶ୍ୱାସ ତ୍ୟାଗ କରି 'ଚା' ଖାଇବାକୁ ଲାଗିଲେ । କିନ୍ତୁ ସେହି କ୍ଷୀଣ ନିଃଶ୍ୱାସ ସୁମିତ୍ରାଙ୍କ କାନରେ ଠିକ୍ ଡାକବାଜି ଫଂସ ପରି ଝଂକାର ତୋଳିଲା । ତାହାଙ୍କର ଆଖି ଯୋଡ଼ାକ ଯେପରି ତୀକ୍ଷ୍ଣ, କାନ ଯୋଡ଼ାକ ମଧ୍ୟ ତଦ୍ରୂପ ସଜାଗ ।

ସ୍ୱାମୀଙ୍କର ମନର ଅବସ୍ଥା ସେ ଭଲ ରୂପେ ବୁଝି ପାରିଥିଲେ । କିନ୍ତୁ ସେ ବିଷୟରେ କିଛି କଥା ଉତ୍‌ଥାପନ ନ କରି କହିଲେ, ଚା ମିଠା ହୋଇ ନାହିଁ ବୋଧହୁଏ, ଆଉ ଟିକିଏ ଚିନି ଦେବି କି !

ସୋମନାଥ ବାବୁ କୌଣସି ଉତ୍ତର ନ ଦେଇ କେବଳ ମୁଣ୍ଡ ହଲାଇ ଅସମ୍ମତ ଜଣାଇଲେ । ଦୁଇ ଚାରିଥର ଚା ଢୋକି କପ୍‌ଟାକୁ ଟେବୁଲ ଉପରେ ଥୋଇ ଦେଲେ । ସୁମିତ୍ରା ଚା' ନିଃଶେଷ ହୋଇ ନ ଥିବାର ଦେଖି କହିଲେ, ଚା' ନିଶ୍ଚୟ ଖରାପ ହୋଇଚି ।

ମୁଣ୍ଡ ହଲାଇ ସୋମନାଥ ବାବୁ କହିଲେ, ନାଁ ।

ଖାଇଲ ନାହିଁ ଯେ !

ନାଁ ଆଉ ଇଚ୍ଛା ହେଉ ନାହିଁ ।

ଏତେବେଳେ ସୁମିତ୍ରା ସ୍ୱାମୀଙ୍କ ମନର ଭାବ ପଦାକୁ ଟାଣି ଆଣିବାକୁ ଯାଇ କହିଲେ, ଏତେ ଗୁଡ଼ାଏ ତମେ କଣ ଭାବୁଚ କହିଲ ? ଦିନଯାକ ବକ ବକ ଘରେ ଟିକିଏ ନିଶ୍ଚିନ୍ତରେ ବିଶ୍ରାମ ନ ନେଲେ ଦେହର ଅବସ୍ଥା କଣ ହେବ କହିଲ । ଦେହଟା ତ ଆଉ ଲୁହା ପଥରରେ ତିଆରି ନୁହେଁ । ଭଗବାନ ତମର କଉଁଥିରେ ଊଣା କରିଛନ୍ତି ଯେ ତମେ ଦିନ ରାତି ବସି ଗୁଡ଼ାଏ ଭାବୁଚ ।

ହୁଁ ସବୁ ପୂର୍ଣ୍ଣ କରି ଦେଇଛନ୍ତି । ସୋମନାଥ ବାବୁଙ୍କ ଅନିଚ୍ଛା ସତ୍ତ୍ୱେ ଗୋଟାଏ ଦୀର୍ଘ ଉଷ୍ଣ ନିଃଶ୍ୱାସ ବାହାରି ଆସିଲା ।

ସୁମିତ୍ରା ଚା' କପଟା ଟେବୁଲ ଉପରୁ ଉଠାଇ ନେଇ ପଚାରିଲେ, ବିଶୁ ପାଖରୁ କିଛି ଚିଠି ପତ୍ର ଆସିଛି ? ସୋମନାଥ ବାବୁ ଖଣ୍ଡେ ଚିଠି ଗୋଟାଏ ବହି ଭିତରୁ ବାହାର କରି ସୁମିତ୍ରାଙ୍କ ହାତକୁ ବଢାଇ ଦେଲେ । ସୁମିତ୍ରା ଚିଠି ଖଣ୍ଡି ହାତକୁ ନେଇ ପଚାରିଲେ, କଣ ଲେଖିଛି ।

ପଢ଼ କଣ ଲେଖିଚି । ପୂଜା ଛୁଟିରେ ଆସିବ ନାହିଁ । ଟଙ୍କା ପଠାଇବାକୁ ଲେଖିଚି । ରାଉରକେଲା, ହୀରାକୁଦ, ଆଉ କଉଁଠିକି କଉଁଠିକି ଏକ୍ସକରସନ୍‌ରେ ଯିବ । ମୁଁ ଆଉ ଟଙ୍କା ଦେଇ ପାରିବି ନାହିଁ ।

ଶେଷ କଥାପଦକ ନ ସରୁଣୁ ସୁମିତ୍ରା କକ୍ଷତ୍ୟାଗ କରି ଚାଲିଗଲେଣି । ସୋମନାଥ ବାବୁ ଭଦ୍ରକ ହାଇସ୍କୁଲର ପ୍ରଧାନ ଶିକ୍ଷକ । ଶିକ୍ଷା ବିଭାଗର ଦୀର୍ଘ ପଚିଶ ବର୍ଷ ଚାକିରି ମଧ୍ୟରେ ଅନ୍ୟୁନ ଦଶ ବର୍ଷ ହାଇସ୍କୁଲର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରି ଆସିଲେଣି । ଏହି ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସେ କେତେ ଛାତ୍ରଙ୍କୁ ମଣିଷ କରି ସାରିଲେଣି । କିନ୍ତୁ ନିଜର ଏକମାତ୍ର ପୁଅକୁ ସେ ଇଚ୍ଛା ଅନୁଯାୟୀ ମଣିଷ କରି ପାରିଲେ ନାହିଁ । ଏହାହିଁ ଏକମାତ୍ର ଦୁଃଖ । ଜୀବନରେ ସେ କେବେ ଅଭାବ ଅନୁଭବ କରି ନାହାନ୍ତି ବା ଅନୁଭବ କଲାଭଳି କାର୍ଯ୍ୟ କରି ନାହାନ୍ତି । ଅସୁବିଧା ମଧ୍ୟ ଅନୁଭବ କରି ନାହାନ୍ତି । କାରଣ ସୁମିତ୍ରାଙ୍କର ଗୃହ ପରିଚାଳନା କରିବାର ଦକ୍ଷତା ତାହାଙ୍କୁ ସେ ସବୁ କିଛି ଅନୁଭବ କରିବାକୁ ଅବକାଶ ଦେଇ ନାହିଁ ।

ପୁତ୍ର ବିଶ୍ୱନାଥ ଫକୀରମୋହନ କଲେଜରେ ତୃତୀୟ ବାର୍ଷିକ କଳାର ଛାତ୍ର । ମେଟ୍ରିକ ପରୀକ୍ଷାରେ ଦୁଇବର୍ଷ, ଆଇ. ଏ.ରେ ବର୍ଷେ ଫେଲ୍ ହୋଇ ପୁନଶ୍ଚ ତୃତୀୟ ବାର୍ଷିକ କଳା ପରୀକ୍ଷା ଦେଇ ଫେଲ ହୋଇଛି । ତଥାପି ସୋମନାଥ ବାବୁ ଧୈର୍ଯ୍ୟ ହରେଇ ନାହାନ୍ତି । କିନ୍ତୁ କେତେ ଦିନ ! ତାହାର ସାଙ୍ଗରେ ଯେଉଁମାନେ ପଢୁଥିଲେ ସେମାନଙ୍କ ମଧ୍ୟରୁ କିଏ ପ୍ରଫେସର, ଓକିଲ, ଇଂଜିନିଅର, ଡାକ୍ତର, ଏପରିକି ପ୍ରଥମ ଶ୍ରେଣୀର ଅଫିସର ହେଲେଣି । ଏହି ସବୁ କଥା ଭାବି ଭାବି ସେ ବଡ଼ ବିବ୍ରତ ହୋଇ ପଡ଼ିଲେ ।

ବିଶ୍ୱନାଥର ଚିଠି ପାଇଲା ପରେ ସୋମନାଥ ବାବୁଙ୍କ ମନରେ ଅଶାନ୍ତି ଦୁଇଗୁଣ ବଢ଼ିଗଲା । ଦୀର୍ଘ ପୂଜା ଛୁଟିଟା ବାହାରେ ନ କଟାଇ ପଢ଼ିଲେ ହୁଅନ୍ତା ନାହିଁ ! ହୀରାକୁଦ ବା ରାଉରକେଲା କଣ କୁଆଡ଼େ ପଳାଇ ଯାଉଛି ? ପରେ ଗଲେ ଚଳିବ ନାହିଁ ! ଏମିତି କେତେ କଣ ଚିନ୍ତା କରୁଥିବା ସମୟରେ ସୁମିତ୍ରା ଘର ଭିତରକୁ ପଶି ଆସିଲେ । ସ୍ତ୍ରୀଙ୍କୁ ଲକ୍ଷ୍ୟ କରି ସୋମନାଥ ବାବୁ କହିଲେ, ବିଶୁର ଆଉ ପାଠ ପଢ଼ିବା ଦରକାର ନାହିଁ । ମୋର ଆଉ ଧୈର୍ଯ୍ୟ ନାହିଁ ।

ସୁମିତ୍ରା ମୁହଁ ଶୁଖେଇ କହିଲେ, ହଉ ଏ ବର୍ଷଟା ଦେଖ । ତା ପାଖକୁ ଚିଠି ଦେଲଣି ?

ମୁଣ୍ଡ ହଲାଇ ସୋମନାଥ ବାବୁ କହିଲେ, ନାଁ ।

ଟଙ୍କା !

ସୋମନାଥ ବାବୁ ସାମାନ୍ୟ ଉତ୍ତେଜିତ ହୋଇ କହିଲେ, ଟଙ୍କା ! ଏବେ ତ ଟଙ୍କା ପଠେଇଥିଲି । ପୁଣି କି ଟଙ୍କା ? ମୁଁ ଜାଣେ, ସେ ଏହିସବୁ କାରଣରୁ ଏଠି ନ ପଢ଼ି ଜିଦ୍ ଧରି ସେଠାରେ ଯାଇ ପଢୁଛି ।

ସୁମିତ୍ରା ଭୟମିଶା ଗଳାରେ କହିଲେ—ତାକୁ ନ ହେଲେ ଆସିବା ପାଇଁ ଲେଖ ।

ସେ ନ ଆସୁ, ଯୁଆଡ଼େ ଯିବ ଯାଉ । ମୋ ପାଖରେ ଟଙ୍କା ନାହିଁ କି କିଛି ଲେଖିବି ନାହିଁ । ଚେଆରରୁ ଉଠିପଡ଼ି ସୋମନାଥ ବାବୁ କକ୍ଷ ତ୍ୟାଗ କଲେ । ସୁମିତ୍ରା ତାଙ୍କ ପଛେ ପଛେ ଚାଲିଗଲେ ।

'ଶାନ୍ତି କୁଟୀର ମେସ୍'ରେ ଅଶାନ୍ତ ମନରେ ବିଶ୍ୱନାଥ ଚିତ୍ ହୋଇ ବିଛଣାରେ ପଡ଼ି ଭାବୁଛି—ନିଶ୍ଚୟ ବାପା ଓ ମା ତା ଉପରେ ରାଗି ଯାଇଛନ୍ତି । ରାଉରକେଲା ଯିବା ବିଷୟ ନ ଲେଖିଥିଲେ ଭଲ ହୋଇଥାନ୍ତା । ଛୁଟି ପାଖେଇ ଆସିଲାଣି । ଆଉ ଦିନ କେଇଟା । ଟଙ୍କା ପଇସାର ଦେଖା ନାହିଁ କି ଚିଠିର ମଧ୍ୟ ଦେଖା ନାହିଁ । ଏକ୍ସକରସନରେ ଯିବା ପାଇଁ ତାଲିକାରେ ନାଁ ଲେଖା ହୋଇ ଗଲାଣି । ଯଦି ନ ଯାଏ ଅନ୍ୟମାନେ ଭାବିବେ କଣ ? ହୁଏତ କହି ପାରନ୍ତି ବିଶ୍ୱନାଥଟା ବଡ଼ କୃପଣ ।

ସେଦିନ ସେ କଲେଜରୁ ଚଂଚଳ ଚାଲିଆସି ଥିଲା । ଭାବିଲା ଯଦି ପିଅନ ଚିଠିପତ୍ର କିମ୍ବା ଟଙ୍କା 'ଆଣି ଫେରାଇ ନେଇ ଯାଇଥାଏ ? ପୋଷ୍ଟ ଅଫିସରେ ଥରେ

ଯାଇ ପହଞ୍ଚିଲେ ହୁଅନ୍ତା । ହାତ ଘଣ୍ଟାକୁ ଚାହିଁ ଦେଇ ଧଡ଼୍‌କିନା ବିଛଣାରୁ ଉଠି ପଡ଼ିଲା । ଚାରିଟା ବାଜି ଗଲାଣି । ସିଧା ଚାଲିଲା ଡାକ ଘରକୁ । ଉପରକୁ ଚାହିଁ ଟିକିଏ ଅଟକି ଗଲା । କଳା ମେଘ ଖଣ୍ଡେ ଉଭିଁ ଆସୁଛି । କିନ୍ତୁ କଲେଜ ପିଲା ତ ? ଛତାଟା ତାଙ୍କ ପକ୍ଷରେ ଏକ ମହାନ ସମସ୍ୟା । ମେଘ ବରଷିବା ଆଗରୁ ଫେରି ଆସିବ ଭାବି ଚାଲିଗଲା ।

ଡାକଘରୁ ଫେରିଆସି କିଛି ରାସ୍ତା ଚାଲି ଆସିଲା ପରେ ଟୋପାଏ ଟୋପାଏ ପାଣି ପଡ଼ିବାକୁ ଆରମ୍ଭ କଲା । ଚାଲିର ଗତି ବଢ଼ାଇ ଆସୁ ଆସୁ ଠିକ୍ ରେଲ୍‌ଲାଇନ ପାରି ହେବାବେଳେ ଆସିଲା ବଡ଼ ବର୍ଷା । ମେସ୍ ଆହୁରି କିଛି ରାସ୍ତା ଅଛି । ଏଥର ସେ ଦୌଡ଼ିବାକୁ ଆରମ୍ଭ କଲା । ମେସ୍‌ରେ ପହଞ୍ଚିଲା ବେଳକୁ ମୁଣ୍ଡ ଓ କାମିଜ ପ୍ରାୟ ସବୁ ଭିଜି ଗଲାଣି । ବାରଣ୍ଡାରେ ଛିଡ଼ା ହୋଇ ରୁମାଲରେ ପୋଛି ହେଉ ହେଉ ଲକ୍ଷ୍ୟ ପଡ଼ିଲା ଗୋଟିଏ ବାଳିକା ଉପରେ । ସେ ବି ସାମାନ୍ୟ ଭିଜିଛି । ବହି କେଇଖଣ୍ଡ ଅତି ସାବଧାନତାରେ ଛାତିରେ ଜାକି ଧରି କାନ୍ଥକୁ ଆଉଜି ଛିଡ଼ା ହୋଇଛି । ବୟସ ଆନ୍ଦାଜ ଷୋହଳ କି ସତର । ବାଳିକାଟି ବିଶ୍ୱନାଥକୁ ଥରେ ଚାହିଁ ଦେଇ ଦୃଷ୍ଟି ଫେରାଇ ନେଲା । ବର୍ଷା କ୍ରମେ ବେଶି ହେବାକୁ ଲାଗିଲା । ବିଶ୍ୱନାଥ ଘର ଭିତରକୁ ଯାଇ ଲୁଗା ବଦଳାଇ ପୁଣି ଆସି ବାରଣ୍ଡାରେ ଛିଡ଼ା ହେଲା ।

ବାଳିକାଟି ଦେଖିବାକୁ ସୁଶ୍ରୀ । ମୁଣ୍ଡରେ ବେଣୀ ପିଠି ଉପରୁ ଲମ୍ବି ଆସିଛି ଜଙ୍ଘ ପର୍ଯ୍ୟନ୍ତ । ବେଣୀର ଅଗ୍ରଭାଗରେ ଚକୋଲେଟ୍ ରଂଗର ଫିତା ବନ୍ଧା ହୋଇଛି । ବେଣୀ ମୂଳରେ ଗୋଟାଏ ଧଳା ଟଗର ଫୁଲ । ଦୁଇ ହାତରେ ଦୁଇପଟ ଲେଖାଏ କଳା ରଂଗର ପ୍ଲାଷ୍ଟିକ ଶଂଖା । ଅଳ୍ପ ଦରର ନାଲି ଧଡ଼ିଆ ଧଳା ରଂଗର ଶାଢ଼ୀ ଓ ଗାଢ଼ ଖଇରି ରଂଗର ଖଣ୍ଡେ ବ୍ଲାଉଜ୍ ପିନ୍ଧିଛି । ବେକରେ କଣ ପିନ୍ଧିଛି ନ ପିନ୍ଧିଛି ଜଣାପଡୁ ନାହିଁ । କାନ ଖାଲି, ଗୋଡ଼ରେ ଯୋତା ବା ଚପଲ କିଛି ନାହିଁ । ବେଶଭୂଷା ପରିପାଟି ଅତି ସାଧାରଣ ।

ବିଶ୍ୱନାଥ କଲେଜ ପଢୁଆ । ଟାଉନରେ ରହି ଅନେକ ଯୁବତୀ ଦେଖିଛି । ଚାକଚକ୍ୟରେ ଆଖି ଝଲସି ଯାଏ । ଏଭଳିଆ ଏକ ସାଧାରଣ ଯୁବତୀ ପ୍ରତି ବାରମ୍ବାର ଚାହିଁବାଟା ପସନ୍ଦ କଲା ନାହିଁ । ନିଜର ଆଭିଜାତ୍ୟ ବଜାୟ ରଖିବା ଅଭିପ୍ରାୟରେ ସେ ମେଘୁଆ ଆକାଶକୁ ଚାହିଁ ରହିଲା । ଯେପରିକି ଅନ୍ୟ କୌଣସି ଦିଗରେ ତାର ଆକର୍ଷଣ ନାହିଁ ।

ବିଶ୍ୱନାଥର ଅସଂଯତ ଆଖି ଦୁଇଟା ତାର ଅଜାଣତରେ ମେଘାଚ୍ଛନ୍ନ ଆକାଶର ଭୟଂକରୀ ଦୃଶ୍ୟରେ ନିବଦ୍ଧ ନ ହୋଇ ଫେରିଆସେ ତାର ଅତି ନିକଟକୁ । ପୁନଶ୍ଚ ସେ ଆଖି ଫେରାଇ ନିଏ । କିନ୍ତୁ ପର ମୁହୂର୍ତ୍ତରେ ଫେରିଆସେ । କିଛିକ୍ଷଣ ଚାଲିଲା

ଏହିପରି ଭୁମୂଳ ସଂଗ୍ରାମ ତା'ର ସଂଯମ ଓ ତା'ର ଅବାଧ ଆଖି ଯୋଡ଼ିକ ମଧ୍ୟରେ । ଶେଷରେ ଆଖି ଜୟୀ ହେଲା । ସଂଯମ ହାର ମାନିଲା । ବିଶ୍ୱନାଥ ବାଳିକା ଆଡ଼କୁ ଯେତିକି ଚାହିଁ ଥାଏ ସେତିକି ସେ ନିଜ ମଧ୍ୟରେ ଦୁର୍ବଳତା ଅନୁଭବ କରୁଥାଏ । ସେ ଅନେକ ସୁନ୍ଦରୀ ବାଳିକା ଦେଖିଛି, ଆକୃଷ୍ଟ ହୋଇଛି, କିନ୍ତୁ ନିଜକୁ ଏତେ ଦୁର୍ବଳ ବୋଧ କରି ନାହିଁ ।

ବାଳିକାଟିର ପରିଚୟ ନେବା ନିମନ୍ତେ ତାର ପ୍ରବଳ ଇଚ୍ଛା ହେଲା । ଏହାହିଁ ଉପଯୁକ୍ତ ସମୟ । ମେସ୍‌ର ଅନ୍ୟାନ୍ୟ ଛାତ୍ରମାନେ ନାହାନ୍ତି । ବର୍ଷା ନ ଛାଡ଼ିବା ଯାଏ ଆସିବାର ସମ୍ଭାବନା ନାହିଁ । ମେସ୍ ପୂଝାରୀ ବର୍ଷା ପାଗ ଦେଖି ଆରାମରେ ଘୋଡ଼ିଘାଡ଼ି ହୋଇ ଘରେ ଶୋଇ ପଡ଼ିଛି । ନିର୍ଜନ-ନିରୋଳା । ସେ ଦିନର ବର୍ଷା ଦୁଇଟି ଅପରିଚିତ ଯୁବକ ଯୁବତୀ ମଧ୍ୟରେ ଆଣିଦେଲା ଅପ୍ରତ୍ୟାଶିତ ମିଳନ ।

ବର୍ଷା କମି ଆସିଲାରୁ ବାଳିକାଟି ସେଠାରୁ ଚାଲିଯିବା ନିମନ୍ତେ ପ୍ରସ୍ତୁତ ହେଲା । ବାହାରକୁ ହାତ ବଢ଼ାଇ ଦେଖିଲା ସରୁ ପାଣି ଝିପି ଝିପି ହୋଇ ପଡ଼ୁଛି । ଯିବାକୁ ଆଉ ସାହସ କଲା ନାହିଁ ବହି କେଇଖଣ୍ଡ ଭିଜିଯିବା ଭୟରେ । ବିଶ୍ୱନାଥକୁ ଏତିକିବେଳେ କିଛି କହିବାକୁ ସୁଯୋଗ ମିଳିଲା । ମୃଦୁ ହସି ଅତି ମିଠା କଥାରେ କହିଲା, ଏଥିରେ ଯାଇ ହେବ ନାହିଁ । ବହିଗୁଡ଼ାକ ଭିଜିଯାଇ ପାରେ । ଛତାଟିଏ ଆଣିଦେବି କି ?

ବାଳିକାଟି ବିଶ୍ୱନାଥ ଆଡ଼କୁ ଚାହିଁ ଦେଇ ଲଜ୍ଜାରେ ଦୃଷ୍ଟି ଫେରାଇ ନେଲା । ବିଶ୍ୱନାଥ ସେହି ଲାଜ ବୋଳା ମୁହଁରେ ମୃଦୁ ହସ ଦେଖି ପାରିଲା । ସେ ହସରେ କି ଅପୂର୍ବ ମାଧୁରୀ । ଅନେକ ଷୋଡ଼ଶୀ ଓଠରେ ହସ ଫୁଟିବାର ସେ ଦେଖିଛି, କିନ୍ତୁ ଏ ହସ କାହିଁକି କେଜାଣି ତାକୁ ଆଣିଦେଲା ଏକ ଅଦ୍‌ଭୁତ ଧରଣର ମାଦକତା । ତାର ସମସ୍ତ ଶରୀରରେ ଗୋଟିଏ ସ୍ପନ୍ଦନ ଅନୁଭବ କଲା । ଝମ୍ପ ପରି ଗୋଡ଼ ଦୁଇଟା ତାର ଥରିବାକୁ ଲାଗିଲା । ବଳିଲା ବଳିଲା ହାତ ଦୁଇଟା ତାର କ୍ରମେ ଦୁର୍ବଳ ହୋଇ ଆସିଲା । ଶରୀରର ଦୁର୍ବଳତାଠାରୁ ସେ ମନର ଦୁର୍ବଳତା ବୋଧ କଲା ଆହୁରି ବେଶି । ବାଳିକାଟିକୁ ଟିକିଏ ଅପେକ୍ଷା କରିବାକୁ କହି ଘର ଭିତରୁ ଛତାଟିଏ ଧରି ଆସିଲା । ଛତାଟା ତା ହାତକୁ ଦେବା ସମୟରେ ବାଳିକାଟି ଛତା ନ ନେଇ କୃତଜ୍ଞତାର ନିଦର୍ଶନ ସ୍ୱରୂପ କେବଳ ହସି ଦେଲା ।

ଛତା ନ ନେବାର ଦେଖି ବିଶ୍ୱନାଥ ପଚାରିଲା ଏଥିରେ ଯାଇ ପାରିବ ? ଛତାଟା ନେଇଗଲେ ଭଲ ହୁଅନ୍ତା ।

ହଁ ଚାଲିଯିବି, ଟିକିଏ ଟିକିଏ ପାଣି ପଡ଼ୁଛି । ବାଳିକାଟି ଆଗକୁ ପାଦ ବଢ଼ାଇଲା ।

ଇତସ୍ତତଃ ହୋଇ ବିଶ୍ୱନାଥ ତା ପଛରେ ଚାଲିଲା । ପଛକୁ ଚାହିଁ ବାଳିକାଟି ଦେଖିଲା ବିଶ୍ୱନାଥ ତା ପଛରେ ଚାଲିଛି । ବିଶ୍ୱନାଥ ଏତିକି ବେଳେ ପଚାରିଲା—ତମ ନାଁ କଣ ?

ଅତି ଧୀର ଗଳାରେ ବାଳିକାଟି ଉତ୍ତର ଦେଲା—ଗୌରୀ ।

ଗୌରୀ । ଓଃ କି ସୁନ୍ଦର ନାଁ । ମନେ ମନେ ବିଶ୍ୱନାଥ ଆନନ୍ଦ ଅନୁଭବ କଲା । ପୁଣି ପ୍ରଶ୍ନକଲା—କେଉଁ ସ୍କୁଲରେ ପଢ଼ ।

ଗାର୍ଲସ୍ ହାଇସ୍କୁଲରେ ।

କେଉଁ ଶ୍ରେଣୀରେ ?

ଇଲେଭେନ୍ଥ୍ କ୍ଲାସରେ ।

ବିଶ୍ୱନାଥ ଗମ୍ଭୀର ହୋଇ କହିଲା—ଓ ବୁଝିଲି । ମୁଁ ପଚାରିଲି କାହିଁକିନା ମୁଁ ତ ଦୈନିକ କଲେଜ ଯାଉଛି । ତମକୁ ଆଗରୁ କେବେ ଦେଖି ନାହିଁ ।

ବିଶ୍ୱନାଥ ବାଳିକାଟିର ମୋଟାମୋଟି ପରିଚୟ ପାଇଲା । ଗୌରୀ ମଧ୍ୟ ଜାଣିଲା ପ୍ରଶ୍ନକର୍ତ୍ତା ଜଣେ କଲେଜ ଛାତ୍ର ।

ବଡ଼ ସଡ଼କରୁ ଯେଉଁ ମାଟି ସଡ଼କଟା ବାହାରି ଯାଇଛି ସହରର ଉତ୍ତର ଆଡ଼କୁ ସେହି ରାସ୍ତା ଛକ ପର୍ଯ୍ୟନ୍ତ ବିଶ୍ୱନାଥ ଗୌରୀ ପଛରେ ଆସିଲା । ଗୌରୀ ବଡ଼ ସଡ଼କରୁ ସେହି ମାଟି ସଡ଼କ ଆଡ଼କୁ ଫିରିବା ସମୟରେ ବିଶ୍ୱନାଥ ପୁଣି ପଚାରିଲା—ଛତାଟା ଧରି ମୁଁ ତମ ସାଙ୍ଗରେ ଗଲେ ଭଲ ହୁଅନ୍ତା ନାହିଁ ? ଯଦି ରାସ୍ତାରେ ବର୍ଷା ହୁଏ ?

ଗୌରୀ ମୃଦୁ ହସି ବିଶ୍ୱନାଥ ଆଡ଼କୁ ଚାହିଁ କହିଲା—ନାଁ ଥାଉ, କାହିଁକି ଏତେ ରାସ୍ତା ଫିରିବେ ? ବର୍ଷା ଆଉ ହବନାହିଁ ପ୍ରାୟ । ଗୌରୀ ଆକାଶକୁ ଅନାଇଲା । ପୁନଶ୍ଚ ବିଶ୍ୱନାଥ ଆଡ଼କୁ ଚାହିଁ ଅତି ନମ୍ର ଭାବରେ କହିଲା—ହଉ ଆପଣ ଯାଆନ୍ତୁ, ନମସ୍କାର ।

ବିଶ୍ୱନାଥ ପ୍ରତି ନମସ୍କାର ଜଣାଇ ସେହିଠାରେ ଛିଡ଼ା ହୋଇ ରହିଲା ଗୌରୀ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ବିଶ୍ୱନାଥ ଘରୁ ଟଙ୍କା ଓ ଚିଠିପତ୍ର ନ ପାଇ ଚିନ୍ତାର ବୋଝରେ ମୁଣ୍ଡଟା ଯେତିକି ଭାରାକ୍ରାନ୍ତ କରିଥିଲା ଗୌରୀ ସହିତ ଆଳାପ କରିବା ପରଠାରୁ ଠିକ ତାର ଦଶଗୁଣ ହାଲୁକା କରିଦେଲା । ସେ ଅନୁଭବ କରୁଥାଏ ମଳୟର ସ୍ପର୍ଶ । ପ୍ରକୃତିର ନିୟମ ଲଂଘନ କରି ଏହି ଅସମୟରେ ବହୁଛି ଯେପରି ତା'ର ନିମନ୍ତେ । ଜୀବନରେ ତାର ତେଇଶଟା ବସନ୍ତ କଟିଗଲାଣି । ସେ ସବୁରେ ତା ସହିତ

ସଂପର୍କ ଥିଲା କି ନା କେଜାଣି ସେ ନିଜେ ବି ଜାଣିପାରି ନ ଥିଲା । କିନ୍ତୁ ଏହି ଅସମୟରେ ଯେଉଁ ମଳୟ ବହିଲା, ତାହା ଆଣିଦେଲା ତାକୁ ପ୍ରକୃତ ଅନୁଭୂତି ।

ସେହି ଦିନ ସଂଧ୍ୟାରେ ସେ ଆଉ ପଢ଼ାପଢ଼ି କରିପାରିଲା ନାହିଁ । ଲଣ୍ଠଣଟି ଜାଳି ଦେଇ ବହି ମେଲେଇ କେବଳ ବସି ରହିଲା । ମନ ମଧ୍ୟରେ କେବଳ ଗୌରୀର ଚିନ୍ତା । ଆଖି ଆଗରେ ଗୌରୀର ଛବି । ଇତିହାସ ପଢ଼ିବାକୁ ଯାଇ ସାହିତ୍ୟ ବହି ଖୋଲି ବସେ । ଭାତ ଖାଇଲା ବେଳେ ଗୋଟାଏ ତରକାରୀରେ ହାତ ଦିଏ ନାହିଁ । ବିଛଣାରେ ପଡ଼ିରହି ସେହି ଚିନ୍ତା । କେବଳ ଏପାଖ ସେପାଖ କଡ଼ ଲେଉଟାଉଥାଏ । ଆଖିରେ ନିଦ ନାହିଁ । ମନ ମଧ୍ୟରେ ଚିନ୍ତା କରୁଥାଏ କାଲି ଆଉଥରେ କିପରି ତା ସହିତ ଦେଖାହେବ । ସବୁଦିନେ କଣ ଠିକ ସେ ସ୍କୁଲରୁ ଫେରିଲା ବେଳେ ସେହି ସ୍ଥାନରେ ବର୍ଷାହେବ ନା ସେ ଭିଜିଯିବା ଭୟରେ ଦୌଡ଼ିଆସି ମେମ୍‌ବାରଣ୍ଡାରେ ଆସି ଛିଡ଼ା ହେବ ! ଓଃ ତା ଘର ଠିକଣାଟା ତ ତାକୁ ପଚାରିବାକୁ ଭୁଲି ହୋଇଗଲା । ଯଦି ରାସ୍ତାରେ ତା ସହିତ ଦେଖା ନ ହୁଏ ! ନାଁ କାଲି ବେଶୁସ ଆସି ସେହି ମାଟି ସଡ଼କ ଛକ ପାଖରେ ଯେଉଁ ବଉଳ ଗଛଟା ଅଛି, ସେଇଠି ଅପେକ୍ଷା କରି ରହିବ । ଏମିତି କେତେ କଣ ଚିନ୍ତା କରୁ କରୁ ଆଖିବୁଜି ଦେଲା ।

ଗୌରୀ ଯେତେବେଳେ ତା ନିଜ ଘରକୁ ଫେରୁଥାଏ ସେତେବେଳେ ତାର ଦେହଟା କିପରି ଏକ ଅଜଣା ଆନନ୍ଦରେ ପୁଲକି ଉଠୁଥାଏ । କାହିଁକି କେଜାଣି ସେ ନିଜେ ମଧ୍ୟ ଜାଣି ପାରୁ ନ ଥାଏ । ତେବେ କଣ ସେହି କଲେଜ ଛାତ୍ର ସହିତ କେତେ କ୍ଷଣ ମାତ୍ର ସାକ୍ଷାତ ଓ କଥାବାର୍ତ୍ତା ଫଳରେ ଏପରି ହେଉଛି ! ସେ ଭଦ୍ରଲୋକଟି କିଏ, ତାଙ୍କ ଘର କେଉଁଠି, କିପରି ଲୋକ, ସେ ତ କିଛି ଜାଣେ ନାହିଁ । ଏମିତି କେତେ ଲୋକଙ୍କୁ ସେ ନିତି ନିତି ଦେଖୁଛି । ଆବଶ୍ୟକ ହେଲେ କଥାବି କହୁଛି । କାହିଁ କେବେ ତ ସେ ଏପରି ଅନୁଭବ କରି ନାହିଁ । ଅବଶ୍ୟ ସେ ତା ପ୍ରତି ବହୁତ ସହାନୁଭୂତି ଦେଖେଇଛନ୍ତି । ଛତା ଧରି ତା ପଛରେ ଆସିଛନ୍ତି ଅନେକ ରାସ୍ତା, କାଳେ ବର୍ଷାରେ ସେ ଭିଜିଯିବ । ଏମିତି ସହାନୁଭୂତି ସେ କୌଣସି ଅପରିଚିତ ଲୋକଠାରୁ କେବେ, ଆଶା କରି ନ ଥିଲା । ନିଶ୍ଚୟ ସେ ଜଣେ ହୃଦୟବାନ ଓ ଉଚ୍ଚମନା । ଏମିତି କେତେ କଣ ଚିନ୍ତା କରୁଁ କରୁଁ ସେ ଗାଁ ମଝିରେ ପଶି ନିଜର ଘର ପାଖ ହୋଇ ଗଲାଣି ।

କିଲୋ ଗଉରୀ, ତମ ଘର ଚିହ୍ନି ପାରୁନାଉଁ ନା କଣ ଲୋ, ଏଆଡ଼େ କୁଆଡ଼େ ପେଲି ଚାଲି ଯାଉଚୁ ?

ମୂଲିଆ ମା'ର ଏହି ପଦକ କଥା ଶୁଣି ଗୌରୀ ଚମକି ପଡ଼ିଲା ।

ଜିଭ କାମୁଡ଼ି ମନେ ମନେ ଲଜ୍ଜିତ ହୋଇ ଭାବିଲା, ସତ ତ, ସେ ଯାଉଛି କୁଆଡ଼େ । ଗୌରୀର ମା ହାରା ସେତେବେଳେ ପିଣ୍ଡାରେ ବସି ବାଉଁଶ ଝୁଡ଼ି ବୁଣୁଥିଲା । ମୂଳଆ ମା'ର କଥା ସେ ଶୁଣି ପାରି ଗୌରୀକୁ ପଚାରିଲା—କଣ କହୁଛି କିଲୋ ମୂଳଆ ମା' ? ତୁ କୁଆଡ଼େ ଯାଉଥିଲୁ କି ?

ଗୌରୀ ସ୍ୱାଭାବିକ ଭାବରେ କହିଲା, ନାଁ ଲୋ ମା, ଯିବି କୁଆଡ଼େ ? ବାଡ଼ି ମୂଳରେ ଖଣ୍ଡେ ଭଙ୍ଗା କାଚ ନା କଣ ପଡ଼ି ଜକ ଜକ ଦିଶୁଛି ଯେ ତାକୁ ଦେଖି ଚାଲି ଯାଇଥିଲି ।

ମୂଳଆ ମା' ହାରା ଓ ଗୌରୀର କଥା ଶୁଣି ଦୁଇ ହାତକୁ ହଲେଇ ଦୂରରୁ ଗୌରୀକୁ ଥଟ୍ଟାରେ କହିଲା, ସୁନା ପଡ଼ିଛି ଲୋ ସୁନା । ଗୋଟେଇ ଆଣ । ତୋ ବାପ ଗହଣା ତିଆରି କରିଦେଲେ ବଡ଼ ଲୋକକୁ ବାହାହବୁ ।

ଗୌରୀ ମୁହଁରେ ପଣତ ଗୁଞ୍ଜି ଘର ଭିତରକୁ ପଶିଗଲା ।

ସହରକୁ ଛାଡ଼ି ପ୍ରାୟ ମାଇଲଏ ଦୂରରେ ଶୋଭାରାମପୁର ବୋଲି ଯେଉଁ ଗାଁ ଅଛି, ସେହି ଗାଁ ପାଖ ଦେଇ ଆହୁରି ଅନେକ ଦୂର ଚାଲି ଯାଇଛି ସେହି ମାଟି ସଡ଼କଟା ବଡ଼ ରାସ୍ତାରୁ ବାହାରି । ସହରରୁ ଶୋଭାରାମପୁରକୁ ଲୋକମାନେ ଏହି ରାସ୍ତାରେ ଯିବା ଆସିବା କରନ୍ତି । ତା ଛଡ଼ା ଯେଉଁଠି ରେଲ ଲାଇନ ମାଟିସଡ଼କଟାକୁ ଦୁଇ ଭାଗକରି ଦେଇଛି ସେହି ସ୍ଥାନରେ ଗୋଟିଏ ଚାଉଳ କଲ ପଛ ପଟରେ ଥିବା ବଗିଚା ଭିତର ଦେଇ ଲୋକମାନେ ଚାଲି ଚାଲି ମଧ୍ୟ ଗୋଟିଏ ରାସ୍ତା ଫିଟି ଯାଇଛି । ସେହି ରାସ୍ତାରେ କୁଲି ବଲଦିଆମାନେ ବିଶେଷ ଭାବରେ ଯିବା ଆସିବା କରିଥାନ୍ତି । ସଡ଼କ ରାସ୍ତାଠାରୁ ରାସ୍ତାରେ ଗଲେ ଦୂରତ୍ୱ ଅନେକ କମିଯାଏ । ସେହି ରାସ୍ତାରେ ଗୌରୀ ପ୍ରାୟ ଅଧିକାଂଶ ସମୟରେ ଯିବା ଆସିବା କରେ ।

ଶୋଭାରାମପୁର ଗାଁ ଖୁବ ବଡ଼ ନ ହେଲେ ବି ଛୋଟ ନୁହେଁ । ଗାଁ ମୁଣ୍ଡରେ ଗୋଟାଏ ପୁରୁଣା ବଲୁଆ ପୋଖରୀ ଅଛି । ପୋଖରୀ ଉତ୍ତର ପଟକୁ ପ୍ରାୟ ଅଠ ଦଶଘର ପାଣ ଅଛନ୍ତି । ଏହି କେଉଁଟା ଘରକୁ ପାଣ ସାହି ବୋଲି କହନ୍ତି । ଗୌରୀର ଘର ଏହି ପାଣ ସାହିରେ ।

ଗୌରୀର ବାପ ନକୁଳ ଜେନାର ବୟସ ପଚାଶ ପାରି ହୋଇ ଗଲାଣି । ନକୁଳର ଜମି ବାଡ଼ି ନାହିଁ । ଜମିଦାରୀ ଥିଲା ବେଳେ ଜମିଦାରଙ୍କର ଗୁଟିଆ କାମ କରି ଯାହା ବି ପଇସା ପାଉଥିଲା ସୁଖେ ଦୁଃଖେ ଚଳିଯାଉଥିଲା । ଜମିଦାରୀ ଗଲା ପରେ ତା ଚାକିରୀ ବି ଗଲା । ଏଣେ ତେଣେ ମୂଲ ଲାଗେ । ସାମାନ୍ୟ କିଛି ଜମି ଭାଗରେ ଚାଷ କରେ । ବଳଦ ନାହିଁ । ଗୋଟାଏ ବଳଦ କାନ୍ଧରେ ଆଣିଛି । ବଳଦର ମାଲିକକୁ ବର୍ଷରେ ପୌଟିଏ ଧାନ ଦେବାକୁ ହୁଏ । ବଳଦଟା ବି ବୁଢ଼ା

ହୋଇ ଆସିଲାଣି । ଯାହା ହଉ ଅଳପ ଜମି । ବଦଲଆ କରି ଗୃହଷ୍ଠା ଉଠାଇ ନିଏ ।

ଚଳନ୍ତି ସମ୍ପତ୍ତି ମଧ୍ୟରେ ଆଉ ଗୋରୁ ଗାଈ କିଛି ନାହାନ୍ତି । କେବଳ ଘୋଷା କେତେ ଛେଳି ଅଛନ୍ତି । ହୀରା ସେହି ଛେଳିଗୁଡ଼ାକର ତତ୍ତ୍ୱ ନିଏ ଓ ଅବସର ସମୟରେ ବାଉଁଶ ଓ ବେତର ଝୁଡ଼ି, ଟୋକେଇ, କୁଲା ଇତ୍ୟାଦି ବୁଣେ ।

ନକୁଳର ବାର ବରଷର ପୁଅଟା କଲେରାରେ ମଲା ଦିନରୁ ତାର କମର ଭାଙ୍ଗି ଯାଇଛି । ବଂଚଥିଲେ ଏତେବେଳକୁ ବାଇଶି ବରଷର ଭେଣ୍ଡିଆଟେ ହୋଇ ସାରନ୍ତାଣି । ପୁଅ ମଲା ପରେ ନକୁଳ ଓ ହୀରା ଗୌରୀକୁ ପୁଅ ଭଳିଆ ମନେ କରନ୍ତି । ଗୌରୀର ପିଲାଟି ଦିନେ ପାଠ ପଢ଼ାରେ ମନ ଦେଖି ନକୁଳ ତାକୁ ପାଠ ପଢ଼ଉଚି । ନ ହେଲେ ଗୌରୀ ଏତେ ବେଳକୁ ଛୁଆ ପିଲାର ମା ହୋଇ ସାରନ୍ତାଣି । ହୀରା ଗୌରୀକୁ ଭାରି ଆଦର କରେ । କିଛି କାମ କରେଇ ଦିଏ ନାହିଁ । ଯେତେବେଳେ ହୀରାର ଦିହ ପା ଖରାପ ହୁଏ, ଗୌରୀ ମୁଠେ ମୁଠେ ରାନ୍ଧେ ।

ନକୁଳ ପାଣ ହେଲେ କଣ ହେଲା ନ ଜାଣିଥିବା ଲୋକେ ତାକୁ ଦେଖିଲେ ପାଣ ବୋଲି କହି ପାରିବେ ନାହିଁ । କଥାବାର୍ତ୍ତାରେ ଯେପରି ଶିଷ୍ଟତା, ବ୍ୟବହାରରେ ମଧ୍ୟ ସେହିପରି । ପାଠ ସିନା ପଢ଼ିନାହିଁ, କିନ୍ତୁ ଲୋକଟାର ଅକଲ ଅଛି ।

ଗୌରୀ ପଢ଼େ ଗାର୍ଲସ ହାଇସ୍କୁଲରେ । ହରିଜନ ବାଳିକା ବୋଲି ସ୍କୁଲରେ ତାର ବେତନ ଛାଡ଼ । ତା ଛଡ଼ା ସରକାରୀ ସାହାଯ୍ୟ ମଧ୍ୟ ପାଏ ମାସକୁ ଦଶ ଟଙ୍କା ଲେଖାଏଁ । ଗୌରୀର ପାଠପଢ଼ା ବିଷୟରେ ନକୁଳ ଓ ହୀରାକୁ ବାର ଲୋକ ବାରକଥା କହନ୍ତି । ବିଶେଷତଃ ନିଜ ଜାତିଭାଇମାନେ କହନ୍ତି—"ଆମ ଜାତିରେ ଝିଅଗୁଡ଼ାକ କିଏ ଏତେ ପାଠ ପଢ଼ୁଚି ହେ ! ତୁମେମାନେ ତ ମୂଲ କଲେ ଭାତ ଖାଇବେ । ବାଳା ଝିଅ ପାଠ ପଢ଼ି କୁପଟି ମେଜେଷ୍ଟର ହେବେ । ହଉ ପଢ଼ଉଥା ମଜା ବୁଝିବ । ଶେଷକୁ ଯଦି ଜାତିସ୍ଥାନରେ ନ ପଶିବ ତ କହିବ । ହେଇ ପରା ଅମୁକ ଲୋକର ଝିଅ ଏମିତି ପଢ଼ିବାକୁ ଯାଉଁ ଯାଉଁ ଗୋଟାଏ ଟୋକା ପାଲରେ ପଡ଼ି ଶେଷକୁ ତା'ର ସାଙ୍ଗରେ ପଳେଇ ଗଲା ।

ହୀରା ଏ ସବୁ କଥା ଶୁଣି ସହି ନ ପାରି ନକୁଳକୁ କହେ—ଦେଖିଲ ଲୋକେ କଣ କହୁଚନ୍ତି ।

କିନ୍ତୁ ନକୁଳ ହୀରାକୁ କହେ—ଯିଏ ଯାହା କହିବ କହୁଥାଉ । ଆଉ ସବୁ ଘର ଝିଅମାନେ ଯେ ପାଠ ପଢ଼ୁଚନ୍ତି ସେମାନେ ସବୁ କଣ ଏମିତି ହଉଚନ୍ତି । ପାଠ ପଢ଼ିବା କଣ ଖରାପ କଥା । ପେଟରେ ଗୁଣ ଥିଲେ କଣ ଅକାର୍ଯ୍ୟରେ

ଲଗିବ ? ଯିଏ ପାଠ ପଢୁଚି ସିଏ ଖାଲି ନନ୍ଦାର କାମ କରୁଚି, ଆଉ ଯିଏ ନ ପଢୁଚି ସିଏ କଣ କରୁନାହାନ୍ତି କି ?

ଗୌରୀକୁ ପଢ଼ାଇବା ପାଇଁ ସ୍ୱାମୀର ଇଚ୍ଛା ଥିଲେ ବି ନକୁଳକୁ କହେ— ଅନ୍ୟମାନଙ୍କ କଥା ଅଲଗା, ଆମ କଥା ଅଲଗା । ଯାହା ହେଲା ହେଲା, ଆଉ ତାର ପାଠ ପଢ଼ା ଦରକାର ନାହିଁ । ତମେ ଏଇ ସାଲ ତାକୁ ଉଠାଇ ଦେଲ । ନକୁଳ ସ୍ତ୍ରୀ କଥାରେ ପ୍ରତିବାଦ ନ କରି କେବଳ ଶୁଣିଯାଏ ।

ଦିନେ ସନ୍ଧ୍ୟା ବେଳେ ଝିଅଟି ବୁଲୁଥିବା ସମୟରେ ସ୍ତ୍ରୀ ନକୁଳକୁ କହିଲା— ଜାଣିଲ ନା, ପାଡ଼ର ପଣ୍ଡା ନଙ୍କୁରୁ (ଶଙ୍କୁରୁ) ଜେନା ପୁଅ ପଦୁକୁ ଜୁଆଁଇ କଲେ କମିତି ହୁଅନ୍ତା ! ଆମ ଗଉରୀକୁ ବୋହୂ କରି ନେବା ପାଇଁ ତା ମାଆର ଭାରି ଇଚ୍ଛା ।

ସ୍ତ୍ରୀର ମୃତ ଶ୍ୱଶୁରର ନାମ ଶଂକୁରୁ । ସେଇଥିପାଇଁ ସେ ଶଂକୁରୁ ନ କହି ନଂକୁରୁ ବୋଲି କହିଲା ।

ନକୁଳ ତାଚ୍ଛଲ୍ୟ କରି କହିଲା—ଯା, ଯା, ଝିଅ ମୋର ଏତେ ଶାସ୍ତ୍ର ପଢ଼ିଚି । ଶଂକୁରୁ ପୁଅ ସେହି ଚଲ ଆଣିଆ ପଦୁକୁ ଝିଅ ଦେବି ? ମୋ ଝିଅ ଆଉ ପଦୁ ?

ସ୍ତ୍ରୀ ଟିକିଏ ଦବିଯାଇ କହିଲା—ହଉ ତମର ଯେଉଁଠି ଦଉଚ ଦିଅ । ଆମ ଜାତିରେ ଏଠି ପାଞ୍ଚ କୋଶ ଭିତରେ ଶଂକୁରୁ ଜେନା ପରି କିଏ ଥିଲାବାଲା ଅଛି କହିଲ ? ବାଟିଏ କି ଦେଢ଼ବାଟି ଜମି । ବର୍ଷକୁ ବର୍ଷ ଧାନ କରଜ ଦିଏ । ଗୋରୁ ମଇଁଷି ଚ୍ଛେଳି ପଲ ପଲ । ପୁଅଟା ପାଠ ଶାଠ ପଢ଼ିଚି । ଖରାପ କଣ ? ସେଇ ଗୋଟିଏ ବୋଲି ପୁଅ । ବସି ଖାଇଲେ ସରିବ ନାହିଁ ।

ହଉ ଦେଖାଯିବ, ତା ବରାତ ଯେଉଁଠିଥିବ ସେହିଠି ବାଲେ ବୁଲେ ହେଇଯିବ । ଏଇ ବର୍ଷଟା ତ । ପୁରା ବର୍ଷେ ବି ନାହିଁ । ଆଉ କେଇ ମାସ ପଢ଼ିଲେ ତାର ପାଶ ହେଇଯିବ ।

ଦୁଇ ଜଣଙ୍କର ଏହିପରି କଥାବାର୍ତ୍ତା ଚାଲିଥିବା ବେଳେ ଗୌରୀ ଘର ଭିତରେ ପଢୁ ପଢୁ ସବୁ ଶୁଣୁଥିଲା । ମନେ ମନେ ହସୁଥାଏ ଓ ସ୍ତ୍ରୀ ଉପରେ ବିରକ୍ତ ମଧ୍ୟ ହେଉଥାଏ । କିଛି ନ ଶୁଣିଲା ପରି ସ୍ତ୍ରୀକୁ ଡାକି କହିଲା—ମା, ଗଣ୍ଡେ କିଛି ଖାଇବାକୁ ଦେଲୁ । ବେଗିରୁ ଶୋଇଲେ ରାତିରୁ ଉଠି ପଢ଼ିବାକୁ ହବ ।

ପୂର୍ବରାତିରେ ବିଶ୍ୱନାଥ ଅନେକ ବିଳମ୍ବରେ ଶୋଇ ଥିବାରୁ ବିଛଣା ଛାଡ଼ିବାକୁ ଅନେକ ବେଳ ହୋଇଗଲା । ତରତର ହୋଇ ଦାନ୍ତ ଘଷି ପକାଇ

କଲେଜ ଧାଇଁଗଲା । ସାଢ଼େ ଛଅଟାରେ କ୍ଲାସ ଆରମ୍ଭ । ଗୋଟାଏ ଘଣ୍ଟା ହୁଏତ ସେ ଲେକ୍‌ଚର ଶୁଣି ପାରିବ ନାହିଁ ।

ସେଦିନ ସେ କ୍ଲାସରେ ବସିଥାଏ । କିନ୍ତୁ ଯାହା ଲେକ୍‌ଚର ଶୁଣୁଥାଏ, ଏକାନରେ ପଶି ସେ କାନ ଦେଇ ବାହାରି ଯାଉଥାଏ, କେବଳ ଗୌରୀର ଚିତ୍ର ତା ଆଖି ଆଗରେ ଭାସି ଯାଉଥାଏ । କ୍ଲାସରେ ଏତେ ଅନ୍ୟମନସ୍କ ହେବା କଥା ସେ ଯେତେବେଳେ ଜାଣିପାରେ ମନେ ମନେ ଲଜ୍ଜିତ ହୋଇଯାଏ—ଛି, ସାମାନ୍ୟ ବାଳିକାଟା ତା ମନକୁ ଏତେ ଅଧିକାର କରି ପାରିଛି ? ସେ କଣ ଏତେ ଦୁର୍ବଳ ! ଅଳ୍ପ କେତେକ୍ଷଣ ଦେଖାଚାହିଁ ଓ କଥାବାର୍ତ୍ତାରେ କଣ କେହି ଏତେ ଦୁର୍ବଳ ହୋଇ ପଡ଼େ ? ନାଁ ସେ ଆଉ ତା କଥା ମନରେ ଭାବିବ ନାହିଁ । ମନକୁ ଜୋରକରି ଆୟତ୍ତ କରେ କିନ୍ତୁ ଅବାଧ ମନ ତାହାର ଆୟତ୍ତରେ ରହେ ନାହିଁ ।

ଉପର ଓଳି, ସମୟ ଚାରିଟା । ଗାର୍ଲ ସ୍କୁଲ ଛୁଟି ହେବାର କିଛି ପୂର୍ବରୁ ବିଶ୍ୱନାଥ ଚାଲି ବାହାରିଲା । ଆଜି ନିଶ୍ଚୟ ସେ ଗୌରୀକୁ ରାସ୍ତାରେ ଭେଟିବ । ଗତ କାଲି ସେ ଯାଇଥିଲା ସେହି ମାଟି ସଡ଼କରେ । ସୁତରାଂ ସେହି ସଡ଼କରେ ଗଲେ ତା ସହିତ ଦେଖା ହେବ ବୋଲି ମନେ ମନେ ଚିନ୍ତାକରି ଚାଲିଲା ସେହି ଆଡ଼କୁ ।

ସେହି ସଡ଼କରେ ବିଶ୍ୱନାଥ କେବେ ଯାଇଛି ବୋଲି ସ୍ମରଣ କରିପାରୁ ନାହିଁ । ଗୋଟାଏ ପାଖରେ ରେଲ ଲାଇନ, ଅନ୍ୟ ପାଖରେ ଠାଏ ଠାଏ ବିଲ, ପଡ଼ିଆ ଏବଂ ଚାଳଘର ମଧ୍ୟ ଅଛି । ତେବେ ଏଣ୍ଡେ ଦୂରରୁ ଗଛମାଳରୁ ଯେଉଁ ଧୂଆଁ ବାହାରୁଛି ସେଇଠି ଯେ ଗୋଟାଏ ଚାଉଳ କଳ ଅଛି ଏ କଥା ସେ ଆଗରୁ ଜାଣେ । ସଡ଼କର ଉଭୟ ପାର୍ଶ୍ୱରେ ଅନ୍ୟକିଛି ଆକର୍ଷଣ ନାହିଁ ଯାହାକି ବିଶ୍ୱନାଥକୁ ଆନନ୍ଦ ଦେବ । ବିଶ୍ୱନାଥ ମଧ୍ୟ ସେ ଆନନ୍ଦ ଉପଭୋଗ କରିବାକୁ ଚାହେଁ ନାହିଁ । ପ୍ରକୃତିର ଛବି, ସହରର ଆକର୍ଷଣ ତା ପକ୍ଷରେ ଅନାବଶ୍ୟକ ।

ଧୀର ପଦକ୍ଷେପରେ ବିଶ୍ୱନାଥ ଚାଲିଛି । ଥରକୁ ଥର ପଛକୁ ଅନାଉଛି । ଅନେକ ବାଟ ଆଗେଇ ଗଲାଣି । ମିଲଟା ପାଖରେ ପ୍ରାୟ ପହଞ୍ଚି ଗଲାଣି । ହାତ ଘଡ଼ିକୁ ଚାହିଁ ଦେଖିଲା ସାଢ଼େ ଚାରିଟା । ଗୌରୀର ସ୍କୁଲ ନିଶ୍ଚୟ ଛୁଟି ହୋଇ ଯାଇଥିବ । ନାଁ, ଆଉ ସେ ଆଗେଇ ଯିବ ନାହିଁ । ଯଦି ଗୌରୀର ଘର ପଛରେ ରହି ଯାଇଥାଏ ? ବିଶ୍ୱନାଥ ଏହିକଥା ଭାବି ପୁଣି ପଛକୁ ଫେରିଲା । ଏଥର ଦୃଷ୍ଟି ତାର ଆଗକୁ, ପଛକୁ ଥରେ ଥରେ ଫେରି ଚାହିଁବାର ଆବଶ୍ୟକତା ନାହିଁ । ସଡ଼କଟି ସାପ ପରି ବଙ୍କେଇ ବଙ୍କେଇ ଯାଇଛି । ବଡ଼ ରାସ୍ତା ଦେଖାଯାଉ ନାହିଁ । ପୂର୍ବାପେକ୍ଷା ଚାଲିର ବେଗ ବଢ଼ାଇ ଦେଲା । ଏଥର ବଡ଼ ରାସ୍ତା ଦେଖାଯାଉଛି । ସଡ଼କ ଉପରେ ରିକ୍‌ସା ସାଇକେଲ ଓ ଲୋକମାନଙ୍କର ଚଢବଧି ସ୍ପଷ୍ଟ ଦେଖା ଯାଉଛି । କିଏ କୁଆଡ଼କୁ ଯିବା ଆସିବା କରୁଛି ସ୍ପଷ୍ଟ ଦେଖା ଯାଉଛି । ଗୌରୀ ଆସିଲେ ନିଶ୍ଚୟ ଦେଖାଯିବ । ଆଉ ଅଳ୍ପକ୍ଷଣ ଯାଇ ବିଶ୍ୱନାଥ ସଡ଼କ କଡ଼ରେ ଥିବା ଗୋଟାଏ

ବଡ଼ ଜାମୁଗଛ ମୂଳରେ ଛିଡ଼ାହୋଇ ଅପେକ୍ଷା କଲା । ଗଛମୂଳରେ ବିଶ୍ୱନାଥକୁ ଏକୁଟିଆ ଅବସ୍ଥାରେ ଛିଡ଼ା ହୋଇ ରହିଥିବାର ଦେଖି କେହି କେହି ରାସ୍ତାରେ ଯାଉଥିଲା ବେଳେ କୌତୂହଳ ହୋଇ ଅନାଇ ଅନାଇ ଚାଲିଯାଆନ୍ତି । ସେମାନଙ୍କ ଚାହିଁବାଟା ବିଶ୍ୱନାଥକୁ ଭଲ ଲାଗୁ ନଥିଲା । ବାଟରେ ଯିବା ଲୋକ ବାଟରେ ଯିବା କଥା । କିଏ ଛିଡ଼ାହୋଇଛି କି ବସିଛି ତାକୁ ଲକ୍ଷ୍ୟ କରି କରି ଯିବା ଦରକାର କଣ ? ଆମ ଦେଶ ଲୋକମାନଙ୍କର ଶିଷ୍ଟାଚାର କେବେ ଯେ ଶିକ୍ଷା ହେବ…ହେଃ !

ପ୍ରାୟ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କଲାପରେ ବିଶ୍ୱନାଥର ଦୃଷ୍ଟି ପଡ଼ିଲା ବଡ଼ରାସ୍ତା ଉପରେ ଆସୁଥିବାର ଦୁଇଟି ତରୁଣୀ ଉପରେ । ରାସ୍ତା ଛକ ଉପରେ କିଛିକ୍ଷଣ ଛିଡ଼ାହୋଇ କଥାବାର୍ତ୍ତା ହେବା ପରେ ଜଣେ ଚାଲିଗଲା ସିଧା ବଡ଼ ରାସ୍ତା ଉପରେ ଓ ଅନ୍ୟ ଜଣକ ଉତ୍ତରକୁ ମୁହଁ ଫେରାଇ ସେହି ମାଟି ସଡ଼କ ଉପରକୁ ଆସିଲା । ଗୌରୀ ଆସୁଥିବାର ଜାଣି ବିଶ୍ୱନାଥ ସେହି ଜାମୁଗଛ ଆଢୁଆଳରେ ଛପିଗଲା । ତାର ଇଚ୍ଛା, ଗୌରୀ ଯେପରି ତାକୁ ଦେଖି ନ ପାରୁ ।

ଗୌରୀ ସେହି ଜାମୁଗଛ ଅତିକ୍ରମ କରି ଖଣ୍ଡେ ଦୂର ଆଗେଇ ଗଲା ପରେ ବିଶ୍ୱନାଥ ଧୀରେ ଧୀରେ ତାକୁ ଅନୁସରଣ କରି ଚାଲିଲା ।

ଗୌରୀ ମାଟିସଡ଼କ ଗୁଡ଼ ମିଲ ପାଖ ଦେଇ ଯାଇଥିବା ରାସ୍ତାରେ ଯେତେବେଳେ ପହଞ୍ଚିଲା, ବିଶ୍ୱନାଥ ଟିକିଏ ଇତସ୍ତତଃ ହୋଇ ଛିଡ଼ା ହୋଇ ରହିଲା । ଗୌରୀ ମିଲ ପଛରେ ଥିବା ବଗିଚା ଭିତରେ ପଶିବା ଦେଖି ବିଶ୍ୱନାଥ କ୍ଷିପ୍ରଗତିରେ ଚାଲିଲା ସେହି ଆଡ଼କୁ । ଗୌରୀର ଅତି ନିକଟରେ ପହଞ୍ଚିବାକୁ ତାକୁ ଅଳ୍ପ ସମୟ ଲାଗିଲା । ତାର ଯୋତାର ଶବ୍ଦରେ ଗୌରୀ ପଛକୁ ଚାହିଁଦେବା ମାତ୍ରେ ଆଶ୍ଚର୍ଯ୍ୟ ହୋଇଗଲା । କାରଣ ବିଶ୍ୱନାଥକୁ ସେ ସ୍ଥାନରେ ଦେଖିବାକୁ ସେ କେବେହେଲେ ଆଶା କରି ନଥିଲା । ବିଶ୍ୱନାଥକୁ ସେ ଆଉ କିଛି କହି ପାରିଲା ନାହିଁ । ନିଜର ଗନ୍ତବ୍ୟ ପଥରେ ଆଗେଇଲା ।

ବିଶ୍ୱନାଥ କଣ କହିବ ଭାବି କିଛି ସ୍ଥିର କରି ପାରିଲା ନାହିଁ । ମନେ ମନେ ଟିକିଏ ଦୁର୍ବଳତା ଅନୁଭବ କଲା । କିନ୍ତୁ ପ୍ରଥମେ ତାକୁ କିଛି କହିବାକୁ ହେବ ।

ତମ ସ୍କୁଲ ଆଜି ବିଳମ୍ବରେ ଛୁଟି ହେଲା ବୋଧହୁଏ ? ବିଶ୍ୱନାଥ ଏହି କଥା ପଚାରି ଗୌରୀ ସହିତ ବାକ୍ୟାଳାପ ଆରମ୍ଭ କରି ଦେଲା ।

କାହିଁ ନା ତ ! ସଂକ୍ଷେପରେ ଗୌରୀ ଉତ୍ତର ଦେଲା ।

ଏତେ ଡେରି ହେଲା ଯେ ? ବିଶ୍ୱନାଥ ଏହି ଦ୍ୱିତୀୟ ପ୍ରଶ୍ନ ପଚାରି ଗୌରୀର ଉତ୍ତର ଅପେକ୍ଷାରେ ରହିଲା ।

ଗୌରୀ ନିରୁତ୍ତର । ବିଶ୍ୱନାଥ ମନେ ମନେ ଲଜ୍ଜିତ ହୋଇ ଭାବିଲା ଏ ପ୍ରଶ୍ନ ଗୌରୀକୁ ପଚାରିବା ଠିକ ହୋଇ ନାହିଁ । କାରଣ ଗୌରୀ ଏ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ବାଧ୍ୟ ନୁହେଁ । ପୂର୍ବଦିନ ଅଳ୍ପ କେତେ କ୍ଷଣ ତା ସହିତ ଆଳାପ ହୋଇଛି

ମାନ । କେହି କାହାର ସମ୍ପୂର୍ଣ୍ଣ ପରିଚୟ ପାଇ ନାହାନ୍ତି । ବିଶ୍ୱନାଥ ଏହି ଅଡୁଆ ପରିସ୍ଥିତିକୁ ସୁଧାରିବା ଅଭିପ୍ରାୟରେ ପୁଣି ପଚାରିଲା—ତୁମ୍ଭର ଟେଷ୍ଟ ପରୀକ୍ଷା କେବେଠାରୁ ହଉଚି ?

ଏ ଥର ଗୌରୀ ଉତ୍ତର ଦେଲା—ଏଇ ଡିସେମ୍ବର ପନ୍ଦରରୁ । ଅପ୍‌ସନେଲ୍ ସବ୍‌ଜେକ୍‌ଟ କଣ ନେଇଚ ?

ବାଇଓଲଜି ।

ବିଶ୍ୱନାଥ ଆନନ୍ଦ ପ୍ରକାଶ କରି ଖୋସାମତିଆ ଭଳି କହିଲା—ବାଃ, ବାଃ, ଡାକ୍ତରୀ ପଢ଼ିବା ପାଇଁ ରାସ୍ତା ଖୋଲି ଦେଇଚ···ନୁହେଁ ?

ଗୌରୀ ସାମାନ୍ୟ ଗମ୍ଭୀର ହୋଇ କହିଲା—ଆମେ ଗରୀବ ଘର । ଡାକ୍ତରୀ ପଢ଼ିବା ପାଇଁ କ୍ଷମତା ଥିଲେ ତ ?

କାହିଁକି, ତମ ବାପାଙ୍କର କଣ କ୍ଷମତା ନାହିଁ ?

ଗୌରୀ ନିରୁତ୍ତର ।

ବିଶ୍ୱନାଥ ଏଥର କଥାର ମାର୍ଗ ବଦଳାଇ ପଚାରିଲା—ଜାଣିଲି ଗୌରି, ମୁଁ ତମ ଗାଁକୁ ଯାଉଛି । ଆଗରେ ଯଉଁ ଗାଁଟା ଦିଶୁଚି ସେଇଟା ତମ ଗାଁ ନା ?

ହଁ ।

ମୁଁ ଯିବି ସେଇ ଗାଁକୁ । ବିଶ୍ୱନାଥ କୌତୁକ କରି ପଚାରିଲା ।

ଯାଆନ୍ତୁ ।

ତମ ଘରକୁ ଗଲେ ଖାଇବାକୁ ଦେବ ?

ଗୌରୀ କିଛି ଉତ୍ତର ନ ଦେଇ ଆଗେଇ ଚାଲିଲା ।

ବଗିଚା ମୁଣ୍ଡରେ ପ୍ରାୟ ସେମାନେ ଆସି ପହଞ୍ଚି ଗଲେଣି । ତା ପରେ ବିଲ । ବିଲ ପାରି ହେଲେ ସେଇ ଗାଁ ଦେଖା ଯାଉଚି । ବିଶ୍ୱନାଥ ଆଉ ଆଗେଇଲା ନାହିଁ । ଛିଡ଼ା ହୋଇ କହିଲା—ଗୌରୀ ଭୟ ପାଇଗଲ ବୋଧହୁଏ ? କିଛି କହିଲ ନାହିଁ ଯେ ? ଚୁପ ଚାପ ଚାଲି ଯାଉଚ ?

ଏଥର ଗୌରୀ ଛିଡ଼ା ହେଲା । ବିଶ୍ୱନାଥ ଆଡ଼କୁ ମୁହଁ ଫେରାଇ କହିଲା—କଣ କୁହନ୍ତୁ ।

ମୁଁ ଯାହା ପଚାରୁଥିଲି ।

ଆପଣ ଆଗନ୍ତୁକ ହିସାବରେ ଯାଇ ଖାଇବା ପାଇଁ ଇଚ୍ଛା କଲେ ଯାହାଥିବ ଦିଆଯିବ । ଗୌରୀ ଏଥର ସାମାନ୍ୟ ହସି ହସି କହିଲା ।

କାହିଁକି ? ଆଗନ୍ତୁକ ଭାବରେ ନ ଯାଇ ବନ୍ଧୁ ଭାବରେ ଗଲେ ହବ ନାହିଁ ? ବିଶ୍ୱନାଥ ଏତିକ କହିଲା ଗୌରୀର ମନ ବାଡ଼ିବା ପାଇଁ ।

ଗୌରୀ ପ୍ରସ୍ତୁତ ନ ଥିଲା ବିଶ୍ୱନାଥର ଏହି ପ୍ରଶ୍ନର ଉତ୍ତର ଦେବାକୁ । କିମ୍ବା ଏଭଳି ପ୍ରଶ୍ନ ବିଶ୍ୱନାଥଠାରୁ ଆସିପାରେ ବୋଲି ଭାବି ନଥିଲା । ମୁହଁରେ

କୃତ୍ରିମ ହସ ଖେଳାଇ ଚନ୍ତା କରିବାକୁ ଲଗିଲା । ବିଶ୍ୱନାଥ କୌତୂହଳୀ ହୋଇ ଗୌରୀ ମୁହଁକୁ ଚାହିଁ ରହିଥାଏ ।

ଭଲ କଥା, ବନ୍ଧୁ ଭାବରେ ଦିବା ପାଇଁ ଆପତ୍ତି ନାହିଁ । ଗୌରୀ ଡାହାଣ ଗୋଡ଼ର ବୃଦ୍ଧାଙ୍ଗୁଳିରେ ମାଟିରୁ ଗୋଟାଏ ଟୋଡ଼ା ଖୋଳୁ ଖୋଳୁ କହିଲା ।

ତମ ବାପ ମା କିଛି ଭାବିବେ ନାହିଁ ତ ?

ଗୌରୀ ଅତି ସହଜରେ ଉତ୍ତର ଦେଲା—ହବ ପାରନ୍ତି ବା ନ ପାରନ୍ତି, ସେ କଥା ମୁଁ କପରି ଜାଣିବି ?

ତମ ଉପରେ ବିରକ୍ତ ହେବେ ନାହିଁ ?

ବିରକ୍ତ ହେବାର କାରଣ ଥିଲେ ଅବଶ୍ୟ ବିରକ୍ତ ହେବେ । ନ ହେଲେ କାହିଁକି ବିରକ୍ତ ହେବେ ?

ବିଶ୍ୱନାଥ ଗୌରୀକୁ ଉତ୍ତର ଦେବାକୁ ଯାଇ କହିଲା—ବିରକ୍ତ ହେବେ ନାହିଁ ? ଅବଶ୍ୟ ପଚାରିବେ ତ ଏ ବନ୍ଧୁଟି କପରି କୁଟିଳ ବୋଲି ।

ଯେମିତି ଭାବରେ ଯେତିକି ବନ୍ଧୁତା ହୋଇଚି ସବୁ ସତକଥା କହିବାକୁ ହବ ।

ଗୌରୀଠାରୁ ଏହି ଉତ୍ତର ପାଇ ବିଶ୍ୱନାଥ ମନେ ମନେ ପ୍ରଶଂସା ନକରି ରହିପାରିଲା ନାହିଁ । ତାର ପ୍ରତ୍ୟେକ ପ୍ରଶ୍ନର ସେ ସନ୍ତୋଷଜନକ ଉତ୍ତର ପାଇଲା ପରେ ବୁଝି ପାରିଲା ଗୌରୀ ଅତି ବୁଦ୍ଧିମତୀ । ପ୍ରକାଶ୍ୟରେ କହିଲା—ଗୌରି, ମୁଁ ତମକୁ ଏତେ ଗୁଡ଼ାଏ କଥା ପଚାରି ବହୁତ କଷ୍ଟ ଦେଲିଣି । ତମେ ନିଶ୍ଚୟ ମୋ ଉପରେ ଅସନ୍ତୁଷ୍ଟ ହେଉଥିବ, ନୁହେଁ ?

ଗୌରୀ ଟିକିଏ ଲାଜ ଲାଜ କରି ସ୍ମିତ ହସି କହିଲା—ନାଁ, ଅସନ୍ତୁଷ୍ଟ ହେବି କାହିଁକି ?

ତମେ ଏଇ ମାତ୍ର ଇସ୍କୁଲରୁ ଫେରୁଚ । ଭୋକ କରୁଥିବ । ହଉ ଯାଅ । ନିଜର ଅଜାଣତରେ ଗୌରୀର ପାପୁଲିରେ ସାମାନ୍ୟ ଚାପ ଦେଇ ପୁଣି କହିଲା, ମଝିରେ ମଝିରେ ଦେଖା ହବତ ?

ଗୌରୀ ହସ ଗୋପନ କରିବା ଉଦ୍ଦେଶ୍ୟରେ ଓଠକୁ ଓଠରେ ଚାପି ଧରି ଚାଲିଗଲା । ବିଶ୍ୱନାଥ ମୁଗ୍ଧ ଦୃଷ୍ଟିରେ ତାକୁ ଚାହିଁ ରହିଥାଏ ।

ପାତରପଡ଼ା ଶଂକୁରୁ ଜେନା ତା ଜାତି ଭାଇମାନଙ୍କ ଭିତରେ ଭଲ ଚଳାଚଳ କରେ । ଶଂକୁରୁ ବାପର ଚାରି ଭାଇଙ୍କର ପିଲାପିଲି କିଛି ନ ଥିଲା ।

ଶଂକୁରୁ ଏକୁଟିଆ ଗୃହ ଅଂଶର ମାଲିକ ହେଲା । ଶଂକୁରୁର ମଧ୍ୟ ଗୋଟିଏ ମାତ୍ର ପୁଅ—ପଦୁ । ଶଂକୁରୁର ଘର ପକ୍କା ନୁହେଁ—ମାଟିଘର । ହେଲେ କଣ ହେଲା ଖୁବ୍ ବଡ଼ ପଦ୍ଧତିର ଖଞ୍ଜା । ଘରର ପାଞ୍ଚଟା କୋଠରି, ରୋଷେଇଘର, ଅଗଣାଟା ପକ୍କା କାମ ହୋଇଛି । କାକୁଆ ହୁଏ ନାହିଁ । ଘରର ଛପର ଟିଣରେ ତିଆରି । ଖରାଦିନରେ ବେଶି ଗରମ ହେବ ବୋଲି ବାଉଁଶ ଓ ମାଟିରେ ଆଚ୍ଛୁ କାମ ହୋଇଛି । ଶଂକୁରୁର ବଳ ବାଡ଼ି ପ୍ରାୟ ଦେଢ଼ ବାଟି ହେବ । ତିନିହଳ ବଳଦ । ବର୍ଷକର ଧାନ ମହଜୁଦ୍ ରଖି ବାକି ଧାନ ବିକି କରିଦିଏ । ଦିନ କାଳ ଖରାପ । କେତେବେଳେ କଣ ହେବ କିଏ ଜାଣେ ? ଯେଉଁ ବର୍ଷ ଆଷାଢ଼ ଅଧଯାଏ ଇନ୍ଦ୍ର ପାଣି ନାହିଁ, ସେ ବର୍ଷ କୂଅ ପୋଖରୀ ଗାଡ଼ିଆ ସବୁ ଶୁଖିଗଲା । ଶଂକୁରୁ କିଛି ପୁରୁଣା ଧାନ ବିକି କରି ତାର ନିଜର ପୁରୁଣା ଦଳୁଆ ପୋଖରୀଟାକୁ ଆଉ ଦୀର୍ଘ ଖୋଳାଇନେଲା । ବର୍ଷକୁ ବର୍ଷ ସେଥିରେ ପୁରୁଣା କାଆଁଳ ଗୁଡ଼ୁଚ୍ଛି ଓ ପ୍ରତି ବର୍ଷ ଅନ୍ତତଃ ଦୁଇଶ ଟଙ୍କାର ମାଛ ବିକି କରେ । ମୋଟ ଉପରେ ଶଂକୁରୁ ଜେନା ଆଉ ଦୀର୍ଘ ପାଞ୍ଚ କୋଶରେ ତା ଜାତି ଭାଇମାନଙ୍କ ମଧ୍ୟରେ ଜଣେ ଧନୀ ବୋଲି କହିଲେ ଚଳେ ।

ବିଦ୍ୟୁତ୍ ସହିତ ଘଡ଼ଘଡ଼ିର ଯେପରି ସମ୍ପର୍କ ଧନ ସହିତ ମାନ ମର୍ଯ୍ୟାଦାର ଠିକ ସେହି ସମ୍ପର୍କ । ଶଂକୁରୁ ହରିଜନ ହେଲେବି ତାକୁ ଲୋକେ ଖାତିର କରନ୍ତି । ଶଂକୁରୁ ମଧ୍ୟ ଭାରି ଚତୁର । ମାମଲତକାରିରେ ମଧ୍ୟ ଧୁରନ୍ଧର । ଗ୍ରାମପଞ୍ଚାୟତରେ ଜଣେ ମେମ୍ବର ବି ହୋଇଛି । ଗାଁରେ ହରିଜନ ପିଲାମାନଙ୍କ ପାଇଁ ଯେଉଁ ପ୍ରାଇମେରୀ ସ୍କୁଲ ବସିଛି ଶଂକୁରୁ ସେଥିରେ ସେକ୍ରେଟେରୀ । ହରିଜନ ସଭା ହେଲେ ଶଂକୁରୁ ସେଥିରେ ପ୍ରଧାନ ଅଂଶ ନିଏ । କେହି କର୍ମୀ ଆସିଲେ ଶଂକୁରୁ ସହିତ ଆଗ ଦେଖା କରନ୍ତି । ଭୋଟ ବେଳ ଆସିଲେ ବିଭିନ୍ନ ଦଳର ପାର୍ଥୀମାନେ ଆସି ଶଂକୁରୁ ଜେନାର ଦ୍ୱାରସ୍ଥ ହୁଅନ୍ତି ।

ଶଂକୁରୁ ନିଜେ ଲେଖି ପଢ଼ି ଜାଣେ ନାହିଁ । ପଞ୍ଚାୟତ ମେମ୍ବର ହେବାଠାରୁ ସେ ନିଜର ନାମଟା ଦସ୍ତଖତ କରି ପାରୁଛି । ଗ୍ରାମର ପ୍ରତ୍ୟେକ ନ୍ୟାୟ ନିଶାପରେ ଶଂକୁରୁକୁ ଭଦ୍ରଲୋକ କରିବାକୁ ପଡ଼େ । ସମୟ କାଳ ପାତ୍ରକୁ ଚାହିଁ ଯେଉଁଠି ଯାହା କହିବାକୁ ହୁଏ ଶଂକୁରୁ କହି ଦିଏ । କାରଣ ଶଂକରୁ ଜଣେ ପୁରୁଖା ଲୋକ ଓ ଖୁବ୍ ସାବଧାନୀ । କାହାକୁ କେତେବେଳେ ଉପରକୁ ଟେକିବା, କାହାକୁ ତଳକୁ ଖସେଇବାର ଟିପ କାଇଦା ତାକୁ ଭଲ ଭାବରେ ମାଲୁମ । ଅର୍ଥାତ୍ ଗ୍ରାମ୍ୟ ରାଜନୀତି ( village politics ) ତାକୁ ଭଲ ରୂପେ ଜଣା । ଶଂକୁରୁ ଭଲ କହୁ, ମନ୍ଦ କହୁ ତା କଥାକୁ ତଳେ ପକାଇବାକୁ କେହି ସାହସ କରନ୍ତି ନାହିଁ ।

ଶଂକୁରୁ ଅଲ୍ପ ଭାଷୀ ଓ ଗମ୍ଭୀର ।

ଶଂକୁରୁ ପୁଅ ପଦୁକୁ ବାଇଶ ଟପି ତେଇଶି ଚାଲିଲାଣି । ଗୋଟିଏ ମାତ୍ର ପୁଅ ବୋଲି ପଦୁ ମା ଚନ୍ଦା ପଦୁକୁ ଭାରି ଆଦର କରେ । ଶଂକୁରୁ ପଦୁକୁ ପାଠ ପଢ଼େଇବା ପାଇଁ ବହୁତ ଚେଷ୍ଟା କରିଛି । ଟଙ୍କା ପଇସାର ଅଭାବ ନଥିଲା । କିନ୍ତୁ ପଦୁଟା ପଢ଼ିଲା ନାହିଁ । ଫେଲ୍ ହୋଇ ହୋଇ ଟାଣିଟୁଣି ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଗଲା । ମାଇନରଟା ବି ପାଶ କରି ପାରିଲା ନାହିଁ । ଖାଇବା ଶୋଇବା ବେଳ ଛାଡ଼ି କେବେ ସେ ଘରେ ରହୁଚି, ଦେଖିବାକୁ ମିଳେ ନାହିଁ । ଗାଁ ଲୋକଙ୍କର ନିତି ଶଂକୁରୁ ଜେନା ପାଖରେ ଫିରାଦ—କାହାର କୁକୁଡ଼ା ପଦୁର ଟେକାରେ ମରିଯାଏ । କାହାର ଟୁଛଲ ଗୋଟାହୁଏ । କାହାର ଗାଈ ତରକି ଯାଇ ଦଉଡ଼ି ଛିଣ୍ଡାଇ ପଳାଇଯାଏ । ଖାଲି ଏତିକି ନୁହେଁ—ପଦଆ ଏଥର ସାଜିଲାଣି ଗୋପପୁର କହ୍ନାଇ । କାହାର ବୋହୂ ଝିଅଙ୍କୁ ବାଟ ଓଗାଳିବା । ଛପି ରହି ଉପରକୁ ଫୁଲ ଫୋପାଡ଼ିବା । କାହାର କଳସି କଣା କରି ଦେବା ଇତ୍ୟାଦି କେଳି କାଣ୍ଡ ଚାଲେ । ଗାଁ ଲୋକେ ଶଂକୁରୁ ଓ ଚମ୍ପା ପାଖରେ ଆପତ୍ତି ଅଭିଯୋଗ କରନ୍ତି । ଶଂକରୁ ଓ ଚମ୍ପା ପୁଅକୁ ଦାଣ୍ଡି ଦପଦ କହନ୍ତି—ବିରକ୍ତ ହୁଅନ୍ତି । କିନ୍ତୁ ଯେଉଁ କଥାକୁ ସେଇ କଥା । ଗାଁ ଲୋକେ ଅସନ୍ତୁଷ୍ଟ ହୁଅନ୍ତି । କିନ୍ତୁ ପ୍ରକାଶ୍ୟରେ କିଛି ପ୍ରତିକାର କରି ପାରନ୍ତି ନାହିଁ, କେବଳ ଶଂକୁରୁ ଭୟରେ ।

ପଦୁର ଦେହର ରଂଗ ଶ୍ୟାମଳ । ଗଠଣ ହୃଷ୍ଟପୁଷ୍ଟ । ବାଁ ଆଖିରେ ପରଳ ପଡ଼ି ଟିଲ ଅଖି ପରି ଦେଖାଯାଏ । ମୁଣ୍ଡରେ ଗୋଛାଏ ବାଳ । ବେକ ପର୍ଯ୍ୟନ୍ତ ଝୁଲୁଛି । ଚୂଡ଼ପଟ ସମାନ ଭାବରେ କଟା ହୋଇ । ଖିଅର ନ ହେବା ଦ୍ୱାରା ନିଶ ଦାଢ଼ି ଅସମାନ ଭାବରେ ଗୋଟ ବଡ଼ କି ସାମାନ୍ୟ କିଛି ଉଠିଛି । ପାନଖାଇ ଦାନ୍ତ କଳା ପଡ଼ି ଆସିଲାଣି । ବିଡ଼ିଖାଇ ଓଠ ବି କଳା ଦିଶୁଚି । ସବୁବେଳେ ଝଣ୍ଡେ ଖାକି ହାଫ୍ ପ୍ୟାଣ୍ଟ ଓ ଝଣ୍ଡେ ଡୋରିଆ ଜାମା ପିନ୍ଧିଥାଏ । ଛାତି ପକେଟରେ ଗୋଟାଏ ଝରକଲମ । ହାତରେ ଶସ୍ତା ଶସ୍ତ ଓ୍ୱାଚ ବନ୍ଧା ହୋଇଥାଏ ।

ପଦୁର ବାହାଘର ପାଇଁ ଢେର ଢେର ଯାଗାରୁ ସମ୍ବନ୍ଧ ଆସି ଭାଙ୍ଗିଗଲାଣି । କେଉଁଠି ହେଲେ ମନୋମୀତ ହୋଇ ନାହିଁ । କେଉଁ କନ୍ୟାପିତାର ଜମି ନାହିଁ । କାହାର ଭଲ ଘର ନାହିଁ, କେଉଁ କନ୍ୟା ଅସୁନ୍ଦର । ପଦୁ ମା ଚମ୍ପା ବୋହୂଟିଏ ଆଣିବା ପାଇଁ ବଡ଼ ବ୍ୟସ୍ତ ହୋଇ ପଡ଼ିଲାଣି ।

ଚନ୍ଦା ଭାଇର ହୁଏ ଦୂର ସମ୍ପର୍କୀୟା ମାମୁଁ ଝିଅ ଭଉଣୀ । ଗୌରୀକୁ ଯେତେବେଳେ ଛଅ କି ସାତ ବର୍ଷ ହବ । ସେହି ସମୟରେ ଦିନେ କଥା ପ୍ରସଙ୍ଗରେ ଦୁଇ ଭଉଣୀ ପଦୁ ସାଙ୍ଗରେ ଗୌରୀର ବାହାଘର କରି ଦେବା ପାଇଁ କୁହାକୁହି ହେଉଥିବା ବେଳେ ପଦୁ ସେଠାରେ ଥାଇ ଶୁଣିଥିଲା । ସେହି ଦିନରୁ ତାର ଗୋଟାଏ ଆଶା ରହିଛି ସେ ନିଶ୍ଚୟ ଗୌରୀକୁ ବାହା ହବ । ଗୌରୀ ଏବେ

ବଡ଼ ହେଲଣି । ପାଠ ବି ପଢୁଚି । କିନ୍ତୁ ପଦୁ ପଢ଼ିଲା ନାହିଁ । ତଥାପି ଚମ୍ପା କେତେଥର ସ୍ୱାମୀକୁ ତାର ଇଚ୍ଛା ପ୍ରକାଶ କରି କହିସାରିଲଣି । ସ୍ୱାମୀର ଇଚ୍ଛା ଥିଲେ ବି ନକୁଳ ପାଖରୁ କିଛି ଜବାବ ନ ପାଇ ସେ ବି ଚମ୍ପାକୁ ସାରି ଜବାବ ଦେଇ ପାରୁ ନାହିଁ । କେବଳ କହେ—ଦେଖିବା, ସେ ତ ପଢୁଛି ?

ସ୍ୱାମୀଠାରୁ କୌଣସି ଠିକ୍‌ଣା ଜବାବ ନ ପାଇ ଚମ୍ପା କହେ—ଝିଅଟାକୁ ଏତେ ପାଠ ପଢ଼େଇ ଲାଭ କଣ ? ସେମିତି ପାଠୁଆ ଜୁଆଁଇ ମିଳିଲେ ତ ? ଝିଅଟାକୁ ଅସି ଷୋହଳସତର ବରଷ ହେଲାଣି, ଆଉ କେତେ ଦିନ ଘରେ ରଖିବ । ଦଶ ଲୋକ ଦଶ କଥା କହିଲେ କଣ ଭଲ ହେବ ?

ପଦୁର ଜଣେ ଦୂର ସମ୍ପର୍କୀୟ ମାମୁଁ ମିଲ୍‌ରେ କାମକରେ । ମାମୁଁ ପାଖକୁ ଯିବାର ବାହାନା କରି ପଦୁ ମଝିରେ ମଝିରେ ଗୌରୀ ଘରକୁ ଯାଏ । ଚାଲିବେଳେ ଲାଉଟେ, କଖାରୁଟେ, ବାଇଗଣରୁ ପୁଞ୍ଜାଏ, ଏମିତି କେତେ କଣ ନେଇଯାଏ । ସ୍ୱାମୀ ତାକୁ ଆଦର କରେ । ପରିବା ପତ୍ର ଦେଖି ସ୍ୱାମୀ ଭାରି ଖୁସିହୁଏ । ପଦୁକୁ ତାର ବାପା ମା'ର ଖବର ପଚାରେ । ପଦୁ ଚାଲାକ କରି ତା'ର ସବୁ ଉତ୍ତର ଦିଏ । ସ୍ୱାମୀ କହେ—ତା' ହେଲେ ତୋ ବାପ ମା ଆମ ଗରିବଙ୍କୁ ଭୁଲି ଯାଇ ନାହାନ୍ତି ।

ପଦୁ ମଧ୍ୟ ସ୍ୱାମୀର ମନ ଲଖି କଥା କହେ—ମା' ତ କହୁଥିଲା ସ୍ୱାମୀଟା ଏଥର ବଡ଼ ଲୋକ ହେଇଗଲାଣି । ଏ ଆଡ଼କୁ ଜମାରୁ ଆସୁ ନାହିଁ ।

ସ୍ୱାମୀ ଏ କଥା ଶୁଣି ଦୁଃଖ ପ୍ରକାଶ କରି କହେ—ନାଁ, ଆଖି ବୁଜି ଦିନେ ଯିବି ତମ ଘର ଆଡ଼େ । ଏ ଘରର କି କମ ଜଂଜାଳ ! ଟିକିଏ ତ ଡେରି ହେଉ ନାହିଁ । ଆମ ଗୌରୀର ପଢ଼ିବା ବି ଅଉ ଅଳପ ଦିନ । ଦିନ ପନ୍ଦରେ ପାଞ୍ଚଘଡ଼ି ନ ହେଉଣୁ ମାଗିବ ଭାତ ଇସ୍କୁଲ ଯିବ ବୋଲି !

ପଦୁ ଗୌରୀଟାକୁ ଦେଖେ । ଦେଖି ମୁଗ୍ଧ ହୁଏ—ଗୌରୀଟା ଦିନକୁ ଦିନ କେଡ଼େ ସୁନ୍ଦର ଦେଖାଯାଉଚି ! ନିଜ ପ୍ରତି ଥରେ ଦୃଷ୍ଟିପାତ କରେ । ତୁଳନାକରେ ଗୌରୀ ସହିତ ନିଜକୁ । ଶ୍ୟାମଳ ହେଲେବି କଳା ନୁହେଁ । ଯେତେ ହେଲେ ମରଦ ପୁଅ । ନ ହେଲେ ସେ ଗୌରୀଠାରୁ କୌଣସି ଗୁଣରେ ଅନୁପଯୁକ୍ତ ନୁହେଁ । ଟମ୍ପପରି ମଜ୍‌ବୁତ ଗୋଡ଼ । ବଳିଲା ବଳିଲା ହାତ, ଓସାରିଆ ଛାତି ଉପରେ ଥରେ ଦୃଷ୍ଟି ପକାଇ ମନେ ମନେ ଗର୍ବ ଓ ଆନନ୍ଦରେ ଫୁଲି ଉଠେ । ଗୌରୀ ନିଶ୍ଚୟ ତାକୁ ପସନ୍ଦ କରେ ।

କିନ୍ତୁ ଗୋଟିଏ କଥା ଭାବି ସେ ଟିକିଏ ଦବି ଯାଏ । ମନରେ ନୈରାଶ୍ୟ ଆସେ । ଗୌରୀଟା ଏତେ ଚୁଡ଼ାଏ ପଢ଼ିଗଲାଣି । ସେ କଣ ଆହୁରି ଉପରକୁ ଉଠିବାକୁ ଏମିତି ପଢୁଥିବ ? ଅଉ ବାହା ନ ହୋଇ ଚାକିରି କରିବ ? କଥା

ପ୍ରସଙ୍ଗରେ ଗୌରୀ ନ ଥିଲା ବେଳେ ସ୍ୱାମୀଙ୍କୁ ପଚାରେ—ମାଉସି, ଗୌରୀ ପାଶ୍ କଲେ ଆଉ ପଢ଼ିବ ନାଁ ?

ସ୍ୱାମୀ କହେ—କେଜାଣି ତାର କଣ କରିବ ! ତାକୁ ପଚାର । ଆମର ବଳ କାହିଁ ତାକୁ ଏତେ ପଢ଼େଇବାକୁ । ପଦ୍ମ ସ୍ୱାମୀ କଥା ଶୁଣି ଟିକିଏ ଆଶ୍ୱସ୍ତ ହୁଏ । କିନ୍ତୁ ଗୌରୀର ବାହାଘର ବିଷୟରେ କିଛି ପଚାରିବାକୁ ସାହସ କରେ ନାହିଁ ।

ଗୌରୀ ପଦ୍ମକୁ ପଦ୍ମଭାଇ ବୋଲି ଡାକେ । ତା ସଙ୍ଗରେ ବିଶେଷ କଥାବାର୍ତ୍ତା ହୁଏ ନାହିଁ । ଦରକାର ହେଲେ ପଦେ ଅଧେ କଥା କହେ । ପଦ୍ମର ଇଚ୍ଛା ଗୌରୀ ତା ସହିତ କଥାବାର୍ତ୍ତା କରନ୍ତା । ହସଖୁସି ହୁଅନ୍ତା । କିନ୍ତୁ ଗୌରୀ ଅଧିକାଂଶ ସମୟରେ ନିଜ ପଢ଼ାପଢ଼ିରେ ବ୍ୟସ୍ତଥାଏ । ସୁତରାଂ ପଦ୍ମ ଗୌରୀ ସହିତ କଥାବାର୍ତ୍ତା କରିବା ନିମନ୍ତେ ବେଶି ସୁଯୋଗ ପାଏ ନାହିଁ । ଟିକିଏ ଫାଙ୍କ ମିଳିଲେ ଗୌରୀକୁ ପଚାରେ ତା ସ୍କୁଲ ବିଷୟରେ । ଗୌରୀ ସଂକ୍ଷେପରେ ଉତ୍ତର ଦିଏ । କିନ୍ତୁ ପଦ୍ମ ମୁହଁକୁ ଚାହିଁ ପାରେ ନାହିଁ । କେତେବେଳେ ଯେବେ ସେ ପଦ୍ମ ମୁହଁକୁ ଚାହିଁ ଦିଏ, ସଙ୍ଗେ ସଙ୍ଗେ ଆଖି ଫେରାଇ ଆଣେ । କେଜାଣି କାହିଁକି ପଦ୍ମର ଆଖି ଯୋଡ଼ାକ ଦେଖିଲେ ତାକୁ କେମିତି କେମିତି ଜଣାଯାଏ । ସେ ଆଖି ଯୋଡ଼ାକରେ ସେ କଣ ଦେଖେ, ସେ ଜାଣେ ।

ସୋମନାଥ ବାବୁ ସ୍କୁଲରୁ ଆସି ଯୋତାର ଫିତା ଖୋଲୁ ଖୋଲୁ କହିଲେ, ତମେ ଆଜି କାଲି ଜଣେ ବଡ଼ ମହାଜନ ହେଇଗଲଣି ଦେଖୁଚି ।

ସୁମିତ୍ରା ସିଲାଇରୁ ଦୃଷ୍ଟି ଫେରାଇ ହସହସ ମୁହଁରେ କହିଲେ, କାହିଁକି କଣ ହେଲା କି ?

ହବ କଣ ? ମୋତେ କିଛି ଟଙ୍କା ଦେଲ ମୁଁ ଗାଁରେ ଖଣ୍ଡେ ଘର କରି ବିଲ ବାଡ଼ି ଯାହା ଦଶ ମାଣ ଅଛି ଯାଇ ଚାଷକରିବି । ସୋମନାଥ ବାବୁ କମିଜଟା ବାହାର କରି ବ୍ରାକେଟ୍‌ରେ ଟାଙ୍ଗି ଦେଲେ ।

ସେଇଟା କଣ ଖରାପ କଥା ? ସୁମିତ୍ରା ରହସ୍ୟ କରି କହିଲେ ।

ମୁଁ ଆଉ ଏତେ ଟଙ୍କା ପଇସା ଖର୍ଚ୍ଚ କରି ପାରିବି ନାହିଁ । ଛୁଆଙ୍କର ତ ଭବିଷ୍ୟତ ଅଛି ? ସୋମନାଥ ବାବୁ ବିରକ୍ତିର ଭାବ ଦେଖାଇ କହିଲେ ।

ସୁମିତ୍ରା ସଙ୍କୋଚ ନ କରି କହିଲେ—ଟଙ୍କା ପଇସା ତ ବୃଥାରେ ରାସ୍ତା ଘାଟରେ ଫୋପାଡ଼ି ଦିଆଯାଉ ନାହିଁ ।

ସୋମନାଥ ବାବୁ ପ୍ରାପ୍ତିସ୍ୱୀକାର ମନିଅର୍ଡ଼ର ରସିଦ ଖଣ୍ଡିକ ସୁମିତ୍ରାଙ୍କ ଆଡ଼କୁ ଫୋପାଡ଼ି ଦେଇ କହିଲେ—ନାଁ ଫୋପଡ଼ା ହେବ କାହିଁକି, ବେଙ୍କ୍‌ରେ ଜମା ହଉଚି । ଏଇ ନିଅ ତା'ର ରସିଦ ଆସିଛି ।

ନିଜର ଭୁଲଗୁଡ଼ି ସୁମିତ୍ରା ନୀରବ ରହିଲେ । ସ୍ୱାମୀ କାର୍ଯ୍ୟକ୍ଷେତ୍ରରୁ ଆସିଛନ୍ତି ଏହି ମାତ୍ର । ମନର ଅବସ୍ଥା ସୁସ୍ଥ ନ ରହିବା ସ୍ୱାଭାବିକ । ସେ ଅବସ୍ଥାରେ ତାଙ୍କ ସହିତ ଯୁକ୍ତି ନ କରି ନୀରବ ରହିବା ଉଚିତ ଥିଲା । ପାନାହାର ପରେ ମନ ସୁସ୍ଥ ଥିବା ଅବସ୍ଥାରେ କହିଥିଲେ ଭଲ ହୋଇ ଥାଆନ୍ତା । ସେ ତର ତର ହୋଇ ଉଠି ଚାଲିଗଲେ । କିଛି କ୍ଷଣ ପରେ କିଛି ଜଳଖିଆ ଓ ଗିଲାସେ ପାଣି ଆଣି ଟେବୁଲ ଉପରେ ରଖି ନୀରବରେ ଛିଡ଼ା ହେଲେ । ସୋମନାଥବାବୁଙ୍କୁ ବସି ରହିବାର ଦେଖି ସୁମିତ୍ରା କୋମଳ ଭାବରେ କହିଲେ—ଜଳଖିଆଟା ଆଗ ଖାଇନେଲ । ମୁଁ ଯାଉଚି ଚା' ଟିକିଏ କରି ଆଣେ । ସୋମନାଥ ବାବୁ ଯେତେ ରାଗିଥିଲେ ବି ସୁମିତ୍ରାଙ୍କର ପଦେ ପଦେ ଦରଦଭରା ସୋହାଗିଆ କଥା ତାହାଙ୍କର ରାଗର ନିଆଁ ଲିଭାଇ ଦେବା ନିମନ୍ତେ ଠିକ ପାଣି ପରି କାମ କରେ । ଶାନ୍ତଶିଷ୍ଟ ପିଲାଟି ପରି ଜଳଖିଆ ଖାଇବାରେ ଲାଗିଲେ । ସୁମିତ୍ରା ଓଠରେ ମୃଦୁ ହସ ଖେଳାଇ ଚାଲିଗଲେ ଚା' ଆଣିବା ପାଇଁ ।

ଟଙ୍କା ପଠାଇବା ନିମନ୍ତେ ବିଶ୍ୱନାଥଠାରୁ ଯେଉଁ ଦିନରୁ ଚିଠି ଆସିଲାଣି, ସୁମିତ୍ରା ନୀରବରେ ବସି ନାହାନ୍ତି । ସ୍ୱାମୀ ଟଙ୍କା ଦେଇବେ ନାହିଁ ଜାଣି ସେ ନିଜ ଯୋଗାଡ଼ରେ ଲାଗି ପଡ଼ି ପଚାଶ ଟଙ୍କା ବିଶ୍ୱନାଥ ପାଖକୁ ମନିଅର୍ଡ଼ର କରି ପଠାଇ ଦେଇଛନ୍ତି । ଅବଶ୍ୟ ସେ ଏକଥା ସ୍ୱାମୀଙ୍କୁ ଜଣାଇ ନାହାନ୍ତି । ଏହି ଧରଣର ଅନେକ ପାରିବାରିକ କାର୍ଯ୍ୟମାନ ସେ ସ୍ୱାମୀଙ୍କ ଅନୁପସ୍ଥିତିରେ ତୁଲାଇ ନେଇ ପାରନ୍ତି । ସୋମନାଥ ବାବୁ ପ୍ରତିବାଦ କରନ୍ତି ନାହିଁ । ଏଥର କେବଳ ବିଶ୍ୱନାଥ ଉପରେ ଅସନ୍ତୁଷ୍ଟ ଥିବାରୁ ତାହାର ପ୍ରତିକ୍ରିୟା ପଡ଼ିଛି ସୁମିତ୍ରାଙ୍କ ଉପରେ ।

ସୁମିତ୍ରା ଘର ଭିତରକୁ ପଶିଆସି ଚା କପ୍‌ଟି ଟେବୁଲ ଉପରେ ଥୋଇ ଦେଲେ । ଟେବୁଲ ଉପରେ ଲଦି ପଡ଼ି ଗୋଡ଼ଭାଙ୍ଗି ଛିଡ଼ା ହେଲେ । ବିଶ୍ୱନାଥ ବାବୁ ଚା' ପାନ କରିବା ସମୟରେ ପ୍ରଥମେ ଆରମ୍ଭ କଲେ—ସେ ତ ଲେଖିଥିଲା ଏକ୍‌ସକରସନରେ ଯିବ, ପୁଣି ଚିଠି ଦେଇଚ କାହିଁକି ଯିବ ନାହିଁ ବୋଲି ?

ରାଗରେ ସେମିତି ଲେଖିଚି ନା—ସବୁପିଲା ଯାଉଚନ୍ତି । ଜଣେ ନ ଗଲେ ତା ମନଟା କଣ ହବ କହିଲ ?

ହୁଁ—ସୋମନାଥ ବାବୁ କପ୍‌ଟା ଟେବୁଲ ଉପରେ ଥୋଇଦେଲେ । ସୁମିତ୍ରା ପାନ ଖଣ୍ଡେ ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଇ କହିଲେ—ଗୋଟାଏ କଥା ପଚାରନ୍ତି । ବିରକ୍ତ ହବ ନାହିଁତ ?

କଣ କୁହ—ସ୍ଥିର ଗଳାରେ ସୋମନାଥ ବାବୁ ଉତ୍ତର ଦେଲେ ।

ବିଶୁର ବାହାଘରଟା ଏଇ ଫଗୁଣରେ କଲେ ହୁଅନ୍ତା ନାହିଁ ? ସୁମିତ୍ରା ଭଙ୍ଗା ଭଙ୍ଗା ସ୍ୱରରେ କହିଲେ ।

ସେ ଲାଗି ଏତେ ବ୍ୟସ୍ତ କାହିଁକି ? ପାଶ କରିସାରୁ । ସେଇଟା କଣ ବେଶୀ ବଡ଼ କଥା ?

ପାଶ୍ ଯଦି ନ କରେ କଣ ତାର ବାହାଘର ହବ ନାହିଁ ? ସୋମନାଥ ବାବୁ କିଛି ଉତ୍ତର ଦେଲେ ନାହିଁ ।

ସ୍ୱାମୀଙ୍କୁ ନୀରବ ଦେଖି ସୁମିତ୍ରା କହିଲେ—ଡାକ୍ତର ମନମୋହନ ବାବୁଙ୍କ ସ୍ତ୍ରୀ ସୁପ୍ରିୟା ଦେବୀ ମୋତେ ଦୁଇ ତିନିଥର କହି ସାରିଲେଣି । ତାଙ୍କ ଝିଅ ସୁନନ୍ଦାକୁ ବୋହୂ କରିବା ପାଇଁ । ଝିଅଟାକୁ ତମେ ଦେଖିଚ ନା ?

ଗମ୍ଭୀର ହୋଇ ସୋମନାଥ ବାବୁ କହିଲେ—ଦେଖିଚି ।

ଦେଖିବାକୁ ଭାରି ସୁନ୍ଦର । ମେଟ୍ରିକ ପାଶ କରିଚି । କଲେଜରେ ପଢ଼ିଇବାକୁ ତାଙ୍କର ଇଚ୍ଛା ନାହିଁ । ସୁମିତ୍ରା ଏତିକି କହି ସ୍ୱାମୀଙ୍କ ମୁହଁକୁ ଅନାଇ ରହିଲେ । ସୋମନାଥ ବାବୁ ନୀରବରେ ସମ୍ମତି ଜଣାଇଲେ । ଡାକ୍ତର ମନମୋହନ ସିହ ଭଦ୍ରକ ହାସପାତାଲକୁ ପ୍ରାୟ ବର୍ଷେ ହେଲା ବଦଳି ହୋଇ ଆସିଚନ୍ତି । ସେ ଆସିବା ଦିନରୁ ହାସପାତାଳର ଅବସ୍ଥା ଅନେକ ପରିବର୍ତ୍ତନ ହୋଇଚି । ବହୁ ଅବ୍ୟବସ୍ଥା ମାନ ସେ ସୁଧାରି ଆଣିଚନ୍ତି । ଅନ୍ୟାନ୍ୟ ଡାକ୍ତର ନର୍ସମାନେ ତାଙ୍କୁ ମନେ ମନେ ଦବି ଚାଲନ୍ତି । ତାଙ୍କ ପୁଅ ସୋମନାଥ ବାବୁଙ୍କର ଛାତ୍ର । ମନମୋହନ ବାବୁଙ୍କ ପରିବାର ସହିତ ସୋମନାଥ ବାବୁଙ୍କ ପରିବାରର ଘନିଷ୍ଠ ବନ୍ଧୁତ୍ୱ । ଉଭୟ ଉଭୟଙ୍କ ଘରକୁ ବୁଲି ଯାଆନ୍ତି । ଯିଆ ଆସା ଭଲରି ମନ୍ଦ ଚଳେ ।

ମନମୋହନ ବାବୁଙ୍କ ସ୍ତ୍ରୀ ପ୍ରାୟ ଅଧିକାଂଶ ସମୟରେ ସୁମିତ୍ରାଙ୍କ ପାଖକୁ ଆସି କଥାବାର୍ତ୍ତା କହିଇ ଦିଅନ୍ତି । ସୁନନ୍ଦା ମଧ୍ୟ ତା ମା' ସାଙ୍ଗରେ ବୁଲିଆସେ । ସୁମିତ୍ରା ସିଲାଇ କରୁଥିଲା ବେଳେ ସେ ଅନେକ ଛୋଟ ଛୋଟ କାମରେ ସାହାଯ୍ୟ କରେ । ସୁନନ୍ଦା ଅନେକ ନୂଆ ଧରଣର ସିଲେଇ ଶିଖିଚି । ସୁମିତ୍ରାଙ୍କୁ ପଚାରେ—ମାଉସି, ତମେ ଅମୁକ ଧରଣର ବୁଣା ଜାଣନା ? ଭାରି ଭଲ ଦିଶେ । ସୁମିତ୍ରା ହସି ହସି କହନ୍ତି—ନାଁଲୋ ଝିଅ, ଆମେ କେବେ ଶିଖିଥିଲୁ । ଆଉ ବଅସ ଆସୁଚି ଶିଖି ବସି ବସି ବୁଣିବାକୁ । ଘର ଜଂଜାଳ ସାରି ପଡ଼ିଏ ଅବସର ବେଳେ ବୁଣା ବୁଣି କରିବା କଥା ।

ସୁନନ୍ଦା ଖୁବ ଚଞ୍ଚଳ । ସ୍ଥିର ହୋଇ ବସି ରହିପାରେ ନାହିଁ । କେତେ ବେଳେ ସୋମନାଥ ବାବୁଙ୍କ ଟେବୁଲ ଉପରୁ ବହି ଖଣ୍ଡେ ଟାଣି କିଛି କ୍ଷଣ ପଢ଼େ । କେତେ ବେଳେ ଟଙ୍ଗା ହୋଇଥିବା ଫଟୋଗୁଡ଼ିକରେ ଲାଗିଥିବା ଅଳନ୍ଦୁ ଝାଡ଼ିଦିଏ । ବଡ଼ ଦର୍ପଣଟାରେ ଧୂଳି ପଡ଼ିଲେ ଖଣ୍ଡେ କନାରେ ପୋଛି ଦିଏ । କେତେବେଳେ ସୁମିତ୍ରାଙ୍କ ହାତରୁ ଉଲ୍ ଓ କୁଞ୍ଚି ନେଇ ସିଲେଇ କାମରେ ଲାଗିଯାଏ । ସୁମିତ୍ରାଙ୍କୁ

ଏହିସବୁ ଦେଖି ଭାରି ଖୁସି ଲାଗେ । ହସି ହସି କହନ୍ତି—ପାଗଳଟା କଉଠି ଯେ କଣ କରୁଚି—ଟିକିଏ ବସି ରହିବାକୁ ତା ମନ କହୁନ ।

ସୁମିତ୍ରାଙ୍କ କଥା ଶୁଣି ସୁପ୍ରିୟା ମନେ ମନେ ଆନନ୍ଦ ଓ ସାମାନ୍ୟ ଗର୍ବ ଅନୁଭବ କରି କହନ୍ତି—ସେ ଝିଅ ବସିଲା ଝିଅ ନୁହେଁ । ସବୁବେଳେ କିଛି ନା କିଛି କରୁଥିବ । ମୋ କାମ ତାକୁ ପସନ୍ଦ ହୁଏ ନାହିଁ । କେବଳ ହସି ଦେଇ ସୁପ୍ରିୟାଙ୍କୁ ସୁମିତ୍ରା ନୀରବରେ ସମର୍ଥନ କରନ୍ତି ।

ସୋମନାଥ ବାବୁଙ୍କର ମତ ଅଛି ଜାଣି ସୁପ୍ରିୟା କଥା ଛଳରେ ନିଜ କନ୍ୟାର କେବଳ ପ୍ରଶଂସା କରନ୍ତି ନାହିଁ । ଜୁଆଁଇଁକୁ ଯାହା ଯାହା ଦେବେ ଏବଂ ଝିଅକୁ କେତେ ଗହଣା ଓ ନଗଦ ଟଙ୍କା ଦେବେ ତାହାର ସୂଚନା ମଧ୍ୟ ଦିଅନ୍ତି । ସୁମିତ୍ରା ବିଶ୍ୱନାଥର ମତାମତ ଜାଣିବାର ଅନାବଶ୍ୟକ ମନେ କରି ପୂରାପୂରି ଜବାବ ଦେଇଦେଲେ । କେବଳ ବାକି ରହିଲା ନିର୍ବନ୍ଧଟା ।

ଭ୍ରମର ପୁଷ୍ପର ସୌରଭ ପାଇଲେ ତା ପାଖକୁ ଛୁଟେ । ବାଧା ପାଇଲେ ଉଡ଼ିଯାଏ । ପୁନଶ୍ଚ ଉଡ଼ିଆସେ । ବିଶ୍ୱନାଥ ପ୍ରାୟ ଗୌରୀକୁ ଦୈନିକ ଦେଖିବାକୁ ଯାଏ । ଯେଉଁ ଦିନ ଅସୁବିଧା ହୁଏ ସେ ଦିନ ମନଟା ତାର ଅଶାନ୍ତିରେ କଟେ ।

ଦିନେ ସେ ଗୌରୀକୁ ଅପେକ୍ଷା କରିଛି ସେହି ବଗିଚା ଭିତରେ । ଗୌରୀ ସେଦିନ ବିଳମ୍ବରେ ସ୍କୁଲରୁ ଆସିଲା । ନିରାଶ ହୋଇ ବିଶ୍ୱନାଥ ଫେରି ଯାଉଥିଲା, ରାସ୍ତାରେ ଗୌରୀକୁ ଆସୁଥିବା ଦେଖି ତା ପଛେ ପଛେ ଚାଲିଲା । ବିଶ୍ୱନାଥକୁ ତା ପଛରେ ଆସୁଥିବା ଦେଖି ସେ ସାମାନ୍ୟ ବିରକ୍ତି ପ୍ରକାଶ କରି କହିଲା—ଆପଣ ରାସ୍ତାରେ ନ ଯାଇ ପୁନର୍ବାର ମୋ ପଛେ ପଛେ ଆସୁଚନ୍ତି କାହିଁକି ? କିଏ ଦେଖିବ କଣ ଭାବିବ କହିଲେ ?

ବିଶ୍ୱନାଥ ଅପ୍ରସ୍ତୁତ ହୋଇ ପଡ଼ିଲା । ନିଜର ଦୁର୍ବଳତାକୁ ଘୋଡ଼େଇ ରଖିବା ଉଦ୍ଦେଶ୍ୟରେ କହିଲା—ଗୌରି ! ତମେ ବିରକ୍ତ ହବ ନାହିଁ । ଗୋଟାଏ କଥା ଅଛି । କିନ୍ତୁ ଗୌରୀ ଜାଣେ ବିଶ୍ୱନାଥ ସହିତ ତାର କୌଣସି ଜରୁରୀ କଥାବାର୍ତ୍ତା ହେବାର ଆବଶ୍ୟକତା ମଧ୍ୟ ନାହିଁ । ସେ ଖୁବ ଗମ୍ଭୀର ହୋଇ କହିଲା—କଣ କହୁ ନାହାନ୍ତି ? ମୋ ସହିତ ଆପଣଙ୍କର ଦୈନିକ ଆସିବା ଅନ୍ୟାୟ ।

ବିଶ୍ୱନାଥ ମନେ ମନେ ଆଘାତ ପାଇଲା । କିନ୍ତୁ ସେ ଆଶା କରି ନ ଥିଲା ଯେ ଗୌରୀ ତା ପ୍ରତି ଅସନ୍ତୁଷ୍ଟ ହେବ । ଅତି କୋମଳ ଭାବରେ କହିଲା—ନାଁ ଗୌରୀ ମୁଁ ଆଉ ତମକୁ ବିରକ୍ତ କରିବି ନାହିଁ । କିନ୍ତୁ—

ବିଶ୍ୱନାଥର କଥାରେ ପୂର୍ଣ୍ଣଚ୍ଛେଦ ନ ପଡ଼ିବାର ଦେଖି ଗୌରୀ ପଛକୁ ଫେରି ବିଶ୍ୱନାଥକୁ ଟିକିଏ ଚାହିଁ ଦେଇ ଚାଲି ଯିବାକୁ ଲାଗିଲା । ତା'ର ମୁହଁରେ ସନ୍ଦେହର ଛାୟା । ବିଶ୍ୱନାଥ କାହିଁକି ନିର୍ଜନ ରାସ୍ତାରେ ତାକୁ ଭେଟିବାକୁ ଆସେ । ସେ ଜଣେ କଲେଜ ଛାତ୍ର ହୋଇପାରେ । କିନ୍ତୁ ତା ସହିତ ତାର କି ସମ୍ପର୍କ ? ଏହି କଥା ସବୁ ଚିନ୍ତା କରୁ କରୁ ଗୌରୀ ବଗିଚା ଭିତରକୁ ଆସିଗଲା । ବିଶ୍ୱନାଥ ମଧ୍ୟ ଚାଲୁଛି ତା ପଛରେ । ଗୌରୀକୁ କ୍ଷିପ୍ରଗତିରେ ଚାଲିଯାଉଥିବାର ଦେଖି ବିଶ୍ୱନାଥ ତାକୁ ପଛରୁ ଡାକି କହିଲା—ଗୌରି, ଟିକିଏ ଛିଡ଼ା ହୁଅ ।

ଗୌରୀ ପଛକୁ ଫେରି ଚାହିଁଲା । ମୁହଁରେ ସନ୍ଦେହର ଚିହ୍ନ । ବିଶ୍ୱନାଥ ଅଳ୍ପ ହସି ଖୁବ୍ କୋମଳ ଭାବରେ କହିଲା—ଗୌରି, ମୋତେ ସନ୍ଦେହ ବା ଭୟ କରନାହିଁ । ମୁଁ ତ ତମକୁ ସେପରି—

ଗୌରୀ ଭଦ୍ରତା ଖାତିରରେ ସ୍ମିତ ହସି ଉତ୍ତର ଦେଲା—ସନ୍ଦେହ ବା ଭୟ କରୁ ନାହିଁ ଯେ—ଆପଣ ଭାବି ଦେଖନ୍ତୁ ଲୋକମାନଙ୍କର କଣ ଧାରଣା ହେବ ।

ବିଶ୍ୱନାଥ ଗୌରୀର କଥାକୁ ସମର୍ଥନ କରି କହିଲା—ହଁ ସେ ଠିକ କଥା । କିନ୍ତୁ ଗୌରି, ତୁମେ କ୍ଷମା କରିବ । ମୁଁ ମୋର ଅନ୍ତରର କଥା କହୁଚି—ମୁଁ ଯେଉଁ ଦିନ ତମକୁ ମେସ୍ ବାରେଣ୍ଡାରେ ପ୍ରଥମେ ଦେଖିଲି, ଠିକ ସେହି ଦିନଠାରୁ ମୁଁ ତମକୁ ଏତେ ଭଲ ପାଇଛି ଯେ—

ଗୌରୀ ହଠାତ୍ ମୁହଁ ବୁଲେଇ ନେଇ ତଳକୁ ଚାହିଁ ରହିଲା । ମୁହଁରେ ବିସ୍ମୟର ଭାବ ଫୁଟି ଉଠିଲା । ବିଶ୍ୱନାଥ ତାକୁ ଭଲ ପାଏ ? କାହିଁକି ?

ଗୌରୀ ଲଜ୍ଜିତ ନ ହୋଇ ବରଂ କୌତୂହଳ ହୋଇ କହିଲା—ଆପଣ ଜଣେ ଅପରିଚିତ ଝିଅକୁ ଏତେ ଭଲ ପାଇବାର ତ କିଛି କାରଣ ନାହିଁ ।

ବିଶ୍ୱନାଥ ହସି ଦେଇ କହିଲା—ଯିଏ ଯାହାକୁ ଭଲ ପାଏ, ସିଏ କଣ ତାର ପରିଚୟ ନେଇ ଭଲ ପାଏ ? ସେ କେବଳ ବ୍ୟକ୍ତିକୁ ଭଲ ପାଏ । ପ୍ରଥମେ ଭଲ ପାଇବା । ପରେ ପରିଚୟ ।

ଗୌରୀ ସିଧା ସଳଖ ଉତ୍ତର ଦେଲା—ଯଦି ଭଲ ପାଇବାଟା ଶଠତା ବା ଭଣ୍ଡାମିରେ ପରିଣତ ହୁଏ ?

ପ୍ରକୃତରେ ଯଦି ଜଣେ ଜଣକୁ ଭଲ ପାଏ ସେ ଭଣ୍ଡାମି ବା ଶଠତା ଆଚରଣ କରେ ନାହିଁ । ବରଂ ସ୍ୱାର୍ଥତ୍ୟାଗର ଚରମ ପରୀକ୍ଷାର ସମ୍ମୁଖୀନ ହୁଏ । ବିଶ୍ୱନାଥ ଦୃଢ଼ ଭାବରେ କହିଲା ।

ହଉ ଭଲ କଥା । ମନୁଷ୍ୟ ମନୁଷ୍ୟକୁ ଭଲ ପାଇବାର କଥା । ସେଟା ତ କିଛି ଖରାପ କଥା ନୁହେଁ । ଗୌରୀ ଚତୁରତାର ସହିତ ଉତ୍ତର ଦେଲା ।

ଠିକ କଥା ଗୌରୀ ମୁଁ ମଧ୍ୟ ସେଇଆ ଭାବେ । କିନ୍ତୁ ଜଣେ ଜଣକୁ ଭଲ ପାଇବା ଓ ମନୁଷ୍ୟ ଜାତି ମନୁଷ୍ୟ ଜାତିକୁ ଭଲ ପାଇବା ମଧ୍ୟରେ ପାର୍ଥକ୍ୟ ଅଛି । ମୁଁ ଚାହେଁ ତମକୁ ଚିରଦିନ ନିମନ୍ତେ ଭଲ ପାଇବାକୁ । ତମେ ସେ ସୁଯୋଗ ମୋତେ ଦେଇ ପାରିବତ ?

ଅଧୋବଦନା ଗୌରୀ ନିରୁତ୍ତର । ବିଶ୍ୱନାଥ ଲକ୍ଷ୍ୟକଲା ତାର ମୁଖର ଭାବ । ସତରେ ଯେପରି ଚିନ୍ତାର ଜାଲରେ ଛନ୍ଦି ହୋଇ ଯାଇଛି ଗୌରୀ ।

ଗୌରୀ ଅନ୍ୟମନସ୍କ ହୋଇ ଅନେକ କ୍ଷଣ ଯାଏ ଛିଡ଼ାହୋଇ ରହିଚି । ସେ ଯେ ଘରକୁ ଫିବ, ସମସ୍ତ ଉତ୍ତୀର୍ଣ୍ଣ ହୋଇଯାଉଛି, ଏକଥା ତାର ଲକ୍ଷ୍ୟ ନାହିଁ ।

ବିଶ୍ୱନାଥ ତା ପାଖକୁ ଯାଇ ତା ପିଠିରେ ଆସ୍ତେ ହାତ ବୁଲେଇ କହିଲା, ଗୌରି ! କଣ ଭାବୁଚ ?

ଗୌରୀ ବିଶ୍ୱନାଥର କରସ୍ପର୍ଶରେ ଶିହରି ଉଠିଲା । ବିଶ୍ୱନାଥ ପାଖରୁ ଟିକିଏ ଦୂରକୁ ଘୁଞ୍ଚିଯାଇ କହିଲା—ନା ଭାବିବି କଣ ? ଲଜ୍ଜାରେ ସେ ବିଶ୍ୱନାଥକୁ ଚାହିଁ ପାରିଲା ନାହିଁ । ତରତର ହୋଇ ସେଠାରୁ ଚାଲିଗଲା । ବିଶ୍ୱନାଥ ଆଶା ଓ ନିରାଶାର ଭାବ ନେଇ ତାହାର ଆଡ଼କୁ ଚାହିଁ ରହିଲା ।

*　　*　　*

ଏହି ଘଟଣା ପରେ ବିଶ୍ୱନାଥ ଆଉ ଗୌରୀକୁ ରାସ୍ତାରେ ଭେଟିବାକୁ ଯାଇନାହିଁ । ସେ ଗୌରୀକୁ ଦେଖିବାକୁ ଚାହେଁ । କିନ୍ତୁ ଗୌରୀ ତାହା ପସନ୍ଦ କରେ ନାହିଁ । ଗୌରୀକୁ ନ ଦେଖିବା ଦ୍ୱାରା ସେ-ଯେ ଶାନ୍ତି ପାଉଛି ତା ନୁହେଁ । କିନ୍ତୁ ସେ ଚାହେନା ନିଜର ଶାନ୍ତି ନିମନ୍ତେ ଗୌରୀ ମନରେ ଅଶାନ୍ତି ଦେବାକୁ । ପ୍ରକୃତରେ ଗୌରୀ ଯେବେ ତାକୁ ଭଲ ପାଉ ନ ଥାଏ ।

*　　*　　*

ବିଶ୍ୱନାଥକୁ ଆଉ ଆସୁନଥିବାର ଦେଖି ଗୌରୀ ଭାବେ—ବିଶ୍ୱନାଥ ବାବୁ ବୋଧହୁଏ ମନରେ ବଡ଼ ଆଘାତ ପାଇଛନ୍ତି । ଆଉ କଣ ସିଏ ଆସିବେ ନାହିଁ ? ସେଦିନ ସେ କେତେ ଆଗ୍ରହରେ ବିନମ୍ର ହୋଇ କହିଲେ ଗୌରୀ ମୁଁ ତମକୁ ଦେଖିଲା ପାଖରୁ ଏତେ ଭଲ ପାଇଛି ଯେ···ପ୍ରକୃତରେ ସେ ମୋତେ ଏତେ ଭଲ ପାଅନ୍ତି ? ଆହୁରି କହିଛନ୍ତି—ଯିଏ ଯାହାକୁ ଭଲ ପାଏ,ସିଏ କଣ ତାର ପରିଚୟ ନେଇ ଭଲ ପାଏ ? ସତକଥା ତ ? ଭଲ ପାଇବା ସହିତ ପରିଚୟର ସମ୍ପର୍କ କଣ ? ଆହୁରି କହିଛନ୍ତି—ସ୍ୱାର୍ଥତ୍ୟାଗର ଚରମ ପରୀକ୍ଷାର ସମ୍ମୁଖୀନ ହେବା କଥା । କିନ୍ତୁ—ଏଇ ସହରରେ କେତେକ ଘଟଣା ଘଟି ଯିବାର ତ ଶୁଣାଯାଇଛି । ଏହିପରି ଭଲ ପାଇବାଟାର ଫଳ ହୋଇଚି ବିଷମୟ । କେତେ କଣ ଚିନ୍ତା କରି ଗୌରୀର ମୁଣ୍ଡ ଗୋଲମାଲ ହୋଇଯାଏ ।

ଘନେ ବାଟରେ ଆସିଲାବେଳେ ଗୌରୀ ଖଣ୍ଡେ ବହି ପଢ଼ି ପଢ଼ି ଆସୁଥିବା ବିଶ୍ୱନାଥ ଦେଖିଲା । ବାଟକୁ ନ ଚାହିଁ ଆସିଲେ ଯାହାହୁଏ—ଗୌରୀ ଝୁଣ୍ଟି ପଡ଼ି-ବାରୁ ଯନ୍ତ୍ରଣାରେ ସେଇଠାରେ ବସି ପଡ଼ିଲା । ବିଶ୍ୱନାଥ ତରତର ହୋଇ ଦୌଡ଼ି ଯାଇ 'କଣ ହେଲା' ବୋଲି କହି ତାହାର ଦୁଇବାହୁ ଧରି ତଳୁ ଉଠାଇ ଦେଲା । ଗୌରୀ ଯନ୍ତ୍ରଣା ଅନୁଭବ କରୁଥିଲେବି କହିଲା—ନାଁ କିଛି ହୋଇନାହିଁ ।

ହେଇତ ଗୋଡ଼ ଅଙ୍ଗୁଳିଟା ଛିଡ଼ି ରକ୍ତ ବାହାରୁଚି । କିଛି ହୋଇନାହିଁ ? ଚାଲ ବ୍ୟାଣ୍ଡେଜ କରିଦିଏ ।

ବଗିଚା ମଧ୍ୟରେ ଥିବା ଗୋଟାଏ ବରଗଛ ଚେରଉପରେ ଗୌରୀକୁ ବସାଇ ଦେଇ ପକେଟରୁ ରୁମାଲଟା ବାହାର କରି ଫାଡ଼ିକରି ଚିରି ପକାଇଲା । ଗୌରୀର ଅଙ୍ଗୁଳି ବ୍ୟାଣ୍ଡେଜ କରିବା ପାଇଁ ହାତ ବଢ଼ାଇଲାରୁ ସେ ଲାଜରେ ଗୋଡ଼ ଘୁଞ୍ଚାଇ ନେଲା । ବିଶ୍ୱନାଥ ଗୌରୀକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲା—ତୁମେ କାଉଁଆ ଝିଅଟେ କହିଲ ?

ଜୋରକରି ଗୌରୀର ଗୋଡ଼ ଧରି ବ୍ୟାଣ୍ଡେଜ କରିଦେଲା । ଗୌରୀକୁ ଉପଦେଶ ଦେଲାଭଳି କହିଲା— ଘରେ ପଢ଼ି ପଢ଼ି ହେଲା ନାହିଁ । ରାସ୍ତାରେ ପଢ଼ିଲେ ହେବ ନା ? ଗୌରୀ ଲଜ୍ଜାରେ ପଣତଟା ମୁହଁରେ ଗୁଞ୍ଜିଦେଇ ବସି ରହିଲା ।

ବିଶ୍ୱନାଥ ସେଇ ବର ଚେର ଉପରେ ଗୌରୀ ପାଖକୁ ଲାଗି ବସିପଡ଼ି କହିଲା—ଦେଖେଁ କି ବହି ପଢ଼ୁଥିଲ ?

ଗୌରୀ ହାତରୁ ବହିଖଣ୍ଡିକ ଟାଣିନେଇ ଦେଖିଲା ଇଂରାଜୀ ବ୍ୟାକରଣ । ବିଶ୍ୱନାଥ ଗୌରୀ ହାତକୁ ବହି ଖଣ୍ଡିକ ଦେଇ ପଚାରିଲା—ତମେ କୋଉ ବିଷୟରେ ଦୁର୍ବଳ ଅଛ କହିଲ ?

ଗୌରୀ ଗିଳେଇ ଗିଳେଇ କହିଲା—ଇଂରାଜୀରେ ।

ଓ···! ଏଇ କେତେଦିନ ଟ୍ୟୁସନ ପଢ଼ିଲେ ଭଲ ହେବ ନାହିଁ ? ନିର୍ବାଚନ ପରୀକ୍ଷାତ ପାଖେଇ ଆସିଲା । ବିଶ୍ୱନାଥର କଥା ଶୁଣି ଗୌରୀ ଶୁଖିଲା ହସଟେ ହସି ଦେଇ କହିଲା—ଟଙ୍କା ?

ବିଶ୍ୱନାଥ କିଛି ଉତ୍ତର ନ ଦେଇ ଗମ୍ଭୀର ହୋଇଗଲା । ଗୌରୀ ଉଠି ଛିଡ଼ା ହେଲା ଘରକୁ ଯିବା ପାଇଁ । ବିଶ୍ୱନାଥ ତା ହାତଟାକୁ ଧରି ପକାଇ ସାମାନ୍ୟ ଟାଣି ଆଣିଲା—ଶୁଣ ଗୋଟାଏ କଥା କୁହେଁ ।

ଗୌରୀ ବସି ପଡ଼ିଲା ପରେ ବିଶ୍ୱନାଥ ପଚାରିଲା—ଗୌରି, ମୁଁ ଯେବେ ତମକୁ ଘଣ୍ଟେ ଘଣ୍ଟେ ପଢ଼ାଏ ତମେ ପଢ଼ିବ ?

ଗୌରୀ ବିସ୍ମୟରେ ବିଶ୍ୱନାଥ ଆଡ଼କୁ ଚାହିଁ କହିଲା—ଆପଣ ?

ହଁ କ୍ଷତି କଣ ? ତମ ବାପା ମା କ'ଣ ରାଜି ହେବେ ନାହିଁ ?

ସେମାନେ ଯେବେ କହନ୍ତ ଇସ୍ୟେ କଏ ? ତୋତେ କାହିଁକ ପଢ଼ାଇବାକୁ ଆସିବେ, ତାଙ୍କୁ ଏ ପ୍ରସ୍ତାବ ଦେଲ କଏ, ସେଉଠୁ ?

ବଶ୍ୱନାଥ ଟିକଏ ଚନ୍ତାକର କହଲ—ଭଲକଥା । ତମ ସ୍କୁଲର ଯଦ କୌଣସି ମିସ୍‌ଟ୍ରେସ ପଢ଼ାନ୍ତ ?

ଟଙ୍କା ନେବେ ନାହିଁ ?

ଓଃ ସେ କଥା ଜାଣିବାର ତମର କ ଦରକାର ! ତମେ ପଢ଼ିବ କ ନାହିଁ ?

ଗୌରୀ କହୁଣି ଦୁଇଟା ଦୁଇ ଜଂଘ ଉପରେ ରଖି ମୁହଁରେ ପଣତ ଝୁଲ୍ଲି ନୀରବରେ ବସି ରହିଲ । ତାହାର୍ ମୁଖର ଭାବ କଣ ଜଣା ପଡ଼ୁ ନ ଥାଏ ।

ବଶ୍ୱନାଥ ଗୌରୀର ଗୋଟାଏ ହାତ ତା ମୁହଁରୁ ଖସାଇ ଆଣିବାର ଚେଷ୍ଟାକର ଟାଣି ଆଣିଲ । ଗୌରୀ ଟାଣିହୋଇ ତା ଉପରେ ଲଦ୍ଧ ହୋଇଗଲ । ଜିଭ କାମୁଡ଼ି ପକାଇ ସିଧା ହୋଇ ବସିବାକୁ ଚେଷ୍ଟା କଲ ବେଳକୁ ବଶ୍ୱନାଥର ବାମ ବାହୁର ବେଷ୍ଟନୀ ମଧରେ ବନ୍ଦନୀ ହୋଇ ସାରଲଣି ।

ବଶ୍ୱନାଥର ବାହୁ ବେଷ୍ଟନୀରୁ ମୁକ୍ତ ପାଇବା ପାଇଁ ଚେଷ୍ଟା କର ବଫଳ ହେଲ । ପିଠିରେ ଲୁଣିହୋଇ ପଡ଼ିଥିବା ବାଳ ଗୋଛକ ସଜାଡ଼ି ଦେଉଁ ଦେଉଁ ବଶ୍ୱନାଥ କହଲ—ପାଗଳ, ସବୁ ବଷୟରେ ଆପତ୍ତି । କଣ ପଢ଼ିବ କ ନାହିଁ ? କହୁଲ ? ବଶ୍ୱନାଥର ବାହୁ ବନ୍ଧନୀ ଶିଥିଲ ହୋଇ ଆସିଥିଲ ।

ହୁଁ—କହ ଗୌରୀ ତରବରରେ ଉଠି ବସିଲ ।

କେତେ କଣ ? ବଶ୍ୱନାଥ ବାବୁ ତାକୁ ଏତେ ଭଲ ପାଉଚନ୍ତ କାହିଁକ ? ସେ କଣ ସବୁଦନେ ଏମିତ ତାକୁ ଭଲ ପାଇ ପାରବେ ? ବଶ୍ୱନାଥ ବାବୁ ଯେଉଁ କାରଣରୁ ତାକୁ ଏତେ ଭଲ ପାଉଚନ୍ତ ସେଥିରେ ସେ କୃତକାର୍ଯ୍ୟ ହୋଇ ପାରବେକ ? କେତେ ପ୍ରତବନ୍ଧକ ନ ରହୁଚ୍ଛ—ହମାଳୟଠାରୁ ଦୁର୍ଲଙ୍ଘ୍ୟ । ସେ ପ୍ରତବନ୍ଧକଟା ଯେ କଣ ତାହା ସେ ଏପର୍ଯ୍ୟନ୍ତ ଜାଣି ନାହାନ୍ତ । ତାଙ୍କୁ ଜଣେଇଦେବା ଉଚତ ହଉଚ । ଗୌରୀର ମନରେ ଆସିଲ ଏକ ଦୃଢ଼ଭାବ ।

ତାର ଏହ ଚନ୍ତାଧାରରେ ହଠାତ୍ ବାଧା ପଡ଼ିଲ ପଦୁର ଡାକ ଶୁଣି ।

ହୀରା ଘର ଭିତରେ ଥାଇ କଣ କରୁଥିଲ । ପଦୁର ଡାକଶୁଣି ଡବରଟ ହାତରେ ଧର ଘରୁ ବାହାର ଆସି କହଲ—କଏ ଡାକୁଛ ?

ପଦୁ ଜବାବ ଦେଲା—ମୁଁ ପଦୁ ।

କିଏ ପଦୁ ! ହାତରେ ସେଇଟା କଣରେ ?

ମାଛଟାକୁ ଦୁଲକିନା ତଳେ ପକାଇ ଦେଇ ପଦୁ କହିଲା—ଆମ ପୋଖରୀ ମାଛସବୁ ଆମେ ଖାଇ ଯାଉଛୁ । ତୋତେ ଦିଆଯାଉ ନାହିଁ ବୋଲି ମାନ କରୁଥିଲୁ ପରା ? ହେଇ ନେ ।

ସାବି ମାଛଟା ଦେଖି ମନେ ମନେ ଖୁସି ହେଲା, କିନ୍ତୁ ପଦୁକୁ କହିଲା—ଏଡ଼େ ଚଗଲା ପୁଅ ତୁ ? ସେଲେଁରେ କହିଥିଲି ବୋଲି ତୁ ସତକୁ ସତ ଧରି ଚାଲି ଆସିଚୁ ?

ପଦୁ ଆତ୍ମପ୍ରସାଦ ଲାଭକରି କହିଲା—ହଉ ଆଣିଲିତ କଣ ହେଲା ? ଆଜି ଆମ ପୋଖରୀରୁ ଦୁଇ ମହଣ ମାଛ ମରା ହେଇଚ ।

ସାବି ଅଙ୍କାକରି କହିଲା—କିରେ ତୋ ବାପର ବାହାଘର ହଉଚି କିରେ ?

ପଦୁ ଆନନ୍ଦରେ ହେଃ ହେଃ ହୋଇ ହସି ଉଠିଲା ।

ହେଇଲେ ଗଉରୀ ଦେଖିବୁ ଆ । ପଦୁଭାଇ କେଡ଼େବଡ଼ ମାଛଟେ ଆଣିଚ ।

ସାବି ଗୌରୀକୁ ଡାକଦେଇ ମାଛଟାକୁ ଭିତର ଆଲୁଅରେ ଭଲ ଭାବରେ ଦେଖିବାକୁ ଲାଗିଲା ।

ପଦୁ ଏପର୍ଯ୍ୟନ୍ତ ଗୌରୀକୁ ଦେଖି ନ ପାରି ଚାରିଆଡ଼େ କନ କନ ହୋଇ ଚାହୁଁଥାଏ । ଭିତର ଆଲୁଅରେ ଖଟିଆ ଉପରେ ଗୌରୀକୁ ଶୋଇ ଥିବାର ଦେଖି କହିଲା—ଗୌରୀ ଉଠୁନାହିଁ, ଶୋଇ ରହିଚ ଯେ ? ତା ଦେହ କଣ ଭଲ ନାହିଁ କି ?

ତା ମୁଣ୍ଡ ବୁଲଉଚ ବୋଲି କହୁଥିଲା ଯେ, ମୁଁ କହିଲି ନ ଉଠ଼ ଟିକିଏ ଶୋଇରହ । ହଉ ଗଣ୍ଡେ ମୁଢ଼ି ଆଉ ଟିକିଏ ଗୁଡ଼ ଦିଏଁ ଖା ।

ନା ଥାଉ, ମୁଁ ଖାଇ ଆସିଥିଲି । ଭୋକ କରୁନାହିଁ ।

ହଉ ଭାତ ହେଲେ ଖାଇବୁ । ମୁଁ ମାଛଟା କାଟିଦିଏଁ—କହି ସାବି ଅଗଣାରେ ବସି ମାଛ କାଟିବାକୁ ଲାଗିଲା ।

ପଦୁ ଖଟିଆ ପାଖକୁ ଯାଇ ଗୌରୀକୁ ପଚାରିଲା—କିଲୋ ଭଉଣୀ ଦେହ କଣ ହଉଚକି ?

ହବ କଣ ? ଟିକିଏ ମୁଣ୍ଡ ବୁଲଉଥିଲା, ଭଲ ହୋଇ ଆସିଲାଣି ।

ପଦୁ ଗୋଟାଏ ହାତ ଖଟିଆ ଦଣ୍ଡା ଉପରେ ରଖି ଅନ୍ୟ ହାତରେ ଗୌରୀର ମୁଣ୍ଡ ଆସ୍ତେ ଟିପିବାକୁ ଲାଗିଲା ।

ପଦୁର ଏହି ସହାନୁଭୂତିରେ ଗୌରୀ ଆନନ୍ଦ ଅନୁଭବ କରୁନଥିଲା । ପ୍ରତିବାଦ ମଧ୍ୟ କରି ପାରି ପାରିଲା ନାହିଁ । ନିଜର ମୁଣ୍ଡଟାକୁ ପଦୁର ହାତରୁ

ଅଲଗା କରି ଦେଇ କହିଲା—ହଉ ଥାଉ ପଦୁଭାଇ ! ତମେ ଅନେକ ରାସ୍ତା ଚାଲି ଆସିଚ । ଟିକିଏ ବସ ।

ଗୌରୀ କଥାରେ ଉତ୍ତର ଦେବାକୁ ଯାଇ ପଦୁ କହିଲା—କେତେ ଗୁଡ଼େ ବାଟ ଯେ ମୁଁ ଥକି ଯିବି । ଆମେ ଥରେ ବୁଦ୍ଧପୁର ଚାଲି ଚାଲି ଗଲୁ ଯେ ଅଧ ଘଣ୍ଟେ ସେଠି ରହିଚୁ କି ନାହିଁ ପୁଣି ଚାଲି ଚାଲି ଆସିଲୁ । ମୁଁ କେଣେ ନ ବସି ଏକା ଚାହାକେ ଦଶବାର ମାଇଲ ରାସ୍ତା ଚାଲି ଯିବି ।

ସାରୀ ଅଗଣାରେ ବସି ମାଛରୁ କାତି ବାହାର କରୁ କରୁ କହିଲା—କିରେ ପଦୁ, ବସି ପଡ଼ୁ ନୁ, ଠିଆ ହୋଇ ରହିଲୁ କାହିଁକି ? ପଦୁ ଦୁଲ୍‌କିନା ବସି ପଡ଼ିଲା ଗୌରୀ ଶୋଇଥିବା ଖଟିଆଟା ଉପରେ । ଖଟିଆର ଦଉଡ଼ି ଟାଣି ହୋଇ ଯିବା ଫଳରେ ଗୌରୀ ପଦୁ ଆଡ଼କୁ ଗଡ଼ିଆସିଲା । ପଦୁ ଗୌରୀର ସ୍ପର୍ଶ ଅନୁଭବ କଲା । ଗୌରୀ ପଦୁ ଦେହରୁ ନିଜ ଦେହ ଅଲଗା କରି ନେଲା ବେଳକୁ ପଦୁ କ୍ରମେ ଗୌରୀ ଦେହକୁ ଲଗେଇ ବସିବାକୁ ଚେଷ୍ଟା କରୁଥାଏ । ଶେଷରେ ଗୌରୀ ପିଠି ଉପରେ ନିଜର ପିଠିଟା ଜାକି ଦେଇ ବସିଲା । ଗୌରୀ ଉଠିଯାଇ ବାରଣ୍ଡାରେ ପଡ଼ିଥିବା ଗୋଟାଏ ପିଢ଼ା ଉପରେ ବସି ପଡ଼ିଲା ।

ସାରୀ ମାଛର ମୁଣ୍ଡଟା କାଟି କାଟୁ କହିଲା—ତୋ ବାହାଘରକୁ ମାଛ ଦୁଇ ତିନି ମହଣ ମରା ହେବ । ନୁହେଁରେ ପଦୁ ?

ପଦୁ ମନେ ମନେ ଗର୍ବ ଅନୁଭବ କରି ମୁରୁକି ମୁରୁକି ହସି ଗୌରୀ ଆଡ଼କୁ ଚାହିଁ ରହିଲା । ଗୌରୀ ହାତ ଦୁଇଟା ଛନ୍ଦେଇ ମୁହଁଟା ଦୁଇବାହୁ ଉପରେ ମାଡ଼ି ଦେଇ ବସି ରହିଲା । ତାର ମୁଖର ଭାବ କିଛି ଜଣା ପଡ଼ୁ ନ ଥାଏ ।

ଶଂକୁରୁ ଜେନା ଗୌରୀକୁ ବୋହୂ କରିନେବା ଉଦ୍ଦେଶ୍ୟରେ ନକୁଳକୁ ଅନେକଥର କହିଲାଣି । ବାହାଘରର ଯାବତୀୟ ଖର୍ଚ୍ଚ ମଧ୍ୟ ଶଂକୁରୁ ତୁଲାଇ ନେବ । ନକୁଳକୁ ଭାବିବାକୁ ହବ ନାହିଁ । କିନ୍ତୁ ନକୁଳ ପାଖରୁ କିଛି ନିର୍ଭର-ଯୋଗ୍ୟ ମତ ନପାଇ ବିଦ୍ରୂପ କରି କହେ—ନକୁଳ ତୁ ପାଗଳ ନା କଣରେ ? ବଢ଼ିଲା ଝିଅଟାକୁ ଘରେ ରଖିଚୁ । ଆହୁରି କଣ ନା ଏତେ ବାଟ ଏକୁଟିଆ ସହର ପଠଉଚୁ ପାଠ ପଢ଼ିବା ପାଇଁ । ଆରେ ଆଚ୍ଛା ଆଚ୍ଛା ଘରର ଝିଅମାନେ ତ ପାଠ ପଢ଼ି ସେଇ ଚୁଲି ମୁଣ୍ଡରେ । ତୁ ଭାବିଚୁ ସେ ଚାକିରି କରି ତୋତେ ପୋଷିବ ? ଶେଷକୁ ଦେଖିବୁ, ବାର ଆଡ଼ୁ ବାର କଥା ଯଦି ନ ଶୁଣିଚୁ । ଏମିତି ପଢ଼ୁ ପଢ଼ୁ ଶେଷରେ ଯାହା ସାଙ୍ଗରେ ତାହା ସାଙ୍ଗରେ କିଏ କେତେ ପଳେଇ ବି ଯାଉଚନ୍ତି । ଆଖିରେ ଦେଖି ଦେଖି ଦରି ବୁଢ଼ା ହେଲୁଣୁ । ତୋତେ କଣ ଏସବୁ ଅଜଣା ? ଝିଅକୁ ହାତ ଛଡ଼ା କରିପକା । କୁଲକୁ ବହୁ ହୋଇ ଘର ସଂସାର କରିବ । ଛୁଆ ପିଲାର ମା ହବ । ଏତେବେଳକୁ ନାତି ନାତୁଣୀ ଦେଖୁ ଥାଆନ୍ତୁ । କେତେ ଖୁସି

ହଉଥାଆନ୍ତୁ । ବଢ଼ିଲା ଝିଅଟାକୁ ଦାଣ୍ଡରେ ବୁଲଉଚୁ କାହିଁକି କହିଲ ? ଘରେ ବଢ଼ିଲା ଝିଅ ରହିବା ସାପ ରହିବା ଏକା କଥା ।

ନକୁଳ ଶଂକୁରୁ କଥା ଶୁଣି ହସି ଦେଇ କହେ—ହଉ ଶଂକୁରୁ ଭାଇ ଦେଖିବା । ଝିଅଟାର ମନ ପଢ଼ାରେ ଲଗିଚି ଯେତେବେଳେ ପଢୁ । ପୁଅ ତ ବାପକୁ ପୋଷୁ ନାହିଁ । ଝିଅ କଣ ମୋତେ ପୋଷିବ ବୋଲି ଆଶା ରଖିଚି ? ତାର ପରୀ ପାଶ୍ ହବ ବୋଲି ଶୁଣାଯାଉଚି । ହେଇଯାଉ ।

ଗୌରୀ ଯେ ଝିଅଟେ, ବଡ଼ ହେଲଣି ଆସି ଓ ତାକୁ ବିଭା କରେଇବାକୁ ହେବ ଏ ସମସ୍ତ କଥା ନକୁଳ ଗମ୍ଭୀର ଚିନ୍ତା କରି ଭାବେ ନାହିଁ । ସେ ନିଜେ ଯେପରି କାମ କରିବାକୁ ଯାଉଚି, ବାରଆଡ଼େ ଖଟୁଚି, ଗୌରୀ ବି ସେମିତି ପାଠ ପଢ଼ିବାକୁ ଯାଉଚି । କେବଳ ଏତିକି ସେ ଜାଣେ ।

ଇତିମଧ୍ୟରେ ଗୌରୀର ନିର୍ବାଚନ ପରୀକ୍ଷା ଶେଷ ହୋଇ ଯାଇଚି । ତାକୁ ଆଉ ସ୍କୁଲକୁ ଯିବାକୁ ହଉନାହିଁ । ଘରେ ନିଜେ ନିଜେ ପଢୁଚି । ଇଂରାଜୀରେ ଅଳ୍ପ ନମ୍ବର ପାଇଁ ଫେଲ୍ ହେଲେବି ତାକୁ ନିର୍ବାଚିତ କରାହୋଇଚି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁଗ୍ରହରୁ । ଏଥର ତାକୁ ଆପ୍ରାଣ ଚେଷ୍ଟା କରି ପଢ଼ିବାକୁ ହବ ।

ସେଦିନ ଗୌରୀ ଖାଇସାରି ଖଟିଆ ଉପରେ ପଡ଼ି ରହିଛି ଟିକିଏ ବିଶ୍ରାମ କରିବା ଉଦ୍ଦେଶ୍ୟରେ । ନକୁଳ ମଧ୍ୟ ଖାଇସାରି ବାରଣ୍ଡାରେ ଟିକିଏ ଗଡ଼ି ପଡ଼ିଚି । ହୀରା ଖଣ୍ଡେ ପାନ ଭାଙ୍ଗୁଥିବା ବେଳେ ବାହାର ପଟରୁ କାହାର ତୁଣ୍ଡ ଶୁଭିଲା । ଗୌରୀ ଆଖିକୁ ନିଦ ଆସିନାହିଁ । ପଡ଼ିରହି ପରୀକ୍ଷା ବିଷୟରେ ଚିନ୍ତା କରୁଥିଲା । କୌଣସି ପରିଚିତ ଲୋକର ତୁଣ୍ଡ ବାରି ପାରି ଚମକି ପଡ଼ିଲା ।

ବାହାର ପଟରୁ ଶୁଣାଗଲା—ଏଇଟା କଣ ନକୁଳ ଜେନାଙ୍କ ଘର ?

ହୀରା ଗୌରୀକୁ ଲକ୍ଷ୍ୟ କରି କହିଲା—ବାହାରେ କିଏ ଡାକୁଚି ଗୌରୀ ଦେଖିଲୁ ? ତୋ ବାପ କଣ ଶୋଇ ପଡ଼ିଲେଣି କି ?

ଗୌରୀ ନ ଜାଣିଲା ପରି ଆଖି ବୁଜି ପଡ଼ି ରହିଥାଏ । ସଙ୍କୋଚ ଓ ଭୟରେ ତାର ଛାତିଟା ଥରୁଥାଏ ।

ଆଗନ୍ତୁକ ପୁନଶ୍ଚ କହିଲା—ଏଇଟା କଣ ନକୁଳ ଜେନାଙ୍କ ଘର ? ଏଥର ହୀରା ଦୁଆର ପାଖକୁ ଆସିଲା—ହଁ ଏଇଟା କଣ କହୁଚ ? ନକୁଳକୁ ନିଦ ହୋଇ ଯାଇଥିଲା । ହୀରା ଡାକ ଦେବାରୁ ସେ ଉଠି ବସିଲା ।

ଦେଖିଲ କିଏ ଡାକୁଚନ୍ତି ?

ନକୁଳ ଆଖି ମଳୁ ମଳୁ କହିଲା, ଏଁ ମୋତେ ?

ଆଧୁନିକ ଧରଣର ପୋଷାକପିନ୍ଧା ଜଣେ ଯୁବକ ଛିଡ଼ା ହୋଇଥିବାର ଦେଖି ନକୁଳ ବୋକାଙ୍କ ପରି ଚାହିଁ ରହିଲା । ମନେ ମନେ ସନ୍ଦେହ ମଧ୍ୟ କଲା । ହଠାତ୍ ଏ ବାବୁଟି କାହିଁକି ଆସିଲେ । ତା ପାଖରେ ଯୁବକଙ୍କର କି ଦରକାର ? ନକୁଳର ଜିଜ୍ଞାସୁ ଚାହାଣିରେ ଆଗନ୍ତୁକ ସ୍ମିତ ହସି କହିଲେ—ଆପଣ ବୋଧହୁଏ ନକୁଳ ଜେନା ?

ହଁ—ନକୁଳ ବିସ୍ମୟରେ ଚାହିଁରହିଲା । ମନେ ମନେ ଭାବିଲା—କିଏ ଏ ବାବୁଟି ? ତାକୁ ଆପଣ ବୋଲି ସମ୍ବୋଧନ କରୁଛି । ଜୀବନରେ କେହି ତାକୁ ଆପଣ ସମ୍ବୋଧନ କରି କଥା କହି ଥିବାର ସେ ସ୍ମରଣ କରି ପାରୁନାହିଁ । ବୋଧହୁଏ ଏହାହିଁ ପ୍ରଥମ । କେବଳ ସେତିକି ନୁହେଁ, ଆଗନ୍ତୁକ ହାତ ଯୋଡ଼ି ନମସ୍କାର ଜଣାଇଲା ମଧ୍ୟ । ନକୁଳର ଯେ ପ୍ରତି ନମସ୍କାର ଜଣେଇବା ଉଚିତ ତାହା ମଧ୍ୟ ସେ ଭୁଲିଗଲା । ସେ ତ ସମସ୍ତଙ୍କୁ ହାତ ଯୋଡ଼ି ନମସ୍କାର କରେ । କିନ୍ତୁ ତାକୁତ କେବେ କେହି ନମସ୍କାର କରି ନାହିଁ । ନକୁଳ ବିସ୍ମୟରେ ଏକ ପ୍ରକାର ଜଡ଼ ପାଲଟି ଗଲା ।

ଧୀର ଦୁଆର ପାଖରେ ଛିଡ଼ା ହୋଇ ଏହି ସମସ୍ତ ଲକ୍ଷ୍ୟ କରୁଥିଲା । ଗୌରୀକୁ ହଲେଇ ଦେଇ କହିଲା—ଦେଖିଲୁ ଲୋ ଗଉରୀ, କିଏ ଜଣେ ବାବୁ ଆସି ତୋ ବାପାକୁ ହାତ ଯୋଡ଼ି ଜୁହାର ହଉଚି । ଉଠ, ଉଠଲୋ !

ଗୌରୀ ଘଟଣାଟା ଆପାତତଃ ସବୁ ଜାଣି ସାରିଥିଲା । କିନ୍ତୁ ବାହାନା କରି ଆଖି ବୁଜି ପଡ଼ିରହିଥିଲା ।

ଆଗନ୍ତୁକ ଅତି ନମ୍ର ଭାବରେ କହିଲା—ଆପଣଙ୍କୁ ମୋର କିଛି କହିବାର ଅଛି । ଆପଣ ଟିକିଏ ମୋ ସାଙ୍ଗରେ ଏ ଆଡ଼କୁ ଆସିବେ କି ? ନକୁଳ ବିସ୍ମୟରେ ଚାହିଁ ପଚାରିଲା—ଆପଣ ବାବୁ କିଏ ମୁଁ ତ ଜାଣି ପାରିଲି ନାହିଁ ?

ଆଗନ୍ତୁକ ହସି ଦେଇ କହିଲା—ମୋର ନାମ ବିଶ୍ୱନାଥ ଜେନା । କଲେଜରେ ପଢ଼େ ।

ଏହି କଥା ଶୁଣି ନକୁଳର ମୁହଁର ଭାବ ବଦଳିଗଲା ! ମନରୁ ସନ୍ଦେହ ବା କୌତୂହଳ ମଧ୍ୟ ଚାଲିଗଲା । ସ୍ୱାଭାବିକ ଭାବରେ ପଚାରିଲା—କଣ କହୁଥିଲେ ବାବୁ ?

ଧୀର ନକୁଳକୁ ଲକ୍ଷ୍ୟ କରି କହିଲା—ବାବୁ ଡାକୁଚନ୍ତି ଯାଉନ ତାଙ୍କ ସାଙ୍ଗରେ । କଣ କହିବେ । ନକୁଳ ବିଶ୍ୱନାଥର ପଛେ ପଛେ ଚାଲିଲା । ଖଣ୍ଡେ ଦୂରରେ ଗୋଟାଏ ତେନ୍ତୁଳି ଗଛ ମୂଳରେ ଉଭୟ ଛିଡ଼ା ହେଲେ । ପ୍ରଥମେ ବିଶ୍ୱନାଥ ନକୁଳକୁ କହିଲା—ଆପଣଙ୍କ ଝିଅ ଗୌରୀର ପଢ଼ାପଢ଼ି ବିଷୟରେ କିଛି କହିବାର ଅଛି ।

ଏଁ ଆପଣ କିପରି ଜାଣିଲେ, ମୋ ଝିଅ ଗୌରୀ ଇସ୍କୁଲରେ ପଢ଼େ ବୋଲି ? ଆଶ୍ଚର୍ଯ୍ୟ ହୋଇ ନକୁଳ ପ୍ରଶ୍ନ କଲା ।

ବିଶ୍ୱନାଥ ସ୍ୱାଭାବିକ ଭାବରେ କହିଲା, ମୁଁ ଜାଣେ । ସେ ଦିନେ ବାଟରେ ବହି ଖୋଲି ପଢ଼ି ପଢ଼ି ଆସୁଥିବାର ଦେଖି ତାକୁ ପଚାରି ସବୁ ଜାଣିଲି । ସେ ଇଂରେଜି ପାଠରେ ଦୁର୍ବଳ । କମ କମ ନମ୍ବର ରଖୁଚି । ଏବେ ଯେଉଁ ବଡ଼ ପରୀକ୍ଷା ହବ, ସେଥିରେ ପାଶ ନ କଲେ ବର୍ଷଟେ ମାଟି ହେଇଯିବ ।

ନକୁଳ ଅତି ନରମ ହୋଇ କହିଲା—ସତ ନା ବାବୁ ? କାହିଁ ସେ ତ କେବେ ସେ କଥା କହେ ନାହିଁ ?

ତା ପରେ ବିଶ୍ୱନାଥ କହିଲା—ତାକୁ ପଢ଼ିବାପାଇଁ ଟ୍ୟୁସନ୍ ପଢ଼ିବାକୁ ହବ ।

ନକୁଳ ଭଲ ବୁଝି ନ ପାରି କହିଲା—ସେ ତ ନିତି ନିତି ପଢୁଚି ବାବୁ ! ଏବେ ଗୋଟାଏ କଣ ପରୀକ୍ଷା ଦେଇଥିଲା । ଆଉ ଇସ୍କୁଲ ଯାଉ ନାହିଁ ।

ବୁଝିଲି ଇସ୍କୁଲ ନ ଗଲେ ବି କଣେ ମାଷ୍ଟର ପାଖରେ ଭଲ ଭାବରେ ପଢ଼ିବାକୁ ହବ । ତା ହେଲେ ସେ ବଡ଼ ପରୀକ୍ଷାରେ ପାଶ କରିବ ।

ନକୁଳ ଟିକିଏ ରହିଯାଇ କହିଲା—ବାବୁ ସେ ତ ବାଳିକା ଇସ୍କୁଲରେ ପଢ଼େ । ତାକୁ ତ ମାଷ୍ଟର ପଢ଼େଇବାର ନୁହେଁ । ମାଷ୍ଟରାଣୀ ପଢ଼ାନ୍ତି ।

ବିଶ୍ୱନାଥ ମନେ ମନେ ନ ହସି ରହି ପାରିଲା ନାହିଁ । ପ୍ରକାଶ୍ୟରେ କହିଲା, ହଁ ମାଷ୍ଟ୍ରାଣୀ ପଢ଼େଇବେ । ତାଙ୍କ ଘରେ ପଢ଼ାନ୍ତୁ । ନହେଲେ ତମ ଘରକୁ ଆସି ପଢ଼ାନ୍ତୁ ।

ନକୁଳ ଚମକି ପଡ଼ି କହିଲା—ଆମ ଘରକୁ ଆସିବେ ? ବିଶ୍ୱନାଥ ସ୍ମିତ ହସି କହିଲା, ଟଙ୍କା ନେଲେ ଆସିବେ । ଅନ୍ତତଃ ମାସକୁ କହାଁତ କମରେ ପନ୍ଦର ଟଙ୍କା ନେବେ ।

ଏଁ ଏତେ ଟଙ୍କା ? କାହିଁକି ସେମାନେ ତ ଗୌରିକୁ ଖାଲି ପଢ଼ଉଥିଲେ । ସରକାର ବି ମାସକୁ କେତେ ଦଉଚି । ଏତେ ଟଙ୍କା ନେବେ କାହିଁକି ?

ବିଶ୍ୱନାଥ ବୁଝେଇ କହିଲା, ସେ ସିନା ଇସ୍କୁଲରେ ସମସ୍ତଙ୍କୁ ପଢ଼ଉଥିଲେ । ଏବେ ଅଧିକା ଖଟି ଭଲ ଭାବରେ ପଢ଼େଇବେ ।

ନକୁଳ କଷ୍ଟପଟ ହସ ହସି କହିଲା, ନାଁ ବାବୁ, ପନ୍ଦର ଟଙ୍କା କିଏ ମୁଁ କିଏ ? ତାର ଯାହା ହବ ହଉ ।

ବିଶ୍ୱନାଥ ଗ୍ରୁଡ ପକେଟରୁ ତିନି ଖଣ୍ଡ ଦଶ ଟଙ୍କିଆ ନୋଟ ବାହାର କରି ନକୁଳ ହାତକୁ ବଢ଼ାଇ ଦେଇ କହିଲା—ଏଇ ନିଅନ୍ତୁ, ତିରିଶଟା ଟଙ୍କା । ଦୁଇ ମାସ ପଢୁ ତାଙ୍କ ମାଷ୍ଟ୍ରାଣୀ ପାଖରେ ।

ନୋଟ କେଇଖଣ୍ଡ ଥରିଲା ହାତରେ ଧରି ନକୁଳ ବିଶ୍ୱନାଥର ମୁହଁକୁ ଚାହିଁରହିଲା । ତା ମନରେ ସନ୍ଦେହ ଜନ୍ମିଲାରୁ ସଙ୍କୋଚରେ ରହି ରହି କହିଲା—ଏତେ ଟଙ୍କା ମୋତେ କାହିଁକି ଦେଲ ବାବୁ ।

ହଉ ରଖନ୍ତୁ । ଗୌରୀର ପଢ଼ିବା ପାଇଁ ଦେଲି । ଏବେ ମୁଁ ଯାଉଚି । ପରେ ଦେଖା ହେବ । ନମସ୍କାର ।

ଆମେ ତ ବାବୁ ଗରିବ ଲୋକ । ଆପଣଙ୍କ ଦୟା···ଆଉ କିଛି ନକୁଳ କହିବା ପୂର୍ବରୁ ବିଶ୍ୱନାଥ ତା ପାଖରୁ ଦୂରକୁ ଚାଲି ଯାଇଥିଲା ।

ବିଶ୍ୱନାଥର ବ୍ୟବହାର ଓ କାର୍ଯ୍ୟକଳାପରେ ନକୁଳ ଯେତିକି ବିସ୍ମିତ ସେତିକି ମୁଗ୍ଧ ହୋଇଗଲା । ମନେ ମନେ ପ୍ରଶଂସା କରି ଭାବିଲା ଟୋକାଟା ଭାରି ଭଲ । ଖୁବ୍ ବଡ଼ ଲୋକର ପୁଅ ହୋଇଥିବ ।

ହୀରା ମଧ୍ୟ ନକୁଳ ମୁହଁରୁ ସମସ୍ତ ଘଟଣା ଶୁଣି ଭାରି ଖୁସି ହୋଇଗଲା । ଗଉରୀକୁ ଲକ୍ଷ୍ୟକରି କହିଲା, କିଲୋ ଗଉରି, ଏକଥା ତ ତୁ କାହିଁ କେବେ କହିନୁ ?

ଗୌରୀ ତଳକୁ ମୁହଁ ପୋତି ବହିଟେ ମେଲେଇ ବସି ରହିଥାଏ । ଲଜ୍ଜା ଓ ଭୟରେ ସେ ଜଡ଼ ସଡ଼ ହୋଇ ଯାଇଥିଲା । ମନେ ମନେ ବିଶ୍ୱନାଥ ଉପରେ ଚିଡ଼ି ଯାଉଥାଏ ।

ପଦ୍ମ ଯେତିକି ଗୌରୀ ପ୍ରତି ଆକୃଷ୍ଟ ହୋଇ ମରୁଭୂମିରେ ମରୀଚିକା ଦେଖିଲା ପରି ଧାଉଁଛି, ତାର ପିପାସା ସେତିକି ବେଶି ହଉଚି । ନିଜେ ପାଣି ପାଖରେ ପହଞ୍ଚି ନ ପାରିଲେ ବି ହୀରା ଯେ ଦିନେ ତାକୁ ପଣି ପାଖରେ ପହଞ୍ଚିବା ପାଇଁ ସାହାଯ୍ୟ କରିବ, ଏ ଧାରଣା ତାର ଦିନକୁ ଦିନ ଦୃଢ଼ ହେବାକୁ ଲାଗିଲା । ଏଣିକି ଗୌରୀ ଘରକୁ ଆସିଲା ବେଳେ ପଦ୍ମ ପରିବା ସାଙ୍ଗରେ ଆହୁରି କେତେ କଣ ଧରି ଆସୁଛି । ଲଜେଞ୍ଜ, ଚକଲେଟ୍, ବିସ୍କୁଟ ଇତ୍ୟାଦି । ଏ ସମସ୍ତ ସେ ଗୌରୀକୁ ଅତି ଶ୍ରଦ୍ଧା ପ୍ରକାଶ କରିଦିଏ । ଗୌରୀ ମନେ ମନେ ହସେ ଓ ବିଚରା ପଦ୍ମର ଅଜ୍ଞତା ଓ ଧୃଷ୍ଟତାରେ ଦୁଃଖ ଅନୁଭବ କରି କହେ, ଏ ଗୁଡ଼ାକ ପଦ୍ମଭାଇ ତମେ ପିଲାଙ୍କ ଭଳି କାହିଁକି ଆଣୁଚ ? ଏଠି କିଏ ପିଲା ଅଛନ୍ତି ? ପଦ୍ମ ଅପ୍ରସ୍ତୁତ ହୋଇ ଟିକିଏ ଆଘାତ ପାଏ । ସାମନା ଦାନ୍ତଗୁଡ଼ିକ ଦେଖାଇ ଦେଇ ତୁନି ହୋଇ ରହେ । କିନ୍ତୁ ହୀରା ଗୌରୀକୁ କହେ, ଶ୍ରଦ୍ଧା କରି ଆଣିଚି ଯେତେବେଳେ ନଉନୁ ? ଭାଇ କଣ ଭଉଣୀ ପାଇଁ ଆଣିଦିଏ ନାହିଁ ? ହୀରାର କଥା ପଦକ ପଦ୍ମକୁ ସାନ୍ତ୍ୱନା ଦିଏ, ମନରେ ତାର ଉତ୍ସାହ ମଧ୍ୟ ଆଣିଦିଏ । ମନେ ମନେ ସେ ହୀରାକୁ ଅଜସ୍ର ପ୍ରଶଂସା କରେ । ହୀରା ଯେତେବେଳେ ଏ କଥା କହେ ଗୌରୀ ନାଚାର । ଇଚ୍ଛା ନ ଥିଲେ ବି ବାଧ୍ୟ ହୋଇ ପଦ୍ମର ଉପହାର ଗ୍ରହଣ କରେ । ପଦ୍ମର ଆନନ୍ଦ ଓ ଉତ୍ସାହ

ବୃଦ୍ଧି ପାଏ । ମନେ ମନେ ଭାବେ, ଯାହା ହଉ ଥୋପ ପକେଇବା ଅକାରଣ ହବ ନାହିଁ । ମାଛ ଏଥର ଥୋପ ଖୁମ୍ପିଲାଣି । ଯେମିତି ହେଲେ ଗିଳବ ।

ନକୁଳ ସେ ଦିନ ଯାଇଥିଲା ଗୌରୀର ମାମୁଁଘର ପାଖକୁ । ହାରା ଚଞ୍ଚଳ ବାନ୍ଧଦେଇ ବୁଲି ଯାଇଥିଲା ପଡ଼ଶା ଘରକୁ । ଗୌରୀ ଘରେ ବସି ପଢୁଥିବା ଅବସ୍ଥାରେ ନିଦ ଲାଗି ଯାଇଛି । ଲଣ୍ଠଣଟା ଜଳୁଚ ସେମିତି । ଦାଣ୍ଡ କବାଟ ଭିତରୁ ବନ୍ଦ । କାହାର ଧକ୍କା କବାଟରେ ଲାଗିଲାରୁ ଗୌରୀର ତନ୍ଦ୍ରା ଭାଙ୍ଗିଲେ । ଭାବିଲା ହାରା ଆସିଗଲାଣି । ଉଠିଯାଇ କବାଟଟା ଖୋଲି ଦେଲାରୁ ପଦୁ ତାର ଦେହକୁ ଘଷି ହୋଇ ଘର ଭିତରକୁ ପଶି ଆସିଲା । ଗୌରୀ ପଦୁକୁ ଲଣ୍ଠଣର ଆଲୁଅରେ ଚିହ୍ନି ପାରିଲା । ଆଉକିଛି ନ କହି ନିଜ ବସିବା ସ୍ଥାନକୁ ଫେରି ଆସିଲା । ପଦୁ ଗୌରୀକୁ ପଚାରିଲା, ମାଉସୀ କାହାନ୍ତି କଲେ ଗଉଣି ?

ଯାଇଚ ଜଣକ ଘରକୁ । ଉଛୁଣିକା ଆସିବ ।

ପଦୁ ଗୌରୀ ପାଖକୁ ଲାଗି ବସି ପଡ଼ିଲା । ହାକୁଟି ମାରି ପକେଟ ଅଣ୍ଡାଳିଲା ବିଡ଼ି ବାହାର କରିବା ଉଦ୍ଦେଶ୍ୟରେ । ଗୌରୀ ଗୋଟିଏ ତୀବ୍ର ଗଂଧ ଅନୁଭବ କରି ତା ପାଖରୁ ଟିକିଏ ଦୂରକୁ ଘୁଞ୍ଚେଇ ଗଲା ।

ବିଡ଼ି ଟାଣୁ ଟାଣୁ ପଦୁ କହିଲା, ଗୋଟିଏ କଥା ପଚାରନ୍ତି, ରାଗିବୁ ନାହିଁ ତ କହିଲୁ ? ଗୌରୀ ମୁହଁରେ ଲୁଗା ଜାକି ଥିବା ଅବସ୍ଥାରେ କହିଲା, କହୁ ନାହିଁ, ଭଲ କଥା ହେଲେ ରାଗିବ କାହିଁକି ?

ପଦୁ ଆଖି ଦରବୁଜା କରି ବିଡ଼ିର ଧୂଆଁ ଉପରକୁ ଛାଡ଼ୁ ଛାଡ଼ୁ ଗୋଟାଏ ହାତ ଛଅଡ଼େ ଭୂଇଁରେ ଭରାଦେଇ ଗୋଡ଼ ଦୁଇଟା ସାମନାକୁ ଲମ୍ବେଇ ଦେଲା । ଟିକିଏ ହସି ଦେଇ କହିଲା, ହେଃ, କଣ କହିବ କହିବ ଭୁଲି ଗଲି । ଯା—

ପଦୁ ମୁହଁରୁ ବାହାରୁ ଥିବା ତୀବ୍ର ଗଂଧ ଓ ବିଡ଼ିର ଧୂଆଁରେ କ୍ଷୁଦ୍ର କୋଠରୀଟା ଏକାବେଳକେ ଦୂଷିତ ହୋଇଗଲା । ଗୌରୀକୁ ଜଣାଗଲା ଯେପରି ତାର ଶ୍ୱାସରୁଦ୍ଧ ହୋଇଯିବ । ପେଟଟା ବି ଘାଣ୍ଟି ଚକଟି ହେଲା ପରି ଜଣାଗଲା । ସେ ସେଠୁ ଉଠି ବାହାରକୁ ଚାଲିଆସିଲା ।

ଖଣ୍ଡିଆ ବିଡ଼ିଟା ଫୋପାଡ଼ି ଦେଇ ପଦୁ ଉଠି ଠିଆ ହେଲା । ଆସ୍ତେ ଆସ୍ତେ ଘରଭିତରୁ ବାହାରକୁ । ଗୌରୀ ଛିଡ଼ା ହୋଇଛି ଅଗଣାରେ ପଡ଼ିଥିବା ଜହ୍ନ ଆଲୁଅରେ । ପଦୁ ଦେଖିଲା ସେହି ଜହ୍ନ ଆଲୁଅରେ ଗୌରୀର ମାଂସଳ ଗୋରା ଦେହ । ଅର୍ଦ୍ଧମୁଦ୍ରିତ ଆଖି ଦୁଇଟା ତାର ମେଲି ଯଥେଷ୍ଟ ବଡ଼ ହୋଇଗଲା । ସୁରାର ରଙ୍ଗ ପରି ଆଖିର ରଂଗ । ମୁହଁରେ ସୁରାର ଗଂଧ । ପଦୁ ଟଳ ଟଳ ହୋଇ ଚାଲିଛି । ଗୌରୀ ରୁପିଆର ରକେଟବାଜି ଚନ୍ଦ୍ରକୁ ବେଗ ଭାଙ୍ଗି ଚାହିଁରହିଥିଲା । ଏହି କେଇ ଦିନ ପୂର୍ବେ ରକେଟ ପହଞ୍ଚିଛି ଚନ୍ଦ୍ରଲୋକରେ । ବିଜ୍ଞାନର କି ଅଦ୍ଭୁତ ଅଗ୍ରଗତି । ଗୌରୀ ଭାବି ଭାବି ତନ୍ମୟ ହୋଇ ଯାଇଥିଲା । କାହାର ମୃଦୁ ସ୍ପର୍ଶ ପାଇ

ହଠାତ୍ ଚନ୍ଦ୍ରାଲୋକରୁ ଫେରି ଆସିଲା । ରକେଟ୍‌ଠାରୁ ବହୁଗୁଣ ଦ୍ରୁତଗାମୀ ତାହାର ଚକ୍ଷୁର ଦୃଷ୍ଟି । ପଦୁକୁ ଦେଖି ଗୌରୀ ଘୃଣା ଓ ବିରକ୍ତିରେ ଟିକିଏ ଘୁଞ୍ଚିଯାଇ କହିଲା, ବସୁନାହିଁ ପଦୁଭାଇ ! ମା' ବର୍ତ୍ତମାନ ଆସିଥିବ ।

ପଦୁ ମନେ ମନେ ଗୌରୀ ଉପରେ ଅସନ୍ତୁଷ୍ଟ ହେଲା । ଯେତେବେଳେ ତା ପାଖରେ ବସିଲେ କି ଛୁଡ଼ା ହେଲେ ସେ ଦୂରେଇ ରହୁଛି । ପ୍ୟାର ମାନେ କଣ ? ଝୋଙ୍କାଝୋଙ୍କା ପାଠ ପଢ଼ି ପଢ଼ି ନୀରସ କାଠ ପାଲଟି ଗଲଣି ନା କଣ ? କିନ୍ତୁ ଏ ସ୍ଥଳରେ ରାଗିଲେ ତ ଚଳିବ ନାହିଁ । ମାଛ ଥୋପ ନ ଗିଳିଲେ ରାଗରେ ବଣିଶିକୁ ପାଣିରେ ବାଡ଼େଇଲେ କଣ ମାଛ ଆସି ଥୋପକୁ କାମୁଡ଼ିବ ? ପଦୁ ଯେ ନାୟକ । ନୂତନ ଆଶାୟୀ ରୋମାନ୍‌ସ ଯାତ୍ରୀ । ମନର ନାୟିକାକୁ ଅତି କୋମଳ ଓ ମଧୁର ଭାଷାରେ କହିଲା, ଏଯୃ ଗୌରି, ଶୁଣ ନା ଲୋ, ଗୋଟାଏ କଥା କହିବି, ରାଗିବୁ କି ଲୋ !

ଏତିକିରେ ତାହାର ମନର ନାୟିକା ମୁହଁ ମୋଡ଼ି ଦେଇ ଖଣ୍ଡେ ଦୂରକୁ ଘୁଞ୍ଚିଗଲା । ଅସ୍ପଷ୍ଟ ସ୍ୱରରେ କଣ ପଦେ କହିଲା, ସେ କଥା ପଦୁକୁ ଶୁଣାଗଲା ନାହିଁ ।

ଓଃ ଲାଜ କଲା ବୋଧହୁଏ । ଯେତେ ହେଲେ ଝିଅଟେ ତ ! ପାଠ ପଢ଼ିଲା ବୋଲି କଣ ଲାଜ କରିବ ନାହିଁ । ପଦୁ ମନେ ମନେ ଚିନ୍ତା କରି ଦେଖିଲା ନାୟିକାର ଲାଜ ଭାଙ୍ଗିବାକୁ ହେବ । ଲାଜ କରିବା କି ଭଲ ଯେ । ନାୟିକାର ହାତଟା ଧରିପକାଇ କହିଲା—ଜାଣିଲୁ ଲୋ ଗଉରି, ତୁ ଇମିତି ଗୁଡ଼ ଗୁଡ଼ ହଉଚୁ କାହିଁକି ? ଆଉ ବେଶି ଦିନ ନୁହେଁ । କେତେ ଦିନ ଆଉ ତୁ ଲାଜ କରିବୁ କହିଲ ? ମାଉସୀ ତ ପୂରା ଜବାବ ଦେଇ ସାରିଲେଣି । ଏଇ ଫଗୁଣ ମାସରେ ମାମଲା ଶେଷ ।

ଗୌରୀ ହାତଟାକୁ ଛାଡ଼େଇ ଦେଇ ବିରକ୍ତ ହୋଇ ବଡ଼ ପାଟିରେ କହିଲା—ଇସ୍ସ କଣ ପଦୁ ଭାଇ ! ତମର ଟିକିଏ ଭଦ୍ରତା ନାହିଁ ? ତମେ କଣ ସବୁ ଆସି ମୋ ପାଖରେ କହୁଚ ? କଣ ମୁଣ୍ଡ ଖରାପ ହୋଇ ଗଲଣି ? ଏ ସବୁ ଏଠି ଚଳିବ ନାହିଁ କହି ଦଉଚି । ମା ଶୁଣିଲେ ତମେ ଆଉ ଦୁଆର ମାଡ଼ି ପାରିବ ? ଭଲରେ ଭଲରେ ଆସି ଭଲରେ ଚାଲିଯିବ କଥାବାର୍ତ୍ତା ହୋଇ ।

ଏଁ, ତୁ ଇମିତି ଚିଡ଼ି ଯାଉଚୁ କାହିଁକି ଲୋ । ମୁଁ କଣ ଖରାପ କଥା କହିଲି କି ? ସତ କହିଲୁ ତୁ କଣ ମୋତେ ବାହା ହବୁ ନାହିଁ ? ପଦୁ ଟିକିଏ ହତାଶ ଭାବ ଦେଖେଇ ପଚାରିଲା ।

ଚାଲି ଯାଅ ଏଠୁ କହୁଚି । ନହେଲେ ଅପମାନ ହୋଇ ଯିବ ଏଠୁ । ଗୌରୀ କ୍ରୋଧ ସମ୍ବରଣ କରି ନ ପାରି ଉତ୍ତର ଦେଲା । ତା ପରେ ସେ ନିଜ ପଢ଼ା ଘର ଭିତରକୁ ଯାଇ ଭିତର ପଟରୁ କବାଟ ବନ୍ଦ କରି ଦେଇ ବସିଲା । ପଦୁର ନିଶା

ସେତେବେଳକୁ ଟିକିଏ ଟିକିଏ ଗ୍ରୁଡ଼ି ଆସିଥିଲା । କ୍ରୋଧ ଓ ଅପମାନର ବୋଝ ନେଇ ଧୀରେ ଧୀରେ ପଦକ୍ଷେପ କରି ଚାଲିଗଲା ।

ବିଶ୍ୱନାଥର ପରାମର୍ଶ ଅନୁଯାୟୀ ଗୌରୀ ପ୍ରତିଦିନ ସକାଳେ ଯାଉଛି ତାଙ୍କ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ପାଖକୁ ଟ୍ୟୁସନ ପଢ଼ି । ବିଶ୍ୱନାଥ ମଧ୍ୟ ସପ୍ତାହରେ ପ୍ରାୟ ଥରେ ଦୁଇଥର ଗୌରୀ ଘରକୁ ଯାଇ ତାର ପଢ଼ାପଢ଼ିର ଖବର ନେଉଛି । ବିଶ୍ୱନାଥକୁ ଗୌରୀର ବାପ ଓ ମା ଖୁବ୍ ସମ୍ମାନ ଦେଖାନ୍ତି । ନକୁଳ ତା ଘରକୁ ଲାଗି ଗୋଟାଏ ଚାଳିଘର ଇତି ମଧ୍ୟରେ ତିଆରି କରିଛି ଛେଳି ରହିବା ଉଦ୍ଦେଶ୍ୟରେ । ଟିଣର କବାଟ ମଧ୍ୟ ଲଗେଇଛି । ସବୁ ନିଜ ହାତରେ କରିଛି । ଗୌରୀ ସାମୟିକ ଭାବରେ ସେହି ଚାଳି ଘରଟା ତାହାର ପଢ଼ାପଢ଼ି ନିମନ୍ତେ ବ୍ୟବହାର କରୁଛି । ଘର ଭିତରେ ଗୋଟାଏ ପୁରୁଣା ଗ୍ଲେଟ ତକ୍ତପୋଷ ପଡ଼ିଛି । ତାହାରି ଉପରେ ବସି ଗୌରୀ ପଢ଼ାପଢ଼ି କରେ । ବିଶ୍ୱନାଥ କେବେ ଗଲେ ସେଇଠି ବସେ ।

ଗୌରୀ ଏଥର ବିଶ୍ୱନାଥଠାରେ ବିଶେଷ ସଙ୍କୋଚ ବୋଧ କରୁନାହିଁ । କଥାବାର୍ତ୍ତା ଓ ଯୁକ୍ତିତର୍କ ମଧ୍ୟ କରୁଛି । ବିଶ୍ୱନାଥର ସ୍ୱଭାବ ସେ ଦୈନିକ କିଛି ଚିନାବାଦାମ ଖାଇବ । ପକେଟରେ ପ୍ରାୟ କିଛି ରହିଥାଏ । ନିଜେ ବାଦାମ ଖାଉଥିଲା ବେଳେ ଗୌରୀକୁ ଦିଏ । ଗୌରୀ ମଧ୍ୟ ଲଜ୍ଜା କରେ ନାହିଁ । ବାଦାମ ଖାଏ । ବେଳେ ବେଳେ ହସି ଦେଇ କହେ—ଜମାରୁ ଦୁଇଟା ? ଆଉ ନାହିଁନା ? ବିଶ୍ୱନାଥ ଆହୁରି ଦିଏ । ଉଭୟ ଖାଆନ୍ତି । ଭାରି ଆନନ୍ଦ ଅନୁଭବ କରନ୍ତି ।

ଏହି ଗୌରୀ ଓ ବିଶ୍ୱନାଥ ଦୁଇଜଣ ପରସ୍ପରଠାରୁ ଅତି ନିକଟରେ । ତଥାପି ଏମାନଙ୍କ ମଧ୍ୟରେ ରହିଚି ବହୁତ ବ୍ୟବଧାନ । ହୁଏତ ଏହି ବ୍ୟବଧାନ ବିଶ୍ୱନାଥ ଓ ଗୌରୀ ଉଭୟଙ୍କର ସମାଜ । ସମାଜର ଏହି ବ୍ୟବଧାନ ଠିକ ଗୋଟାଏ ପାଚେରି ଭଳି । ପ୍ରାଚୀର ଏ ପାଖରେ ବିଶ୍ୱନାଥ ସେ ପାଖରେ ଗୌରୀ । ପ୍ରାଚୀର ଭାଙ୍ଗି ଦେଲେ କିମ୍ବା ଡେଇଁ ପଡ଼ିଲେ ଦୁଇଜଣ ଏକଜି ହୋଇଯିବେ ।

ନକୁଳ ବିଶ୍ୱନାଥ ସହିତ କେତେବେଳେ କପରି ପଦେ ଅଧେ କଥାବାର୍ତ୍ତା କରେ । ବିଶ୍ୱନାଥ ମଧ୍ୟ ବେଶି ସମୟ ରହେ ନାହିଁ । ଦିନେ ଗୌରୀ ଓ ବିଶ୍ୱନାଥ ବସିଥିବା ସମୟରେ ନକୁଳ କଣ ଭାବି ସେଠାକୁ ଆସି କହିଲା—ଲେ ଗୌରି, ବିଶ୍ୱନାଥ ବାବୁ ତୋ ପଢ଼ାପଢ଼ି ପାଇଁ କଣ ନ କରୁଚନ୍ତି । ଆମେ ତାଙ୍କ-ଠାରେ ଧାରୁଆ ହୋଇ ରହିବା । ପାଣି ଗିଲାସେ କି ପାନ ଖଣ୍ଡେ ତ ଦେଇପାରିବୁ

ନାହିଁ । ଏହି ପଦକ କଥା ଶୁଣି ଗୌରୀ ଓ ବିଶ୍ୱନାଥ ଉଭୟ ନୀରବ । ନକୁଳ କଥାର ଅର୍ଥ ଅବୋଧ ନୁହେ । ଗୌରୀ ବୁଝିଲା । ସେ ଯେ ବିଶ୍ୱନାଥର ଆତିଥ୍ୟ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ, ତା ନୁହେଁ । ସେ ଜାଣେ ବିଶ୍ୱନାଥକୁ ଆତିଥ୍ୟ ଗ୍ରହଣ ନିମନ୍ତେ ଅନୁରୋଧ କରିବା ଅସୁନ୍ଦର ହେବ । ବିଶ୍ୱନାଥ ଯେବେ କୁଣ୍ଠିତ ହୁଏ ? ସେ କାହିଁକି ନିଜର ଦୁର୍ବଳତା ଦେଖାଇବ ?

ବିଶ୍ୱନାଥ ମଧ୍ଯ ନକୁଳର କଥାପଦକ ହୃଦୟଙ୍ଗମ କରି ମନେ ମନେ ହସିଲା ।

ଆଉ ଦିନେ ବିଶ୍ୱନାଥ ସନ୍ଧ୍ୟା ବେଳେ ଗୌରୀ ଘରପାଖକୁ ଯାଇ ଦେଖିଲା ଗୌରୀ ଖଣ୍ଡେ ନୁଆ ନାଲି ଶାଢ଼ି ଓ ଖଣ୍ଡେ କଳା ବ୍ଲାଉଜ ପିନ୍ଧିଛି । ଅତି ସୁନ୍ଦର ମାନିଛି ତାର ଗୋରା ଦେହକୁ । ଅବଶ୍ୟ ଗୋରା ଦେହକୁ ଯେ କୌଣସି ରଂଗର ପୋଷାକ ଭଲ ଦିଶେ । କିନ୍ତୁ ସେହି ଶାଢ଼ି ଓ ବ୍ଲାଉଜ ଗୌରୀକୁ ଅତି ଚମତ୍କାର ଦେଖା ଯାଉଥିଲା । ଗୌରୀ ବିଶ୍ୱନାଥକୁ ଦେଖି ତଳେ ମୁଣ୍ଡିଆ ମାରି ନମସ୍କାର ଜଣାଇଲା । ବିଶ୍ୱନାଥ ତା ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ କଲା ଓ ଦୁଇବାହୁ ଧରି ତଳୁ ଉଠାଇ ପକାଇଲା । ଗୌରୀ ଲାଜରେ ମୁଣ୍ଡ ତଳକୁ ପୋତି ଛିଡ଼ା ହୋଇ ରହିବାରୁ ବିଶ୍ୱନାଥ ଧୀରେ ତାର ମୁଣ୍ଡଟି ଉପରକୁ ଟେକି ଧରି କହିଲା—ଆଜି କଣ କି ?

ଗୌରୀ ମୁହଁ ବୁଲେଇ ନେଇ କହିଲା—ହବ କଣ ନା ?

କାହିଁକି ନା ଏ ନୁଆ ନୁଆ କଥା ଦେଖି ମନେହୁଏ କିଛି ଗୋଟାଏ

ଗୌରୀ ପଣତ କାନି ମୁହଁରେ ଗୁଞ୍ଜି ଗିଲେଇ ଗିଲେଇ କହିଲା—ମୋ ଜନ୍ମଦିନ । କହିସାରି ସେଠାରୁ ଗୁଲି ଯିବା ସମୟରେ ବିଶ୍ୱନାଥ ତା ହାତଟାକୁ ଧରି ପକାଇ କହିଲା, ଜନ୍ମଦିନ ବୋଲି କହି ଦେଇ ଖସି ପଳେଇଲେ ତ ହବ ନାହିଁ, ଖିଆପିଆର ବନ୍ଦୋବସ୍ତ କଣ ହବ କି ନାହିଁ ?

ଗୌରୀ ସ୍ୱର ବଦଳାଇ ହଠାତ୍ କହିଲା—କାହାପାଇଁ ମ ?

ମୋ ପାଇଁ ।

ଆପଣ କଣ ଆମ ଘରୁ ଖାଇବେ ? କଥା ପଦକ ଗୌରୀ ଖୁବ୍ ଦୃଢ଼ ଓ ସ୍ପଷ୍ଟ ଭାବରେ କହି ଗୁହିଁ ରହିଲା ବିଶ୍ୱନାଥର ମୁହଁକୁ ।

ବିଶ୍ୱନାଥ ମଧ୍ଯ ତଦ୍ରୂପ ଉତ୍ତର ଦେଲା—ଦେଲେ ନ ଖାଇବି କାହିଁକି ?

ଗୌରୀ ବିଶ୍ୱାସ କରିପାରିଲା ନାହିଁ । ଭାବିଲା ହୁଏତ ବିଶ୍ୱନାଥ ଏମିତି କୌତୁକରେ କହୁଛି । ଏଥର ସେ କଥାଟାକୁ ଆହୁରି ଟିକିଏ ଖୋଲି ଭାବରେ କହିଲା—ଆପଣ ଜାଣନ୍ତି ତ ଆମେ କି ଜାତି ?

ବିଶ୍ୱନାଥ କୃତ୍ରିମ ହସି କହିଲା—ଜାଣେ, ତମେ ମନୁଷ୍ୟ ଜାତି ।

ଗୌରୀ ଗମ୍ଭୀର ହୋଇ ନୀରବ ରହିଲା । ଏଥର ନକୁଳର କଥା ପଦକର ନିଷ୍ପତ୍ତି ଆଜି କରି ଦେଇଛି ବିଶ୍ୱନାଥ । ପ୍ରକୃତରେ ସେ ଆଜି ବଳେ ବଳେ ଆତିଥ୍ୟ ଗ୍ରହଣ କରିବାକୁ ଚାହେଁ ।

ହଉ ବସନ୍ତୁ ମୁଁ ଆଣେ । ଗୌରୀ ଘର ଆଡ଼କୁ ଚାଲିଗଲା । ବିଶ୍ୱନାଥ ବସି ରହିଲା ସେହି ଖଟ ଉପରେ । ମନ ଖୁବ ପ୍ରଫୁଲ୍ଲ । ଅତି ହାଲୁକା । ବାୟୁଠାରୁ ବି ହାଲୁକା । ତାର ମନେ ହଉଥାଏ ସେ ଯେପରି ଉଡ଼ିଯିବ ଅନେକ ଦୂରକୁ, ଅନେକ ଉଚ୍ଚକୁ, ସମସ୍ତ ପ୍ରତିବନ୍ଧକ ଲଂଘନ କରି । ଜୀବନରେ ଆରମ୍ଭ କରିଦେବ ଏକ ଦୁଃସାହସିକ ଅଭିଯାନ । ଗୌରୀକୁ ସେ ଯେଉଁଦିନ ଥରେ କହିଥିଲା—ଗୌରୀ ତମ ଘରକୁ ଗଲେ ତମେ ଖାଇବାକୁ ଦେବ ? ଗୌରୀ କହିଥିଲା ଖାଇବାକୁ ଇଚ୍ଛା କଲେ ଦିଆଯିବ । କିନ୍ତୁ ସେ ବିଶ୍ୱନାଥର କଥାରେ ଏତେ ଗୁରୁତ୍ୱ ଆରୋପ କରି ନ ଥିଲା । ବିଶ୍ୱନାଥର ପ୍ରଶ୍ନରେ କେବଳ ଉତ୍ତର ଦେଇଥିଲା । ବିଶ୍ୱନାଥ ମଧ୍ୟ ଜାଣି ନ ଥିଲା ସମାଜରେ ଗୌରୀର ସ୍ଥାନ କେଉଁଠି । ନକୁଳ ଘରକୁ ସେ ଯେଉଁଦିନ ପ୍ରଥମେ ଆସେ ସେହି ଦିନ ସେ ଜାଣିଲା ।

ଗୌରୀ ତା ପାଇଁ ଜଳଖିଆ ଓ ପାଣି ଗିଲାସେ ଧରି ତା ମୁହଁକୁ ଅନାଇ ରହିଛି । ବିଶ୍ୱନାଥ ଅନ୍ୟମନସ୍କ ।

ମୁହଁ ଧୋଇ ପକାନ୍ତୁ, ଖାଇବେ ପରା ?

ବିଶ୍ୱନାଥ ଚମକି ପଡ଼ିଲା ପରି ହେଲା । ଗୌରୀ ଇତି ମଧ୍ୟରେ ଜଳଖିଆ ଧରି ଉପସ୍ଥିତ ହେଲାଣି ତାକୁ ଜଣା ନାହିଁ । ଗୌରୀ ଜଳଖିଆ ଓ ପାଣି ଗିଲାସ ଥୋଇ ଦେଇ ଚାଲି ଆସିବା ବେଳେ ବିଶ୍ୱନାଥ ତା ପଣତଟା ଧରି ପକାଇ କହିଲା—ଯିବ କୁଆଡ଼େ । ଏତେ ଗୁଡ଼ାଏ ଜଳଖିଆ ମୁଁ ଏକୁଟିଆ ଖାଇ ପାରିବି ? ତୁମକୁ ମୋ ସଙ୍ଗରେ ଖାଇବାକୁ ହେବ । କିନ୍ତୁ ଗୌରୀ କୁଣ୍ଠିତ ହୋଇ କହିଲା—ନାଁ ଆପଣ ଖାଆନ୍ତୁ, ମୁଁ ପରେ ଖାଇବି । ଭୋକ ନାହିଁ ।

ସେ ସବୁ ଚଳିକି ଚଳିବ ନାହିଁ । ତୁମକୁ ଖାଇବାକୁ ହବ । ନ ହେଲେ ଏ ସବୁ ରହିଲା ।

ଗୌରୀ ନିରୂପାୟ । ବାଧ୍ୟ ହୋଇ ବସିଲା । ବିଶ୍ୱନାଥ ପ୍ରଥମେ ଟିକିଏ ଜଳଖିଆ ଗୌରୀ ପାଟିରେ ଖୁଆଇ ଦେବାକୁ ଗଲାବେଳେ ଗୌରୀ ଲଜ୍ଜାରେ ତା ହାତଟା ଧରି ପକାଇ କହିଲା—ଛି, ଆପଣ ଖାଆନ୍ତୁ ; ମୁଁ ଟିକିଏ ଆଣି ଖାଉଚି ।

କିନ୍ତୁ ବିଶ୍ୱନାଥ ଛାଡ଼ିବାର ପାତ୍ର ନୁହେଁ । ସେ ଖୁଆଇବ । ଗୌରୀ ମଧ୍ୟ ବିଶ୍ୱନାଥ ଖୁଆଇ ଦେଲେ ଖାଇବ ନାହିଁ । ଏମିତି କିଛିକ୍ଷଣ ଟଣା ଓଟରା ଚାଲିଲା । ଅବଶେଷରେ ଗୌରୀକୁ ପରାଜୟ ସ୍ୱୀକାର କରିବାକୁ ହେଲା । ବିଶ୍ୱନାଥର ବଳିଷ୍ଠ ବାହୁ ବେଷ୍ଟନୀରେ ରହି ଆଖି ବୁଜି ପକାଇ ବହୁ କଷ୍ଟରେ ପାଟି ଟିକିଏ ମେଲା-କଲାରୁ ବିଶ୍ୱନାଥ ଟିକିଏ ଜଳଖିଆ ତା ପାଟିରେ ପୂରାଇ ଦେଲା ।

ବିଶ୍ୱନାଥ ଜଳଖିଆତକ ଖାଇସାରି ପାଣି ପିଇବାକୁ ଗଲାବେଳେ ଗୌରୀ କହିଲା—ଆଉ ଟିକିଏ ଆଣେ, ପାଣି ପିଅନ୍ତୁ ନାହିଁ ।

ବିଶ୍ୱନାଥ ରସିକତା କରି କହିଲା—ତମେ ଯଉଁ ଟିକକ ଖାଇଲ ସେତକ ଠିକ୍ ଅଣିବାକୁ ହବ । ବେଶି ହେଲେ ଚଳିବ ନାହିଁ ।

ଢ଼ଭୟ ହସି ଉଠିଲେ ।

ବିଶ୍ୱନାଥ ଯେଉଁ ଦିନରୁ ଗୌରୀ ଘରକୁ ଆସିବା ଆରମ୍ଭ କଲାଣି ଗ୍ରାମଯାକ ଦୁର୍ନାମ ବ୍ୟାପିଗଲାଣି । ପାତରପଡ଼ା ଶଂକୁରୁ ଜେନା ନକୁଳକୁ ଡକାଇ କେତେ ଧମକ ଚମକ ମଧ୍ୟ ଦେଇ କଟୁକଥାମାନ କହିଲାଣି—କିରେ ନକୁଳ, ବଢ଼ିଲା ଝିଅକୁ ଘରେ ରଖି ପାଠ ପଢ଼ଉଚୁ ନା ଦାଣ୍ଡ ବେଉସା କରୁଚୁରେ । ଅରେ ଆମ ଜାତି-ଭାଇଙ୍କ ମୁଣ୍ଡ ଉପରକୁ କରି ବାଟ ଚଲେଇ ଦବୁ ନାହିଁ ନା କଣ ? ଏଗୁଡ଼ାକ କିଛି ଭଲ କଥା ହଉନାହିଁ । ଫଳ ବଡ଼ ଖରାପ ହବ କହି ଦଉଚି ।

ନକୁଳ କାଇଲ ହୋଇ କହେ—ଶଂକୁରୁ ଭାଇ, ତମେ ଅନ୍ୟ କିଛି ଭାବିବ ନାହିଁ । ସେ ବାବୁଟି ଅତି ଭଲ ମଣିଷ । କଲେଜରେ ପଢ଼ନ୍ତି । ଗୌରୀ ବଡ଼ ପରୀକ୍ଷାରେ ପାଶ୍ କରିପାରିବ ନାହିଁ ବୋଲି ଜଣେ ମାଷ୍ଟ୍ରାଣୀ ଖଞ୍ଜି ଦେଇଚନ୍ତି । ନିଜେ ବି ସମୟ ପାଇଲେ ଆସି ପଢ଼ଉଚନ୍ତି ।

ଶଂକୁରୁ ନକୁଳକୁ ତାଚ୍ଛଲ୍ୟ କରି କହେ—ହଁ, ହଁ, ବାବୁଟି ଖୁବ୍ ଭଲ ମଣିଷ । ଠାକୁର ମୂର୍ତ୍ତିଟିଏ । କିଏ ମନା କରୁଛି କି ? ଆରେ ସେ ବାବୁ କିଏ, ତା ଘର କଉଁଠି, ଦୁଆର କଉଁଠି ? ସେ କାହିଁକି ତୋ ଘରକୁ ଆସିବ ? ତୋ ଜାତିରେ ନା କୁଟୁମ୍ବରେ ? ତାର କି ସ୍ୱାର୍ଥ ଅଛି ଯେ ସେ ନିତି ତୋ ଘରକୁ ଦୌଡ଼ି ଆସୁଚି କହିଲୁ ? ପାଞ୍ଚବରଷର ପିଲାକୁ ପଚାରି, ସେ କଣ କହିବ । ହଉ ହଉ ଅତି ଭଲ କଥା । ଆଉ କିଛିଦିନ ଗଲେ ନାତି, ନାତୁଣୀ ଦେଖିବୁ ।

କଥା ପଦକ ତୀର ପରି ନକୁଳର କାନରେ ପ୍ରବେଶ କଲା । ସେ ଆଉ ଶଂକୁରୁ ପାଖରେ ଠିଆ ହୋଇ ରହି ପାରିଲା ନାହିଁ ।

ନୂଆପୁର ସତରେ ଯେପରି ଉଠୁଚି ପଡ଼ୁଚି । ଗାଁ ଲୋକେ ନକୁଳ ଓ ସ୍ତ୍ରୀକୁ ଆଉ ବାଟ ଚଲେଇ ଦଉ ନାହାନ୍ତି । ଯେତେବେଳେ ଦେଖିଲେ ପଚାରୁଚନ୍ତି—ସେ ଟୋକାଟା କିଏ କି ? ତମ ଘରକୁ କାହିଁକି ଏତେ ଯା ଆସ କରୁଚି ? ଗାଁ ଟୋକା-ମାନେ ମଧ୍ୟ ଅସ୍ତ୍ର ଧରୁ ନାହାନ୍ତି ! ଗୌରୀକୁ ରାସ୍ତାରେ ଦେଖି କିଏ କେତେପ୍ରକାର ଗୀତ ଗାଉଚି, ଅଶ୍ଳୀଳ କଥାମାନ କହୁଛି । ଗୌରୀ ସବୁ ଶୁଣି ନ ଶୁଣିଲା ପରି

ଗୃଲଯାଏ । କନ୍ତୁ ବଶ୍ୱନାଥ କାନକୁ ଏସବୁ ଆସିନାହିଁ । ସେ ବା କପର ଶୁଣିବ ? ଗୌରୀ ଅନେକ ଚନ୍ତା କର ସ୍ଥିର କଲା ବଶ୍ୱନାଥକୁ ସେ ମନା କରଦେବ, ତାଙ୍କ ଘରକୁ ସେ ଆଉ ଆସିବ ନାହିଁ । ତାହାହିଁ ହେଲା । ଦନେ ବଶ୍ୱନାଥକୁ ସେ କହଲା —ଆପଣ ଆମ ଘରକୁ ନ ଆସିଲେ ଭଲ ହେବ ।

ବଶ୍ୱନାଥ କଛୁ ବୁଝି ପାରଲା ନାହିଁ । ଜଜ୍ଞାସୁ ଦୃଷ୍ଟିରେ କେବଳ ଗୌରୀ ମୁହଁକୁ ଗୃହିଁ ରହଲା । ଗୌରୀ ସମସ୍ତ ଘଟଣା ତା ଆଗରେ ପ୍ରକାଶ କଲାରୁ ବଶ୍ୱନାଥ ଗମ୍ଭୀର ଭାବ ଧାରଣ କର ନୀରବ ରହଲା । ବଶ୍ୱନାଥକୁ କହ ସାରବା ପରେ ଗୌରୀ ମଧ୍ୟ ମନେ ମନେ ଅନୁତାପ କଲା ; ଯଦ ବଶ୍ୱନାଥ ମନରେ ଆଘାତ ଲଗିଥିବ ।······ କନ୍ତୁ ସେ ନରୂପାୟ । ଦୁର୍ନାମଟା ତାର ଏକୁଟିଆ ହେଉ ନାହିଁ । ବଶ୍ୱନାଥର ମଧ୍ୟ ହେଉଛି । ବଶ୍ୱନାଥର ମନରୁ ଆଘାତ ଉପଶମ କରବା ଉଦ୍ଦେଶ୍ୟରେ ଗୌରୀ ଦୁଃଖ ପ୍ରକାଶ କର କହଲା—ଦେଖନ୍ତୁ ବଶ୍ୱନାଥ ବାବୁ, ଏଠାରେ ଲେକମାନେ ବଡ଼ ଅଜ୍ଞ । ଅପରର ନନ୍ଦା ଓ କୁତ୍ସା ରଟନା କରବାକୁ ସେମାନେ ଆନନ୍ଦ ଅନୁଭବ କରନ୍ତ । ଏ ଯେଉଁ ଦୁର୍ନାମ ହଉଚ ତାହା କେବଳ ମୋର ନୁହେଁ, ଆପଣଙ୍କର ମଧ୍ୟ । ମୁଁ ସେଥିପାଇଁ କହଲ୍ କଛିଦନ ପାଇଁ ଆପଣ ଆମ ଘରକୁ ନ ଆସିଲେ ଭଲ ହୁଅନ୍ତା । ଆପଣ ମନକଷ୍ଟ କରବେ ନାହିଁ । କ୍ଷମା କରବେ ।

ବଶ୍ୱନାଥ ହଠାତ୍ ମୁଖର ଭାବ ବଦଳାଇ ସ୍ମିତ ହସି କହଲା—ଗୌର !

କଣ—ଗୌରୀ ବଶ୍ୱନାଥ ମୁହଁକୁ ଗୃହିଁ ରହଲା ।

ଲେକମାନେ ଯେଉଁ କାରଣରୁ ନନ୍ଦା କରୁଛନ୍ତ କରନ୍ତୁ । କନ୍ତୁ ତାହାର ପ୍ରତକାର କଣ ଆମ ହାତରେ ନାହିଁ ? ଦୃଢ଼ ଭାବରେ ବଶ୍ୱନାଥ ପ୍ରଶ୍ନ କଲା ।

ଗୌରୀ ଅତ୍ୟନ୍ତ ନଶ୍ୱାହ ପର ଉତ୍ତର ଦେଲା—ମୁଁ ଆଉ କଣ ଜାଣେ— କଣ କରବ ?

ମୁଁ ଯେବେ ତୁମକୁ ବବାହ କରେ ?

ଗୌରୀ ମୁଣ୍ଡ ହଠାତ୍ ତଳକୁ ନଇଁଗଲା । ଏ ଗୋଟାଏ ଅତ ଅଦ୍‌ଭୁତ ପ୍ରଶ୍ନ । ଯାହା ସେ ବଶ୍ୱନାଥ ପାଖରୁ ଶୁଣିବ ବୋଲ୍ ଆଶା କର ନ ଥିଲା । ଏ ଭଳ ଜଟିଳ ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ମଧ୍ୟ ପ୍ରସ୍ତୁତ ହୋଇ ନ ଥିଲା । ବଶ୍ୱନାଥ ତାକୁ ବଭା ହେବ ଏ କଥା ତାହାର ଧାରଣାର ବହର୍ଭୂତ । ସୁତରାଂ ବଶ୍ୱନାଥର ପ୍ରଶ୍ନ ତାକୁ ଆନନ୍ଦ ଦେଲା କ ଦୁଃଖ ଦେଲା ତାହା ନଜେ ସେ ଅନୁଭବ କର ପାରଲା ନାହିଁ ।

ଗୌରୀକୁ ନୀରବ ଦେଖି ବଶ୍ୱନାଥ କହଲା—ଚୁପ ଗୃପ ରହଲ ଯେ, ନା ନଜେ ଭଲ ଭାବରେ ଚନ୍ତା କରବାକୁ ସମୟ ଗୃହୁଁଛ ?

ଗୌରୀ କଥାଟାକୁ ଟିକେଇ ଟିକେଇ କହଲା—ମୁଁ କଣ କହବ । ମା ବାପା ଜାଣନ୍ତ ।

ଗୌରୀର କଥାରେ ବିଶ୍ୱନାଥ ଉତ୍ସାହିତ ହୋଇ କହିଲା—ଆଚ୍ଛା ହଉ, ମୁଁ ସେ କଥା ବୁଝିବି । ତମେ ରାଜି ତ ? ତେରା ମେରା ରାଜି, କ୍ୟା କରେଗା କାଜି ?

ଗୌରୀ 'ହେତ୍' କହି ଲାଜରେ ମୁହଁ ବୁଲେଇ ନେଲା ।

* * *

ନିଜ କଥା ଗୋପନ ରଖି କେବଳ ଗୌରୀର ବିବାହ ବିଷୟରେ ବିଶ୍ୱନାଥ ଯେତେବେଳେ କଥା ଉତ୍ଥାପନ କଲା, ହୀରା ଓ ନକୁଳ ତା କଥାରେ ଖୁବ ଆଗ୍ରହ ପ୍ରକାଶ କଲେ । ନକୁଳ କୃତଜ୍ଞତା ଜଣାଇ କହିଲା—ବାବୁ, ଆପଣ ଗୌରୀର ପଢ଼ାପଢ଼ି ପାଇଁ ଯାହା ଚେଷ୍ଟା କଲେଣି ସେମିତି ଆଉ କିଏ କରିବ ? ଶେଷରେ ତାର ବାହାଘର ପାଇଁ ଚେଷ୍ଟା କଲେ ବି ଆମେ କଣ ଆପଣଙ୍କ କଥାରେ ବାହାର ହୋଇଯିବୁ ?

ବିଶ୍ୱନାଥ ମନେ ମନେ ହସିଲା । ଘଟକ ଭଳିଆ କଥା ଆରମ୍ଭ କରି ଦେଇ କହିଲା—ଦେଖନ୍ତୁ ଆପଣ ତାର ବିଭାଘର ଯେବେ ଖୁବ ଶିଘ୍ର କରି ଦେବେ ଭଲ ହବ । ଗୌରୀର ପଢ଼ାପଢ଼ିରେ ବି ବିଶେଷ କ୍ଷତି ହବ ନାହିଁ । ଝିଅ ବାହାଘର ଗୋଟାଏ ରୀତିର ମାମଲା ।

ହୀରା ନକୁଳକୁ ଲକ୍ଷ୍ୟ କରି କହିଲା—ଦେଖିଲ ଆମ ବାବୁଟି କେଡ଼େ ଭଲ ଲୋକ । ତାଙ୍କର କୋଟି ପରମାୟୁ ହେବ । ବୁଢ଼ାଟେ ହୁଅନ୍ତୁ ।

ନକୁଳ ଆଗ୍ରହରେ ବିଶ୍ୱନାଥକୁ ପଚାରିଲା—ବାବୁ ଜୁଆଇଁଟି କେତେ କଣ ପଢ଼ିଛି ?

ବି.ଏ. ପଢୁଛି । ସଂକ୍ଷେପରେ ବିଶ୍ୱନାଥ ଉତ୍ତର ଦେଲା ।

ହୀରା ଓ ନକୁଳ ଭାରି ଖୁସି ହୋଇ ବିଶ୍ୱନାଥ ଉପରେ ଆନ୍ତରିକ କଲ୍ୟାଣ ବୃଷ୍ଟି କରିବାକୁ ଲାଗିଲେ । ନକୁଳ କହିଲା—ଆମର ସେମିତି ପାଠୁଆ ଜୁଆଇଁଟେ ଖୋଜା ।

ବିଶ୍ୱନାଥ ଏଥର କଥାଟାକୁ ଟିକିଏ ବନେଇ ଚୁନେଇ କହିଲା—ଦେଖନ୍ତୁ ଗୌରୀର ବାହାଘର ବିଷୟ ଯଦି ମୋ ଉପରେ ଭାର ଦେଲେ, ମୋ କଥା ଯେପରି ରହେ—

ଏଁ—ଏକଥା କହିବାକୁ ଅଛି । ଆପଣଙ୍କ କଥା ଆମେ ତଳେ ପକେଇ ଦବୁ ? ଆପଣ ଆମର କଣ ଉପକାର ନ କରିଚନ୍ତି !

ବିଶ୍ୱନାଥ ଜଣେ ପ୍ରବୀଣ ସଂସ୍କାରକ ଭଳିଆ କହିଲା—ଆଜିକାଲି ଝିଅ ଯେଉଁଠି ସୁଖରେ ରହିବ, ସେଇଠି ଦବା ଉଚିତ । ଜାତିକୁ କୁଣ୍ଢେଇ ଧରି ବସି ବହୁତ ଖରାପ ହଉଚି ।

ନକୁଳ ଓ ହୀରା କଥାର ମର୍ମ ନବୁଝି ବିଶ୍ୱନାଥ କଥାରେ ହଁ ଭରିଲେ ।

ତା ପରେ ବିଶ୍ୱନାଥ ଆରମ୍ଭ କଲା—ଦେଖନ୍ତୁ ଗୌରିକୁ ତମ ଜାତିରେ ନ ଦେଇ ଅନ୍ୟ ଜାତିରେ ଦେଲେ କ୍ଷତି କଣ ?

ଏଁ—ଆଉ କଉଁ ଜାତିରେ ଦବା ? ଚମକି ଉଠିଲା ହୀରା ।

କାହିଁକି ସବର୍ଣ୍ଣରେ ଦବାକୁ ତମର ଆପତ୍ତି କଣ ?

ବିଶ୍ୱନାଥ ଗମ୍ଭୀର ହୋଇ କହିଲା । ନକୁଳ ଓ ହୀରା ପରସ୍ପରର ମୁହଁକୁ ଚାହିଁ ରହିଲେ ।

ନକୁଳ ହସି ହସି କହିଲା—ବାବୁ ଆମ ଜାତି ଭାଇ ଭିତରେ ଯାହା ଚଳି ନାହିଁ, ତାହା ହବ କିପରି ?

ବିଶ୍ୱନାଥ ସଂସ୍କାରକ ଭଳିଆ ବୁଝେଇ କହିଲା—ଦେଖନ୍ତୁ, ଆପଣ ଭୁଲ୍ ବୁଝୁଛନ୍ତି । ଜାତି ଗୋଟାଏ । ମନୁଷ୍ୟ ଜାତି । ଏହି ମନୁଷ୍ୟ ନିଜ ନିଜ ଭିତରେ ନାନା ପ୍ରକାର ଜାତି ସୃଷ୍ଟି କରିଚି । ମହାତ୍ମା ଗାନ୍ଧି ପରା ନିଜେ ହରିଜନ-ମାନଙ୍କ ସାଙ୍ଗରେ ବସା ଉଠା ଖିଆ ପିଆ କରି ଆମକୁ ଶିକ୍ଷା ଦେଇ ଯାଇଛନ୍ତି । ମନୁଷ୍ୟ ଦେହରେ ମଇଳା ଲାଗିଥିଲେ ସେ ବ୍ରାହ୍ମଣ ହେଲେ ବି ଘୃଣା ଲାଗେ । ଯେ ମଇଳା ସଫା କରେ ସେ ଯେବେ ପରିଷ୍କାର ପରିଛନ୍ନ ହୋଇ ରହେ ତାକୁ ଘୃଣା ଲାଗେ ନାହିଁ ।

ହୀରା ନରମ ଗଳାରେ କହିଲା—ବାବୁ, ସେ କି ଜାତିର ଲୋକ ?

ଖଣ୍ଡାୟତ ।

ଏଁ ! ଖଣ୍ଡାୟତ ଘର ଆମଘରୁ ବନ୍ଧୁ କରିବେ ?

ବିଶ୍ୱନାଥ ହସି ହସି ଉତ୍ତର ଦେଲା—କାହିଁକି ନ କରିବେ ? ଆପଣମାନେ ରାଜି ହେଲେ ହେଲା । ଝିଅ ଖୁବ୍ ସୁଖରେ ରହିବ ।

ହୀରା ନକୁଳକୁ ଚାହିଁ କହିଲା—କଣ କହୁଚ ?

ନକୁଳ ମୁଣ୍ଡ ହଲେଇ କହିଲା—ହଉ କ୍ଷତି କଣ ? ବାବୁଙ୍କ କଥା ଆମେ ତଳେ ପକାଇବା ନାହିଁ । ପଛିଲେ ଜବାବ ଦେଇ ଦେଇଚ ।

ହୀରା କହିଲା—ଜାତିଭାଇ ?

ନକୁଳ ଉଠିପଡ଼ି କହିଲା—ଦେଖାଯିବ । ଜାତିଭାଇ ଭାତ ନେବେ ନା ଆଉ କଣ ? ଆଉ ସାଆନ୍ତେ ମାନ୍ୟ ବି ଦିଆଯିବ ।

ବିଶ୍ୱନାଥ ଏଥର ଅସଲ କଥାଟି ପ୍ରକାଶ କଲା—ମୁଁ ନିଜେ ଗୌରିକୁ ବିଭା ହେବାକୁ ଚାହେଁ । ଆମେ ଦୁଇଜଣଯାକ ରାଜି ଅଛୁ । ଆପଣମାନଙ୍କର କିଛି ଆପତ୍ତି ଅଛିକି ?

ଏଁ, ବାବୁ ଆପଣ ନିଜେ ? ନକୁଳ ଏତିକି କହି ହୀରା ମୁହଁକୁ ଅନେଇଲା । ହୀରା ମଧ୍ୟ ଆଶ୍ଚର୍ଯ୍ୟ ହୋଇ ନକୁଳ ମୁହଁକୁ ଚାହିଁ ରହିଲା । ଉଭୟଙ୍କ ମୁଣ୍ଡ ଗୋଳମାଳ

ହୋଇଗଲା ପରି ବୋଧହେଲା । ବିଶ୍ୱନାଥ ବାବୁ ରହସ୍ୟ କରି କହୁ ନାହାନ୍ତି ତ ?
ନକୁଳି ବିଶ୍ୱନାଥକୁ ପଚାରିଲା—ବାବୁ, ଆପଣଙ୍କ ମା ରାଜି ହେବେ ତ ?

ସେ ସବୁ ଚିନ୍ତା କରିବାକୁ ହବ ନାହିଁ । ବିଶ୍ୱନାଥ ଦୃଢ଼ଭାବରେ ଉତ୍ତର ଦେଲା ।

ହୀରା ଓ ନକୁଳି ଉଭୟେ ବିଶ୍ୱନାଥର ପ୍ରସ୍ତାବରେ ରାଜି ହୋଇଗଲେ ।

ଫକୀରମୋହନ କଲେଜର ସଂସ୍କୃତ ଅଧ୍ୟାପକ ପଣ୍ଡିତ ଗଦାଧର ଦାସ ଶର୍ମା କଲେଜର ଦକ୍ଷିଣ ଦିଗରେ ଯେଉଁ ସଡ଼କଟା ପୂର୍ବ ପଶ୍ଚିମ ହୋଇ ଯାଇଛି, ସେହି ସଡ଼କର ଉଭୟ ପାର୍ଶ୍ୱରେ କେତେଗୁଡ଼ିଏ ପକ୍କା ଓ ଚାଳଘରମାନ ରହିଛି । ଏହାକୁ ଅଳୁଆଁ ବାଜ ବୋଲି କହନ୍ତି । ଅଧ୍ୟାପକ ଶର୍ମା ଏହି ବସ୍ତିରେ ଗୋଟାଏ ଭଡ଼ା ଘରେ ରହନ୍ତି । ଘରଟା ପକ୍କା ଏକ ମହଲା । ବେଶି ବଡ଼ ନୁହେଁ କି ବେଶି ଛୋଟ ନୁହେଁ । ଦେଖିଲେ ମନେହୁଏ ଘରଟା ବେଶି ଦିନର ପୁରୁଣା ଘର ନୁହେଁ । ସଡ଼କ ପାଖରୁ ଟିକିଏ ଦୂରକୁ ଗୋଟାଏ ଓସାରିଆ ଗଳି ମଧ୍ୟରେ ।

ଅଧ୍ୟାପକଙ୍କ ଦେହର ରଂଗ ତମ୍ବା ଭଳିଆ । ଉନ୍ନତ କପାଳ, ଦୀର୍ଘ ନାକ, ଖଣ୍ଡାଧାର ପରି । କପାଳରେ ଗଙ୍ଗା, ଯମୁନା, ସରସ୍ୱତୀ ପ୍ରବାହିତ ହେଲପରି ତିନୋଟି ବଙ୍କା ବଙ୍କା ଚନ୍ଦନର ଗାର । ମୁଣ୍ଡର ପଛପାଖଟା ତୁଷାରଧବଳ ଶୁକ୍ଳ କେଶାବୃତ । ବାକି ଅଂଶ ଚନ୍ଦା । ଏଭଳିଆ ଲୋକ ଖୁବ୍ ବୁଦ୍ଧିଜୀବୀ ଓ ସୁଖୀ ବୋଲି ଅନେକେ କହନ୍ତି । ଫେମିଲି ପ୍ଲାନିଂ ( ଜନ୍ମନିୟନ୍ତ୍ରଣ ) ବିଷୟ କେହି ଉତ୍ଥାପନ କଲେ ଅଧ୍ୟାପକ ତାର ଘୋର ବିରୋଧାଚରଣ କରନ୍ତି । ନିଜ ଜୀବନରେ ମଧ୍ୟ ତାଙ୍କୁ ବିଶେଷ ମୁଣ୍ଡ ଖେଳାଇବାକୁ ପଡ଼େନାହିଁ । ସେଥିରୁ ସେ ଯାହି ପାଇଛନ୍ତି ।

ପରିବାର ମଧ୍ୟରେ ସେ ନିଜେ ଓ ସ୍ତ୍ରୀ ଶାରଦା । ଗୋଟିଏ ବ୍ରାହ୍ମଣ ପିଲା ଅଧ୍ୟାପକଙ୍କର ଦୂର ସମ୍ପର୍କୀୟ, ପାଖରେ ରହିଚ । ରୋଷେଇ, ବଜାର ହାଟ କରେ ।

ଅଧ୍ୟାପକ କେଉଁ ଧରଣର ଲୋକ ହଠାତ୍ କେହି ଠଉରେଇ ପାରନ୍ତି ନାହିଁ । କେହି କହନ୍ତି ଅଧ୍ୟାପକ ବଡ଼ ରକ୍ଷଣଶୀଳ । କେହି କହନ୍ତି ପ୍ରଗତିପନ୍ଥୀ । କିନ୍ତୁ ପ୍ରକୃତରେ ଅଧ୍ୟାପକ ଭାରତୀୟ ସମାଜବାଦ ପରି ଉଭୟର ଅସ୍ତିତ୍ୱ ବଜାୟ ରଖି ଚାଲନ୍ତି କାଳପାତ୍ରକୁ ଚାହିଁ । ବଡ଼ ପାଖରେ ବଡ଼, ଛୋଟ ପାଖରେ ଛୋଟ; ଧନୀ ପାଖରେ ଧନୀ ଓ ଗରିବ ପାଖରେ ଗରିବ ।

ସେଦିନ ରବିବାର । ବିଶ୍ୱନାଥ ଅନ୍ୟମନସ୍କ ହୋଇ ଚାଲିଛି । ଟ୍ରେଜେରୀ ଘଣ୍ଟି ଚାରିଥର ଢଂ ଢଂ ଅବାଜ କଲା । ଚାରିଟା ବାଜି ଗଲାଣି । ଆହୁରି ଘଣ୍ଟାଏ

ବାଟ ଅଛି । ଦ୍ରୁତ ପଦକ୍ଷେପରେ ଜେଲଖାନା ରୋଡ଼ ଧରି କଲେଜ ପାଖରେ ପହଞ୍ଚି ଗଲା । କଲେଜର ଦକ୍ଷିଣ ପଟକୁ ତାର ଗନ୍ତବ୍ୟ ସ୍ଥଳ ।

ଅତି ସନ୍ତର୍ପଣରେ ଯାଇ ଛିଡ଼ା ହେଲା ଘରର ଦୁଆର ଆଗରେ । କବାଟ ବନ୍ଦ । କାନ ପାରି ଜାଣିଲା କେହି ଚପା ମୋଟା ଗଳାରେ କଥା କହୁଛି । ପ୍ରାୟ ପାଞ୍ଚ ମିନିଟ ଛିଡ଼ା ହେବା ପରେ ଆସ୍ତେ କବାଟରେ ଆଘାତ କଲା । ପନ୍ଦର ଷୋଳ ବର୍ଷର ପିଲାଟେ କବାଟ ଖୋଲିଦେଇ ପଚାରିଲା—

କିଏ କହୁଛନ୍ତି ?

ଅଧ୍ୟାପକଙ୍କୁ ଦେଖା କରିବାକୁ ଚାହେଁ ।

ପିଲାଟି ଘର ଭିତରକୁ ଚାଲି ଯାଇ କିଛିକ୍ଷଣ ପରେ ଆସି କହିଲା—ଆପଣ କିଏ ? କାହିଁକି ଆସିଛନ୍ତି କହନ୍ତୁ ।

ମୋ ନାମ ବିଶ୍ୱନାଥ ଜେନା—କଲେଜରେ ପଢ଼େ । କିଛି ବିଶେଷ ଦରକାର ଅଛି । ପିଲାଟି ଘର ଭିତରକୁ ଯାଇ ଫେରି ଆସିଲା ଓ ବିଶ୍ୱନାଥକୁ ସାଙ୍ଗରେ ନେଇଗଲା ।

ମାର୍କିନ କନାର ତିଆରି ପର୍ଦ୍ଦାଟା ଆସ୍ତେ ଅପସାରଣ କରି ବିଶ୍ୱନାଥ ଅତି ସନ୍ତର୍ପଣରେ ଅଧ୍ୟାପକଙ୍କ ପ୍ରକୋଷ୍ଠରେ ପ୍ରବେଶ କରୁ କରୁ ନମସ୍କାର କଲା ।

ଅଧ୍ୟୟନରତ ଅଧ୍ୟାପକ ବହିରୁ ଆଖି ଫେରାଇ ବସିବାକୁ ସଙ୍କେତ ଦେଲେ । ବିଶ୍ୱନାଥ ଗୋଟାଏ ଲୁହା ଫୋଲ୍ଡିଂ ଚେଆରରେ ବସିଲା ।

ବହିରୁ ଦୃଷ୍ଟି ନ ଫେରାଇ ଅଧ୍ୟାପକ ପ୍ରଶ୍ନ କଲେ—କୁଆଡ଼େ ଆସିଲ ବିଶ୍ୱନାଥ ?

ବିଶ୍ୱନାଥ ପ୍ରଥମେ କିଣ ଆରମ୍ଭ କରିବ ଟିକିଏ ଚିନ୍ତା କଲା । ଅଧ୍ୟାପକ ପୁନଶ୍ଚ ପ୍ରଶ୍ନ କଲେ—ଏ ବର୍ଷ ପାଶ କରି ପାରିବ ତ ? ଟିକିଏ ମନ ଦେଇ ଲାଗି ପଢ଼ ।

ବିଶ୍ୱନାଥକୁ ଏଥର ରାସ୍ତା ମିଳିଗଲା । ହଁ ସାର, ଏ ବର୍ଷ ନିଶ୍ଚୟ ପାଶ କରିବ । ଟିକିଏ ସଙ୍କୋଚ କରି କହିଲା—ସାର, ଗୋଟାଏ ବିଷୟରେ ପରାମର୍ଶ ମାଗିବାକୁ ଆସିଛି । ଆପଣ ତାର ସମାଧାନ କରି ପାରିବେ ବୋଲି ମୋର ବିଶ୍ୱାସ ।

ଅଧ୍ୟାପକ ସେହିପରି ବହି ଉପରେ ଦୃଷ୍ଟି ରଖି କହିଲେ—କିଣ କୁହ ।

ବିଶ୍ୱନାଥ ଅନର୍ଥକ ହାତ ମଳି ମଳି କହିଲା—ଅସବର୍ଣ୍ଣ ଓ ସବର୍ଣ୍ଣର ବିବାହ ହେଲେ କେଉଁ ପଦ୍ଧତିରେ ହୁଏ ?

ଅଧ୍ୟାପକ କୌତୂହଳ ହୋଇ ବିଶ୍ୱନାଥ ଉପରକୁ ଦୃଷ୍ଟି ଫେରାଇ ଆଣି କହିଲେ—ସେଟା ଉଭୟ ପକ୍ଷର ରାଜି ଉପରେ ନିର୍ଭର କରେ । କାହିଁକି ଏ କଥା ପଚାରିଲ ?

ଜଣେ ହରିଜନ ବାଳିକା ସହିତ ଜଣେ ସବର୍ଣ୍ଣର ବିବାହ ହେବାର ଠିକ୍ ହୋଇ ଯାଇଛି ।

ସେ ଲୋକଟି କିଏ ? ଅଧ୍ୟାପକ ପ୍ରଶ୍ନ କଲେ ।

ମୁଁ—ବିଶ୍ୱନାଥ ତଳକୁ ମୁହଁ ପୋତି ବସି ରହିଲା ।

ତମେ ନିଜେ ?

ହଁ, ମୁଁ ନିଜେ ।

ତାର ମାନେ ?

ଉଭୟ ରାଜିଅଛୁଁ ।

ଅଧ୍ୟାପକ ଗମ୍ଭୀର ହୋଇ ବହି ଉପରେ ଦୃଷ୍ଟି ନିବଦ୍ଧ କଲେ ।

କିନ୍ତୁ ତୁମ ବାପ ମା ଜାଣନ୍ତି ତ ?

ସେମାନଙ୍କୁ ମୁଁ ଜଣେଇ ନାହିଁ—ବିଶ୍ୱନାଥ ଭୟ ଭୟ ହୋଇ କହିଲା ।

ଜଣେଇ ନାହିଁ ? କିଣ ଏ ବିବାହ ସେମାନଙ୍କୁ ନ ଜଣେଇ କରିବ ?

ଜଣେଇଲେ ସେମାନେ କରେଇ ଦେବେ ନାହିଁ ।

ଅଧ୍ୟାପକ ମୁଖର ଭାବ ବଦଳାଇ କହିଲେ—ବଡ଼ ଭୁଲ କରୁଛ । ଅନ୍ତତଃ ସେମାନଙ୍କୁ ରାଜି କରେଇ ଯାହା କିଛି କରିବା ଉଚିତ । କନ୍ୟାର ବାପ ମାଆ ରାଜି ଅଛନ୍ତି ?

ହଁ—

ଅଧ୍ୟାପକ ଅପେକ୍ଷାକୃତ ଭାବାବେଶ ହୋଇ କହିଲେ—କିନ୍ତୁ ତମେ ନିଜର ବାପମାଙ୍କୁ ଜଣେଇବା ଉଚିତ । ହୁଏତ ପରେ ତୁମେ ନିଜେ ଶାନ୍ତି ପାଇ ପାରିବ ନାହିଁ ବା ସେମାନେ ପାଇ ପାରିବେ ନାହିଁ ।

ବିଶ୍ୱନାଥ ଦୃଢ଼ ଭାବରେ କହିଲା—ସେ ବିଷୟ ମୁଁ ସମାଧାନ କରି ନେବି । କିନ୍ତୁ ବିବାହ କେଉଁ ପଦ୍ଧତିରେ ହୋଇପାରେ ?

ସେ କଥା ମୁଁ କିଣ କହିବି ? ତୁମ ବାପ ମା ଓ ତୁମେ ନିଜେ ରାଜିରେ ଯାହା କରିବ । କନ୍ୟା ପିତାର ମଧ୍ୟ ମତାମତ ନେବାକୁ ହେବ । ଯେ ଯାହାହେଉ ତୁମେ ଯେଉଁ ପଦ୍ଧତିରେ କର କ୍ଷତି ନାହିଁ, କିନ୍ତୁ ତୁମର ବାପ ମାଙ୍କୁ ଜଣେଇବା ଉଚିତ ।

ବିଶ୍ୱନାଥ ଅଧ୍ୟାପକଙ୍କୁ ନମସ୍କାର କରି ବିଦାୟ ନେଲା । ଅଧ୍ୟାପକ ସ୍ଥିର ଦୃଷ୍ଟିରେ ତା ଆଡ଼କୁ ଚାହିଁ ରହିଥାନ୍ତି ।

ଅଧ୍ୟାପକଙ୍କ ସ୍ତ୍ରୀ ସତ୍ୟଭାମା ପାଖ କୋଠରୀରେ ଥାଇ ଦୁଇ ଜଣଙ୍କର କଥା-ବାର୍ତ୍ତା ଶୁଣି ପାରିଥିଲେ । ବିଶ୍ୱନାଥ ଚାଲିଯିବା ପରେ ଅଧ୍ୟାପକଙ୍କ କୋଠରୀକୁ ପଶିଆସି ପଚାରିଲେ—ଟୋକାଟା କିଣ କହୁଥିଲା, ଅସବର୍ଣ୍ଣରେ ବିବାହ କରିବ ?

ହଁ ! ମୃଦୁ ହସି ଅଧ୍ୟାପକ ଉତ୍ତର ଦେଲେ ।

ତା ଘର କେଉଁଠି, ସେ କି ଜାତି ?

ଘର ଭଦ୍ରଖ ସବ୍‌ଡ଼ିଭିଜନରେ । ତା ବାପ ଜଣେ ହାଇସ୍କୁଲର ହେଡ଼-ମାଷ୍ଟର । ଦିନେ ମୋ ସାଙ୍ଗରେ ପଢ଼ୁଥିଲେ ।

ସତ୍ୟଭାମା ମୁଖ ବିକୃତ କରି କହିଲେ—ଟୋକାଟାକୁ ବୁଝେଇ ଶୁଝେଇ କହିଲ ନାହିଁ । ବାହା ହେଇ ପଡ଼ିବ କଣ କରିବ । ତମେ ଅନ୍ତତଃ ତା ବାପ ପାଖକୁ ଲେଖି ଜଣେଇବା ଉଚିତ ।

ଅଧ୍ୟାପକ ଶର୍ମା କିଛି ଉତ୍ତର ନ ଦେଇ ବହି ଉପରେ ଦୃଷ୍ଟି ନିକ୍ଷେପ କଲେ ।

ବିଶ୍ୱନାଥ ଅଧ୍ୟାପକଙ୍କ ଘରୁ ଫେରିଲା ଗୁଡ଼ାଏ ଚିନ୍ତାର ବୋଝ ନେଇ । ଅଧ୍ୟାପକଙ୍କଠାରୁ ସେ ସନ୍ତୋଷଜନକ ଫଳ ପାଇପାରିଲା ନାହିଁ । ବାପ ମା'ଙ୍କର ଅନୁମତି ବା ରାଜି ଉପରେ ସେ ଜୋର ଦେଇ କହିଲେ । କିନ୍ତୁ ସେ ତାହା ଏଡ଼େଇବାକୁ ଚାହେଁ । ବାପ ମା'ଙ୍କର ଅନୁମତି ଚାହିଁବା ଅର୍ଥ ଗୌରୀର ଆଶା ପରିତ୍ୟାଗ କରିବା । ମନେ ମନେ ଅବଶୋଷ କଲା—ଏ ବିଷୟ ଅଧ୍ୟାପକଙ୍କୁ ପଚାରି ନ ଥିଲେ ଭଲ ହୋଇଥାନ୍ତା । ଯଦି ସେ ତାର ବାପାଙ୍କୁ ଜଣେଇ ଦିଅନ୍ତି ତ ସବୁ ପଣ୍ଡ ହୋଇଯିବ । ସୁତରାଂ କଥାଟା ପ୍ରଘଟ ହେବା ପୂର୍ବରୁ କାର୍ଯ୍ୟ ସମାଧାନ ହୋଇଯିବା ଭଲ । ବିଳମ୍ବ କଲେ ଚଳିବ ନାହିଁ । ଏମିତି କେତେ କଣ ଚିନ୍ତା କରୁ କରୁ ଆସି ମେସ୍‌ରେ ପହଞ୍ଚିଲା । ଦେହ ଓ ମନ କ୍ଲାନ୍ତ । ବିଛଣାରେ ଗଡ଼ି ପଡ଼ି ପୁଣି ଚିନ୍ତା କରିବାକୁ ଲାଗିଲା—ବାହାଘର ହେବ କେଉଁଠି ? ଗୌରୀ ଘରେ ହେବା ଅସମ୍ଭବ । ଅନ୍ୟତ୍ର କରିବାକୁ ହେବ । ସୁତରାଂ ଏ ବିଷୟରେ ନକୁଳ ଜେନା ସଙ୍ଗେ ଆଉଥରେ ପରାମର୍ଶ କରିବାକୁ ହେବ । ସେମାନେ ନିଶ୍ଚୟ ସେମାନଙ୍କର କୌଳିକ ପ୍ରଥା ଅନୁଯାୟୀ ଗୌରୀକୁ ବାହା କରେଇବେ । ହଉ । ଅଧ୍ୟାପକ ବି କହିଥିଲେ ଯେଉଁ ପଦ୍ଧତିରେ ହେଉ, କ୍ଷତି ନାହିଁ ।

ତହିଁ ପରଦିନ ଅତି ଗୋପନରେ ବିଶ୍ୱନାଥ ନକୁଳ ଓ ହୀରା ସହିତ ଆଲୋଚନା କରିବା ପରେ ସିଦ୍ଧାନ୍ତ ହେଲା ବିଭାଘର ହେବ ଗୌରୀର ମାମୁଁ ଘରଠାରେ । ନକୁଳ ମଧ୍ୟ ଗୌରୀର ମାମୁଁ ସହିତ ପରାମର୍ଶ କରିଯିବା ନିମନ୍ତେ ସ୍ଥିର ହୋଇଗଲା ।

ଗୌରୀର ମାମୁଁ ବଳିଆର ଘର ବଳଙ୍ଗ ନଦୀ ସେପାରିରେ ସିଁଧିଆ ନାମକ ଗ୍ରାମରେ । ବଳିଆ ଦୁଇଟା ବାହା ହେଇ ମଧ୍ୟ ଗୋଟାଏ ହେଲେ ବି କେହି ରହିଲେ ନାହିଁ । ତା ପରେ ଜଣେ ଅଧବୟସୀ ବିଧବାକୁ ପାଖରେ ରଖିଥିଲା

ଘରକରଣା ହେପାଜାତ କରିବା ପାଇଁ । ସେବି ମରିଗଲା । ବଳିଆ ଆଉ ସେଥିରେ ମନ ଦଉନାହିଁ । ନାହିକ କହିଥିଲା ଉନଟା ପର୍ଯ୍ୟନ୍ତ ଯୋଗ ଅଛି । ଆଉ ନୁହେଁ । ବଳିଆର ବି ପଚାଶ ଟପି ଗଲାଣି । ବଳିଆର ତ ପୁଅ ଝିଅ କିଛି ନାହାନ୍ତି । ଝଟେ ଖାଏ । ଆରାମରେ ରହେ । ଗୋଟାଏ ପେଟ । କେତେ ଖାଇବ କି ? ଗୌରୀକୁ ସେ ବଡ଼ ଆଦର କରେ । ଗୋଟିଏ ବୋଲି ଭଣିଜି । ତା ଭଉଣୀକୁ ସେ କହି ରଖିଛି—ଦେଖ ହାରା, ଗୌରୀ ବାହାଘର ପାଇଁ ମୁଁ ଜାଣେ । ତୁ କିଛି ଭାବିବୁ ନାହିଁ । ବାହାଘରଟା ଭଲ ରକମ କରିବା । ଖର୍ଚ୍ଚକୁ ଡରିବା କାହିଁକି ?

ନକୁଳ ପାଖରୁ ସମସ୍ତ ଘଟଣା ଶୁଣି ବଳିଆ ପ୍ରଥମେ ପ୍ରଥମେ ବିଗିଡ଼ିଗଲା । ଧେତ୍—ଆମ ଜାତିରେ ନ କରି ଅନ୍ୟ ଜାତିରୁ କରିବା କାହିଁକି ? ଆମ ଜାତିରେ କଣ ବର ଅମିଳ ? ସେମାନେ ହେଲେ ଅଲଗା ରହିବା ଲୋକ । ଆମକୁ ଛୁଇଁଲେ ଲୁଗା ନ ଧୋଇ ଘରେ ପଶନ୍ତି ନାହିଁ । ଦୂର·········

ନକୁଳ ବଳିଆକୁ ବୁଝେଇ କହିଲା—ନାଁରେ ବଳିଆ, ଟୋକାଟା ଭାରି ଭଲ । ତାର ସେସବୁ ବାଛ ବିଚାର ନାହିଁ । କଲେଜରେ ବି. ଏ ପଢ଼େ ।

ବଳିଆ କହିଲା—ଆରେ ଟୋକା ସିନା ଉଚ୍ଛୁଣିକା ଗୋଟାଏ ଖିଆଲରେ କହୁଚି ପରେ ଯେବେ ନ ନିଏ ? ତା ବାପ ମା ରାଜି ନ ହେଲେ ଶେଷରେ ଅବସ୍ଥାଟା କଣ ହବ ? ତା ବାପ ମା ତା'ର ନ ହେଇ କଣ ତମେ ତା'ର ହେବ ?

ନକୁଳ ମୁହଁ ଶୁଖେଇ କହିଲା—ତା ହେଲେ କଣ କରିପିବ କହିଲୁ ? ମୁଁ ସେ ଜବାବ ଦେଇ ସାରିଚି । ଝିଅଟାର ବି ଭାରି ଇଚ୍ଛା ତାକୁ ବାହା ହବା ପାଇଁ । ସେ ଯାହା ହଉ ସେ ଟୋକା କହିଚି ତା ବାପ ମାକୁ ସେ ରାଜି କରେଇ ନବ । ସେମାନେ କିଛି ଆପତ୍ତି କରିବେ ନାହିଁ । ଗୋଟିଏ ବୋଲି ପୁଅ । ତାକୁ ଆଉ କଣ ଘରୁ କାଢ଼ି ଦେବେ ? ଏମିତି ଆହୁରି କେତେ କଥା କହି ନକୁଳ ତାକୁ ବୁଝେଇଲା ।

ବହୁତ ମୁସ୍କିଲ୍‌ରେ ବଳିଆ ମଙ୍ଗିଗଲା । ହଉ କଥା ତ ଦେଇ ସାରିଲୁଣି । ପାଠପଢ଼ା ଟୋକା, ଏମିତି ଦଗାବାଜି କାମ କରିବ ନା ? ଆଉ ଗୋଟିଏ କଥା ଜାତିଭାଇଙ୍କୁ ନ ଜଣେଇବୁ କିମିତି କହିଲୁ ?

ନକୁଳ କହିଲା—ଜାତିଭାଇ ଜାଣିଲେ କଣ କରେଇ ଦେବେ ? ବାହାଘର ପରେ ନ ହେଲେ 'ଭାତ' ଦବା ଓ ସାଆନ୍ତ ମାନ୍ୟଦବା । ତାଙ୍କ ପାଉଣା ପାଇଲେ ସେ ଥଣ୍ଡା ହୋଇ ଯିବେ । ବଳିଆ ଆଉ କିଛି କହିଲା ନାହିଁ । କେବଳ ଅନ୍ୟମନସ୍କ ହୋଇ ବସି ରହିଲା ।

ଶଳା ଭଉଣୀଙ୍କ ମଧ୍ୟରେ କଥାବାର୍ତ୍ତା ପକ୍‌କା ହେବା ପରେ ବଳଆର କୁଳ ପୁରୋହିତଙ୍କୁ ଡାକ ଅତି ଗୋପନରେ ବିବାହର ଦିନ ମଧ୍ୟ ଠିକ ଠାକ୍ ହୋଇଗଲା ।

*　　　*　　　*

ବିବାହର ସେହି ଗୋଟାଏ ଗ୍ରନ୍ଥି । ଦୁଇଟି ଦେହର ମିଳନ ଆଣିଦେଲା । ଗୌରୀ ଓ ବିଶ୍ୱନାଥ—ଠିକ ଯେପରି ଆକାଶ ଓ ଧରଣୀ । କିନ୍ତୁ ଆକାଶ ଓ ଧରଣୀ ପରସ୍ପରର ମିଳନ ନହେଲେ ବି ଗୌରୀ ଓ ବିଶ୍ୱନାଥର ମିଳନ ହେଲା । ରୁଦ୍ଧ ଗୃହର ଅଂଧକାର ମଧ୍ୟରେ ଗୋଟାଏ ଶଯ୍ୟାରେ ଦୁଇଟି ଦେହ । ଆକାଶର ଆଶୀର୍ବାଦ ଅଜାଡ଼ି ପଡୁଛି ସେମାନଙ୍କ ଉପରେ, ଧରଣୀର ଐଶ୍ୱର୍ଯ୍ୟ ଠୁଳ ହେଉଚି ସେମାନଙ୍କ ପାଖରେ । ଦୁଇ ଜଣଙ୍କ ମଧ୍ୟରେ ଚାଲିଛି କେତେ ଦିନରୁ ସଂଚିତ ଅକୁହା କଥା । ବର୍ତ୍ତମାନର ସୁଖପ୍ରଦ ଅନୁଭୂତି ଓ ଭବିଷ୍ୟତର ରଂଗୀନ କଳ୍ପନାରେ ଭାସି ଚାଲିଛନ୍ତି । ଏହାର ଶେଷ କେଉଁଠି କିଏ କହି ପାରିବ । ହୁଏତ ଏହିପରି ଅନେକ ଗ୍ରନ୍ଥି ବନ୍ଧି ଯାଇପାରେ । ଗୌରୀ ମନରେ କେତେ ଉତ୍ସାହ, କେତେ ଆକାଂକ୍ଷା । ତାର ପ୍ରଶ୍ନ ବାଣରେ ବିଶ୍ୱନାଥ ଅସ୍ଥିର । ବିଶ୍ୱନାଥର କାନ ପାଖରେ ମୁହଁ ଲଗାଇ ପଚାରେ—ବାପା କେମିତି, ମା କେମିତି । କିଏ କଣ ଖାଇବାକୁ ଭଲ ପାଆନ୍ତି । ତାକୁ ସେମାନେ କଣ ବୋଲି ଡାକିବେ, ନାମ ଧରି ନାଁ ବୋହୂ ବୋଲି । ବିଶ୍ୱନାଥ ତାର ଉତ୍ତର ଦିଏ ।

ଗୌରୀର ମାଟିଘର । କିନ୍ତୁ ବିଶ୍ୱନାଥର ପକ୍‌କାଘର । ଏହା ଚିନ୍ତା କରି ଗୌରୀ ଆନନ୍ଦିତ ହୋଇଯାଏ । ବିଶ୍ୱନାଥକୁ ପଚାରେ—ଆମେ ଯେଉଁ କୋଠରୀରେ ରହିବା ତାହା କେତେ ବଡ଼, କେତୋଟା ଝରକା, କେତୋଟା ଖଟ, ଟେବୁଲ ଅଛିକି ନା ? ବହିପତ୍ର ରଖିବାର ଆଲମାରି ବା ସେଲ୍‌ଫ ଅଛିକି ନା ଇତ୍ୟାଦି ଆହୁରି କେତେ କଣ ପଚାରେ । ବିଶ୍ୱନାଥ ପାଖରୁ ମନ ମାଫି ଉତ୍ତର ପାଇ ତା କାନ ପାଖରୁ ମୁହଁ କାଢ଼ି ନିଏ । ସ୍ୱସ୍ତିର ନିଃଶ୍ୱାସ ମାରେ । ଆନନ୍ଦରେ ଗୋଡ଼ ହଲାଏ ।

ଗୌରୀ ଆହୁରି ମଧ୍ୟ ପଚାରେ—ତମେ ବି. ଏ. ପାଶ କଲେ ଚାକିରୀ କରିବ । ମୁଁ କଣ କରିବି ? ବିଶ୍ୱନାଥ କହେ—ତମେ ଭାତ ରାନ୍ଧିବ—ବାସନ ମାଜିବ । ଦିନ ଦେବତାର ଗୋଡ଼ ଘଷିବ । ଗୌରୀ କର କରି ହୋଇ ହସି ଉଠେ । ବିଶ୍ୱନାଥ ମଧ୍ୟ ହସେ । ଗୌରୀ ପଚାରେ—ତମେ ବାପା ଓ ମା'ଙ୍କ ଆଗରେ ମୋତେ ଡାକିବା ନିମନ୍ତେ ଦରକାର ହେଲେ କଣ ବୋଲି ଡାକିବ କହିଲ ? ବିଶ୍ୱନାଥ ରସିକତା କରି କହେ—ପ୍ରିୟେ ବୋଲି ଡାକିବ ।

ହେତ୍ ! କହି ଗୌରୀ ବିଶ୍ୱନାଥକୁ ଆସ୍ତେ ଠେଲି ଦିଏ ।

ବିଶ୍ୱନାଥ ହସି ହସି କହେ—ଓହୋ, ସେଟା ପୁରୁଣା କାଳିଆ ସମ୍ବୋଧନ ପରା ! ନ ହେଲେ କହିବି—ସାଥି ।

ଉଁ—ସବୁକଥାରେ ତମର ଥଟ୍ଟା.........

ହଉ ନ ହେଲା ନାହିଁ, ଡାର୍ଲିଂ ବୋଲି ଡାକିଲେ ଭଲ ହେବତ ? ଯାହାକି ଅତ୍ୟାଧୁନିକ ଅଭିଜାତ ସମ୍ବୋଧନ ।

ଗୌରୀ ଅଭିମାନରେ ମୁହଁ ବୁଲେଇ ନେଇ କହେ—ଥାଉ ଥାଉ, ଆମକୁ ଡାକିବା ଦରକାର ହବ ନାହିଁ ।

ବିଶ୍ୱନାଥ ଅଭ୍ୟାସବଶତଃ କହି ଦିଏ, ଆହା ରାଗି ଗଲକି ଗୌରି !

ଗୌରୀ କରି କରି ହୋଇ ହସି ଦିଏ ।

ବିଶ୍ୱନାଥ ପଚାରେ—ହସିଲ ଯେ—

ତମେ ଯାହା ଡାକିବାର କଥା ଡାକି ସାରିଲଣି ।

ଉଭୟେ ହସି ହସି ଗଡ଼ି ଯାଆନ୍ତି ।

ଗୌରୀ ମନେ ମନେ କଳ୍ପନା କରି କହେ—ଆଚ୍ଛା କହିଲ ଦେଖି ତମେ ଯେବେ ମୋ ଉପରେ କେବେ ବିରକ୍ତ ହୁଅ ବାପା ମା ତମ ଉପରେ ନିଶ୍ଚୟ ରାଗିଯିବେ, ନୁହେଁ ?

ବିଶ୍ୱନାଥ କହେ—ଜମାରୁ ରାଗିବେ କାହିଁକି ? ସେମାନେ ପୁଅର ନ ହୋଇ କଣ ବୋହୂର ହେବେ ।

ଗୌରୀ ଦୃଢ଼ ସ୍ୱରରେ ପ୍ରତିବାଦ କରି କହେ—ମିଛ କଥା । ସେମାନେ ମୋ ଆଡ଼ୁଆ ହେବେ । ତମକୁ ନିଶ୍ଚୟ ବିରକ୍ତ ହେବେ ।

ଗୌରୀ ଆହୁରି ମଧ୍ୟ କହେ—ତମେ ଯେବେ ମୋ ଉପରେ ରାଗିଯାଅ ଖାଇବାକୁ ଦେଲେ ଖାଇବି ନାହିଁ ବୋଲି ଯେପରି ନ କୁହ । ତମେ ବେଶିକ୍ଷଣ ରାଗ ରଖିଲେ ମୁଁ କାନ୍ଦି କାନ୍ଦି ଅସ୍ଥିର ହୋଇଯିବି ।

ବିଶ୍ୱନାଥ କହେ—କାନ୍ଦିବ କାହିଁକି ? ମୋତେ ବେଉସିବ । ଖୋସାମତି କରିବ ।

ଗୌରୀ କହେ—କାହିଁକି ବେଢ଼ସିବି ?

ବିଶ୍ୱନାଥ କହେ—ରୁହ ରୁହ, ତମକୁ କେତେ ହଲପଟା କରିବି । ତମକୁ ମୁଁ ଯେତେ ଖୋସାମତି କରିଛି, ବେଉସିଚି, ବଗିଚା ଭିତରେ ତମ ପଛରେ ଗୋଡ଼େଇଚି ସେସବୁ ମନେ ଅଚ୍ଛିତ ? ତାର ପ୍ରତିଶୋଧ କଣ ନ ନେବି ?

ଗୌରୀ ବିଶ୍ୱନାଥର ଛାତିରେ ମୁହଁ ମାଡ଼ି ଦେଇ କହେ—ଦୁଷ୍ଟ......

ଏହି ଘଟଣା ବିଶ୍ୱନାଥ ଓ ଗୌରୀର ବିଭାଘର ହେବାର ଠିକ୍ ପରେ ପରେ ।

ସେଦିନ ଶନିବାର । ସ୍କୁଲ ଛୁଟି ହୋଇ ଗଲାଣି ଦେଢ଼ଘଣ୍ଟାରୁ । ସୋମନାଥ-ବାବୁ ଟିକିଏ ସମୟ ପାଇଲାରୁ ସ୍କୁଲର ସମସ୍ତ ଡାକ ଖୋଲି ପଢ଼ିବାକୁ ଲାଗିଲେ । ଯେଉଁଥିରେ ଯାହା ମନ୍ତବ୍ୟ ଦେବାର କଥା ଦେଇସାରି ସ୍କୁଲ କିରାଣୀଙ୍କୁ ସେ ସମସ୍ତ ଦେଇ ଦେଲେ । ନିଜ ନାମରେ ଯେଉଁ ଚିଠିଟା ଆସିଛି ତାହାର ଠିକଣା ବିଶ୍ୱନାଥ ହାତ ଲେଖା ନୁହଁ । ଅନ୍ୟ କିଏ ଦେଇଛି । ଲଫାଫାରୁ ଚିଠିଟା ବାହାର କରି ପଢ଼ିଲେ—

ଫ: ମୋ: କଲେଜ
ବାଲେଶ୍ୱର
ତା ୧୯-୨-୭୦

ପ୍ରିୟ ବନ୍ଧୁ,

ନମସ୍କାର । ଦୀର୍ଘ ତିରିଶ ବର୍ଷର ପୁରୁଣା ମଧୁର ସ୍ମୃତି ଫେରାଇ ଆଣିପାରେ ମୋର ଏହି କ୍ଷୁଦ୍ର ଲିପି ଖଣ୍ଡିକ । ତଥାପି ମଧୁରତା ସହ ଏହି ତିକ୍ତତା ମଧ୍ୟ ବହନ କରି, ଥାଇପାରେ କିନ୍ତୁ ଏହି ତିକ୍ତତା ଔଷଧର କାର୍ଯ୍ୟ କରିପାରେ । ନ ହେଲେ ବି ଆପଣଙ୍କ ପକ୍ଷରେ କିଛି କ୍ଷତିକାରକ ହେବ ନାହିଁ । ଆପଣ ମୋର ତିରିଶ ବର୍ଷ ପୂର୍ବର ସହପାଠୀ ବନ୍ଧୁ । ସେହି କାରଣରୁ ଏହି ଚିଠି ଲେଖିଲି ନିଜର କର୍ତ୍ତବ୍ୟ ମନେ କରି, କ୍ଷମା କରିବେ ।

ଆପଣଙ୍କର ପୁଅ ଶ୍ରୀମାନ ବିଶ୍ୱନାଥ ଗୋଟାଏ ହରିଜନ ବାଳିକାକୁ ବିବାହ କରିବାକୁ ଇଚ୍ଛୁକ । ଅଳ୍ପ କେଇଦିନ ପୂର୍ବେ ସେ ମୋ'ଠାରେ ତାର ଇଚ୍ଛା ପ୍ରକାଶ କରି ମୋର ପରାମର୍ଶ ମାଗିଥିଲା । କୌଣସି ନିର୍ଭରଯୋଗ୍ୟ ମତ ଦେବା ପୂର୍ବରୁ ତାକୁ ପରାମର୍ଶ ଦେଇଥିଲି ପ୍ରଥମେ ନିଜ ବାପ ମାଙ୍କୁ ଜଣେଇ ଯାହାକିଛି କରିବା ନିମନ୍ତେ । ସେ ଆପଣମାନଙ୍କୁ ଜଣେଇଛି କି ନାହିଁ କହିପାରୁ ନାହିଁ । ଏହାହିଁ ମୋର ଲେଖିବାର ପ୍ରଧାନ ଉଦ୍ଦେଶ୍ୟ । ସପରିବାରେ ମଙ୍ଗଳ କାମନା କରେଁ । ବିଦାୟ ।

ଆପଣଙ୍କର ଜନୈକ ବନ୍ଧୁ
ଶ୍ରୀ ଗଦାଧର ଦାଶ ଶର୍ମା
ସଂସ୍କୃତ ଅଧ୍ୟାପକ

ଚିଠିଖଣ୍ଡ ପଢ଼ିସାରି ସୋମନାଥ ବାବୁ ଜଡ଼ ପ୍ରାୟ ବସି ରହିଲେ ସେହି ଜଡ଼ କାଠ ଚୌକିଟାରେ । ସମସ୍ତ ଆସବାବ ପତ୍ର ସହ ଅଫିସ ଘରଟା ଘୂରିବାକୁ ଲାଗିଲା । ତାଙ୍କ ଦେହର ଶିରା ପ୍ରଶିରା ସମସ୍ତ ଯେପରି ଅନିୟମିତ ଭାବରେ କାର୍ଯ୍ୟ କରୁଚନ୍ତି ଠିକ୍ ସେହିପରି ଜଣାଗଲା । ସେ କିଛିକ୍ଷଣ ନୀରବରେ ସେହିପରି ବସି ରହିଲେ ।

ତିରିଶ ବର୍ଷ ପୂର୍ବେ ସେ ଓ ଗଦାଧର ଦାଶ ଶର୍ମା ରେଭେନ୍‌ସା କଲେଜରେ ଥିଲେ ସହପାଠୀ । ଦୁଇଜଣଯାକ ମଧ୍ୟ ମେଧାବୀ ଛାତ୍ର ଥିଲେ । ଏ ପର୍ଯ୍ୟନ୍ତ ଛାତ୍ର

ଜୀବନ ପରେ କେହି କାହାର ପାଖକୁ ଚିଠିଦେବାର ଆବଶ୍ୟକତା ଅନୁଭବ କରି ନାହାନ୍ତି । ଆଜ ସେ ଏହି ଚିଠି ଖଣ୍ଡିକ ପାଇ କି ଆନନ୍ଦ ନ ହୁଅନ୍ତେ ? ଅତି ପୁରୁଣା ବନ୍ଧୁଠାରୁ ଚିଠି ପାଇଲେ ସାଧାରଣତଃ ମନଟା ଜୀବନର ବିଗତ ସବୁଜ ଯୁଗକୁ ଫେରିଯାଏ । ସ୍ତୁପିକୃତ ଅଳିଆ ଗଦାରୁ ହଜିଲା ଦରବର ସନ୍ଧାନ ମିଳିଲା ପରି ଅତୀତରେ ଚୃପା ପଡ଼ିଥିବା ଅସଂଖ୍ୟ ଘଟଣାବଳି ମଧ୍ୟରୁ ବାହାରି ଆସେ ଗୋଟାଏ ଗୋଟାଏ ଉଲ୍ଲେଖଯୋଗ୍ୟ ଘଟଣା । ଅତୀତ ଫେରି ନ ଆସିଲେ ବି ଅତୀତର ସବୁଜତା ବର୍ତ୍ତମାନକୁ କେତେକାଂଶରେ ସାମୟିକ ଭାବରେ ସବୁଜ କରିଦିଏ ।

ଅରେ ଏହି ଗଦାଧର ବାବୁଙ୍କୁ କୌତୁକରେ ସୋମନାଥ ବାବୁ କହି- ଥିଲେ—ଜାଣିଲୁ ଗଦାଧର, ମୋ ପୁଅ ବାହାଘରକୁ ତୋତେ ନିଶ୍ଚୟ ନିମନ୍ତ୍ରଣ କରିବି । ତୁ ଯେଉଁଠି ଥିଲେ ବି ଆସିବୁ ତ ? ଏହି ସାମାନ୍ୟ କଥାଟି ଦୀର୍ଘ ତିରିଶ ବର୍ଷ କେହି ମନେ ରଖିବା ଅସମ୍ଭବ ନ ହେଲେ ମଧ୍ୟ ଭୁଲିଯିବା ଅସ୍ୱାଭାବିକ ନୁହେଁ । ଅତୀତର ସେହି ସ୍ତୁପିକୃତ ସ୍ମୃତିର ଅଳିଆ ଗଦାରେ ଚପା ପଡ଼ି ରହିବା ସ୍ୱାଭାବିକ । ବିଶ୍ୱନାଥ ଯେଉଁଦିନ ଗଦାଧର ବାବୁଙ୍କୁ ତାହାର ମନରଭାବ ପ୍ରକାଶ କଲା, ସେ ଦିନ ଗଦାଧର ବାବୁ ଅତୀତର ଅଳିଆ ଗଦାରୁ ଆବିଷ୍କାର କରି ପାରିଲେ ସୋମନାଥ ବାବୁଙ୍କର ସେହି ପଦକ କଥା । କିନ୍ତୁ ପରିସ୍ଥିତି ଏହା ଚିଠିରେ ପ୍ରକାଶ କରେଇ ଦେଲା ନାହିଁ । ସୋମନାଥ ବାବୁଙ୍କ ମନରେ ମଧ୍ୟ ଅତୀତର ସେହି ଲିଭିଲା ସ୍ମୃତିଟି ପୁନର୍ବାର ଜଳିଉଠି ଥାଆନ୍ତା କିନ୍ତୁ ବନ୍ଧୁଙ୍କର ସେହି ଚିଠିଟି ପଢ଼ିଲା ମାତ୍ରେ ତାଙ୍କ ମନରେ ଯେଉଁ ତୋଫାନ ବହିଗଲା ସେଥିରେ ତାହା ସମ୍ଭବ ହୋଇ ପାରିଲା ନାହିଁ । କାହାରିକୁ କିଛି ନ କହି ସେ ସିଧା ଘରକୁ ଫେରିଲେ । କୌଣସି ଆଡ଼କୁ ଲକ୍ଷ୍ୟ ନାହିଁ, କେତେ ପରିଚିତ ଅପରିଚିତ ଲୋକ ରାସ୍ତାରେ ଚାଲି ଯାଉଛନ୍ତି, ଗାଡି ମଟର ସାଇକେଲ ସବୁ ଯାଉଛି, ସେ ଯେପରି କିଛି ଦେଖିପାରୁ ନାହାନ୍ତି । କେହି ତାଙ୍କୁ ନମସ୍କାର କରି ଚାଲି ଯାଉଛି, କେହି ପଦେ ଅଧେ କଥା ମଧ୍ୟ ପଚାରି ଉତ୍ତର ନ ପାଇ ଚାଲି ଯାଉଛି । କିନ୍ତୁ ଶୂନ୍ୟ ଓ ବିଚଳିତ ମନରେ ସେ ବାଟ ଚାଲିଛନ୍ତି ।

ଘରେ ପହଞ୍ଚି କିଛି ନ କହି ସେ ସୁମିତ୍ରାଙ୍କ ହାତକୁ ଚିଠିଟା ବଢ଼ାଇ ଦେଲେ । ସୁମିତ୍ରା ଚିଠିଟା ପଢ଼ି ନିର୍ବାକ ହୋଇ ସ୍ୱାମୀଙ୍କ ମୁହଁକୁ କେବଳ ଚାହିଁ ରହିଲେ । କିଛି କ୍ଷଣପରେ ମୁଖର ଭାବ ବଦଳାଇ କହିଲେ—ବିଶୁ ଯେ ଇମିତି କାମ କରିବ ମୋର ବିଶ୍ୱାସ ହେଉ ନାହିଁ ।

ସୋମନାଥ ବାବୁ କୃତ୍ରିମ ହସଟିଏ ହସି କହିଲେ—ସେ ଅଧ୍ୟାପକ ତା ହେଲେ ମିଛ ଲେଖିଛନ୍ତି ନୁହେଁ ? ସୁମିତ୍ରାଙ୍କର ଗୋରା ମୁହଁଟା ପାଣ୍ଡୁର ଦେଖା- ଗଲା । ସଙ୍ଗେ ସଙ୍ଗେ ଦୁଇଧାର ଲୁହ ତାଙ୍କ ଆଖି କଣରୁ ବହି ଆସିଲାରୁ ସେ ଆଖି ପୋଛୁ ପୋଛୁ କହିଲେ—ତମେ ଶିଘ୍ର ଯାଇ ତାକୁ ସାଙ୍ଗରେ ଧରି ନେଇ ଆସ ।

ସୋମନାଥ ବାବୁ କ୍ରୋଧ ଓ ବିରକ୍ତିର ଭାବ ପ୍ରକାଶ କରି କହିଲେ, ଯେ ଯାହା କରିବ କରୁ, ମୁଁ ଯାଇ ପାରିବି ନାହିଁ ।

ତା ହେଲେ ସେ ହାତ୍ତି ପାଣିରୁ ବାହା ହବା ପାଇଁ ତମେ ଗ୍ରାହ୍ୟ ନା କଣ ? ଯେବେ ନ ଯିବ ଟେଲିଗ୍ରାମ କରିଦିଅ ।

ସୋମନାଥ ବାବୁ ଆଉ କିଛି ନ କହି ସଙ୍ଗେ ସଙ୍ଗେ ତାର କରିବା ପାଇଁ ପୋଷ୍ଟ ଅଫିସ ଚାଲିଗଲେ ।

ସୋମନାଥ ବାବୁଙ୍କ ଟେଲିଗ୍ରାମ ପାଇବାର ପରଦିନ । ବିଶ୍ୱନାଥ ସନ୍ଦିଗ୍ଧ ମନରେ ଘରେ ପହଞ୍ଚି ଦେଖିଲା ସୋମନାଥ ବାବୁ ବୈଠକଖାନାରେ କଣ ଲେଖା ଲେଖି କରୁଛନ୍ତି । ଚାକର ପିଲା ମଧୁଆ ପ୍ରଥମେ ବିଶ୍ୱନାଥକୁ ଦେଖି ବଡ଼ ପାଟିରେ କହିଲା—ହେଇ ବିଶୁ ବାବୁ ଆଇଲେଣି । ସୋମନାଥ ବାବୁ ନ ଶୁଣିଲା ପରି ନିଜ କାର୍ଯ୍ୟ କରି ଚାଲିଛନ୍ତି । ବିଶ୍ୱନାଥ ସୁଟ୍‌କେଶଟା ତଳେ ଥୋଇ ଦେଇ ପ୍ରଣାମ କଲା । ତେବେ ବି ସୋମନାଥ ବାବୁ ତା ଆଡ଼କୁ ଦୃଷ୍ଟି ଫେରେଇଲେ ନାହିଁ ।

ବିଶ୍ୱନାଥ ଘର ଭିତରକୁ ପଶିଯାଇ ଦେଖିଲା ସୁମିତ୍ରା ଚାଉଳରୁ ଗୋଡ଼ିବାଲି ବାହାର କରିବାରେ ବ୍ୟସ୍ତ । ପାଖକୁ ଯାଇ ପ୍ରଣାମ କଲାରୁ 'ହଉ ଉଠ୍' ବୋଲି କହି ସୁମିତ୍ରା ନିଜ କାର୍ଯ୍ୟରେ ମନ ଦେଲେ । ବିଶ୍ୱନାଥ ସୁମିତ୍ରା ଓ ସୋମନାଥ ବାବୁଙ୍କର ମୁଖର ଭାବ ଓ ତା ପ୍ରତି ଏପରି ଉଦାସୀନ ଥିବାର ଲକ୍ଷ୍ୟ କରି ପ୍ରମାଦ ଗଣିଲା । ସେ ଯେବେ ଘରକୁ ଆସେ ପ୍ରଥମେ ସୁମିତ୍ରା ସବୁକାମ ଛାଡ଼ି ତା ପାଖକୁ ଧାଇଁ ଆସନ୍ତି । ଦୁଇ ଚାରି ପଦ କୁଶଳ ପ୍ରଶ୍ନ ପଚାରି ତାହାର ଖିଆପିଆର ଚର୍ଚ୍ଚାରେ ଲାଗି ପଡ଼ନ୍ତି । ସେହି ଲୋକ ଆଜି ପୁଅ ପ୍ରତି ଏତେ ଉଦାସୀନ ହେବାର ଦେଖି ତାହାର ବୁଝିବାକୁ ଆଉ କିଛି ବାକି ରହିଲା ନାହିଁ । ନିଶ୍ଚୟ କୌଣସି ସୂତ୍ରରେ ସେମାନେ କିଛି ଗଂଧ ବାରି ପାରିଛନ୍ତି । କିନ୍ତୁ ସେ ଦୋଷୀ ଭଳିଆ କିଛି କହିବାକୁ ସାହସ କରି ପାରୁନାହିଁ । ତଥାପି ସେ ସୁମିତ୍ରାଙ୍କ ମନର ଭାବ ବଦଳାଇବା ଉଦ୍ଦେଶ୍ୟରେ ପଚାରିଲା—ତୋ ଦେହ କଣ ଭଲ ନାହିଁ କି ମା ?

ସୁମିତ୍ରା ଚାଉଳରୁ ଧାନ ବାଛି ଦେଉ ଦେଉ କହିଲେ—ନାଁ, ମୁଁ ତ ଭଲ ଅଛି ।

ବିଶ୍ୱନାଥ ଆଉ କିଛି ପଚାରିବାକୁ ସାହସ କଲା ନାହିଁ । ସେଦିନ ଥିଲା ରବିବାର । ସ୍କୁଲ ବନ୍ଦ । ଖିଆପିଆ ଟିକିଏ ଉଚ୍ଛୁରରେ ହେଲା । ସୋମନାଥ ବାବୁ ତାଙ୍କ ଶୋଇବା ଘରେ ଗୋଟାଏ ଖଟଉପରେ ଶୋଇଥିବା ଅବସ୍ଥାରେ ଖବର

କାଗଜ ଦେଖୁଚନ୍ତି । ସୁମିତ୍ରା ଗୋଟାଏ କନ୍ଥା ସିଲେଇ କରିବାରେ ବ୍ୟସ୍ତ । ସୋମନାଥ ବାବୁଙ୍କ ନିର୍ଦ୍ଦେଶ ପାଇ ମଧୁଆ ବିଶ୍ୱନାଥକୁ ଡାକି ଦେଲା ।

ବିଶ୍ୱନାଥ ଅଭିଯୁକ୍ତ ଆସାମୀ ପରି ଦୁର୍ବଳ ଓ ଶଂକିତ ମନରେ ଆସି ଦୁଆର ପାଖରେ ଠିଆ ହେବାର ଦେଖି ସୁମିତ୍ରା ଗମ୍ଭୀର ଭାବରେ ପାଖକୁ ଡାକି ବସିବାକୁ କହିଲେ । ବିଶ୍ୱନାଥ ବାଛି ପିଲାପରି ପାଖରେ ଆସି ବସିଲା । ସୋମନାଥ ବାବୁ ତାଙ୍କ ତକିଆ ତଳୁ ଖଣ୍ଡେ ଚିଠି ବାହାରକରି ବିଶ୍ୱନାଥ ଆଡ଼କୁ ଫୋପାଡ଼ି ଦେଇ କହିଲେ—ଏ ଚିଠି ଖଣ୍ଡିକ ପଢ଼ିଲୁ ।

ବିଶ୍ୱନାଥ ଚିଠିଖଣ୍ଡିକ ଦେଖିଲା ମାତ୍ରେ ଜାଣି ପାରିଲା ଯେ ତାହା ସଂସ୍କୃତ ଅଧ୍ୟାପକଙ୍କଠାରୁ ଆସିଛି । ଚିଠି ଉପରେ ଦୃଷ୍ଟି ନିବଦ୍ଧ ରଖି କେବଳ ବସି ରହିଲା ।

କିଛିକ୍ଷଣ ପରେ ସୋମନାଥ ବାବୁ ପ୍ରଶ୍ନ କଲେ—ଚିଠିଟା ପଢ଼ି ସାରିଲୁତ ?

ବିଶ୍ୱନାଥ କେବଳ ହୁଁ କହି ବସି ରହିଲା ।

ତେବେ ପ୍ରଫେସର ଯାହା ଲେଖିଚନ୍ତି ସେ କଥା ଠିକ ତ ?

ବିଶ୍ୱନାଥ କୌଣସି ଉତ୍ତର ଦେଲା ନାହିଁ ।

ସୁମିତ୍ରା କଣ କହିବାକୁ ଯାଉଥିଲେ । ସୋମନାଥ ବାବୁ ବାଧା ଦେଇ କହିଲେ—ତୁ କଣ ସେହି ହରିଜନ ବାଳିକାଟିକୁ ବିବାହ କରିବା ନିମନ୍ତେ ଶେଷ ନିଷ୍ପତ୍ତି କରି ସାରିଛୁ ?

ବିଶ୍ୱନାଥ ନିରୁତ୍ତର ।

ସୁମିତ୍ରା ସିଲେଇରୁ ଦୃଷ୍ଟି ଫେରାଇ କହିଲେ—ବିଶୁ, ତୁ ଏତେ ପାଠ ପଢ଼ି ଶେଷରେ କଣ ଏଇଆ ବୁଦ୍ଧି ହେଲା ? ତୁ ଇମିତି ହବୁ ବୋଲି ତ ମୁଁ ସ୍ୱପ୍ନରେ ଭାବି ନ ଥିଲି ? ଆମ ସମାଜରେ କଣ ଝିଅ ନାହାନ୍ତି ଯେ ତୁ ଅସବର୍ଣ୍ଣରୁ ବାହା ହେବୁ ବୋଲି ବସିଚୁ ? ସେ ମୋର କୁଳରେ ବୋହୂ ହୋଇ ମୋ ହାଣ୍ଡିଶାଳରେ ପଶିବ ? ଛି—ଆଉ ମୁଣ୍ଡ ଟେକି ବାଟ ଚାଲି ହେବ ?..........

କହି ଆଖିରୁ ଲୁହ ପୋଛିଲେ ସୁମିତ୍ରା ।

ଡାକ୍ତର ମନମୋହନ ବାବୁଙ୍କ ଝିଅ, କେଡ଼େ ଗୋରା । ସାକ୍ଷାତ ଲକ୍ଷ୍ମୀ ପ୍ରତିମା ପରି । ଗଲା ବର୍ଷ ମେଟ୍ରିକ ପାଶ କରିଛି । ଏହି ବୈଶାଖରେ ତାର ବିଭାଘର କରିବା ପାଇଁ ତା ବାପ ମା ବସେଇ ଉଠେଇ ଦଉ ନାହାନ୍ତି । ତୋ ପାଖକୁ ଏ ବିଷୟରେ ଲେଖା ଯାଇଥିଲେ ବି କୌଣସି ଉତ୍ତର ଦେଲୁ ନାହିଁ । ତଥାପି ସେମାନଙ୍କୁ ଜବାବ ଦିଆହୋଇ ସାରିଛି ।

ବିଶ୍ୱନାଥ ନୀରବ, ନିଶ୍ଚଳ । ଫଗୁଣର ଶୀତଳ ସ୍ପର୍ଶରେ ବି ତାର ଶରୀର ଘର୍ମାକ୍ତ । କପାଳରେ ବିନ୍ଦୁ ବିନ୍ଦୁ ଝାଳ । ସୁମିତ୍ରା ଲକ୍ଷ୍ୟକରି ପଣତରେ ମୁହଁ ପୋଛି ଆଣି କହିଲେ—ବିଶୁ, ତୋର କଣ ହେଉଚି କିରେ ଏତେ ଝାଳ ବହୁଚି କାହିଁକି ?

ବିଶ୍ୱନାଥର ତାଳୁ ଶୁଷ୍କ ହୋଇ ଆସିଲା ପରି ମନେ ହେଲା । ଓଠରେ ଜିଭ ବୁଲେଇ ଆଣି ଅତିକ୍ଷୀଣ ସ୍ୱରରେ କହିଲା—ମା, ବଡ଼ଘର ହେଇ ଯାଇଚି ।

ବି—ଶୁ— ! ଉତ୍କ୍ଷିପ୍ତ ସିଂହ ପରି ଗର୍ଜନ କରି ସୋମନାଥ ବାବୁ ଖଟ ଉପରୁ ତଳକୁ କୁଦି ପଡ଼ି ଥରିବାକୁ ଲାଗିଲେ ।

ବିଶୁ, ତୁ କଣ କଲୁ ? କହି ସୁମିତ୍ରା ନିର୍ଜୀବ ବସ୍ତୁ ପରି ବିଶ୍ୱନାଥର କାନ୍ଧ ଉପରକୁ ଟଳି ପଡ଼ିଲେ । ବିଶ୍ୱନାଥ ନିଜକୁ ସମ୍ଭାଳି ନେଲା । ତା ପରେ କାନ୍ଦୁଥିବା ଅବସ୍ଥାରେ ସୁମିତ୍ରା ଆସ୍ତେ ଆସ୍ତେ ବିଶ୍ୱନାଥ ପାଖରୁ ଘୁଞ୍ଚିଯାଇ କାନ୍ଥକୁ ଆଉଜି ବସି ରହିଲେ । କମ୍ପ ଜ୍ୱରରେ ଆକ୍ରାନ୍ତ ରୋଗୀ ପରି ସୋମନାଥ ବାବୁ ଥରି ଥରି କକ୍ଷ ତ୍ୟାଗ କରି ଚାଲିଗଲେ । ବିଶ୍ୱନାଥ ଦୁଇ ଆଣ୍ଠୁକୁ ଦୁଇ ବାହୁରେ ଛନ୍ଦି ମୁଣ୍ଡ ଆଣ୍ଠୁ ଉପରେ ମାଡ଼ି ଦେଇ ବସି ରହିଲା ।

ମଧୁଆ ଖଣ୍ଡେ ଦୂରରୁ ଏ ସବୁ ଲକ୍ଷ୍ୟକରୁଥିଲା । ନିଶ୍ଚୟ କିଛି ଗୁରୁତର ଘଟଣା ଘଟିଚି ଭାବି ଦୌଡ଼ିଗଲା ମନମୋହନ ବାବୁଙ୍କ ସ୍ତ୍ରୀ ପାଖକୁ ।

ସୁମିତ୍ରା ନାକ ପୋଛୁ ପୋଛୁ କହିଲେ—ବିଶୁ, ଆମେ କି ତୋର କେହି ନୁହେଁ ? ଥରେ ପଚାରିଲୁ ନାହିଁ ? ହେ ଭଗବାନ୍, ଏ କଥା ହବା ଆଗରୁ ମୁଁ ଯଦି ମରିଯାଇ ଥାନ୍ତି ଭଲ ହୋଇଥାନ୍ତା ।

ସୋମନାଥ ବାବୁ ଦୁଆର ବାହାର ପଟରେ ଠିଆହୋଇ ହଉ ହଉ କହିଲେ— ବେଶ୍, ତୁ ନିଜର ଭବିଷ୍ୟତ ନିଜେ ବାଛି ନେଇଛୁ । ଆଉ କାହାରି ପ୍ରତିବାଦ କରିବା ଆବଶ୍ୟକ ନାହିଁ । ଏଥରଂ ନିଜର ଦାୟିତ୍ୱ ନିଜେ ବହନ କରିବାକୁ ପଡ଼ିବ । ଆମେ ସେଥିରୁ ମୁକ୍ତ । ବିଶ୍ୱନାଥ ଉପରକୁ ମୁଣ୍ଡ ଉଠେଇଲା । ଆଖିରେ ତାର ଲୁହ ନାହିଁ । ଆସ୍ତେ ସୁମିତ୍ରାଙ୍କ ପାଖକୁ ଘୁଞ୍ଚିଯାଇ ପଣତରେ ଲୁହ ପୋଛି ଦେଉ ଦେଉ କହିଲା—ମା, ମୁଁ ଜୀବନରେ ଗୋଟାଏ ମସ୍ତ ବଡ଼ ଭୁଲ କରି ପକେଇଚି । ମୋତେ କ୍ଷମା ଦବନାହିଁ ? ସୁମିତ୍ରା ପୁଅକୁ କୁଣ୍ଢାଇ କହିଲେ—ବିଶୁ, ମୁଁ ତୋର ଯଦି ମା ହୋଇ ଥାଆନ୍ତି, ତୁ ମୋତେ ନ ଜଣେଇ ଏଡ଼େ ବଡ଼ ଗୁରୁତର କାମଟେ କରି ପକାନ୍ତୁ ?

ଏତିକିବେଳେ ମନମୋହନ ବାବୁଙ୍କ ସ୍ତ୍ରୀ ସୁପ୍ରିୟା ଘର ଭିତରକୁ ପଶି ଆସି କହିଲେ—କଥା କଣ ବିଶୁ ମା, କାନ୍ଦୁଚ କାହିଁକି ?

ସୁମିତ୍ରା କାନ୍ଦୁ କାନ୍ଦୁ କହିଲେ—ମୋର କରମ କନ୍ଦାଉଚି । ସୁପ୍ରିୟା ବିଶ୍ୱନାଥକୁ ଆଗରୁ ଦେଖି ନ ଥିଲେ । ଅବଶ୍ୟ ତାର ଫଟୋ ଦେଖିଥିଲେ । କିନ୍ତୁ ଫଟୋ ଅପେକ୍ଷା ସେ ଆଖିରେ ସୁନ୍ଦର ଦେଖା ଯାଉଛି । ନିଜ ଝିଅ ସୁନନ୍ଦା ସହିତ ତାକୁ ମନେ ମନେ ତୁଳନା କଲେ । ଠିକ୍ ଯେପରି ମଣି କାଂଚନ । କିନ୍ତୁ ସବୁକଥା ଯେତେବେଳେ ଜାଣି ପାରିଲେ ତାଙ୍କର ସମସ୍ତ ଆଶା ଭରସା ଚୂରମାର ହୋଇ-

ଗଲା । ନାସିକା କୁଞ୍ଚନ କରି କହିଲେ—ଆଉ କଣ କରିବ ବିଶୁ ମା, ପୁଅ ଯେତେବେଳେ ବାହାହୋଇ ଗଲାଣି, ବୋହୂକୁ ଘରକୁ ଆଣିବ । କାନ୍ଦିଲେ କଣ ହେବ ।

ସୁପ୍ରିୟା ସୁନନ୍ଦାକୁ ହିନ୍ନ ବୋଲି ଡାକନ୍ତି । ତେଣୁ ସମସ୍ତେ ତାଙ୍କୁ ହିନ୍ନ ମା ବୋଲି ଡାକନ୍ତି । ସୁମିତ୍ରା ମର୍ମାହତ ହୋଇ କହିଲେ—ହିନ୍ନ ମା, ବିଶୁ ତା ବୋହୂକୁ ଆଣି ଘର ସଂସାର କରୁ । ମୁଁ ବି କଲ୍ୟାଣ କରୁଛି ସେମାନଙ୍କୁ ସୁଖରେ ରହନ୍ତୁ । ମୋର ଯାଇ ପୁରୀରେ ରହିବି । ସେଇଠି ମଲେ ସ୍ୱର୍ଗପ୍ରାପ୍ତି ହେବ ।

ସୁପ୍ରିୟା ପରିହାସ କରି କହିଲେ—ମଲ ଯା, ଶାଶୁ ମାତାଜୀ ହୋଇ ପୁରୀରେ ରହିବେ । ବୋହୂ ଘରକୁ ଆସି ଘର ସଂସାର କରିବେ । ବୋହୂ ରାନ୍ଧଣା ଖାଇବ, ବୋହୂଠାରୁ ସେବା ପାଇବ······

ସୁମିତ୍ରା ଅଂତରର ବେଦନା ଚାପିରଖି ପାରିଲେ ନାହିଁ ।

ବିଶ୍ୱନାଥ ଭଲ ରୂପେ ବୁଝି ପାରିଲା ତାର ବାପ ମାର ମନର ବେଦନା । ତାହାର କୃତକର୍ମର ପ୍ରତିକ୍ରିୟା କି ଭଳି ଆକାରରେ ଦେଖା ଦେବ ତାହା ମଧ୍ୟ ସେ ବୁଝି ପାରିଲା । ସେ ଯେବେ ସମାଜ ଚକ୍ଷୁରେ ଭୁଲ କାମ କରିଥାଏ, ତାହାର ସଂଶୋଧନ ମଧ୍ୟ କରିବା ଏତେ ସହଜ ନୁହେଁ । ଅତି ବିନମ୍ର ହୋଇ କହିଲା—ମା, ତୁ ଏତେ ମନ କଷ୍ଟକରି କାନ୍ଦିଲେ ମୋର ମଙ୍ଗଳ ହେବ ? ମୁଁ ତ ଭୁଲ କରି ସାରିଛି । ତାର ଉପାୟ କଣ କହ । ତୁ ଯେପରି ଶାନ୍ତି ପାଇବୁ ମୁଁ ସେହିପରି କରିବି ।

ସୁପ୍ରିୟା ବିଶ୍ୱନାଥର ପକ୍ଷ ସମର୍ଥନ କରି କହିଲେ—ପୁଅତ ତମର ନିଜ ରକ୍ତରୁ । ରକ୍ତର ସଂପର୍କ କଣ ତୁଟିଯିବ ?

ସୁମିତ୍ରା ଆଖି ପୋଛୁ ପୋଛୁ କହିଲେ—ନା ହିନ୍ନ ମା, ପୁଅର ସଂପର୍କ କେବେ ତୁଟିଯାଏ ? ସେ ପୁଅ ହୋଇ ରହିବ ଚିରଦିନ । କିନ୍ତୁ ଯାହାକୁ ତାହାକୁ ମୁଁ କୁଳର ବୋହୂ ବୋଲି ମାନିନେଇ ଗ୍ରହଣ କରି ପାରିବି ନାହିଁ ।

ବିଶ୍ୱନାଥ ଅସ୍ଥିର ଗଳାରେ କହିଲା—ତାହେଲେ ତୁ ତାକୁ ଘରେ ସ୍ଥାନ ଦେଇ ପାରିବୁ ନାହିଁ ?

ସୋମନାଥ ବାବୁ ଶୁଷ୍କ ହସି କହିଲେ—ବିଶୁ, ତୁ ନିକେ ସୀମା ବାହାରକୁ ଚାଲିଗଲେ କଣ ଭାବିଛୁ ସମସ୍ତେ ତୋ ପରି ଯାଇ ପାରିବେ ?

ବିଶ୍ୱନାଥ ଦୁଃଖ ଓ ଅଭିମାନରେ କିଞ୍ଚିତ ବିଦ୍ରୋହ କରି କହିଲା—ହଁ ବାପା, ଏଇ ସମାଜ ଆମକୁ ଅନନ୍ତ କାଳରୁ ଶିକ୍ଷା ଦେଇ ଆସିଛି ମନୁଷ୍ୟ କିପରି ମନୁଷ୍ୟକୁ ଘୃଣା କରେ । ଆମେ ଆଜି ଗୋଟାଏ ସ୍ୱାଧୀନ ଜାତି ବୋଲି ଗର୍ବକରୁଁ । କିନ୍ତୁ ଆମରି ମଧ୍ୟରେ ରହିଛି ସହସ୍ର ଜାତି, ସହସ୍ର ଶ୍ରେଣୀ । ଏ ସ୍ୱାଧୀନତାର ମୂଲ୍ୟ କଣ ବା ଏ ଜାତୀୟତାର ମୂଲ୍ୟ କଣ ? ପରସ୍ପର ପ୍ରତି ଘୃଣା ଓ ଅବଜ୍ଞା ଯାହାର ମଜ୍ଜାଗତ ସେହି ଆମର ସମାଜ ।

ସୋମନାଥ ବାବୁ ବିଦ୍ରୂପର ହସ ହସି କହିଲେ—ବିଶୁ, ମୋର ନୀତିଶିକ୍ଷା କରିବାକୁ କିଛି ବାକି ଥିଲା । ତୁ ଆଜି ମୋତେ ସେ ଶିକ୍ଷା ଦେଉଛୁ ବୋଧହୁଏ । ତୁ ଜାଣୁ ତୋ ଭଳିଆ ଶହ ଶହ ମୋ ହାତରେ ମଣିଷ ହୋଇ ସାରିଲେଣି । ତୁ କହି ପାରିବୁ ତୋ ସମାଜର ଉତ୍ପତ୍ତି କେବେଠାରୁ ? କେତେ ସଂସ୍କାରକ, ପ୍ରଚାରକ, ନାସ୍ତିକ ଓ ରାଜଶକ୍ତିର ପ୍ରବଳ ଆକ୍ରମଣରୁ ଏହି ସମାଜ ନିଜର ଅସ୍ତିତ୍ୱ ବଜାୟ ରଖି ଆସିଛି, ତାହା ତୁ ଜାଣୁ ? ଅବଶ୍ୟ ଏହାର ତ୍ରୁଟି ଏତେଶୀଘ୍ର ସଂଶୋଧନ ହେବା ସମ୍ଭବ ନୁହେଁ । ଏହି ସମାଜ ମନୁଷ୍ୟ ହାତରେ ଗଢ଼ା, ଏହି ମନୁଷ୍ୟହିଁ ଏହାକୁ ସୁଧାରି ନେବ । ଗଛରେ ଚଢ଼ିବାକୁ ହେଲେ ମୂଳରୁ ଚଢ଼ିବାକୁ ହୁଏ । ତୁମ୍ଭର ସବର୍ଣ୍ଣ ମଧ୍ୟରେ କେତେ ଭେଦାଭେଦ ରହିଛି ସେ କଥା ଭାବି ପାରୁନୁ ? ସେ ସମସ୍ତ ଭେଦାଭେଦ ନ ଯିବା ପର୍ଯ୍ୟନ୍ତ ଆହୁରି ଦୂରକୁ ଚାଲିଯିବା ଅର୍ଥ ତଳୁ ଉଠି ଡାଳକୁ କୁଦା ମାରିବା ଭଳି ବ୍ୟର୍ଥ ପ୍ରଚେଷ୍ଟା କରିବା ମାତ୍ର । ତୁ ଯେଉଁ କାର୍ଯ୍ୟ କରିଛୁ ତାହା ବୁଝିବାକୁ ଗଲେ ଅତ୍ୟଧିକ ସଂସ୍କାରମୂଳକ ଓ ଆଦର୍ଶମୂଳକ କିନ୍ତୁ ତାର ପରିଣାମ ବର୍ତ୍ତମାନ ପାଇଁ ତୋ ପକ୍ଷରେ ବିଶେଷ ଅନୁକୂଳ ବାତାବରଣ ସୃଷ୍ଟି କରି ପାରିବ ନାହିଁ । ସଂସ୍କାରମୂଳକ କାର୍ଯ୍ୟ କରିବାକୁ ହେଲେ ସଂସ୍କାରକକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ହୁଏ । ତୋର ଯଦି ଆଜି ଗୋଟାଏ ଦୁଇଟା ଅବିବାହିତା ଭଉଣୀ ଥାଆନ୍ତେ ସେମାନଙ୍କର ଅବସ୍ଥା ଆଜି କଣ ହୁଅନ୍ତା କହିଲୁ ? ତଥାପି ନିଜର ଆତ୍ମୀୟ ସ୍ୱଜନ ଉପରେ ଯେ ଏହାର ପ୍ରତିକ୍ରିୟା ଦେଖା ନ ଦେବ ତାହା କହି ହେଉ ନାହିଁ । କେବଳ ଭାବାବେଗ ନ ହୋଇ ବାସ୍ତବ ଚିନ୍ତା କରି ଦେଖିବା ଉଚିତ ।

ସୋମନାଥ ବାବୁଙ୍କର ଏହି କଥାମାନ ବିଶ୍ୱନାଥ ଉପଲବ୍ଧି କଲା । ବାସ୍ତବିକ ଏହି ସବର୍ଣ୍ଣ ହିନ୍ଦୁ ମଧ୍ୟରେ ଏତେ ଭେଦାଭେଦ ? ଅବଶ୍ୟ ପୃଥିବୀର ଅନ୍ୟାନ୍ୟ ସଭ୍ୟ ଜାତି ମଧ୍ୟରେ ଘୃଣାଭାବ ରହିଛି କିନ୍ତୁ ଏତେଦୂର ? ମନୁଷ୍ୟ ମନୁଷ୍ୟକୁ ସ୍ପର୍ଶ କରିବାକୁ କୁଣ୍ଠିତ ? ବିଶ୍ୱନାଥର ମନ ବିଦ୍ରୋହୀ ହୋଇ ଉଠିଲା । ମନ ମଧ୍ୟରୁ ତାର ସମସ୍ତ ଦୁର୍ବଳତା ତ୍ୟାଗକରି ଦୃଢ଼ ଭାବ ଧାରଣ କଲା । ନାଁ ସେ ଆଉ ପଛକୁ ଫେରି ଚାହିଁବ ନାହିଁ । କେବଳ ଆଗେଇ ଚାଲିବ । ସେ ଯାହା କରିଛି ତାହା ଠିକ୍ କରିଛି । ବାପ ମା ସମାଜ ଚକ୍ଷୁରେ ଠିକ୍ ନ ହେଲେ ବି ତାହାକୁ ପୁନର୍ବାର ସଂଶୋଧନ କରି ପାରିବ ନାହିଁ । ସେ ଯେଉଁ କାର୍ଯ୍ୟ କରିଛି ବାପ ମା ଅଥବା ସମାଜର ସମର୍ଥନ ପାଇ ନାହିଁ, କିମ୍ବା ସମର୍ଥନ ଚାହି ନାହିଁ । ସୁତରାଂ ସମାଜ ତାକୁ ସମର୍ଥନ କରିବ ନାହିଁ । ନ କରୁ । ସେ ଆଗେଇବ, ତା ଭଳି ଆହୁରି କେତେ ଆଗେଇବେ, ସେଥିରେ ସମାଜ ବି ଆଗେଇବ ।

ସେ ଦିନ ରାତିଯାକ ବିଶ୍ୱନାଥ ଅନିଦ୍ରା । କେବଳ ଚିନ୍ତା କରୁଚି ଗୌରୀ ବିଷୟ । ଗୋଟାଏ ଦିଗରେ ବାପ ମା ଓ ସମାଜ, ଅନ୍ୟ ଦିଗରେ ଗୌରୀ । ଗୋଟିଏ

ପକ୍ଷର ଆଶ୍ରୟ ନେଲେ ଅନ୍ୟ ପକ୍ଷକୁ ଛାଡ଼ିବାକୁ ହେବ । ସୁମିତ୍ରା କହିଚନ୍ତି ସେ ତାକୁ ପୁଅ ବୋଲି ଗ୍ରହଣ କରିବେ । ରକ୍ତର ସଂପର୍କ ଠିକ୍ ରହିବ । କିନ୍ତୁ ଗୌରୀକୁ କୁଳର ବଧୂ ରୂପେ ଗ୍ରହଣ କରି ପାରିବେ ନାହିଁ । ଏହାର ଅର୍ଥ କଣ ? ତା ହେଲେ ସେ କଣ ଗୌରୀକୁ ପରିତ୍ୟାଗ କରିବ ? କିନ୍ତୁ ତାର କି ଅଧିକାର ଅଛି ଗୌରୀକୁ ପରିତ୍ୟାଗ କରିବାରେ ।

ତହିଁ ପରଦିନ ସକାଳ । ପୂର୍ବାକାଶରେ ହଠାତ୍ ଖଣ୍ଡେ ମେଘ ଉଠି ଆସି ଉଦୀୟମାନ ସୂର୍ଯ୍ୟଙ୍କୁ ଢାଙ୍କି ପକାଇଲା । ବେଳ ଅନେକ ହୋଇଗଲାଣି, କିନ୍ତୁ ଜଣା ପଡ଼ୁନାହିଁ । ବିଶ୍ୱନାଥ ଗତ ରାତିରେ ଚିନ୍ତା କରି କରି ଅନେକ ବିଳମ୍ବରେ ଶୋଇଛି । ସକାଳର ମେଘୁଆ ପାଗଟା ତାକୁ ଭଲ ଲାଗୁନାହିଁ । ତଥାପି ଏହି ମେଘକୁ ସେ ଆହ୍ୱାନ କରେ । ତା ସଙ୍ଗେ ଝଡ଼ ଓ ତୋଫାନ । ମୁହଁ ହାତ ଧୋଇ ସେ ପ୍ରସ୍ତୁତ ହୋଇ ପଡ଼ିଲା ବାଲେଶ୍ୱର ଚାଲିଯିବା ନିମନ୍ତେ । ସୁମିତ୍ରା ଓ ସୋମନାଥ ବାବୁଙ୍କର ବାରଣ ମାନିଲା ନାହିଁ । ସୁମିତ୍ରା କିଛି ଜଳଖିଆ ଆଣିଦେଲେ ସାମାନ୍ୟ ଖାଇ ଦେଇ ଉଠିଗଲା ।

ସୋମନାଥ ବାବୁ ଓ ସୁମିତ୍ରାଙ୍କୁ ପ୍ରଣାମ କରି ସେ ବାହାରିଲା । ଆର୍ଦ୍ର କଣ୍ଠରେ ସୁମିତ୍ରା ପଚାରିଲେ—ଆଉ କେବେ ଆସିବୁ ? ପହଞ୍ଚିଲା ମାତ୍ରେ ଚିଠିଦବୁ । ସୁମିତ୍ରାଙ୍କ ମୁହଁକୁ ଥରେ ଚାହିଁଦେଇ ଦେଖିଲା ତାଙ୍କର ଚକ୍ଷୁ ଅଶ୍ରୁରେ ଭରି ଯାଇଛି । ବିଶ୍ୱନାଥ ଆଗେଇ ଚାଲିଲା । ସୁମିତ୍ରା ଅନେକ ବେଳ ପର୍ଯ୍ୟନ୍ତ ତାକୁ ଚାହିଁ ଛିଡ଼ା ହୋଇ ଥାଆନ୍ତି ।

ଇତିମଧ୍ୟରେ ଦୀର୍ଘ ଏକମାସ ଅତୀତ ହୋଇ ଗଲାଣି । ବିଶ୍ୱନାଥର କୌଣସି ଖବର ନାହିଁ । ଗୌରୀ ଭାବି ଭାବି ଅସ୍ଥିର ହେଲାଣି । ବିଶ୍ୱନାଥ ଘରେ ପହଞ୍ଚି ଚିଠି ଦେବ କହି ଏ ପର୍ଯ୍ୟନ୍ତ ଚିଠିପତ୍ର ଦେଉନାହିଁ । ନକୁଳ ଓ ସାବି ମଧ୍ୟ ବ୍ୟସ୍ତ ହୋଇ ପଡ଼ିଲେଣି । ଗୌରୀକୁ ଚିଠି ଦେବାପାଇଁ କେତେ କହିଲେ ବି ଗୌରୀ ଲଜ୍ଜା ଓ ଭୟରେ ଚିଠି ଦେଇନାହିଁ ।

କେନ୍ଦ୍ର ପରୀକ୍ଷା ଆଉ ଜମାରୁ ଚାରିଦିନ । ଗୌରୀ ସନ୍ଧ୍ୟାରେ ବସି ପଢୁ ପଢୁ ହଠାତ୍ ତାର ମୁଣ୍ଡ କଣ ହୋଇଗଲା । ସେହି ରାତିରେ ଆଉ କିଛି ଖିଆପିଆ ନକରି ଶୋଇ ପଡ଼ିଲା । ସାବି ଓ ନକୁଳ ତା ଦେହରେ ହାତମାରି ଦେଖିଲେ ଦେହ ଗରମ ଜଣା ପଡୁଛି । ନିଶ୍ଚୟ ଜର ଆସିଲା । ତହିଁ ପରଦିନ ସକାଳେ ଦେହର ତାତି ଆହୁରି ବେଶି ଜଣା ପଡ଼ିଲା । ନକୁଳ ଗୋଟାଏ ଶିଶି ନେଇ ଦୌଡ଼ିଗଲା ହାସପାତାଳ ।

ହୀରା ବ୍ୟସ୍ତ ହୋଇ ଗୌରୀକୁ କହିଲା—ବିଶୁବାବୁଙ୍କ ଠିକଣା ତ ତୁ ଜାଣୁ, ଖଣ୍ଡେ ଚିଠି ଲେଖିଦେଲେ କଣ ଲୋକସାନ ହୁଅନ୍ତା ।

ଗୌରୀ ଡକଆରେ ମୁହଁମାଡ଼ି କହିଲା—ଆଉ କଣ ଦରକାର । ସାମାନ୍ୟ ଜର ହୋଇଛି ଛାଡ଼ିଯିବ । ଆସିବା ଲୋକ ନ ଆସି କଣ ଘରେ ରହିବ ?

ଗୌରୀ କାହିଁକି ଚିଠି ଦେବାକୁ ଅନିଚ୍ଛୁକ ତାହା ସେ ନିଜେ ଜାଣେ । ଯେତେବେଳ ପର୍ଯ୍ୟନ୍ତ ବିଶ୍ୱନାଥ ନ ଆସିଛି ସେ କିପରି ଚିଠିଦେବ ? କୋହୁ ହୋଇ ସେ ବିଶ୍ୱନାଥ ଘରକୁ ଥରେ ହେଲେବି ଯାଇନାହିଁ । ଚିଠି ଦେବାପାଇଁ ତାକୁ କିପରି ମାଡ଼ି ମାଡ଼ି ପଡୁଥାଏ । ଏକ ଅଜଣା ଆଶଂକାରେ ତାର ମନଟା ମଧ୍ୟ ଦବି ଯାଉଥାଏ । ତାର ଦେହର ଅବସ୍ଥା ଆଉ ବଦଳିଲା ନାହିଁ । ପରୀକ୍ଷା ମଧ୍ୟ ଦେଇ ପାରିଲା ନାହିଁ । ସମସ୍ତ ଚେଷ୍ଟା ଆଶା ଭରସା ତାର ଭାଙ୍ଗି ଚୁରମାର ହୋଇଗଲା ।

ଦୁଃଖ ଯେତେବେଳେ ଆସେ କେବଳ ଗୋଟାଏ ଦିଗରୁ ଆସେ ନାହିଁ । ଦୁଃଖର ଦିନଗୁଡ଼ାକ ମଧ୍ୟ ଜଣା ପଡ଼େ ଅତି ଦୀର୍ଘ । ଗୌରୀର ଜ୍ୱର ଆଉ କମିବାକୁ ନାହିଁ । ଡାକ୍ତରଖାନାକୁ ଦୌଡ଼ି ଦୌଡ଼ି ନକୁଳ ମଧ୍ୟ କାମ ଧନ୍ଦା ଏକ ପ୍ରକାର ଛାଡ଼ି ଦେଇ ସାରିଲାଣି । ହାତରେ ଯାହା ବି ପଇସା ଥିଲା ସବୁ ଶେଷ । ଗାଁରେ ଧାର କରଜ ବି କେହି ଦେବାକୁ ରାଜି ନୁହନ୍ତି । ସମସ୍ତଙ୍କର ରାଗ ଗୌରୀର ବିଭାଘରଠାରୁ । ଏକପ୍ରକାର ଅସହ ଯୋଗ ଆରମ୍ଭ କରି ଦେଇଚନ୍ତି । ହୀରା ବି ଆଉ କାମ ପାଇଟି କିଛି କରି ପାରୁ ନାହିଁ । ଅଧିକାଂଶ ସମୟରେ ଗୌରୀର ସେବାରେ ଲାଗିଛି । କେଉଁଦିନ ଚୁଲି ଜଳୁଚିତ ନାହିଁ । ଉପଯୁକ୍ତ ପଥ୍ୟ ନ ପାଇ ଗୌରୀ ମଧ୍ୟ ଦୁର୍ବଳ ହୋଇ ପଡ଼ିଲାଣି । ଡାକ୍ତର କହିଚନ୍ତି—ସେ ରୋଗୀକୁ ଥରେ ଦେଖିବେ । ହୀରା ଆଖି ଛଳ ଛଳ କରି ନକୁଳକୁ କହିଲା—ସୁନାକୁ ବିକି କରିଦିଅ ଅଉ ଉପାୟ ନାହିଁ । ଗୌରୀର ଦେହ ଦିନକୁ ଦିନ ଖରାପ ହେଲା ଯେ ।

ଗୌରୀ ଗୋଟାଏ ନାଲି ରଂଗର ଖାସି ପାଳିଥିଲା, ଖୁବ ଛୋଟ ହୋଇଥିବା ଅବସ୍ଥାରେ ତାର ମା ମରିଗଲାରୁ ସମସ୍ତେ ତାକୁ ବଡ଼ ଯତ୍ନରେ ପାଳିଥିଲେ । ତାର ଦେହର ରଂଗ ଗୌରୀ ଆଖିରେ ସୁନାପରି ଦେଖାଯାଏ । ସେଇଥିପାଇଁ ସେ ତାହାର ନାମ ସୁନା ରଖିଥିଲା । ସୁନା ଖୁବ ବଡ଼ ହୋଇ ଗଲାଣି । ସୁନା ଯେଉଁଠି ଥିଲେ ବି ଗୌରୀ ଡାକ ଶୁଣି ଦୌଡ଼ି ଆସେ ।

ସୁନାକୁ ବିକି କରି ଦେବା କଥା ଶୁଣି ଗୌରୀ ଚମକି ଉଠି କହିଲା—କଣ କହୁଚୁ ମା, ସୁନାକୁ ବିକି ଦବୁ ? ନା ନା ନା, ସୁନାକୁ ମୁଁ ବିକିବାକୁ ଦେବି ନାହିଁ । ମୋ ଜର ମନକୁ ଭଲ ହୋଇଯିବ । ସୁନାକୁ ବିକି ସେହି ପଇସାରେ ଡାକ୍ତର ଆଣିଲେ ମୁଁ ଡାକ୍ତରକୁ ଫେରାଇ ଦେବି ।

ସୁନା ଖଣ୍ଡେ ଦୂରରେ ଶୋଇ ପାଟି ପାକୁଳେଇ ହେଉଥିଲା । ବାରମ୍ବାର ନିଜର ନାମ ଶୁଣି ପାଟି ପାକୁଳା ବନ୍ଦ କରି ଗୌରୀ ଓ ହୀରା ଆଡ଼କୁ

ଚାହିଁ ଥାଏ । ସାବିର ମୁଖରେ ବ୍ୟସ୍ତତା ଦେଖି ଗୌରୀ କହିଲା—ମା, ତୁ ଗୋଟାଏ କଥା କରି ପାରିବୁ ? ଆଜି ଦଶଟା ଟଂକା ମିଳି ଯାଆନ୍ତା । ସାବି କିଛି ବୁଝି ନ ପାରି ଗୌରୀ ମୁହଁକୁ ଚାହିଁ ରହିଲା ।

ଗୌରୀ ଖୁବ ଧୀରେ ଧୀରେ କହିଲା—ଆମ ଇସ୍କୁଲରେ ଜଣେ ଝିଅ ମୋ ବହିଗୁଡ଼ାକ କିଣିନବ ବୋଲି କହୁଥିଲା । ତା'ର ଏଇ ବର୍ଷ ପାଖରୁ ଦରକାର ହେବ । ମୁଁ କେତେ ଖଣ୍ଡ ବହି ଦଉଚି, ବାପାଙ୍କୁ କହି ନେଇଯିବେ । ଖୁବ କମରେ ଦଶଟା ଟଙ୍କା ସେ ଦେଇ ଦବ ।

ସାବି ମୁହଁ ଶୁଖେଇ କହିଲା—ତୋର ଆଉ ଦରକାର ହବ ନାହିଁକି ? ଗୌରୀ ତକିଆରେ ମୁହଁ ମାଡ଼ି ଦେଇ ସାବିର ଏହି ପଦକ କଥା ଶୁଣୁଥିଲା । କହି ନ ପାରି କେବଳ ମୁଣ୍ଡ ହଲେଇ ସଙ୍କେତ ଦେଲା । ସେହିଦିନ ଉପରି ଓଳି ଜଣେ ମୁସଲମାନ ବେପାରୀ କୋଡ଼ିଏ ଟଙ୍କା ଦେଇ ସୁନାକୁ ନେଇଗଲା । ଗଲାବେଳେ ସୁନା ଟାଣି ହୋଇ ବୋବାଉଥାଏ ଓ ସାବି ଆଡ଼କୁ ବାରମ୍ବାର ଦୃଷ୍ଟି ନିକ୍ଷେପ କରୁଥାଏ । ସାବି ସେ ଦୃଶ୍ୟ ଦେଖି ନ ପାରି ମୁହଁରେ ପଣତ ଚାଂପି ଘର ଭିତରକୁ ଚାଲିଗଲା ।

ଖାଦ୍ୟ ସାଙ୍ଗକୁ ପାନୀୟର ଯେପରି ସମ୍ପର୍କ, ଦେହ ସହିତ ମନର ସେହିପରି ସମ୍ପର୍କ । ଗୌରୀର ମାନସିକ ବେଦନା ସହିତ ଶରୀରର ଦୁର୍ବଳତା ସମାନ ତାଲ ଦେଇ ଚାଲିଲା । ସାବି ଆଉ ସମ୍ଭାଳି ନ ପାରି ନକୁଳକୁ କହିଲା—ତମେ ଭଦ୍ରଖ ଚାଲିଯାଅ । ବିଶୁବାବୁଙ୍କୁ ସାଙ୍ଗରେ ଧରି ଆସିବ । ମାସେ ହେଲାଣି ଜଣେ ଲୋକର ଦେଖା ନାହିଁ କି ଖବର ମଧ୍ୟ ନାହିଁ ।

ନକୁଳ ଇତସ୍ତତଃ ହୋଇ କହିଲା—ଏତେ ଗାଡ଼ିଭଡ଼ା······

ସାବି ବିରକ୍ତ ହୋଇ କହିଲା—ଯାହା ଲାଗିବ । ଝିଅଟାକୁ ଆଉ କଣ ମାରି ଦେବନା ? ଭଗବାନ ତ ଆମ କପାଳରେ ଦୁଃଖ ରଖିଚନ୍ତି । ଆମେ ନ ସହି ସହିବ କିଏ ?

ତହିଁ ପରଦିନ ରବିବାର । ନକୁଳ ସକାଳ ଗାଡ଼ିରେ ଭଦ୍ରଖ ବାହାରିଗଲା । ସାବି ତାହାକୁ ଗାଡ଼ିଭଡ଼ା ଓ ରାସ୍ତା ଖର୍ଚ୍ଚ ପାଇଁ ପାଞ୍ଚ ଟଙ୍କା ଦେଲା । ପୁଣି ପହଞ୍ଚିଲା ବେଳକୁ କେତେ ବେଳ ହବ । ଗଣ୍ଡେ କଞ୍ଚା ଚୂଡ଼ା ଓ ଶୁଖିଲା ଗୁଡ଼ରୁ କିଛି ବାନ୍ଧିକୁ ଦେଲା । ଆହୁରି ସାବଧାନ କରେଇ ଦେଇ କହିଲା, ଦେଖ, ତମେ ସେଠି ରହିବ ନାହିଁ, ଚଂଚଳ ଫେରି ଆସିବ ।

ଗୌରୀର କଡ଼ା କଡ଼ା କଥା କେଇପଦ ଶୁଣି ପଦୁର ସିନା ନିଶା ଛୁଟିଥିଲା, କିନ୍ତୁ ଗୌରୀର ନିଶା ତାକୁ ଛୁଟି ନ ଥିଲା । ସାହି ପଡ଼ିଶା ଜାତିଭାଇ ଗୌରୀର ବାହାଘର ପରେ ରାଗିଲେ ନକୁଳ ଓ ସ୍ୱାରୁକୁ । ପଦୁର ବେଶି ରାଗ ହେଲା ଗୌରୀ ଉପରେ । ଜାତିଭାଇ ଭିତରେ ତାକୁ ବର ନାପସନ୍ଦ ହେଲା ଯେ ଶେଷରେ ଗୋଟାଏ ଅଲଗା ଜାତିରୁ ବାହା ହେଲା । ହଉ । ଅଭିମାନ, ଘୃଣା ଆଉ ରାଗରେ ଜଳି ଯାଉଥାଏ ସେ ।

ଯେତେବେଳେ ସେ ଶୁଣିଲା ଗୌରୀ ବେମାର ପଡ଼ିଛି ଆଉ ତାର ସ୍ୱାମୀ ତାକୁ ଦେଖିବାକୁ ଆସୁନାହିଁ ସେତେବେଳେ ତା'ର ଆନନ୍ଦ କହିଲେ ନ ସରେ । ଗାଁ ଠାକୁରାଣୀଙ୍କ ପାଖରେ ଲମ୍ବ ହୋଇ ପଡ଼ିଯାଇ କହିଲା—ମା ମଙ୍ଗଳା, ତୁ ଏତେ ଦିନକେ ମୋ ଡାକ ଶୁଣିଲୁ । କାଲିରେ ତୋ ପାଖରେ ବୋଦା ବଳି ଦେବି । ମୋ ସାଇପ ତୁରନ୍ତ ଫଳିଗଲା । ତୁ ସର୍ବଜାଣ ମା । ଧନ୍ୟ ତୋ ପ୍ରତିଜ୍ଞା ।

ତହିଁ ପରଦିନ ପଦୁ ମଙ୍ଗଳାଙ୍କୁ ଗୋଟାଏ ପୂଜା ଦେଇ ବୋଦାଟେ ମଧ୍ୟ ବଳିଦେଲା । ଗାଁ ଯାକର ସାଙ୍ଗ ଟୋକାଙ୍କୁ ନାଲିଭଜ ତିଆରି କରେଇ ଖୋଇଲା । ମଙ୍ଗଳାଙ୍କ ନିକଟରେ ଅଙ୍କୁର ମଧ୍ୟ ପଣା ଫଳ ମିଷ୍ଟାନ୍ନ ଭୋଗ ଲଗେଇଲା । ଥରକୁ ଥର ଯାଇ ଠାକୁରାଣୀଙ୍କ ପାଖରେ ଅଧିଆ ପଡ଼ି ମନେ ମନେ ଜଣାଉଥାଏ—ମା ମଙ୍ଗଳା, ଯେମିତି ତା ବର ଆଉ ତା ପାଖକୁ ନ ଫେରୁ । ମନେ ମନେ ତାର ଦୃଢ଼ ବିଶ୍ୱାସ—ଆଉ କଣ ତା ବର ସତରେ ଫେରିବ ? ମଙ୍ଗଳା ଠାକୁରାଣୀ କଣ ଆଉ ତାକୁ ଫେରେଇବେ ? ଏଥର ଆଉ ଟୋକୀ ଯିବ କୁଆଡ଼େ ? ଠିକ ହେଇଚି । ଉଚିତ ଶାସ୍ତି । ଛଟକୀ ଟୋକୀ ବର ବାଛୁ ବାଛୁ ବାହା ହୋଇଥିଲା ।

ପଦୁର ଶୁଷ୍କ ଆଶା-ବୈତରଣୀ ଏଥର ଉଛୁଳିଲା । ଆଶାର ବନ୍ୟା ଛୁଟି ଚାଲିଲା । ସେଥିରେ ସେ କେତେ ଦୂର ଭାସିଗଲା ନିଜେ ବି ଜାଣି ପାରିଲା ନାହିଁ । ଗୌରୀ ଆଉ କଉ ଗାତକୁ ଯିବ ? ଏଥର ମୋର ଗୋଡ଼ ତଳକୁ ନ ଆସି ଆଉ ଗତି ଅଛି ? ଯିଏ ଯାହାର ସିଏ ତାହାର । ଖାଲି ତୁଚ୍ଛାଟାରେ ଗୋଟାଏ କଲେଜ ଟୋକା ଫାନ୍ଦରେ ପଡ଼ି ଗୁଡ଼ାଏ ଅପମାନ ଦୁରବସ୍ଥା ହେଲା । ବାଃ ବାଃ ଭାରି ମଜା ହେଇଚି । ମା ମଙ୍ଗଳା ମୋଠାରେ ତୋର କେତେ ଦୟା ? ପଦୁ ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ମୁଣ୍ଡ ନୁଆଁଇ ଦିଏ ।

ପଦୁର ଆନନ୍ଦର ମାତ୍ରା ଏତେ ବଢ଼ିଗଲା ଯେ ତାର ଭୋକ ଶୋଷ ବନ୍ଦ ହୋଇଗଲା । ରାତିରେ ନିଦ ହେଲା ନାହିଁ । ବିଛଣାରେ ପଡ଼ି ଛଟ ପଟ ହୁଏ । କେତେବେଳେ ଉଠି ଘର ଭିତରେ ବୁଲେ । ବିଡ଼ିଟାଏ ଟାଣେ । ଗୌରୀ ଏଥର ତା'ର । ଏଥର ନକୁଳ ମଉସା, ସ୍ୱାରୁ ମାଉସୀ ଆମ ଦୁଆରେ ନୁହଁ ନୁହଁ ପଡ଼ିବେ ଯେ ।

ରାତି ପାହିଲା ବଡ଼ ଡେରିରେ ସେଦିନ । ପଦୁର ମନ ଆଉ ଦଣ୍ଡେ ସ୍ଥିର ହେଲା ନାହିଁ । ଛଅାଣ ପରି ମନଟା ଉଡ଼ି ବୁଲିଲା । ମନେ ହେଉଥାଏ ଯେପରି କି ଗୌରୀଙ୍କୁ ଝାମ୍ପ ମାରି ଟାଣି ଆଣିବ ।

ନାଁ ଏଥର ସେ ଯିବା ଦରକାର । ଯାଇ ଦେଖିବ ଅବସ୍ଥାଟା କେମିତି କଣ । ଗଲେ କ୍ଷତି କଣ ? ଏଇତ ବେଳ । ପଦୁ ମନେ ମନେ ଠିକ କଲା ଗୌରୀ ଘରକୁ ଯିବା ପାଇଁ ତେବେ ଖାଲି ହାତଟାରେ ଯିବା ବା କପରି ? ଗୌରୀ ବି ଜରରେ ପଡ଼ିଚି । ବଜାରରୁ କିଛି ଫଳ ନେଇ ଯିବା ଦରକାର ।

ପଦୁ ଚାଲିଲା ଗୌରୀ ଘରକୁ । ଗୋଡ଼ ତଳେ ଲାଗୁନାହିଁ । ଆକାଶର ଚାନ୍ଦ ଯେମିତି ତା ହାତ ମୁଠାକୁ ଅସିଚି । ପକେଟରେ ଆଜି ଆଉ ବିଡ଼ି ଫିଡ଼ି ନାହିଁ । ଚାରମିନାର ସିଗାରେଟ ଦୁଇ ପାକେଟ ତା ସ୍ଥାନ ପୂରଣ କରିଚି । ବାଟରେ କେହି ସାଙ୍ଗ ଚହ୍ଲା ପରିଚିତ ଲୋକ ତା ସଙ୍ଗରେ କଥାବାର୍ତ୍ତା କରିବାକୁ ଚାହିଁଲେ ସେ ଆଉ ସେଠି ଠିଆ ନ ହୋଇ ଚାଲିଯାଏ । କେହି ପଛରୁ ଡାକିଲେ କହେ—ରହ ଭାଇ, ମୋର ବେଳ ନାହିଁ କଥା କହିବାକୁ । ଖୁସି ଜରୁରୀ କାମରେ ଯାଉଚି ପରା । ଆଉ ଦିନେ କଥା ହବା ।

ପଦୁ ଚାଲିଛି ବାଟ ଅବାଟ ମାଡ଼ି । ସତରେ ବା ସେ ଗୋଟାଏ ରାଜ୍ୟ ଜୟ କରିବ । ରାଜ୍ୟ ନୁହେଁ ତ ଆଉ କଣ ? ରାଜ୍ୟର ରାଜା ବା ଶାସକ ନ ଥିଲେ ସେ ରାଜ୍ୟ କେତେଦିନ ? ନିଶ୍ଚୟ କେହିନା କେହି ତାକୁ ଅଧିକାର କରି ବସିବେ । ପଦୁ ସେ ସୁଯୋଗ ଛାଡ଼ିଦେବ କାହିଁକି ।

ଗୌରୀ ଘରେ ପହଞ୍ଚି ଦେଖିଲା ଦାଣ୍ଡପଟ ଦରଜା ଭିତର ପଟରୁ ବନ୍ଦଅଛି । କବାଟରେ ଧଡ଼ ଧଡ଼ ବାଡ଼େଇ ମାଉସୀ ମାଉସୀ ଡାକ ଛାଡ଼ିଲା । ଘର ଭିତର ପଟରୁ ଜବାବ ଦେଲା—କିଏ ଡାକୁଛିରେ, ଯାଉଚି ରହ । ଭାବିଲା ନକୁଳ ଆଉ ଫେରି ଆସିଲା କି ? ତରତର ହୋଇ କବାଟ ଖୋଲିଦେଲା । କିଏ, ପଦୁ କିରେ ! ତୋର ତ ଆଉ ଦେଖା ନାହିଁ ବାପ । ଆମକୁ ଏଥର ଭୁଲି ଗଲୁଣି ନା କଣ !

ପଦୁ ମୁଣ୍ଡିଅଟେ ମାରି କହିଲା—ମୁଁ କାହିଁକି ଭୁଲିଯିବି ମାଉସି, ତମେମାନେ ଭୁଲି ଗଲଣି । ଗୌରୀର ବାହାଘର ଚୁପ୍‌ଚାପ କରିଦେଲ ଯେ ତା ଗଂଧ ବି ଆମେ ପାଇଲେ ନାହିଁ । ହେଲେ ଦହ ପା କିଛି ହେଲେ ବି କରିଉନ । ଗୌରୀଙ୍କୁ ଏଡ଼େ ଜର । ଟିକିଏ ଆମ କାନରେ ବି ବଜେଇ ଦେଲ ନାହିଁ । ହଉ, ମଉସା କାହାନ୍ତିକି ? ଗୌରୀ ଦେହ କମିତି ଅଛି ?

ପଦୁର ଏଇ କଥା କେଇପଦ ସ୍ୱାରିକୁ ବଡ଼ ବାଧିଲା । କଣ କରିବ ଆଉ ? ସେମାନେ ଯେମିତି କାମ କରିଚନ୍ତି । ବାଟଚଲା ଲୋକ ବି ଦିପଦ ଶୁଣେଇ ଦେଇ ଯାଉଚନ୍ତି । ପାଟି ଖୋଲି ପ୍ରତିବାଦ କରିବାର ଅଉ ରହିା କାହିଁ ? ମନର ଭାବକୁ ଚପେଇ ରଖି ଶୁଖିଲା ହସଟିଏ ହସିଦେଲା । ଜାଣିଲୁ ବାପ ପଦୁ, ବାହାଘର କଥା

ସେ କହିଲ୍ ସିଏ ହେଲା ବିଧାତାର ଘଟଣା । ମଣିଷର କଉ ଅକ୍ତିଆର ଅଛି ? ଆମେ ଆଉ ଜାତିକୁଳ କୁଟୁମ୍ବ ଭାଇ ବନ୍ଧୁ କାହାରିକୁ କଣ ଡାକି ପାରିଲୁଁ ? ଯାହାର ଯଉଠି ଯୋଗ ଥିବ, ତାକୁ କେହି ଅଟକେଇ ପାରିବ ? ହଉ ତୁ ଘର ଭିତରକୁ ଆ । ଗୌରୀକୁ ଟିକିଏ ଦେଖ । ବଡ଼ ଦୁର୍ବଳ ହେଇ ଗଲାଣି । ଜର ଛାଡ଼ିବାକୁ ନାହିଁ । ସେତେ ଇଲାଜପାତି ଦେଲୁଣି ସେ କଥା ଆଉ କଣ କହିବ । ମଉସା ବି ଆଜି ସକାଳେ ଭଦରଖ ବାହାର ଯାଇଚନ୍ତି ।

ପଦୁ ଗୌରୀ ଶୋଇଥିବା ଘରକୁ ଯାଇ ଦେଖିଲା ଗୌରୀ ବିଛଣାରେ ଶୋଇ ରହିଛି ବିପରୀତ ଦିଗକୁ ମୁହଁକରି । ରୋଗୀର ବିଛଣା ପାଖରେ ବସିପଡ଼ି ଖୁବ୍ ନରମ ଗଳାରେ ଡାକିଲା—ଗୌରୀ, ଗୌରୀ ଲୋ ! କିଛି ଜବାବ ପାଇଲା ନାହିଁ । ତେବେ ଗୌରୀ କଣ ଶୋଇ ଯାଇଛି ? ନାଁ ତ ! ଚାହିଁଛି । ମୁଣ୍ଡ ଓ ପିଠିରେ ହାତ ବୁଲାଇ ଆଣି ପୁଣି ଧୀରେ ଡାକିଲା—ଗୌରୀ ! ଗୌରୀ ଟିକିଏ ଚମକି ପଡିଲା ପରି ମୁହଁ ବୁଲେଇ ଚାହିଁଲା । ଆଖି ଦୁଇଟା ତାର ସେମିତି ମେଲା ହୋଇ ରହିଲା ଅନେକ ବେଳଯାଏ । ଆଶ୍ଚର୍ଯ୍ୟ ହେଲେ ମନୁଷ୍ୟ ଯେମିତି ଅନେଇ ରହେ ।

କଲେ ତୁ ଏମିତି ହୋଇଗଲୁଣି ନାଁ, ଇସ୍ ! ତୁ ଏମିତି ଚାହିଁ ରହିଚୁ କାହିଁକି ଲୋ । ମୋତେ କଣ ଚହ୍ନି ପାରୁନୁ ? ମୁଁ କିଏ କହିଲୁ ?

ଏତେବେଳେକେ ଗୌରୀର ଆଖିରେ ପଲକ ପଡ଼ିଲା । ପଦୁ ଉପରୁ ଦୃଷ୍ଟି ଫେରାଇ ନେଇ କହିଲା—ଚହ୍ନି ପାରିବି ନାହିଁ କାହିଁକି ପଦୁ ଭାଇ । ତମେ କେତେ ବେଳୁ ଆସିଲଣିକି ? ପଦୁ ହେଁ ହେଁ ହସି କହିଲା—ହେଇ ପରା ଅବିକା ଆସି ଆଉ କେଣେ ବସିଚନା କଥା କହିଚ ? ତୋତେ ଦେଖିବା ପାଇଁ ତ ଆସିଚ । ଓଃ ତୋ ଦିହଟା ଏକାବେଳେକେ ଭାଙ୍ଗି ଗଲାଣି ଲୋ । ପଦୁ ଗୌରୀର ମୁଣ୍ଡ ପାଖରେ ଯାଇ ବସିଲା ଓ ଗୌରୀର ମୁଣ୍ଡ ଆଉଁସିବାକୁ ଲାଗିଲା ।

ଅନେକ ଦିନ ପରେ ଆଜି ପଦୁଭାଇ ଆସିଚ । ଯେଉଁ ପଦୁଭାଇ ସେଦିନ ରାତିରେ ଦୁଇ ଚାରିପଦ କଡ଼ା କଥା ଶୁଣି ଲଜ୍ଜା ଓ କ୍ରୋଧରେ ଚାଲି ଯାଇଥିଲା । ଗୌରୀର ଧାରଣା ନ ଥିଲା ପଦୁ ଆଉ ପୁନର୍ବାର ଆସିବ । ଆସିପାରେ ଅନ୍ୟ ବିଷୟରେ, କିନ୍ତୁ ଗୌରୀର ମୋହରେ ନୁହେଁ । ପ୍ରସ୍ତୁତ ମଧ୍ୟ ନ ଥିଲା ତାର ଏହି ଦୁଃଖବେଳରେ ଅତି ଦୂର ସମ୍ପର୍କୀୟ ଜ୍ଞାତି ଜଣେ ଆସିବ ତାର ଖବର ନେବାକୁ । ପଦୁର ଆସିବାଟା ତାକୁ ଆନନ୍ଦ ଦେଲା ନାହିଁ କି ଦୁଃଖ ଦେଲା ନାହିଁ । କିନ୍ତୁ କେମିତିକା ଟିକେ ସନ୍ଦେହରେ ପକାଇଲା । ଏକେତ ସେ ଅନ୍ୟମନସ୍କ ଥିଲା, ତା ପରେ ପଦୁକୁ ଦେଖିଲା ବେଳୁ ଆଶ୍ଚର୍ଯ୍ୟ ଓ କୌତୂହଳ ହେବା ସ୍ୱାଭାବିକ ।

ପଦୁ ଗୌରୀ ମୁଣ୍ଡରେ ହାତ ବୁଲାଉ ବୁଲାଉ ତାର ଜ୍ୱରର ଅବସ୍ଥା କେମିତି, କେଉଁଠୁ ଔଷଧ ଆସୁଛି, କଣ ପଥ୍ୟ ଖାଉଚ ଇତ୍ୟାଦି ପଚାରିବାକୁ ଆରମ୍ଭ କରିଦେଲା । ଗୌରୀ ଯତ୍‌ସାମାନ୍ୟ ଉତ୍ତର ମଧ୍ୟ ଦେଉଥାଏ । ପରେ ପଦୁ ଯେମିତି

କଥାର ମୋଡ଼ ଫେରେଇଲା ଗୌରୀ ବଡ଼ ଅଡୁଆରେ ପଡ଼ିବା ଜାଣି କହିଲା—ପଦୁ-ଭାଇ, ତମେ ଯାଅ, ଗାଧୁଆ ପାଧୁଆ କରି ଗଣ୍ଡେ କିଛି ଖାଇବ, ମୁଁ ଟିକିଏ ଶୁଏଁ ।
ପଦୁ ଆଉ ସେଠୁ ଉଠିଲା ନାହିଁ । ବେଗରୁ କମଳା ଓ ବେଦାନା ବାହାରି କରି ଗୋଟାଏ କମଲାର ଗ୍ରେପା ଛଡ଼ଉ ଛଡ଼ଉ କହିଲା—ହେଇ ଦେଖିଲୁ ତୋ ପାଇଁ ଫଳ ଆଣିଚି ପରି ! ନେ ଫଳ ଖା ।

ଗୌରୀ ପ୍ରତିବାଦ କରି କହିଲା—ନାଁ ଆଉ ପଦୁଭାଇ, ମୁଁ ପରି ଟିକିଏ ଆଗରୁ ବାର୍ଲି ପିଇଚି । କାହିଁକି ଏତେ ପଇସା ଦେଇ ଫଳଗୁଡ଼ାକ ଆଣିଚ କହିଲ ?

ପଦୁ ଗୌରୀ ଉପରେ ସମ୍ପୂର୍ଣ୍ଣ ଅଧିକାର ଥିଲା ଭଳି କହିଲା—ଏଁ, ଆଣିଲି ତ କଣ ହେଲା ? ତୋ ପାଇଁ ଆଣିବି ନାହିଁ ତ ଆଉ କାହା ପାଇଁ ଆଣିବି ? ପଇସା କଣ ସ୍ୱର୍ଗ ନେବ କଲେ ? ଖାଇଦେ—ଖାଇଦେ, ଦେହରେ ବଳ ହବ, ରକ୍ତ ଆସିବ । ନେ ପାଟି ମେଲା କଲୁ, ମୁଁ ଲେମ୍ବୁ କୋଷାଏ ଖୁଆଇ ଦିଏଁ ।

କୋଷାଏ କମଳା ନେଇ ପଦୁ ଗୌରୀ ମୁହଁରେ ଭୁଞ୍ଜିଲା ବେଳେ ଗୌରୀ ତା ହାତ ଧରି ବାଧା ଦେଲା ।

ଏତିକିବେଳେ ହରି ଆସି ପହଞ୍ଚିଲାରୁ ପଦୁ ଅଭିମାନ କରି କହିଲା—ଦେଖିଲୁ ମାଉସୀ ଗୌରୀର ଢଂଗଟା । ତା ପାଇଁ ଫଳ ଆଣିଲି ଯେ ଖାଉନାହିଁ । ଜର ଅବସ୍ଥାରେ ଫଳ ସିନା ଖାଇବାର କଥା । କିନ୍ତୁ ସିଏ ଖାଉ ନାହିଁ ।

ହରି ପଦୁ କଥାକୁ ସମର୍ଥନ କରି କହିଲା—କଲୋ ମା ଖାଉନୁ ? ଅରୁଚି ଭାଙ୍ଗିବ ଖା ! ଏଇ ପଦକ କହି ପୁଣି କଥାର ମୋଡ଼ ଫେରେଇ କହିଲା—ଜାଣିଲୁ ବାପ ପଦୁ, ସିଏ ତାରି ଫଳ ଖାଇବାକୁ ବାହାରୁ ନାହିଁ କାହିଁକି କେଜାଣି ? ତା ବାପ ଫଳ ଆଣି ସେମିତି ସେତେ ବୁଝେଇ ଶୁଝେଇ ଖୁଆନ୍ତି ।

ଗୌରୀ ସେ ଦୁଇଜଣଙ୍କର ଏହି କଥାମାନ ଶୁଣିବାକୁ ଭଲ ପାଉ ନଥାଏ । ପଦେ କଥାରେ ସମାଧାନ କରି ଦେଇ କହିଲା—ହଉ ମୁଁ ପରେ ଖାଇବି । ଅବିକା ଟିକିଏ ଶୋଉଚି ।

ହରି ଓ ପଦୁ ସେଠୁ ଚାଲିଗଲେ । ଗୌରୀ ରୋଗିଣୀ । ଶାନ୍ତିରେ ଶୋଇବ । ହଁ ସେ ଶୋଇବାକୁ ଚାହୁଁଚି । କିନ୍ତୁ ଶୋଇପାରୁଛି କି ? ନିଦ ନାହିଁ । ଜ୍ୱର ସିନା ଛାଡୁନାହିଁ । କିନ୍ତୁ ନିଦ ଅନେକ ଆଗରୁ ଛାଡ଼ି ଚାଲି ଯାଇଚି । ଆଖିର ଲୁହ ବି ଅନେକ ଆଗରୁ ଶୁଖି ଯାଇଚି । କେବଳ ତତଲା ନିଶ୍ୱାସ ବାହାରି ଆସୁଚି ଦୁର୍ବଳ ଛାତିଟାକୁ ଚହଲେଇ ଦେଇ । ତଥାପି କେମିତି ଟିକିଏ ଉଷୁମ ଲୁହ ଆଖିରେ ରହି ଯାଇଥିଲା । ଦୁଇଧାର ଗଡ଼ି ଆସିଲା । ଆଜି ତାରି ଏପରି ଅବସ୍ଥାରେ ତା ଶେଯ ପାଖରେ ବସି ଦରଦ-ଭରି କଥା କହି ମୁଣ୍ଡରେ ହାତ ବୁଲାଇ ପାଟିରେ ଫଳ ଭୁଞ୍ଜି ଦେବାପାଇଁ ଆସିଛି ପଦୁ ବିଶ୍ୱନାଥ ସ୍ଥାନରେ । ଗୌରୀର ଦୁର୍ବଳ ଛାତିଟା ଭିତରେ ଯେମିତି କେହି ନଡ଼ିଆ କୋରଣୀରେ କୋରି ତାର ପଞ୍ଜରାରୁ ମାଂସ ଓ ଚମକୁ

ଅଲଗା କର ଦେଉଚ । ତକିଆଟାକୁ ଛାତି ତଳେ ଜାକି ଧରିଲା । ନିଃଶ୍ୱାସ ସତରେ ଯେପରି ବନ୍ଦ ହୋଇ ଯାଉଛି ।

ସେ ଦିନ ଉପରଓଳି । ସନ୍ଧ୍ୟା ହେବାକୁ ଅଳପ ବାକି । ପଦୁର ଇଚ୍ଛା ନ ଥିଲେ ବି ଘରକୁ ଫିରିବାପାଇଁ ବାହାରିଲା । ସାବି ତାକୁ ରହିବା ପାଇଁ ଅନୁରୋଧ କରିପାରିଲା ନାହିଁ । କାରଣ ସାବିର ଅତିଥି ସତ୍କାର କରିବା ଭଳି ଶକ୍ତି ମଧ୍ୟ ନଥିଲା । ପଦୁ ଫିରିବା ପୂର୍ବରୁ ଗୌରିଶ ଦେହରେ ହାତ ବୁଲାଇ ଦରଦଭରା ଆଶ୍ୱାସନା ଦେଇ କହିଲା—ଗୌରିଶ, ତୁ ବ୍ୟସ୍ତ ହବୁ ନାହିଁ ଲୋ । ପଦୁ ଥିବା ପର୍ଯ୍ୟନ୍ତ ତୋର କିଛି କଷ୍ଟ କି ଅସୁବିଧା ହବ ନାହିଁ । ତୁ ସିନା ପଦୁ ଭାଇକୁ ପର ବୋଲି ଭାବୁଛୁ କିନ୍ତୁ ମୁଁ—ଛାଡ଼ ସେ କଥା କଣ କହିବି । ଆଗରୁ ହେଲେ ଟିକିଏ ମୋତେ ଜଣେଇ ଥାଆନ୍ତୁ । ହଉ ମୁଁ କାଲି ଆସୁଛି ଡାକ୍ତରକୁ ସାଙ୍ଗରେ ନେଇ । ଆଉ ମାଉସୀ, ଜାଣିଲୁ—ତୁ କିଛି ଚିନ୍ତା କର ନା । ଗୌରିଶର ଭାର ମୁଁ ନେଲି । ଦେଖୁଥା କୋଡ଼ିଏଟା ଦିନରେ ଯଦି ଦାଣ୍ଡରେ ନ ଚଲେଇବି ମୋ ନାଁ ପଦୁ ନୁହେଁ । ଆଉ ତମ-ମାନଙ୍କ ଆଗରେ ମୁହଁ ଦେଖେଇବି ନାହିଁ । ମଉସା ଆସିଲେ କହିଦବୁ ସେ କିଛି ଚିନ୍ତା କରିବେ ନାହିଁ ।

ଡାକ୍ତର ଆଣିବା କଥା ଶୁଣି ସାବି ମନେ ମନେ ଖୁସି ହେଲା । କିନ୍ତୁ ଗୌରିଶ ଚହଙ୍କି ଉଠି କହିଲା—ନାଁ ପଦୁ ଭାଇ, ମୋର ଦେହ ଭଲ ହୋଇ ଆସିଲାଣି । ତମେ କାହିଁକି ଅଯଥା ଟଙ୍କା ଖରଚ କରି ଡାକ୍ତର ଆଣିବ । କିଛି ଦରକାର ନାହିଁ । ମୁଁ ଡାକ୍ତରକୁ ଫେରେଇ ଦେବି ।

ପଦୁ କୃତ୍ରିମ ରାଗି ମୁରବି ଭଳିଆ କହିଲା—ଦେଖିଲ ଦେଖିଲ ମାଉସୀ । ଏମାନ ସାଙ୍ଗରେ ଆଉ ପାରି ହେବ ନାହିଁ । ଝିଅଟାର ଏତେ ଜିଦ୍ କାହିଁକି କହିଲ ?

ସାବି ନୀରବ । ଗୌରିଶ ପ୍ରତିବାଦ କରି କହିଲା—ମୁଁ ତ ଡାକ୍ତରୀ ଔଷଧ ଖାଉଚି । ଯଦି ଦରକାର ପଡ଼ିବ ଅଣାଯିବ । ତମେ ଡାକ୍ତରଫାକ୍ତର ଆଣିବା ଦରକାର ନାହିଁ ।

ତୋ ମୁଣ୍ଡ ଖରାପ ହୋଇ ଯାଇଛି ଲୋ, ଜାଣିଲୁ ? ଏଇ ଜର ଯୋଗେ ପରୀକ୍ଷା ଦେଇପାରିଲୁ ନାହିଁ । ଗୋଟାଏ ବର୍ଷ ମାଟି ହେଲା । ଆହୁରି କହୁଚ ଡାକ୍ତର ଦରକାର ନାହିଁ ।

ପରୀକ୍ଷା କଥା ଶୁଣି ଗୌରିଶର ପେଟ ଭିତରୁ କୋହ ଉଠି ତତଲା ନିଶ୍ୱାସଟେ ବାହାରି ଗଲା । କଡ଼ ଲେଉଟି ଶୋଇ ରହି ଆକାଶ ପାତାଳ ଭାବିଲା ।

ପଦୁ ତା ପାଇଁ ଡାକ୍ତର ଆଣିବ । କାହିଁକି ? ସିଏ ତାର କିଏ ? ତା'ର ଯଦି ଡାକ୍ତର ଆଣିବାର ଶକ୍ତି ଥା'ନ୍ତା ପଦୁ କାହିଁକି ଡାକ୍ତର ଆଣିବା ପାଇଁ କହନ୍ତା । ପଦୁ ମନରେ ଯାହା ଥାଉ । ଡାକ୍ତର ଆଣିଲେ ବି କିଛି ଦୋଷାବହ

ନୁହେଁ । କିନ୍ତୁ ଦୁନିଆର ଚକ୍ଷୁରେ ତ ଦେଖାଯିବ ଅନ୍ୟ ପ୍ରକାରରେ । ନାଁ—ମୁଁ ମରିବା ପଛକେ ତା' କରେଇ ଦେବି ନାହିଁ ।

ପଦୁର ହାତର ସ୍ପର୍ଶରେ ତାର ଚିନ୍ତାର ଖିଅ ଛିଡ଼ିଗଲା । ନାଁ ପଦୁଭାଇ, କାହିଁକି ଏତେଦୂରରୁ ଡାକ୍ତର ଆଣିବ ? ଦରକାର ପଡ଼ିଲେ ବାପା ଡାକି ନେଇ ଆସିବେ । ମୁଁ ମନା କରିବାରୁ ସେ ଡାକି ନାହାନ୍ତି ତମେ ଯାଅ ଅନ୍ଧାର ହୋଇଯିବ । ଏତେଗୁଡ଼େ ବାଟ ଯିବାକୁ ହେବ ।

ପଦୁ ଉଠିପଡ଼ି କହିଲା—ହଉ ମାଉସୀ, ମୁଁ ଚାଲିଲି ସାବିର ତ ମୁଣ୍ଡ ଖରାପ । ସାବିର କଥାରେ କଣ ମୁଁ ଚୁନି ହୋଇ ବସିଯିବି ? କାଲି ମୁଁ ଆସିବି । ଭଲ ନହେବା ପର୍ଯ୍ୟନ୍ତ ନିତି ଆସୁଥିବି । ତମେମାନେ କିଛି ଚିନ୍ତା କରିବ ନାହିଁ ।

ସାବି କୃତଜ୍ଞତା ଜଣେଇ କହିଲା—ହଉ ବାପ ଯା । ପ୍ରଭୁ ତୋର ମଙ୍ଗଳ କରନ୍ତୁ । ଗୌରୀର ଜର କଥା ଶୁଣି କେତେ କଷ୍ଟ କରି ଏତେ ବାଟ ଦୌଡ଼ି ଆସିଲୁଣି । ନିଜର ଭାଇ ବି ଏତେ ବ୍ୟସ୍ତ ହେବ ନାହିଁ ।

ସାବିଠାରୁ ନିଜର ପ୍ରଶଂସା ଶୁଣି ପଦୁର ଛାତି କୁଣ୍ଢେ ମୋଟ । ସାବିକୁ ମୁଣ୍ଡିଆଟେ ମାରି ଗୌରୀ ଆଡ଼କୁ ଥରେ ଚାହିଁ ଘରୁ ବାହାରି ଗଲା ।

ପଦୁ ଚାଲିଗଲା ତା ଘରକୁ । ଗୌରୀ ଶୋଇ ଶୋଇ ତା'ରି କଥା ଭାବିବାକୁ ଲାଗିଲା । ଏଇ ପଦୁଟାର ଏତେ ପିଲାଳିଆ ପ୍ରକୃତି । ତା' ପ୍ରତି ବେଳେ ବେଳେ ରାଗ ହୁଏ, ଦୟା ବି ହୁଏ । ମଣିଷଟାର ଅନ୍ତରଟା ଖୋଲା ଅବଶ୍ୟ । କିନ୍ତୁ ବେତାଳିଆ । କେଉଁଠି କି ଭଲିଆ କଥା କହିବାକୁ ହୁଏ ବା ଆଚରଣ ଦେଖେଇବାକୁ ହୁଏ ତାର ଖିଆଲ ନ ଥାଏ । ରାଗ, ଛଳ, ମାନ, ଅଭିମାନ ତା ପାଖରେ ନାହିଁ ।

ଏହି ସମସ୍ତ କଥା ଚିନ୍ତା କରୁ କରୁ ଗୌରୀ ମନେ ମନେ ହସିଲା । ପଦୁକୁ ତ ସେ ଭୁଲରେ ବି ମନରେ ସ୍ଥାନ ଦେଇନାହିଁ କି ପଦୁକୁ ତା ମନ ମଧ୍ୟରେ ସ୍ଥାନ ଦେବା ପାଇଁ କେବେ ସୁଯୋଗ ଦେଇ ନାହିଁ । ନା ଏହା ପଦୁର କେବଳ ନିର୍ବୋଧତା । କେବେ ପିଲାଟିବେଳେ ସେ ପଦୁଘରକୁ ତା ମା ପାଖରେ ଯାଇଥିଲା । କଥାରେ କଥାରେ ତା ମା ଓ ପଦୁର ମା କଣ ପଦେ ଦି ପଦ କୁହାକୁହି ହୋଇଥିଲେ । ସେହି କଥାକୁ ପଦୁ ବଡ଼ ହେବାଯାଏ ମନେ ରଖିଛି । ସେହି ପିଲା ଦିନର ଖିଆଲ ବି ତାର ରହି ଯାଇଛି ।

ହେଲେ ବି ପଦୁଟା ଉପରେ ତାର କାହିଁକି ସହାନୁଭୂତି ହେଉଛି । କିପରି ତାର ଏହି ପିଲାଳିଆ ଖିଆଲଟା ତୁଟିଯିବ । ନହେଲେ ଆଉ ପଦୁର ତ କିଛି ତ୍ରୁଟି ନାହିଁ । ରାସ୍ତା ନ ପାଇ ସେ ସିନା ଘୂରି ବୁଲୁଛି । ଅହା ପଦୁ ବିଚରା । ଏମିତି କେତେ କଣ ଗୌରୀ ଚିନ୍ତା କରିବାକୁ ଲାଗିଲା ।

ବିଶ୍ୱନାଥ ଘରୁ ଗଲା ଦିନରୁ କୌଣସି ଚିଠିପତ୍ର ଦେଇ ନାହିଁ । ସୁମିତ୍ରା ଚିନ୍ତିତା । ତା ପରେ ସେ ଯେଉଁ ଅବାଞ୍ଛିତ କାଣ୍ଡଟା କରିଛି ତାହା ତାଙ୍କ ମନରେ ଦାରୁଣ ଆଘାତ ଦେଇଛି । ଘର କରଣା ପ୍ରତି ତାଙ୍କର ଏକ ପ୍ରକାର ବୈରାଗ୍ୟ ଆସି ଯାଇଛି । ପୂର୍ବପରି ସେ ଆଉ ନାହାନ୍ତି । ସ୍ୱାମୀଙ୍କ ସହିତ ବିଶ୍ୱନାଥର ଓ ତାହାର ନବପରିଣୀତା ବଧୂର ଭବିଷ୍ୟତ ବିଷୟରେ ଆଲୋଚନା କରନ୍ତି । କଣ କଲେ ପୁଅର ମଙ୍ଗଳ ହେବ । ହାତରୁ କାଣ୍ଡଶର ଖସି ଯାଇଛି । ଆଉ ଫେରି ଆସିବ ନାହିଁ । ଯେଉଁଠି ହେଲେ ବଞ୍ଚିବ । ସୋମନାଥ ବାବୁ ସୁମିତ୍ରାଙ୍କ ପରି ଆଖିରୁ ଲୁହ ଝରାନ୍ତି ନାହିଁ । ଦୁଃଖକୁ ଚାପିଧରି ଗମ୍ଭୀର ହୋଇ ରହନ୍ତି । ସୁମିତ୍ରାଙ୍କୁ କହନ୍ତି— ବିଶ୍ୱନାଥ ଓ ତାର ସ୍ତ୍ରୀ ବିଷୟରେ ଚିନ୍ତା କରିବାର କୌଣସି କାରଣ ନାହିଁ । ସେମାନେ ନିଜର ଦାୟିତ୍ୱ ନିଜେ ବହନ କରି ଆନନ୍ଦରେ ରହିବେ । ତେବେ ତମେ ଯଦ୍ୟପି ବିଶ୍ୱନାଥ ପରି ନିର୍ବିକାର ହୋଇପାର କିଛି ଅସୁବିଧା ହେବ ନାହିଁ । ତା ନ ହେଲେ ତମେ ତମ ରାସ୍ତାରେ ସେମାନେ ସେମାନଙ୍କ ରାସ୍ତାରେ ଚାଲିବେ ।

ସେ ଦିନ ସମୟ ପ୍ରାୟ ବାରଟା । ସୋମନାଥ ବାବୁ ଖାଇପିଇ ଟିକିଏ ବିଶ୍ରାମ ନେଉଛନ୍ତି । ସୁମିତ୍ରା ମଧ୍ୟ ଖାଇ ପିଇ ଖଣ୍ଡେ ପାନ ଭାଙ୍ଗି ବସିଛନ୍ତି, ଏହି ସମୟରେ ଚାକର ପିଲା ମଧୁଆ ଆସି କହିଲା—ମା ବାବୁଙ୍କୁ ଜଣେ କିଏ ଡାକୁଛି । ସୋମନାଥବାବୁ ବିଛଣାରେ ପଡ଼ି ରହିଥିଲେ କିନ୍ତୁ ନିଦରେ ଶୋଇ ନ ଥିଲେ । ମଧୁଆ କଥା ଶୁଣି ଦାଣ୍ଡ ପଟକୁ ଯାଇ ଦେଖିଲେ ଜଣେ ଲୋକ ଛିଡ଼ା ହୋଇଛି । ଦେଖିବା ମାତ୍ରେ ଲୋକଟି ନମସ୍କାର କଲା । ସୋମନାଥ ବାବୁ ଟିକିଏ ମୁଣ୍ଡ ହଲାଇ ଗୋଟାଏ ହାତ ସାମାନ୍ୟ ଉଠାଇ ପ୍ରତି ନମସ୍କାର ଜଣାଇଲେ । ଦେଖି ମନେହେଲା କୌଣସି ଛାତ୍ରର ଅଭିଭାବକ ହୁଏତ କୌଣସି ସୁଦୂର ମଫସଲରୁ ଆସିଛି । ପୋଷାକ ପରିପାଟି ନାହିଁ । ଖଣ୍ଡେ ମୋଟା ଧୋତି । ମାର୍କିନ କନାର ହାପ୍ କାମିଜ । ନଗ୍ନ ପାଦ । ମୁଣ୍ଡର ଅଧେ କଳା ଅଧେ ଧଳା ବାଳରେ କେବେ ଚିରୁଣି ବାଜିଚି ବୋଲି ମନେ ହେଉ ନାହିଁ । ଦାଢ଼ି ଜଣରେ କେତେଦିନରୁ ଖୁର ବି ଚାଲିନାହିଁ । ଦେହର ରଂଗ ଗୋରା ନ ହେଲେ ବି କଳା ନୁହେଁ । ମୋଟ ଉପରେ ଲୋକଟି ଆଧୁନିକ ଶିକ୍ଷିତ ଶ୍ରେଣୀର ଲୋକ ନୁହେଁ ବୋଲି ମନେହୁଏ । ଲୋକଟିକୁ ନୀରବ ରହିବାର ଦେଖି ସୋମନାଥ ବାବୁ ପଚାରିଲେ—କାହାକୁ ଖୋଜୁଛ ? କଣ ଦରକାର ?

ଲୋକଟି ହସିବାକୁ ଚେଷ୍ଟା କରି କହିଲା—ବିଶ୍ୱନାଥ ବାବୁ ଘରେ ଅଛନ୍ତି କି ? ସୋମନାଥ ବାବୁ କହିଲେ—ନାଁ, ସେ ବାଲେଶ୍ୱରରେ ଅଛି । ତାକୁ କାହିଁକି ଖୋଜୁଛ ?

ନକୁଳ ଗଲା ପରିଷ୍କାର କରି କହିଲା—ମାସେ ହେଲା ଆସିଲେଣି ଯେ—କାହିଁ ବାଲେଶ୍ୱରରେ ତ ନାହାନ୍ତି ?

ସୋମନାଥ ବାବୁ କୌତୂହଳ ହୋଇ ପଚାରିଲେ—ତମେ କେଉଁଠୁ ଆସିଚ କି ?

ବାଲେଶ୍ୱରରୁ ।

ବିଶ୍ୱନାଥ ସେଠି ନାହିଁ—ତମେ କିପରି ଜାଣିଲ ?

ନକୁଳ ସିଧା ସଳଖ ଉତ୍ତର ନ ଦେଇ କହିଲା—ଟେଲିଗ୍ରାମ ପାଇ ଘରକୁ ଆସିଥିଲେ । ସଙ୍ଗେ ସଙ୍ଗେ ଘରର ଖବର ନେଇ ଫେରି ଯିବାର କଥା । ଫେରି ନାହାନ୍ତି ଏ ପର୍ଯ୍ୟନ୍ତ । ଆମେ ବଡ଼ ବ୍ୟସ୍ତରେ ଅଛୁଁ । ଝିଅଟାକୁ ଭାରି ଜର, ଛାଡ଼ିବାକୁ ନାହିଁ ।

ସୋମନାଥ ବାବୁ ଆହୁରି ସନ୍ଦେହରେ ପଡି ପଚାରିଲେ—ତମେ କିଏ କହିଲ ?

ଆଗନ୍ତୁକ ଗମ୍ଭୀର ଭାବ ଧାରଣ କରି କହିଲେ—ମୁଁ ନକୁଳ ଜେନା ।

ନକୁଳ ଜେନା ? ସୋମନାଥ ବାବୁ ସାମାନ୍ୟ ଚମକିତ ଦେଖାଗଲେ । କୌଣସି ଅଜଣା ଲୋକର ନାମ ଶୁଣିଲେ ଲୋକେ ଯାହା ହୁଅନ୍ତି ।

ନକୁଳ ମନେ ମନେ ଭାବି ଅଶ୍ଚର୍ଯ୍ୟ ହେଲା । ତେବେ କଣ ବିଶ୍ୱନାଥ ଏ ପର୍ଯ୍ୟନ୍ତ ତାହାର ଶ୍ୱଶୁରର ପରିଚୟ ନିଜ ଘରେ କାହାରିକୁ ଦେଇ ନାହିଁ ? ବାଧ ହୋଇ କହିଲା ସେ ବିଶ୍ୱନାଥର ଶ୍ୱଶୁର । ନକୁଳର କଥା ଶୁଣି ସୋମନାଥ ବାବୁ ହସିଦେଇ କହିଲେ—ଓଃ, ବୁଝିଲି ତମେ ବିଶୁର ଶ୍ୱଶୁର ? ହଉ ବସ ବସ । ତା ପରେ ସେ ଘର ଭିତରକୁ ଚାଲିଗଲେ ।

ସୋମନାଥ ବାବୁଙ୍କ ହସରେ କଣ ଥିଲା କେଜାଣି ନକୁଳର କଲିଜା ଭିତରଟା କୋରି ହୋଇଗଲା । ମୁଣ୍ଡକୁ ନୁଆଁଇ ଅନ୍ୟମନସ୍କ ଅବସ୍ଥାରେ ସେହିପରି ଛିଡ଼ାହୋଇ ରହିଲା ।

ସୋମନାଥ ବାବୁ ସୁମିତ୍ରାଙ୍କୁ ଡାକି କହିଲେ—ସେଠି ବସି କଣ କରୁଛ । ସମୁଦି ଆସିଲେଣି ପରା ? ସୁମିତ୍ରା କଥାର ତାତ୍ପର୍ଯ୍ୟ ବୁଝି ନ ପାରି କହିଲେ—କଉ ସମୁଦି ?

ଆଉ କେତୋଟା ସମୁଦି କି ? ଦେଖିବ ଆସ । କହି ସୋମନାଥ ବାବୁ ବାହାର ପଟକୁ ଚାଲିଗଲେ । ସୁମିତ୍ରା ମଧ୍ୟ କୌତୂହଳ ହୋଇ ତାଙ୍କ ପଛେ ପଛେ ଚାଲିଲେ । ଦାଣ୍ଡ ଦୁଆରେ ବନ୍ଧ ପାଖରେ ଭିତର ପଟରୁ ଆଇ ମୁଣ୍ଡ ବଢ଼ାଇ ଦେଖିଲେ ଜଣେ ଲୋକ ଛିଡ଼ା ହୋଇଛି । ସୋମନାଥ ବାବୁଙ୍କ ପାଖକୁ ଆସି ପଚାରିଲେ—ଇଏ କିଏମ ?

ବିଶୁର ଶ୍ୱଶୁର । ବିଶୁକୁ ଡାକିବାକୁ ଆସିଛନ୍ତି ।

ଓଃ ହୋ, ଏହି ବଶୁର ଶ୍ୱଶୁର ? ବଶୁ କଣ ସେଠି ନାହିଁ କି ?

ସୋମନାଥ ବାବୁ ମୁଣ୍ଡହଲାଇ କହିଲେ—ମୁଁ କପର ଜାଣିବ ?

ସୁମିତ୍ରା ସୋମନାଥ ବାବୁଙ୍କ ଉପରେ ଟିକିଏ ବରକ୍ତର ଭାବ ଦେଖାଇ କହିଲେ—ପଗ୍ଚରୁନ ।

ଟୋକାଟାର ମନ ଖରାପ । କୁଆଡ଼େ ଗଲା, କଣ କଲା......।

ସୋମନାଥ ବାବୁ ସୁମିତ୍ରାଙ୍କ ନର୍ଦ୍ଦେଶ ମତେ ନକୁଳକୁ ତାଙ୍କ ବୈଠକଖାନା ଭିତରକୁ ଡକାଇ ଗୋଟାଏ ଗ୍ରେଟ ବେଞ୍ଚ ଉପରେ ବସିବାକୁ କହିଲେ—ସୁମିତ୍ରା କକ୍ଷ ତ୍ୟାଗ କରି ଅନ୍ତରାଳରେ ଉଭୟଙ୍କ କଥା ଶୁଣିବା ଉଦ୍ଦେଶ୍ୟରେ ଛିଡ଼ା ହେଲେ ।

ନକୁଳ ବସିବା ପରେ ସୋମନାଥ ବାବୁ ପଗ୍ଚରିଲେ—ବଶୁ କଣ୍ଣ ବାଲେଶ୍ୱରରେ ନାହିଁ ?

ନା, ସେ ତ ମାସେହେଲା ଆସିଲେଣି । ଏ ପର୍ଯ୍ୟନ୍ତ ଫେରି ନାହାନ୍ତି ।

ହୁଁ—ତମ ଘରେ ରହେ ନା ଯେଉଁଠି ରହୁଥିଲା ସେଇଠି ରହେ ?

ନା, ସେ ତାଙ୍କ ମେସ୍‌ରେ ରହନ୍ତି ।

ସୋମନାଥ ବାବୁ କିଛି କ୍ଷଣ ନୀରବ ରହି ଆରମ୍ଭ କଲେ—ଦେଖ ନକୁଳ ଜେନା, ସେମାନଙ୍କର ହେଲା କଞ୍ଚା ବୟସ । ଭବିଷ୍ୟତ ଭଲ ମନ୍ଦ ବିବେଚନା କରି ପାରନ୍ତି ନାହିଁ, କିନ୍ତୁ ତମେ ତ ଜଣେ ବୟସ୍କ, ପୁରୁଖା ଲୋକ । ଟିକିଏ ବିବେଚନା ନ କରି କାହାରି ମତାମତ ନ ନେଇ ସେହିମାନଙ୍କ କଥାରେ ଏଡ଼େ ବଡ଼ କାଣ୍ଡଟା କରି ପକାଇବା ଉଚିତ କି ? ଟିକିଏ ଆଗପଛ ଭାବିଲ ନାହିଁ । ମୋର ଗୋଟାଏ ବୋଲି ପୁଅ । ପଢ଼ାପଢ଼ି ଛାଡ଼ି କୁଆଡ଼େ ପଳାଇ ଗଲଣି । ସେଥିପାଇଁ ଦାୟୀ କିଏ ?

ନକୁଳ ଅଧୋବଦନରେ ସ୍ଥିର ହୋଇ ବସି ରହିଥାଏ । ମୁହଁରୁ ପଦେ କଥା ବାହାରୁ ନ ଥାଏ । ତା ପରେ ସୋମନାଥ ବାବୁ ଆହୁରି କହିଲେ—ତମେ ଯେପରି ସମାଜ ବାନ୍ଧି ଘର କରିଚ, ଆମେ ବି ସେମିତି ସମାଜ ବାନ୍ଧି ଘର କରିଚେ । ଆମେ ଆଉ ମୁଣ୍ଡ ଟେକି ବାଟ ଚାଲି ପାରିବୁ ? କୁଳ କୁଟୁମ୍ବ ବନ୍ଧୁ ବାନ୍ଧବ ଆମ ଦୁଆର ମାଡ଼ିବେ ?

ନକୁଳ ଗୋଟାଯାକ ଥରିବାକୁ ଲଗିଲା । ସତରେ ଯେପରି ପଡ଼ିଯିବ । ବେଞ୍ଚ ଉପରେ ଦୁଇ ହାତ ଭରା ଦେଇ ଦୃଢ଼ ହୋଇ ବସିବାକୁ ଚେଷ୍ଟା କଲା ।

ଅନ୍ତରାଳରୁ ସୁମିତ୍ରା କାନ୍ଦ କାନ୍ଦ ହୋଇ କହିଲେ—ଯାହା ହେଲା ହେଲା । ମୋ ପୁଅ କୁଆଡ଼େ ଗଲା ତମେ ଖବର ନିଅ ।

ନକୁଳର ଆଖିରୁ ଦୁଇ ଧାର ଲୁହ ଗଡ଼ିଗଲା । ଆଖି ପୋଛି ଦେଉ ଦେଉ କହିଲା—ବାବୁ, ସବୁ ଦୋଷ ମୋର । ମୁଁ ମାନୁଛି । ଆପଣମାନେ ଯାହା କରିବାକୁ ଇଚ୍ଛା କରନ୍ତୁ । ମୁଁ ସେଇଆ କରିବି । ଆପଣଙ୍କର ପୁଅ ।

ସୁମିତ୍ରା କହିଲେ—ଆଉ କରିବାର କଣ ଅଛି । ପୁଅ ଯେତେବେଳେ ବାହା ହେଇ ସାରିଲଣି ସେ ତାର ଘର ସଂସାର କରି ରହିବ । ଆମକୁ ତ ଲୋକେ ଅଛୁଆଁ ଅଛୁଆଁ ଅଜାତି କହି ନାକ ଟେକୁଚନ୍ତି । ଆମ ଘରୁ ପାଣି ଗିଲାସେ ବି ପିଉ ନାହାନ୍ତି । ହେଲେ ବି ପୁଅ ମୋର ରକ୍ତ । ତାକୁ ତ ଫୋପାଡ଼ି ଦେଇ ପାରିବି ନାହିଁ । ଫୋପାଡ଼ି ଦେବା ଦରକ ନୁହେଁ । ମୋ ପାଖରେ ପଛେ ନ ରହିବ । ଆଖି ଆଗରେ ରହିବ ତ ?

ନକୁଳ ଅଡ଼ିଲା ଗଳାରେ କହିଲା—ପୁଅ ପାଖରୁ ଆପଣ ଅଲଗା ହୋଇ ରହିବେ ? ସୁମିତ୍ରା କାନ୍ଦ କାନ୍ଦ ହୋଇ କହିଲେ—ଆଉ ଉପାୟ କଣ ? ପୁଅ ତା ବୋହୂକୁ ଛାଡ଼ି ଆମ ପାଖରେ ତ ରହି ପାରିବ ନାହିଁ । ପୁଅ ହେଲା ବୋଲି ମୁଁ ଯେଉଁଠୁ ସେଉଁଠୁ ଜଣକୁ ଆଣି କୁଳର ବୋହୂ କରି ହାଣ୍ଡିଶାଳରେ ପୁରାଇ ପାରିବି ନାହିଁ ତ ? ଯାହା ପୂର୍ବପୁରୁଷରୁ ହୋଇ ନାହିଁ । ତାହା ମୁଁ କମିତି କରିବି ?

ସୋମନାଥ ବାବୁ ସୁମିତ୍ରାଙ୍କ କଥାରେ ଯୋଗ ଦେଇ କହିଲେ—ତମେ କଣ ଭାବଚ ନକୁଳ ଜେନା, ଏ ସମାଜଟା ଏକାବେଳକେ ଓଲଟ ପାଲଟ ହୋଇଯିବ ? ଲୋକର ତ ପୁଣି ରୁଚି ଅଛି ?

ଘରର ଛାତଟା ଯେପରି ତା ମୁଣ୍ଡରେ ଭାଙ୍ଗି ପଡ଼ିଗଲା, ଠିକ ସେଇପରି ନକୁଳକୁ ଜଣାଗଲା । ଅଧୈର୍ଯ୍ୟ ହୋଇ ନକୁଳ କହିଲା—ବାବୁ ସେ ତମର ପୁଅ ଯେ—ଆଉ କିଛି କହି ପାରିଲା ନାହିଁ । ତାର ଆପାଦମସ୍ତକ ଥରିବାକୁ ଲାଗିଲା । ବହୁ କଷ୍ଟରେ ସେ ନିଜକୁ ସମ୍ଭାଳି ନେଇ ଆସ୍ତେ ଆସ୍ତେ ଘରଭିତରୁ ଚାଲିଗଲା ସୋମନାଥ ବାବୁଙ୍କୁ ନମସ୍କାର କରି ।

ସୋମନାଥ ବାବୁ ପଛରୁ ଡାକି କହିଲେ—ଚାଲି ଯାଉଛ ଯେ ? ଅସମୟରେ ଆସିଲ । ଭାତ ବି ନାହିଁ । ଗଣ୍ଡେ ଜଳଖିଆ ଖାଇ ଯାଅ ।

କୃତଜ୍ଞତା ଜଣାଇ ନକୁଳ କହିଲା—ନାଁ ବାବୁ, ମୁଁ ଖାଇ ଆସିଛି । ବ୍ୟସ୍ତ ହୁଅନ୍ତୁ ନାହିଁ । ମୋତେ ଜମାରୁ ଭୋକ କରୁନାହିଁ ।

ସୋମନାଥ ବାବୁ ମଧୁଆ ହାତରେ ଖଣ୍ଡେ ଦଶ ଟଂକିଆ ନୋଟ ଦେଇ ତା କାନ ପାଖରେ କଣ କହିଲେ ।

ମଧୁଆ ଦୌଡ଼ି ଯାଇ ନକୁଳକୁ ଟଂକା ଯାଚି କହିଲା—ତମ ଝିଅଙ୍କ ଔଷଧ ପାଇଁ ବାବୁ ଟଙ୍କା ଦେଇଚନ୍ତି ।

ନକୁଳ ଶୁଖିଲା ହସଟିଏ ହସି କହିଲା—ଟଙ୍କା ନେଇଯା ବାବୁଙ୍କୁ ଫେରାଇ ଦେଇ କହିବୁ ଝିଅ ଭଲ ହୋଇ ଆସିଲଣି । ଟଂକା କଣ ହେବ । କେବଳ କଲ୍ୟାଣ କରନ୍ତୁ, ସେତିକି ହେଲେ ଯଥେଷ୍ଟ । ଏହି କେଇପଦ କଥା ସୋମନାଥ ବାବୁ ଦୂରରୁ ଥାଇ ଶୁଣି ପାରିଥିଲେ ।

ନକୁଳ ଯେତେବେଳେ ଘରକୁ ଫେରେ, ସ୍ୱାତୀ ଲକ୍ଷ୍ୟ କଲା ତା ମୁହଁଟା ଶୁଖି ଯାଇଛି । ନକୁଳର ମୁଖର ଭାବ ଦେଖି ସ୍ୱାତୀ ଉଦ୍‌ବିଗ୍ନ ହୋଇ ପଚାରିଲା— ବିଶୁ ବାବୁଙ୍କ ଖବର କଣ ? ତାଙ୍କ ଘରେ ସବୁ ଭଲ ତ ? ବିଶୁବାବୁ ଆସୁନାହାନ୍ତି କାହିଁକି ? ନକୁଳ ଏକାଥରକେ ସ୍ୱାତୀର ଏତେ ପ୍ରଶ୍ନର ଉତ୍ତର ଦେବାକୁ ଅକ୍ଷମ ହୋଇ କାନ୍ଥକୁ ଆଉଜି ଅଳ୍‌ପା ହୋଇ ବସି ପଡ଼ିଲା । ସ୍ୱାତୀ ଗୌରୀ ପାଇଁ ବାର୍ଲି ତିଆରି କରି ଡାଟିଆରେ ଢାଳି ଥଣ୍ଡା କରୁଥିଲା । ଡାଟିଆଟା ଧରି ନକୁଳ ପାଖରେ ଆସି ଛିଡ଼ା ହୋଇ ଶଂକିତ ମନରେ ଛିଡ଼ା ହୋଇ ରହିଲା । ନକୁଳ ଯେତେବେଳେ ସବୁ କଥା ଗୋଟି ଗୋଟି କରି ସ୍ୱାତୀ ଆଗରେ କହିଲା—ସ୍ୱାତୀ ବାର୍ଲି ଡାଟିଆଟା ତଳେ ରଖିଦେଇ ବସି ପଡ଼ିଲା । ନକୁଳ ଲକ୍ଷ୍ୟକଲା ସ୍ୱାତୀର ଆଖିରୁ ଅଶ୍ରୁର ବନ୍ୟା ଛୁଟୁଛି । ଗୌରୀର ଏପରି ଅବସ୍ଥା ହେବାକୁ ବିଶ୍ୱନାଥ ନିରୁଦ୍ଦେଶ ହୋଇ ଚାଲିଯିବା କଥା ଶୁଣି ସ୍ୱାତୀ ଭଳିଆ ଏକ ସାମାନ୍ୟ ନାରୀର ଧୈର୍ଯ୍ୟର ବନ୍ଧ ଭାଙ୍ଗିବାକୁ ଆଉ କେତେ ଦୂର ? ପାଗଳ ପରି ହୋଇ ମୁଣ୍ଡଟା କାନ୍ଥରେ ପିଟି ହେଲା । ନକୁଳ ହଠାତ୍ ତାକୁ ଧରି ପକାଇ କହିଲା—ଛି, ଏସବୁ ତୁ କଣ କରୁଛୁ ଲୋ । ହଉ, ଦୁନିଆରେ ଧର୍ମ ନାହିଁନା ? ଉପରେ ଜଣେ ସ୍ୱାର ବିଚାର କରିବାକୁ କଣ ନାହିଁ ? ତା ନ ହେଲେ ଏ ଦୁନିଆଁ ରହନ୍ତା ? ସେ ତ ବାହା ହୋଇଚି । ଆମ ଝିଅ ତ ପୋଇଲି ନୁହେଁ । ଦେଖାଯିବ । ତୁ ଏତେ ହାଲିଆ ହେଇ ଯାଉଚୁ କାହିଁକି ?

ନକୁଳ ଲକ୍ଷ୍ୟ କଲା ସ୍ୱାତୀର ମୁଣ୍ଡ ଗୋଟାଏ ଜାଗାରେ ଫୁଲି ଯାଇଚି ।

ସ୍ୱାତୀ କାନ୍ଦୁ କାନ୍ଦୁ କହିଲା—ମୁଁ ଆଗରୁ ମନା କରୁଚି । ତମେ ମୋ କଥା ଶୁଣିଲ ନାହିଁ । ଖାଲି ବଡ଼ ବଡ଼କୁ ଆଖି ପକେଇଲ । ପଦୁ କଣ ଖରାପ ହେଇ ଥାଆନ୍ତା କହିଲ ? ଏବେ ଏଆଡ଼ୁ ନା ସେଆଡ଼ୁ ?

ନକୁଳ ସ୍ୱାତୀକୁ ସାହସ ଦେଇ କହିଲା—ଆଲୋ ତୁଟା ଏତେ ବ୍ୟସ୍ତ ହଉଚୁ କାହିଁକି ? ବିଶୁ ବାବୁ ସେମିତି ଧରଣର ଲୋକ ନୁହେଁ । ବାପ ମା କିଛି କଟୁକଥା କହିଚନ୍ତି । ଟୋକା ଲୋକ ତ, ମନ ଖରାପ ହେଇଚି—କୁଆଡ଼େ ଚାଲି ଯାଇଚି । ଆଉ କଣ ନ ଆସି ରହିବ ? ନ ହେଲେ ଆମ ଝିଅ ଦିଅଛରେ ପଡ଼ିଚି । ତା ପେଟ ଅପୋଷା ରହିବ ନାହିଁ ।

ନକୁଳ କଥାରେ ସ୍ୱାତୀ ଟିକିଏ ସାନ୍ତ୍ୱନା ପାଇଲା ।

ଗୌରୀ ବିଛଣାରେ ଶୋଇ ରହି ସ୍ୱାତୀ ଓ ନକୁଳର କଥାବାର୍ତ୍ତା ଶୁଣୁ ଥିଲା, କିନ୍ତୁ ସ୍ୱାତୀ ଯେତେବେଳେ ତାକୁ ବାର୍ଲି ପିଆଇବା ପାଇଁ ଆସି ଡାକିଲା, ସେ ଆଉ ଶୁଣିଲା ନାହିଁ । ସ୍ୱାତୀ ତାକୁ ଦୁଇ ତିନିଥର ହଲେଇଲା । ତଥାପି ଶୁଣିଲା ନାହିଁ ।

ଗୌରୀ ନ ଶୁଣିବାରୁ ସ୍ୱାମୀ ବ୍ୟସ୍ତ ହୋଇ ନକୁଳକୁ ଡାକ ପକାଇଲରୁ ନକୁଳ ଦୌଡ଼ି ଆସିଲା । ନକୁଳ ଗୌରୀକୁ ଦେଖି ବୁଝି ପାରିଲା ସେ ଅତ୍ୟନ୍ତ ଦୁର୍ବଳ ହୋଇ ଅଚେତ ହୋଇ ଯାଇଛି । ପାଟିରେ ଆଙ୍ଗୁଳି ପୂରାଇ ପାଟି ଖୋଲିବାକୁ ଚେଷ୍ଟା କଲା । କିନ୍ତୁ ପାଟି ଖୋଲିଲା ନାହିଁ । ମୁହଁରେ ମାରି ଗାମୁଛାରେ ବିଞ୍ଚିବାକୁ ଲାଗିଲା । ସ୍ୱାମୀ ବଡ଼ ପାଟିରେ କାନ୍ଦି ଉଠିଲାରୁ ପଡ଼ିଶା ଘରୁ ଦଶ ବାରଜଣ ଆସି ଜମା ହୋଇଗଲେ । ସ୍ୱାମୀ ଘର ଭିତରକୁ ଦୌଡ଼ିଯାଇ ଗୋଟାଏ ପଙ୍ଖା ଆଣି ବିଞ୍ଚିବାକୁ ଲାଗିଲା ।

ଗୌରୀ ଚାରି ପାଖରେ ଲୋକେ ରୁଣ୍ଡ ହୋଇଗଲେ । କିଏ କହୁଛି ପାଣି ଛାଟି ମାର । କିଏ କହୁଛି ମୁଣ୍ଡ ଧୋଇଦିଅ । କିଏ କହୁଛି ନଶାଦଳ ଟିକିଏ ଶୁଙ୍ଘାଇ ଦିଅ । ଯିଏ ଯାହା ଜାଣେ କହିବାରେ ଲାଗିଚନ୍ତି, କିନ୍ତୁ କେହି କାହାରି କଥା ଶୁଣିପାରୁ ନାହାନ୍ତି । କିଏ ସ୍ୱାମୀକୁ ସମାଲୋଚନା କରି କହୁଚି—ଜାଣିଲୁ ନାଁ, ଖାଇବାକୁ ନ ଦେଇ ନକୁଳ ମାଇପ ଝିଅଟାକୁ ଶୁଖେଇ ଦେଲାଣି । ତା ଦେହରେ କଣ ଜୀବନ ଅଛି ? ଡାକ୍ତର କହିଚନା ଖାଇବାକୁ ନ ଦେଇ ମାରିଦେବା ପାଇଁ ? ଏତିକିବେଳେ ସମସ୍ତଙ୍କର କହିବାର ସୁଯୋଗ ମିଳିଗଲା । କିଏ ଉପଦେଶ ଦେଇ ମଧ୍ୟ କହିଲା—ଝିଅ ଦେଇ ଜୁଆଇଁ କଲ, ସେ କି ଜୁଆଇଁ ମ ? ଝିଅଟା ଯମପୁରକୁ ଯିବାକୁ ବସିଲାଣି । ତାଙ୍କରିତ ଦେଖା ନାହିଁ ? ବାହାହେଲା ଆଗରୁ ତ ନଈ ଧାଇଁ ଧାଇଁ ବୁଲୁଥିଲେ । ବାହାଘର ସରିଗଲାରୁ ଅଉ ତ ଦେଖା ନାହିଁ ?

ଗୌରୀର ଚେତା ଆସିଲାରୁ ଆଖି ମଟମଟ କରି ଚାରିଆଡ଼େ ଥରେ ଚାହିଁଲା । ଏତେ ଲୋକ ଏଇ ମଧ୍ୟରେ ଜମା ହୋଇ ଗଲେଣି । ମନେ ମନେ ବଡ଼ ଅସ୍ୱସ୍ତି ବୋଧ କଲା । ସ୍ୱାମୀ ଗୌରୀ ମୁଣ୍ଡରେ ହାତ ବୁଲାଇ କହିଲା—ମା ଟିକିଏ ବାର୍ଲି ପିଇ ଦେ । ତଣ୍ଟି ଶୁଖି ଯାଇଥିବ ।

ଗୌରୀ ମୁଣ୍ଡ ହଲେଇ ବିରକ୍ତି ମିଶା ସ୍ୱରରେ କହିଲା—ନାଁ, ମୁଁ ପିଇବି ନାହିଁ । ତମେ ଏଠୁ ସବୁ ଚାଲ । ଗାଁ ଲୋକ ଆସ୍ତେ ଆସ୍ତେ ସେଠାରୁ ଚାଲିଗଲେ ।

ଏହି ଘଟଣାର ଏକ ସପ୍ତାହ ପରେ । ଡାକ ପିଅନ ଖଣ୍ଡେ ଚିଠି ଆଣି ସ୍ୱାମୀ ହାତରେ ଦେଇଗଲା । ସ୍ୱାମୀ ଚିଠି ଖଣ୍ଡିକ ନେଇ ଗୌରୀକୁ ଦେଇ କହିଲା—ଦେଖିଲୁ କିଏ ଚିଠି ଦେଇଛି ?

ଚିଠିରେ ଲେଖାଥିବା ଠିକଣା ବିଶ୍ୱନାଥର ହାତ ଲେଖା ଜାଣି ପାରି ଗୌରୀର ମନ ହେଲା ସେ ଯେପରି ହଜିଲା ଧନ ଫେରି ପାଇଚି । ଦେହରୁ ତାର ଦୁର୍ବଳତା ଅନେକ ପରିମାଣରେ କମିଗଲା ପରି ଜଣା ପଡ଼ିଲା । ତରତରରେ ଚିଠିଟା ଲଫାଫା ଭିତରୁ ବାହାର କରି ପଢ଼ିଲା ।

ରାଉରକେଲା
ତା—

ଗୌରୀ,

ମୋର ଏହି ଚିଠି ଖଣ୍ଡିକ ତମକୁ ଦୁଃଖ ନ ଦେଲେ ମଧ୍ୟ ସୁଖୀ କରାଇ ପାରିବ ନାହିଁ । ମୁଁ ତମକୁ ନ ଜଣାଇ ଏହି ସୁଦୂର ସ୍ଥାନକୁ ଚାଲି ଆସିବା ଦ୍ୱାରା ତମ ମନରେ କେତେ ଆଘାତ ଲାଗିଛି ମୁଁ ଜାଣେ । କିନ୍ତୁ ମୁଁ ନିରୁପାୟ । ତମକୁ ନ ଜଣେଇବା ଉଚିତ ମନେକରି ମୁଁ ଚାଲି ଆସିଲି । ମୁଁ ଏଠାରେ ଭଲରେ ଅଛି । ମୋ ପାଇଁ ବିଶେଷ ଚିନ୍ତା କରିବ ନାହିଁ । ତମେ ପରୀକ୍ଷାରେ କିପରି ଲେଖିଛ ? ସେଥି-ପାଇଁ ମୁଁ ଚିନ୍ତିତ । ଏଠାରେ ଦୁଇ ତିନିଜଣ ଛାତ୍ରଙ୍କୁ ଟ୍ୟୁସନ୍ କରୁଛି ଏବଂ ଚାକିରୀ ପାଇଁ ମଧ୍ୟ ଚେଷ୍ଟା କରୁଛି । ଘରେ ତୁମ ବାପା ମା କିପରି ଅଛନ୍ତି ଜଣାଇବ । ତାଙ୍କୁ ମୋର ନମସ୍କାର ଦେବ । ଆଶାକରେ ତୁମେ ମୋ ଚିଠି ପାଇ ଫେରନ୍ତା ଡାକରେ ଚିଠି ଦେବ ।

ଅନ୍ନପୂର୍ଣ୍ଣା ହୋଟେଲ
ପୋ: ରାଉରକେଲା
ସୁନ୍ଦରଗଡ଼

ତୁମର
ବିଶ୍ୱନାଥ

ଚିଠିଟା ପଢ଼ିସାରି ଗୌରୀ ଟିକିଏ ଶାନ୍ତିର ନିଶ୍ୱାସ ମାରିଲା । ଦୁଇଧାର ଲୁହ ତା ଆଖି କୋଣରୁ ବହିଗଲା । ପଳାତକ ବିଶ୍ୱନାଥ ଆଉ ଆତ୍ମଗୋପନ କରି ରହି ନାହିଁ ।

ବିଶ୍ୱନାଥର ଚିଠି ପାଇଲା ଦିନଠାରୁ ଗୌରୀ କ୍ରମେ ଆରୋଗ୍ୟ ହେବାକୁ ଲାଗିଲା । ଦେହରେ ଟିକିଏ ଶକ୍ତି ଆସିଲା ପରେ ସେ ବିଶ୍ୱନାଥର ଚିଠିର ଉତ୍ତର ଦେଲା ।

ଶୋଭାରାମ ପୁର
ତା—

ଶ୍ରୀଚରଣେଷୁ,

ମୋର ପ୍ରଣାମ ନେବ । ଆଜକୁ ପ୍ରାୟ ଆଠଦିନ ହେବ ତୁମର ଚିଠି ପାଇଛି । ଯେଉଁ ଅବସ୍ଥାରେ ଚିଠି ପାଇଲି ତାହା ଠିକ୍ ମୃତସଞ୍ଜୀବନୀର କାର୍ଯ୍ୟ କଲା ପରି ଜଣାଗଲା । ତୁମେ ଗଲା ପରଠାରୁ ଅନେକ ପରିବର୍ତ୍ତନ ଆସିଛି । ସେ ସବୁ ଲେଖିବା ଆବଶ୍ୟକ ନାହିଁ । ଶୁଣି ଦୁଃଖିତ ହେବ ବୋଧହୁଏ, ମୁଁ ପରୀକ୍ଷା ଦେଇ ପାରିଲି ନାହିଁ । ପରୀକ୍ଷାର ଠିକ୍ ଚାରିଦିନ ପୂର୍ବରୁ ଅସୁସ୍ଥ ହୋଇ ପଡ଼ିଲି । ଈଶ୍ୱରଙ୍କ କୃପାରୁ ବର୍ତ୍ତମାନ ଭଲଆଡ଼କୁ ଗତି କରୁଛି । ମୋତେ ନ ଜଣେଇଲ ନାହିଁ, ଅନ୍ତତଃ ତମ ଘରେ ଜଣେଇବା ଉଚିତ ଥିଲା । ତମ ବାପ ମା କେତେ ବ୍ୟସ୍ତରେ ଅଛନ୍ତି ତାହା ତମେ ଜାଣ କି ? ପାଠ ପଢ଼ିବାକୁ ନ ଆସି ଭବିଷ୍ୟତ ଉନ୍ନତିର ରାସ୍ତା ବନ୍ଦକରି

ଦେଇ ଚାଲିଯିବା ଠିକ୍ ହୋଇ ନାହିଁ । ତମେ ବାପ ମାର ଏକମାତ୍ର ସନ୍ତାନ । ଆଶା ଓ ଭରସା ।

ତମେ ଜୀବନରେ ଯେବେ ସେମାନଙ୍କଠାରେ କିଛି ଭୁଲ କରିଥାଅ ତେବେ ଭୁଲ ସଂଶୋଧନ ନିମନ୍ତେ ସେମାନଙ୍କର ମତ ଅନୁଯାୟୀ କାର୍ଯ୍ୟ କରିବା ଉଚିତ । ତମେ ଶୀଘ୍ର ସେମାନଙ୍କ ନିକଟକୁ ଫେରି ଆସ । ଚାକିରୀ ନିମନ୍ତେ ହୋଷ୍ଟେଲରେ ଖାଇ କେତେ ଦିନ ସେଠାରେ ବସି ରହିବ । ସ୍ୱାସ୍ଥ୍ୟ ଭାଙ୍ଗିଯିବ ନାହିଁ ! ତମ ବାପ ମା ଏତେ ଅଭାବଗ୍ରସ୍ତ ନୁହନ୍ତି ଯେ ତମ ଚାକିରୀ ଟଙ୍କାକୁ ସେମାନେ ଚାହିଁ ବସିଛନ୍ତି । ସେମାନେ ଚାହାନ୍ତି କେବଳ ତମର ଭବିଷ୍ୟତ ଉନ୍ନତି । ପଢ଼ାପଢ଼ି ବନ୍ଦ କରି ଚାଲି-ଯିବା ଉଚିତ ହୋଇ ନାହିଁ । ମୋର ଅନୁରୋଧ ତମେ ଶୀଘ୍ର ଫେରି ଆସି କଲେଜରେ ଯୋଗ ଦିଅ । ଅନ୍ୟମାନେ ଭଲ ଅଛନ୍ତି ।

ଚରଣସେବିକା
ଗୌରୀ

ଗୌରୀ ଆଉଥରେ ପରୀକ୍ଷା ଦେବା ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀ ପରାମର୍ଶ ଦେଲେ । କିନ୍ତୁ ଗୌରୀ ଆଉ ପରୀକ୍ଷା ଦେବାକୁ ରାଜି ହେଲା ନାହିଁ । ପଢ଼ିବା ପାଇଁ ତାହାର ଆଉ ଧୈର୍ଯ୍ୟ ନଥିଲା । ତା'ର ଘରର ଅବସ୍ଥା ଯାହା ସେଥିରେ ତାହା ପକ୍ଷରେ ଆଉ ଥରେ ପଢ଼ିବା ଅସମ୍ଭବ । ଏଥର ଯେ ସେ ପାଶ୍ କରିବ କିଏ ଭରସା ? ସମସ୍ତ ନିଷ୍ଟ ନକରି ଜୁନିଅର ନର୍ସିଂ ପଢ଼ିବାକୁ ସେ ପସନ୍ଦ କଲା । ସେଥିରେ ଷ୍ଟାଇପେଣ୍ଡ୍ ମିଳିବ । ନର୍ସିଂ ପଢ଼ି ସାରିଲେ ସଙ୍ଗେ ସଙ୍ଗେ ଚାକିରୀ ମଧ୍ୟ ମିଳିବ । ବାପ ମାଙ୍କୁ ସେ ସାହାଯ୍ୟ କରିବ । ନକୁଳ ଓ ହୀରା ମଧ୍ୟ ଏଥିରେ ରାଜି ହୋଇଗଲେ ।

ଗୌରୀର ଅସୁସ୍ଥତା ଭଲ ହୋଇଯାଇଛି । ତାହାର ଭଲ ହୋଇଯିବା ମୂଳରେ ଯେଉଁ କାରଣ ଥାଉନା କାହିଁକି ପଦୁ ଧାଁ ଦଉଡ଼ କରି ଔଷଧ, ଫଳ ଇତ୍ୟାଦି ଆଣି ବହୁ ଚେଷ୍ଟା କରିଛି । ଗୌରୀର ବାପ ଓ ମା ମଧ୍ୟ ଚେଷ୍ଟାରେ ତ୍ରୁଟି କରି ନାହାନ୍ତି । ସମସ୍ତେ ନିଜ ନିଜର ଚେଷ୍ଟାର ସାଫଲ୍ୟ ଉପଲବ୍ଧି କରି ତୃପ୍ତିଲାଭ କରିଚନ୍ତି । କିନ୍ତୁ ପ୍ରକୃତରେ କେଉଁ ଔଷଧ କାମ କରିଛି ତାହା କେବଳ ରୋଗୀକୁ ଜଣା । ସେ ଯାହାହେଉ, ଏଣିକି ପଦୁ ଗୌରୀ ଘରକୁ ପ୍ରାୟ ଯିବା ଆସିବା କରୁଛି । କହିବା ବାହୁଲ୍ୟ ସେ ଗୌରୀର ମୁରବିମାନଙ୍କ ମଧ୍ୟରେ ଜଣେ ହୋଇ ସାରିଲାଣି । ଗୌରୀର ଦାୟିତ୍ୱ ସେ ନକୁଳ ଓ ହୀରାଠାରୁ ଅଧାଅଧି ଛଡ଼େଇ ନେଇ ସାରିଲାଣି । ଗୌରୀ ବି ପ୍ରକାଶ୍ୟରେ ତାହା ଅସ୍ୱୀକାର କରିପାରୁ ନାହିଁ କିମ୍ବା ଦରକାର ମନେ କରୁନାହିଁ ।

ପଦୁ ହସି ହସି କହେ—ଗୌରୀ ଲୋ ! ତୋତେ ମା ମଙ୍ଗଳା ବଞ୍ଚେଇଲେ ଜାଣିଥା । ତୋ'ର ପାଇଁ ତାଙ୍କୁ ମୁଁ ଦିନରାତି କେତେ ଡାକିଛି । ପୂଜା

ଚ୍ଛେନାପଣା ଦେଇଛୁ । ବୋଦା, କୁକୁଡ଼ା ବଳି ଦେଉଛୁ । ମା ମଂଗଳା ପ୍ରତ୍ୟକ୍ଷ ଦେବତା । ତୁରନ୍ତ ଜବାବ ଦେଇବାଲି ।

ଗୌରୀ ମଧ୍ୟ କହେ—ହଁ ପଦୁଭାଇ, ତାଙ୍କୁ ମୋର କୋଟି କୋଟି ଦଣ୍ଡବତ । ତମେ ବି ମୋର ଅନେକ ଉପକାର କରିଛ ।

ପଦୁ ଆତ୍ମପ୍ରସାଦ ଲାଭ କରି କହେ—ମୁଁ ତୋର କରିଛୁ କ'ଣ କଲୋ ! ମୁଁ ବା ତୋ'ର କିଏ । ଶେଷକଥା ପଦକରେ ଟିକିଏ ଅଭିମାନ ଥିଲା ପରି ଜଣାପଡ଼େ ।

କାହିଁକି ? ତମେ କଣ ମୋ'ର ଭାଇ ନୁହଁ ? ଗୌରୀ ଉତ୍ତର ଦିଏ ।

ପଦୁ ଅଭିମାନ କରି କହେ—ହଁ ଲୋ ତୋର ଭାଇ ହୋଇଥିଲେ ଲୁଚିଛପି ବାହାଘର ହୋଇଗଲା । ସେ ଜାଣିପାରନ୍ତା ନାହିଁ ? ବେତାଳିଆ ପଦୁର ଏହି କଥାରେ ଗୌରୀ ମନେ ମନେ ହସେ । ଗମ୍ଭୀର ଭାବ ଦେଖାଇ କହେ—ବାବା ଆଉ ମାଙ୍କୁ ସେ କଥା ପଚାର । ସମସ୍ତ ଦୋଷ ସ୍ୱାମୀ ଓ ନକୁଳ ଉପରେ ଅଜାଡ଼ି ଦିଏ ।

ପଦୁ ଆହୁରି ପଚାରେ—ଅଚ୍ଛା କହିଲୁ ଗୌରି, ତୋ ଶାଶୁ ଶଶୁର କେମିତିକା ଲୋକ ? ସେମାନେ ତୋତେ ଭଲ ପାଆନ୍ତି ତ ?

ଗୌରୀ ଏଥିରେ ମର୍ମାହତ ହେବାର କଥା । କିନ୍ତୁ ସେ କଥାଟା ଉପରେ ଏତେ ଗୁରୁତ୍ୱ ଆରୋପ ନକରି ପଦୁକୁ ପଚାରେ—ତମେ କହିଲ ପଦୁଭାଇ ସେମାନେ ମୋତେ ଭଲ ପାଉଥିବେ କି ନାହିଁ ?

ପଦୁ ଅହୁରି ଧୃଷ୍ଟତା କରି କହେ—ଆଲୋ ତୋ ଶାଶୁ ଶଶୁରଙ୍କୁ ତ ଥରେ ଦେଖି ପାରିଲି ନାହିଁ । ସେମାନେ ଦେଖିବାକୁ କେମିତିକା ?

ଗୌରୀ ସରଳଭାବରେ ଉତ୍ତର ଦିଏ—ଥରେ ଯାଇ ଦେଖି ଆସୁନ ?

ହଉ ହଉ ଲୋ, ତୋ ଘରକୁ ଥରେ ଯିବି ।

ଗୌରୀ କିଛି ନ କହି ଚୁପ ହୋଇ ରହେ ।

ଆଲୋ ଗୌରି, ଥରେ ମୋ ସାଙ୍ଗରେ ଚାଲ ଆମର ସେଠି ମା ମଙ୍ଗଳାଙ୍କୁ ଥରେ ଦର୍ଶନ କରି ଆସିବୁ । ଯିବୁ ନାହିଁ ?

ହଉ ଥରେ ଯିବା ।

କେବେ ଲୋ ! ଆଗ୍ରହରେ ପଦୁ ପଚାରେ ।

ଗୌରୀ କହେ—ହଉ ସୁବିଧା ଦେଖି ଥରେ ଯିବା । ବାବା ମା ବି ଯିବେ ।

ତା'ହେଲେ ମୁଁ ମାଉସୀକୁ କହେ ? ନାଁ କଣ କହୁଚୁ ? ଏହି କଥା କହି ପଦୁ ଗୌରୀ ପିଠିରେ ହାତ ଆପୁଡ଼ି ଦିଏ ।

ସେଦିନ ଉପର ଓଳି । ଗୌରୀ ଖାଇସାରି ବିଛଣାରେ ପଡ଼ି ରହିଚ । ହାତରେ ଧରିଚ ମେହେର କବିଙ୍କର ତପସ୍ୱିନୀ ବହି ଖଣ୍ଡିଏ । ଅଜାଣତରେ ଆଖିରୁ ଦୁଇ ଧାର ଲୁହ ଗଡ଼ି ଶୁଖି ଆସିଲଣି । ଆଖିକୁ ଝାପ୍ସା ଦେଖାଯାଉଛି । ଅକ୍ଷର

ଦେଖାଯାଉ ନାହିଁ । ତଥାପି ସେ ବାହାରେ ଦୃଷ୍ଟି ରଖିଛି । ପୁଷ୍ପା ଆଉ ଉଠୁନି ନାହିଁ । ସ୍ୱାମୀର ଡାକରେ ହଠାତ୍ ତାର ଚମକ ଭାଙ୍ଗିଗଲା । ହଁ ଯାଉଛି କହି ତର ତର ହୋଇ ଉଠି ବସିଲା । ଛି ଛି ମା କଣ ମନରେ ଭାବୁଥିବ । କନ୍ଥାଟା ସିଲେଇ କରିବାକୁ କହୁଥିଲା । ମୁଁ ଶୋଇ ଶୋଇ ବହି ପଢ଼ୁଛି ? ଲଜ୍ଜିତ ହେଲା ମନେ ମନେ । ଅଧେ ସିଲେଇ ହୋଇ ରହିଥିବା କନ୍ଥାଟା ଖୋଜିବାକୁ ଲାଗିଲା । ଠିକ୍ ଏହି ସମୟରେ ଘର ଭିତରକୁ ପଶି ଆସିଲେ ଜଣେ ପ୍ରୌଢ଼ା ଓ ଗୋଟିଏ ଷୋଡ଼ଶୀ ଯୁବତୀ ।

ଗୌରୀ ଅପ୍ରସ୍ତୁତ ହୋଇ ସେମାନଙ୍କୁ ଚାହିଁ ରହିଲା । ପ୍ରୌଢ଼ା ମୃଦୁ ହସି କହିଲା—ଚିହ୍ନିପାରୁନୁ କିଲୋ ମା ? ଏଥର ବଡ଼ଘରର ବୋହୂ ହେଲୁ । ଆଉ ଚିହ୍ନି ପାରିବୁ ?

ଓହୋ ଫକୀରାଣୀ ମାଉସୀ । ଆସ—ବସ । ଗୌରୀ ନମସ୍କାର କଲା ।

ଅହି ସୁଲକ୍ଷଣୀ ହୋଇଥା । ଫକୀରାଣୀ ଆଶୀର୍ବାଦ କଲା ।

ସାଙ୍ଗରେ ଇଏ କିଏ ?

ଫକୀରାଣୀ ମା କହିଲା—ଇଏ ମୋ ଝିଅ ସୁମି ପରା ?

ଓହୋ ତମ ଝିଅ ସୁମୀ ଏଇ ନା ? ଗୌରୀ ସୁମୀକୁ କୁଣ୍ଢେଇ ପକାଇଲା । ଫକୀରାଣୀ ସୁମୀକୁ ଲକ୍ଷ୍ୟ କରି କହିଲା—ଏଇ ସୁମୀ କଥା ତୋତେ କହୁଥିଲି ଲୋ ଗୌରୀ । ତୋ ବାହାଘର ବେଳେ ସିଏତ ନଥିଲା । ତୋତେ ଦେଖିବା ପାଇଁ ମୋତେ ଆଉ ବସେଇ ଉଠେଇ ଦେଲା ନାହିଁ ।

ତା ପରେ ସମସ୍ତେ ଗୋଟାଏ ମସିଣା ଉପରେ ବସି ଗପସପ ହେବାକୁ ଲାଗିଲେ ।

ଫକୀରାଣୀ ଗୌରୀର ମାଉସୀ ନୁହେଁ । ଫକୀରାଣୀର ଘର ଗୌରୀର ମାମୁଁ ମୂଳଆ ଘର ପାଖରେ । ମୂଳଆକୁ ଫକୀରାଣୀ ଭାଇ ବୋଲି ଡାକେ । ସେହି ସମ୍ପର୍କରେ ସେ ଗୌରୀର ମାଉସୀ । ଗୌରୀର ବାହାଘର ବେଳେ ଏହି ଫକୀରାଣୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁକାମ ତୁଲେଇଥିଲା ଓ ଝିଅ ଜୁଆଁଇଙ୍କୁ ନିଜ ଘରକୁ ନେଇ ଲୁଗା ପଟା ମଧ୍ୟ ପିନ୍ଧେଇଥିଲା । ଜୁଆଁଇଟି ତାର ମନକୁ ପାଇଛି । ଏମିତି ଜୁଆଁଇଟେ ମିଳିବା ଭାଗ୍ୟର କଥା । ଗୌରୀ ଲାଗି ଜୁଆଁଇଟିଏ ଏକା । ସୁମୀ ସକାଶେ ଏମିତି ବରପାତ୍ରଟିଏ ଖୋଜିବା ପାଇଁ ସେ ମକୁଳ ଓ ସ୍ୱାମୀକୁ ବହୁତ ବ୍ୟସ୍ତ ହୋଇ କହିଥିଲା । ଗୌରୀକୁ ମଧ୍ୟ ହାତ ଓଠ ଧରି କହିଥିଲା । ଗୌରୀର ସେ କଥା ମନେ ଅଛି । କିନ୍ତୁ ଗୌରୀର ଯେ ବର୍ତ୍ତମାନ ମାନସିକ ଅବସ୍ଥା କଣ, ସେ କଥା ଫକୀରାଣୀ ଜାଣିବ କୁଆଡ଼ୁ ?

ଗୌରୀ ମୃଦୁ ହସି କହିଲା—ମାଉସି, ସୁମୀ ପାଇଁ ଗୋଟିଏ ବରପାତ୍ର ସନ୍ଧାନରେ ଅଛି । ଜୁଆଁଇ ତମ ମନ ମାନିବ କି ନା କେଜାଣି ।

ସୁମୀ ଏକଥା ଶୁଣି ଲାଜରେ ମୁଣ୍ଡ ତଳକୁ କଲା ।

ଫକୀରାଣୀ ଆଗ୍ରହରେ କହିଲା—ତୁ ଯାହାକୁ ଠିକ କରିଚୁ, ମନ ମାନିବ ନାହିଁ କାହିଁକି ଲୋ ମାଁ ।

ଗୌରୀ ସୁମୀକୁ ଲକ୍ଷ୍ୟ କରି କହିଲା—ସୁମୀର ମନ ମାନିବ କି ନା କେଜାଣି ।

ସୁମୀ ଅଧିକ ଲାଜରେ ନିଜ ଡାହାଣ ଆଣ୍ଠୁ ଉପରେ ମୁହଁ ମାଡି ଦେଲା ।

ଫକୀରାଣୀ କହିଲା— ଆମର ବେଶି ପାଠୁଆ ଜୁଆଁଇଁ ନ ହେଲେ ଚଳିବ । ସୁମୀ ତ ପାଠ ପଢ଼ିନାହିଁ । ତେବେ ବରଟି ଦେଖିବାକୁ ଭଲ ହୋଇଥିବ । ପରକୁ ହାତ ନ ପତେଇ ଗଣ୍ଡେ ଖାଉଥିବ, ଖଣ୍ଡେ ପିନ୍ଧୁଥିବ, ସେତିକି ହେଲେ ହେଲା । ଝିଅ ଯେଉଁଠି ସୁଖରେ ରହିବ ସେଇଠି ଦେଇ ଦେବା ।

ଗୌରୀ କହିଲା—ତମ ଝିଅ ସୁଖରେ ରହିବ । ଜମିବାଡ଼ି ଧାନ ଗୃହଳ ଗୋରୁ ଗାଈ ସବୁ ଅଛି । ଭଲରେ ଚଳନ୍ତି । ବାପର ଗୋଟାଏ ପୁଅ ।

ଫକୀରାଣୀ ଖୁସି ହୋଇ କହିଲା—ଆଉ କହିବାକୁ ଅଛି ? ଏଇ ବୈଶାଖୀରେ ସୁମୀକୁ ମୋର ଉଠେଇ ଦେବି । ଯୋଗ ଥିଲେ ହେଲା । କେତେ ଆଉ କେତେ ଲୋକ ଆସି ଘୁରି ଗଲେଣି । କେହି ଦୁଇ ଶହ ତିନିଶହ ଲେଖେଁ ଯାଚିଲେଣି । ମଲା ମୋର, ଗୋଟିଏ ବୋଲି ଝିଅ । ଟଙ୍କା ନେଇ ଝିଅ ବିକିବି ?

ଗୌରୀ ଗମ୍ଭୀର ହୋଇ କହିଲା—ନାଁ ମାଉସୀ, ସେ ସବୁ ଭଲ ନୁହେଁ । ବରକଣା ଆଉ କନ୍ୟା ବିକି ପ୍ରଥା ଆମ ସମାଜର ବ୍ୟାଧି ପରି । ସରକାର ମଧ୍ୟ ଆଇନ କରି ଦେଇ ସାରିଲେଣି । ଏଣିକି କେହି ଯୌତୁକ ବା ପଣ ଦିଆ ନିଆ କରି ପାରିବେ ନାହିଁ ।

ଏମିତି ଆହୁରି କେତେ କଣ ସୁଖ ଦୁଃଖ କଥା ହେବା ସମୟରେ ପଦୁ ଗୌରୀ ଘରେ ଆସି ପହଞ୍ଚିଗଲା । ତାହାର ତୁଣ୍ଡ ଶୁଣି ଗୌରୀ ମନେ ମନେ ହସିଲା । କାହାରିକୁ କିଛି ନ କହି କିଛିକ୍ଷଣ ପରେ ପଦୁକୁ ସାଙ୍ଗରେ ନେଇ ସେହି ଘର ଭିତରକୁ ଆସିଲା । ପଦୁ ଗୌରୀର ଏହି କାଣ୍ଡ ଦେଖି ଅବାକ୍ । ମନେ ମନେ ଭାବୁଥାଏ—କଥା କଣ ? ଗୌରୀ ତ କେବେ ତାକୁ ଭୁଲରେ ବି ଏମିତି ଆଦର ଅଭ୍ୟର୍ଥନା କରି ଡାକିନାହିଁ ? ଆଜି···ତେବେ କଣ ମା ମଙ୍ଗଳା ତା କଣ୍ଠରେ ପ୍ରସନ୍ନ ହୋଇଚନ୍ତି ? ଏମାନେ ବା କିଏ ?

ଗୌରୀ ପଦୁକୁ ଲକ୍ଷ୍ୟ କରି କହିଲା—ପଦୁ ଭାଇ, ଫକୀରାଣୀ ମାଉସୀଙ୍କୁ ଜୁହାର ହୁଅ । ପଦୁ ଗୌରୀର କଥା ଅନୁଯାୟୀ ଜୁହାରଟେ ହେଲା ।

ଫକୀରାଣୀ ପଦୁର ମୁଣ୍ଡରେ ହାତ ଲଗେଇ ଆଶୀର୍ବାଦ କଲା । ଏଥର ପଦୁର ନଜର କେବଳ ସୁମୀ ଉପରେ । ଗୌରୀ ମୁହଁରେ ଲୁଗା ଗୁଞ୍ଜି ଅଲକ୍ଷ୍ୟରେ ହସୁଥାଏ ।

ଔଷଧ ଠିକ କାମ୍ଭ କରୁଛି । ପଦୁର ନଜର ଆଉ ଫେରିବାକୁ ନାହିଁ ।

ଫକୀରାଣୀ ଗୌରୀ ମୁହଁକୁ ଚାହିଁ ରହିଲା । ମୁହଁରେ ପ୍ରଶ୍ନବାଚୀର ଚିହ୍ନ । ତତ୍‌କ୍ଷଣ ଗୌରୀ ପଦୁକୁ କହିଲା—ହଉ ପଦୁ ଭାଇ, ତମେ ଏଥର ବାହାରକୁ ଯିବଟି । ଅମେ ଘପଦ କଥାବାର୍ତ୍ତା ହେବା ।

ପଦୁ ବିନା ଆପତ୍ତିରେ ଉଠି ଚାଲିଗଲା ।

ଯାହାଙ୍କର କଥା କହୁଥିଲି ମାଉସୀ ଜାଣିଲି ? ଇଏ ମୋର ଦୂର ସମ୍ପର୍କୀୟ ମାଉସୀ ପୁଅ ।

ଫକୀରାଣୀ ମୁରୁକି ହସି କହିଲା—ଭଲ ପିଲାଟେ ତ । ଯାହାଙ୍କ ଘର କେଉଁଠି ?

ଏଇ ପାଖ ପଡ଼ାରେ ମ ! ଶଂକର ଜେନାର ନାଁ ଶୁଣିଚ ତ ?

ଓହୋ ହଁ ହଁ ଶୁଣିଚ । ବେଶ ଥିଲା ଘର । ତା ବାପ-ମା ରାଜି ହେବେ ତ ?

ଗୌରୀ କହିଲା—ହଁ ହେବେ ନାହିଁ କାହିଁକି ?

ଫକୀରାଣୀ ଓ ସୁମୀ ଚାଲିଗଲା ପରେ ଗୌରୀ ପଦୁକୁ ଡାକି କହିଲା, ପଦୁଭାଇ, ଗୋଟାଏ କଥା କହିବି ତମର ମନକୁ ପାଇବ କି ନା କେଜାଣି ?

ପଦୁର ଆନନ୍ଦ କହିଲେ ନ ସରେ । ଗୌରୀର ଆଜି ହଠାତ୍ କଣ ପରିବର୍ତ୍ତନ ହୋଇଗଲା । ପାଖକୁ ଲାଗି ଆସି ପଚାରିଲା—ଆଜ୍ଞେ କଣ କହୁନୁ ? ଡରୁଚୁ କାହିଁକି ?

ଗୌରୀ ମୃଦୁ ହସି କହିଲା—ମୁଁ ଯାହା ପଚାରିବି ତମେ ଖାଣ୍ଟି ଜବାବ ଦେବ । ପେଟରେ ଏକ କଥା ବାହାରେ ଏକ କଥା ହେଲେ ଚଳିବ ନାହିଁ ।

ପଦୁର ଅନ୍ତର ଭିତରଟା ନାଚି ଉଠିଲା—ଗୌରୀର ଧୂଳି ବାହୁ ଧରି ପକାଇ କହିଲା—ମୁଁ କେବେ ଅଖାଣ୍ଟି କଥା କହେ ନି ଗୌରୀ । ମୋର ଭିତରେ ଯଉ କଥା, ବାହାରେ ବି ସେଇ କଥା । ଯଦି ଏ ଛାତିଟା ଚିରି ଦେଖେଇ ହୁଅନ୍ତା ତ ମୁଁ ଦେଖେଇ ଦିଅନ୍ତି ।

ଗୌରୀ ପଦୁର ଉତ୍ସାହ ଓ ଆକାଂକ୍ଷାକୁ ଆହୁରି ବଢେଇବାକୁ ଯାଇ କହିଲା—ତମେ ସେ ଝିଅଟିକୁ ଭଲ କରି ଦେଖିଚ ତ ?

କୌତୂହଳୀ ହୋଇ ପଦୁ କହିଲା—ହଁ ହଁ ସେଇ ଟୋକୀଟା ତ ? ସିଏ କଏ କହିଲୁ ?

ସୁନ୍ଦର ନୁହେଁ ? ଗୌରୀ ପୁଣି ପ୍ରଶ୍ନ କଲା ।

ପଦୁ ଦାନ୍ତ ଦେଖେଇ ହସିଲା ଟିକିଏ ରହିଯାଇ କହିଲା—କାହିଁକି କହିଲୁ ?

କୁହ ସେ ସୁନ୍ଦର କି ନା ?

ହ ଲେ ଭାରି ସୁନ୍ଦର । ଠିକ ତୋ'ର ପରି ।

ଗୌରୀ ମୃଦୁ ହସି କହିଲା—ମୁଁ ତାକୁ ନୂଆବୋଉ କରି ନେଲେ ଭଲ ହୁଅନ୍ତା ନାହିଁ ?

ପଦୁ ସେମିତି ଦାନ୍ତ ଦେଖେଇ ତଳକୁ ଅନେଇ ରହିଲା ।

ଚତୁରୀ ଗୌରୀ ପଦୁର ମନଭାବ ଠଉରେଇ ପାରି କହିଲା—ଯଦି ଏ ସୁଯୋଗ ଛାଡ଼, ଖସି ଯିବ । ଆଉ ପାଇବ ନାହିଁ । ଏଇ ବଇଶାଖରେ ତା ମା ତାକୁ ବାହା କରେଇ ଦବ ।

ପଦୁର କ୍ଷୁଧିତ ଆତ୍ମା ଚାହେଁ ଖୋରାକ । କ୍ଷୁଧା ନିବାରଣ ନିମନ୍ତେ କ୍ଷୁଧାର୍ତ୍ତର କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଶ୍ରଦ୍ଧା ବା ଅଭିଳାଷ ନ ଥାଏ । ପଦୁ ରାଜି ହୋଇଗଲା । ସୁମୀର ଅସଂଖ୍ୟ ଛବି ତା ଆଗରେ ଝଲସି ଉଠିଲା । ତା'ର ଉଚ୍ଛୃଙ୍ଖଳତାରେ ଗୌରୀର ଛବି କ୍ରମେ ନିଷ୍ପ୍ରଭ ହୋଇଗଲା । ଅବୋଧ ଶିଶୁ ହାତରୁ ଗୋଟାଏ ଖେଳଣା ଛଡ଼େଇ ନେଇ ଅନ୍ୟ ଏକ ଖେଳଣାରେ ବୋଧ କଲା ପରି ଗୌରୀ ପଦୁକୁ ବୋଧ କରି ପାରିଛି ଅନ୍ୟ ଏକ ଗୌରୀ ବଦଳରେ ।

ମଉସା ଓ ମାଉସୀ ରାଜି ହେବେ ତ ! ଗୌରୀ ଅନୁଚ୍ଚ ସ୍ୱରରେ ପ୍ରଶ୍ନ କଲା ।

ଆଲୋ ସେମାନେ ତ ଲଗେଇଚନ୍ତି ବାହାଘର ପାଇଁ । ବୋହୂଟେ ହେଲେ ହେଲା ।

ଗୌରୀ ରହସ୍ୟ କରି କହିଲା—ଭଲ କଥା । ବାହାଘର ଭୋଜି ଖାଇବାକୁ ଡାକିବ ତ ?

ପଦୁ ଦୃଢ଼ ସ୍ୱରରେ କହିଲା—ଅଲୋ ମୋତେ କଣ ତୋର ପରି ପାଇଚୁ ? ଆଜି ପାଖରୁ ନିମନ୍ତ୍ରଣ କଲି । ଜାଣିଲୁ ?

ତା ପରେ ପଦୁ ହେଁ ହେଁ ହୋଇ ହସି ଉଠିଲା ।

ଗୌରୀ ସିନା ଘଟକ ହୋଇ ଜୋଟକାଟ କରି ଦେଲା, କିନ୍ତୁ ନିଶ୍ଚିନ୍ତ ହୋଇ ରହିଲା ନାହିଁ । କୌଣସି ଏକ ଅଜଣା ଆଶଂକାରେ ତାହାର ଅନ୍ତର ଥରି ଉଠିଲା ନିଜ କଥା ଭାବି । ଦୁର୍ଭାବନାରେ ତାହାର ମନ ଗୋଳେଇ ଘାଣ୍ଟି ହେଲା । ନାଁ—ସେ ଏ ପ୍ରସ୍ତାବ ଭାଙ୍ଗି ଦେବ । ନିଜେ ତ ଅଶାନ୍ତିରେ ଜଳିପୋଡ଼ି ମରୁଚି । ଅପରକୁ ପୋଡ଼ି ମାରିବ କାହିଁକି ?

ରାତିରେ ନିଦ ହୁଏ ନାହିଁ । କେବଳ ପଦୁ ଆଉ ସୁମୀ କଥା ଭାବେ । ଦୁଇଟି ଅଜଣା ଆତ୍ମାର ମିଳନ କ୍ଷଣିକ ହୋଇ ପୁଣି ବିଚ୍ଛେଦ ହେଲେ ତାହା ପାଇଁ ଦାୟୀ କିଏ ? ନାଁ ସେ ଫକିରାଣୀ ମାଉସୀକୁ ମନା କରି ଦେବ ।

ପୁଣି ଭାବେ—ସମସ୍ତେ କଣ ବିଶ୍ୱନାଥ ଓ ଗୌରୀ ଭଳିଆ ଅଛନ୍ତି ? ସୁମୀ ଓ ପଦୁର ହେଦେର ହବାର ସମ୍ଭାବନା ଅତି କମ । ସେମାନଙ୍କର ମିଳନ ସମାଜର ଅନୁକୂଳ । ଏମାନଙ୍କୁ ସମାଜ ଘୃଣା ଚକ୍ଷୁରେ ଦେଖିବ ନାହିଁ । ମନୁଷ୍ୟ ମଧ୍ୟରେ ଯେତେ କୁସଂସ୍କାର ଥାଉ ସମାଜ ତାହା ଦେଖିବାକୁ ଚାହେଁ ନା । ସେ ଚାହେଁ ତାହାର ପରମ୍ପରା ରକ୍ଷା କରିବାକୁ ।

ତଥାପି ପଦୁର ବାପ ମାଙ୍କୁ ଏ ବିଷୟ ଜଣେଇ ସେମାନଙ୍କର ରାଜି ଉପରେ ଯାହା କିଛି କରିବାକୁ ହେବ ।

ତାହାହିଁ ହେଲା । ପଦୁର ବାପ ମା ରାଜି ହୋଇଗଲେ । ବୈଶାଖରେ ସୁମୀ ସହିତ ପଦୁର ବିବାହ ହୋଇଗଲା । ଗୌରୀ ପଦୁର ନିମନ୍ତ୍ରଣ ରକ୍ଷା କରିବା ପୂର୍ବରୁ ନର୍ସିଂ ପଢ଼ିବା ନିମନ୍ତେ କଟକ ଚାଲି ଯାଇଥିଲା ।

ବିଶ୍ୱନାଥ ଘରୁ ଚାଲି ଆସି ଷ୍ଟେସନରେ ପହଞ୍ଚି ଦେଖିଲା ଗାଡ଼ି ଆସି ଯାଇଛି । ତରତରରେ ଖଣ୍ଡେ ଟିକଟ କିଣି ଗାଡ଼ିରେ ବସିଲା । ଯାତ୍ରୀର ଭିଡ଼ ଓ କୋଳାହଳ । ତହିଁରେ ପୁଣି ତାହାର ମନର କୋଳାହଳ । ତାକୁ ବଡ଼ ଅଶାନ୍ତ ଲାଗିଲା । ଡବାଟା ଯାତ୍ରୀରେ ଭର୍ତ୍ତି । ଗୋଟାଏ ଷ୍ଟେସନ ଛଡ଼ା ହୋଇଯିବା ପରେ ଜଣେ ଭଦ୍ରଲୋକ ତାକୁ ଟିକିଏ ସ୍ଥାନର ବନ୍ଦୋବସ୍ତ କରିଦେଲେ । 'ଧନ୍ୟବାଦ' ଦେଇ ବିଶ୍ୱନାଥ ବସିପଡ଼ିଲା ।

କୁଆଡ଼େ ଯିବେ ? ଭଦ୍ରଲୋକଟି ପଚାରିଲେ ।

ବାଲେଶ୍ୱର । ସଂକ୍ଷେପରେ ଉତ୍ତର ଦେଲା ।

ଗାଡ଼ି ଚାଲିଛି କେତେ ନଦୀ, ନାଳ, ବିଲ, ବଣ, ଜନପଦ ଅତିକ୍ରମ କରି । ପୁନଶ୍ଚ ଚାଳକର ଇଚ୍ଛାରେ ଅଟକି ଯାଉଛି ପ୍ରତି ପାଞ୍ଚ ଦଶ ମାଇଲ ପରେ । କେତେ ତା ଉପରେ ସବାର ହେଉଛନ୍ତି । କେତେ ଚାଲିଯାଉଛନ୍ତି । ବିଶ୍ୱନାଥର ସେ ସବୁ ପ୍ରତି ଲକ୍ଷ୍ୟ ନାହିଁ । ବିଶ୍ୱନାଥ ସେହି ଯନ୍ତ୍ରଚାଳିତ ଗାଡ଼ି ଉପରେ ଗୋଟାଏ ଚାଳକହୀନ ଯନ୍ତ୍ର ପରି ଗୋଟାଏ ସ୍ଥାନରେ ବସି ରହିଛି । ତାହାର ଚାଳକ ସେ ନିଜେ ।

ଗାଡ଼ି ବାଲେଶ୍ୱର ଛାଡ଼ି ଲୁଣିଆଯୋଡ଼ି ପୋଲ ଉପରେ ଗଡ଼ିଗଲା । ସେତେବେଳେ ତାହାର ଖିଆଲ ହେଲା ଯେ ସେ ବାଲେଶ୍ୱରରେ ଓହ୍ଲାଇବ । ପାଖରେ ବସିଥିବା ଭଦ୍ରଲୋକଟି ମଧ୍ୟ ସେ କଥା ଭୁଲି ଯାଇଥିଲେ । ପଚାରି ବୁଝିଲା ଗାଡ଼ି ବାଲେଶ୍ୱର ଛାଡ଼ି ଚାଲି ଆସିଛି । ଭଦ୍ରଲୋକଟି ଉପଦେଶ ଦେଲେ ପରବର୍ତ୍ତୀ ଷ୍ଟେସନରେ ଓହ୍ଲେଇ ପଡ଼ିବା ନିମନ୍ତେ । କିନ୍ତୁ ବିଶ୍ୱନାଥ ଯେତେବେଳେ ଜାଣିଲା ଯେ ସେହି ଭଦ୍ରଲୋକ ଟାଟା ଯିବେ ସେ ମଧ୍ୟ ତାଙ୍କ ସାଙ୍ଗରେ ଟାଟା ପର୍ଯ୍ୟନ୍ତ ଯାଇ

ସେଠାରୁ ରାଉରକେଲା ଯିବ ବୋଲି ଇଚ୍ଛା କଲା । ଆଉ ବାଲେଶ୍ୱର ନ ଫେରି ସେ ସେହି ଭଦ୍ରଲୋକ ସଙ୍ଗରେ ଚାଲିଗଲା ରାଉରକେଲା ।

ରାଉରକେଲାରେ ଗାଡ଼ି ପ୍ରାୟ ତହିଁ ପରଦିନ ଏଗାରଟାରେ ପହଞ୍ଚିଲା । ଷ୍ଟେସନଟା ବେଶି ବଡ଼ ନୁହେଁ । ଆଗର ପୁରୁଣା ଷ୍ଟେସନ । ନୂଆ ଷ୍ଟେସନ ତିଆରି କାମ ଚାଲିଛି । ଗାଡ଼ି ଭିତରୁ ପ୍ଲାଟଫର୍ମ ଉପରକୁ ଆସି ଚାରିଆଡ଼କୁ ଚାହିଁଲା । 'ଚଲୋ ଚଲୋ—ହଟୋ' ଶବ୍ଦରେ ଓ ଯାତ୍ରୀମାନଙ୍କର ଠେଲାପେଲାରେ ସେ ସ୍ଥିର ହୋଇ ରହିପାରିଲା ନାହିଁ । ବିଛଣା ଗୋଟାଏ ହାତରେ ଓ ହାତରେ ସୁଟକେଶ ଧରି ଭିଡ଼ ଠେଲି ଠେଲି ଆଗେଇଲା । ଗେଟ ବାହାରକୁ ଯାଇ ଗୋଟିଏ ଭିଡ଼ ନଥିବା ସ୍ଥାନରେ ବିଛଣା ସୁଟକେଶ ରଖି ଦେଇ ବସି ପଡ଼ିଲା । ଟିକିଏ ଚିନ୍ତା କରି ଦେଖିବ ସେ କେଉଁଠାକୁ ଯିବ ବୋଲି । କିନ୍ତୁ କୁଲି ଓ ରିକସାବାଲାମାନେ ବାରମ୍ବାର ଆସି ତାର ଚିନ୍ତାର ଖିଅକୁ ଅଡ଼ୁଆ କରି ଦେଉଥାନ୍ତି ।

ଜନଗହଳର ଦୂରରେ ବସି କିଛି ସମୟ ସେ ଚାରିଆଡ଼କୁ ଚାହିଁ ଭାବିଲା— ଏହି ତାହାର ନିଜ ପ୍ରଦେଶର ଏକ ଅଦେଖା ଅଂଚଳ ରାଉରକେଲା । ଏହାରି ମୋହରେ ସେ ଚାଲିଆସିଛି ଏତେଦୂର । ଏହିଠାରେ ତା ନିଜ ପ୍ରଦେଶର ସକଳ ପ୍ରାକୃତିକ ସମ୍ପଦ ଠୁଳ ହୋଇ ରୂପାନ୍ତରିତ ହେବ ଇସ୍ପାତ ଓ ଲୁହାରେ । ଏହି ଇସ୍ପାତ-ନଗରୀ ତାହାର ଦେଶବାସୀଙ୍କର ଆଶା ଓ ଭରସା । ସେମାନଙ୍କର ବେକାର ସମସ୍ୟା ସମାଧାନ କରିବ । ଓଡ଼ିଶାର ମାଟିରେ, ଓଡ଼ିଆର ଶ୍ରମରେ ଏହି ବିରାଟ କାରଖାନା ଗଢ଼ି ଉଠୁଛି ଦେଢ଼କୋଟି ନରନାରୀଙ୍କ କେତେ ଆଶା ଓ ଭରସା ଦେଇ ।

ବିଶ୍ୱନାଥ କେବଳ ଚାରିଆଡ଼କୁ ଚାହିଁ ଦେଖୁଥାଏ କେହି ଜଣେ ଚିହ୍ନା-ଲୋକ ଯେବେ ମିଳିଯାଏ । କିନ୍ତୁ ଯାହାକୁ ଦେଖେ ସିଏ ଅଚିହ୍ନା—ଅଜଣା । ତାହାର ନିଜ ମାତୃଭାଷାରେ କେହି କହୁଥିବାର ମଧ୍ୟ ସେ ଶୁଣିପାରୁ ନାହିଁ । ଯାହାକୁ ପଚାରେ ସେ ଅନ୍ୟ ଭାଷାରେ ଉତ୍ତର ଦିଏ । ବିଶ୍ୱନାଥ ଓଡ଼ିଆରେ ପ୍ରଶ୍ନ କରି ଅନ୍ୟ ଭାଷାରେ ଉତ୍ତର ପାଇ ଅପ୍ରସ୍ତୁତ ହୋଇପଡ଼େ । କିନ୍ତୁ ଜଣେ କୁଲି ଓ ଜଣେ ରିକ୍ସାବାଲାକୁ ସେ ପ୍ରଥମେ ଆବିଷ୍କାର କରିପାରିଲା ଯେ ସେମାନେ ଓଡ଼ିଆରେ କଥାବାର୍ତ୍ତା କରୁଛନ୍ତି । କୁଲି ଜଣକ ସ୍ଥାନୀୟ ଉପାନ୍ତ ଅଂଚଳର ଲୋକ । ବିକୃତ ଓଡ଼ିଆରେ ତା ସହିତ କଥା କହିଲା । ରିକ୍ସାବାଲା ଜଣକ ମନେ ହେଲା ସମ୍ବଲପୁରୀ । ସେ ବିଶ୍ୱନାଥକୁ ନେଇ ଗୋଟିଏ ଓଡ଼ିଆ ହୋଟେଲରେ ପହଞ୍ଚାଇ ଦେଲା ।

ସମୟ କାହାରିକୁ ଅପେକ୍ଷା କରେ ନାହିଁ । କିନ୍ତୁ ସମୟକୁ ସମସ୍ତେ ଅପେକ୍ଷା କରି ଚାହିଁ ରହନ୍ତି । ସେହି ସମୟର ଚକ ସାଙ୍ଗରେ ଗଡ଼ି ଗଡ଼ି ବିଶ୍ୱନାଥର ଦିନ-ଗୁଡ଼ିକ ଗଡ଼ି ଚାଲିଛି । ବିଶ୍ୱନାଥ ଦୀର୍ଘ ଦଶମାସ ଏହି ରାଉରକେଲାରେ ରହି ପୁରୁଣା ହୋଇଗଲାଣି । ବିରାଟ ଏହି କାରଖାନାର ସମସ୍ତ ଅଂଚଳ ଘୁରି ଘୁରି ତାହାର ଆଉ

କୌଣସି ସ୍ଥାନ ବାକି ନାହିଁ । କେତେ ଲୋକଙ୍କ ହାତରେ ମଧ୍ୟ ଦରଖାସ୍ତ ଦେଲାଣି । ଯେଉଁ କେତେ ଜଣ ମୁକ୍ତିମେସ୍ତ ଓଡ଼ିଆ କର୍ମଚାରୀ ଏ ସହରର ସ୍ତରରେ ଅଛନ୍ତି ସମସ୍ତଙ୍କ ପାଖକୁ ଯାଇ ସେ କେତେ ଆଗ୍ରହରେ ଦେଖା କରି ତାହାର ଦୁଃଖ ଜଣାଇଛି । କାହାରଠାରୁ ଉତ୍ସାହ ପାଇଛି । କାହାରଠାରୁ ଉତ୍ସାହ ନ ପାଇ ବି ଫେରିଛି । ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଅଫିସରେ ନାମ ମଧ୍ୟ ରେଜିଷ୍ଟ୍ରି କରି ହୋଇ ଯାଇଛି । ଚାକିରି ମିଳିବ, କିନ୍ତୁ ସମୟସାପେକ୍ଷ । ସମସ୍ତ ଆହ୍ୱାନ ଅଛି, ସଣ୍ଢିବାର ଚିନ୍ତା ନୁହେଁ, କିନ୍ତୁ ସମୟକୁ ଅପେକ୍ଷା କରିବା ନିମନ୍ତେ ଦରକାର ଧୈର୍ଯ୍ୟ ଓ ମନୁଷ୍ୟର ଅସ୍ଥି । ଭାରତର କାହିଁ କାହିଁ ମୁଲକରୁ କେତେ ଏହି ଇସ୍ପାତ ନଗରୀକୁ ଆସୁଛନ୍ତି । କେତେ ଚାକିରି ପାଇ ନବପରିଣୀତା ବଧୂକୁ ସାଙ୍ଗରେ ନେଇ ରିକ୍ସାରେ ଚଢ଼ି ବୁଲୁଛନ୍ତି । ବିଶ୍ୱନାଥ ଦେଖେ, ହିଂସା କରେ ନାହିଁ । ନିଜେ ଆଘାତ ଅନୁଭବ କରେ । ଗୌରୀର ଛବି ତା ଆଖି ଆଗରେ ଫୁଟି ଉଠେ ।

ଦୁଇଓଳି ଟ୍ୟୁସନ କରି ହୋଟେଲ ଭାତ ଖାଇ ଘୁରି ବୁଲିବା ଆଉ ତାକୁ ଭଲଲାଗୁ ନାହିଁ । ମନ ଉଦାସ ହୋଇ ଉଠୁଛି । ଇସ୍ପାତ-ନଗରୀର ମନୁଷ୍ୟମାନେ ବି ତାକୁ ଇସ୍ପାତ ପରି ମନେ ହେଉଛି । ଏତେ ଶକ୍ତ ଏତେ କଠିଣ ? କାରଖାନାର ଗର୍ବିତ ଚିମ୍ନି ଧୂମୋଦ୍‌ଗାର କରି ତାକୁ ଉପହାସ କଲାପରି ମନେ ହେଉଛି । ସେହି ଧୂଆଁରେ ତାର ଶ୍ୱାସ ପ୍ରଶ୍ୱାସ ରୁଦ୍ଧ ହେଲାପରି ତାକୁ ଜଣାଯାଉଛି । କଳର କର୍କଶ ଧ୍ୱନି ତାହାର କାନକୁ ବଧିର କରି ଦିଏ । ରାସ୍ତାର ଧୂଳି ତାହାର ସୁନ୍ଦର ଗୋରା ଦେହଟାକୁ ମଳିନ କରି ଦେଲାଣି ।

କିନ୍ତୁ ସେ ସବୁକୁ ଭ୍ରୂକ୍ଷେପ କରନ୍ତା ନାହିଁ । ଯଦି ଗୌରୀ ପାଖରୁ ସେ କୌଣସି ଚିଠିପତ୍ର ପାଉଥାଆନ୍ତା । କେବଳ ଖଣ୍ଡିଏ ମାତ୍ର ଚିଠି ତା ପାଖରୁ ପାଇ-ଥିଲା । ନବପରିଣୀତା ବଧୂର ପ୍ରଥମ ଚିଠିଟି ଦେଇଛି ତା ମନରେ ଅଶେଷ ବ୍ୟଥା । ଗୌରୀ ପୀଡ଼ିତା ହୋଇ ପରୀକ୍ଷା ଦେଇପାରି ନାହିଁ । ଅଥଚ ସ୍ୱାମୀକୁ ନିଜର ଅସୁବିଧା କିଛି ନ ଜଣେଇ ଅନୁରୋଧ କରିଛି ଘରକୁ ଫେରି ଯିବା ପାଇଁ । ବାପ ମା ଯାହା ପରାମର୍ଶ ଦେବେ ସେହିପରି ଚଳିବାକୁ ଲେଖିଛି । ତେବେ ଗୌରୀର ନିଜର ମତ ଯେ କିଛି କିଛି ରହିଛି ତାହା ଜଣାପଡ଼ୁ ନାହିଁ । ତାହାର ଭବିଷ୍ୟତ ବିଷୟରେ ସେ କଣ ଚିନ୍ତା କରୁ ନାହିଁ ? ବିଶ୍ୱନାଥ କାହିଁକି ଘର ଛାଡ଼ି ଆସିଛି, ତାହାର ନିଜ ଘରର ବାତାବରଣ କିପରି ତାହା ଗୌରୀକୁ ଜାଣିବାର ଆଉ ବାକି ନାହିଁ । କିନ୍ତୁ ଗୌରୀ ଏତେ ଉଦାସୀନ କାହିଁକି ? ବିଶ୍ୱନାଥ ଏହି ସମସ୍ତ ଚିନ୍ତା କରି ଦିନକୁ ଦିନ ଅସ୍ଥିର ହେବାକୁ ଲାଗିଲା ।

କେଉଟ ଜାଲ ପକାଏ ମାଛ ଧରିବା ଉଦ୍ଦେଶ୍ୟରେ ଆଶା ରଖିଥାଏ ବଡ଼ ମାଛଟେ ଧରିବ । କିନ୍ତୁ ସାନ ମାଛ ପଡ଼ିଲେ ବି ଛାଡ଼ିଦିଏ ନାହିଁ । ବିଶ୍ୱନାଥ

ଗୋଟାଏ ପ୍ରାଇଭେଟ କମ୍ପାନୀରେ ଗୋଟାଏ କିରାଣୀ ଚାକିରୀ ବନ୍ଧୁ କଷ୍ଟରେ ଯୋଗାଡ଼ି କଲା । ଦରମା ମାତ୍ର ପଚସ୍ତରି ଟଙ୍କା । ଦରମା ଆଉ ଟ୍ୟୁସନ ଟଙ୍କା ଯାହା ମିଳେ ସେ ହିସାବ କରି ଦେଖିଲା କଟକ ସହରରେ ଦୁଇଜଣ ଲୋକ ଚଳି ପାରିବେ । କମ୍ପାନୀର ମ୍ୟାନେଜର କହିଚନ୍ତି ରହିବା ପାଇଁ ଗୋଟାଏ କ୍ୱାର୍ଟର ଘର ଦେବେ । ମନେ ମନେ ସ୍ଥିର କଲା ସେ ଗୌରୀକୁ ନିଜ ପାଖକୁ ନେଇ ଆସିବ ।

ନୂଆ ଚାକିରୀ । କମ୍ପାନୀ ଛୁଟି ଦେବାପାଇଁ ରାଜି ହେଉ ନଥିଲେ । ବହୁ ଅନୁନୟ କରି ମାତ୍ର ସାତଦିନ ଛୁଟି ପାଇ, ବିଶ୍ୱନାଥ ଗୌରୀକୁ ଆଣିବା ନିମନ୍ତେ ବାଲେଶ୍ୱର ଗଲା ।

ଭଦ୍ରକ ହାସପାତାଲ ମହିଳା ଓ୍ୱାର୍ଡ଼ । ତେର ନମ୍ବର ଶଯ୍ୟାରେ ରୋଗୀଟି ଶୋଇଛି । ଜଣେ ଧାଈ ଗୋଟାଏ ଚାର୍ଟ ଆଣି କାନ୍ଥରେ ଝୁଲାଇ ଦେଇଗଲା । ଠିକ୍ ରୋଗୀର ମୁଣ୍ଡ ଆଡ଼କୁ । ରୋଗୀଟି ସେହିଦିନ ହାସପାତାଳରେ ଭର୍ତ୍ତି ହେଲା ।

ଏହି ହାସପାତାଳକୁ କେତେ ରୋଗୀ ଆସୁଛନ୍ତି କେତେ ବି ଚାଲି ଯାଉଚନ୍ତି । ଡାକ୍ତର, ନର୍ସ ସମସ୍ତେ ଯେ ଯାହାର କାମରେ ଲଗିଥାନ୍ତି । ଏହା ସେମାନଙ୍କର ଦୈନନ୍ଦିନ ଧରାବନ୍ଧା କାମ—ଜ୍ୱରର ଉତ୍ତାପ ଦେଖିବା, ଔଷଧ ଦେବା, ପଥ୍ୟ ଦେବା ଇତ୍ୟାଦି । ରୋଗୀମାନଙ୍କର କରୁଣ ଚିତ୍କାର, କୁନ୍ଥା, କାନ୍ଦଣା ଶୁଣି ଶୁଣି ଇହିସୁହା ହୋଇଗଲାଣି । ସେଠାରେ ସମବେଦନା ଜଣାଇ କୌଣସି ରୋଗୀ ପାଖରେ କାହାରିକୁ ବସି ରହିବାକୁ ହୁଏ ନାହିଁ । ସବୁ ରୋଗୀ ସେମାନଙ୍କ ଆଖିରେ ସମାନ । କାହାରିକୁ ବେଶି କଷ୍ଟ ହୁଏ, କାହାକୁ ବା ଟିକିଏ କମ୍ କଷ୍ଟ ହୁଏ । ସେ ସବୁ ଅତି ସାଧାରଣ କଥା । ପ୍ରତ୍ୟେକ ରୋଗୀକୁ ନିର୍ଦ୍ଦିଷ୍ଟ ସମୟ ଭିତରେ ବ୍ୟବସ୍ଥାନୁଯାୟୀ ଶୁଶ୍ରୂଷା କରି ଫେରିବାକୁ ହୁଏ ।

ନବାଗତା ନର୍ସଟି ମଧ୍ୟ ତାହାର ଦୈନନ୍ଦିନ ରୁଟିନ ବନ୍ଧା କାମ କରି ଚାଲିଛି । ରୋଗୀମାନଙ୍କର ଆପତ୍ତି ଅଭିଯୋଗ ଶୁଣୁଛି ଏବଂ ଯାହାକୁ ଯାହା କହିବାର କହି ଚାଲିଯାଉଛି । ମୁଖରେ ପ୍ରଫୁଲ୍ଲତା, ଗତିରେ ଚଂଚଳତା ।

ତେର ନମ୍ବର ସେହି ରୋଗିଣୀ ପାଖରେ ଡାକ୍ତର ମନମୋହନ ବାବୁ ଓ୍ୱାର୍ଡ଼ର ଇନ୍‌ଚାର୍ଯ୍ୟ, ଲେଡ଼ି ଡାକ୍ତର ମିସ୍ ଦାସ ଓ ଜଣେ ନର୍ସ ଛିଡ଼ା ହୋଇ କଣ କଥାବାର୍ତ୍ତା କରୁଚନ୍ତି । ରୋଗୀର ଗୋଡ଼ ଆଡ଼କୁ ଆଉ ଜଣେ ଭଦ୍ରଲୋକ ନୀରବରେ ଛିଡ଼ା ହୋଇ ରୋଗୀର ମୁହଁକୁ ଅନାଇ ରହିଚନ୍ତି । ମୁଖରେ ନୈରାଶ୍ୟର ଚିହ୍ନ । ଚିନ୍ତାରେ ସୁନ୍ଦର ଗୋରା ମୁହଁଟା ଝାଉଁଳି ଗଲାପରି ଜଣାଯାଉଛି । ବୟସ ହେଲେ ବି ମୁଖରେ କାନ୍ତି ରହିଛି । ବୋଧହୁଏ ଭଦ୍ରଲୋକଟି ରୋଗୀର କେହି ହେବେ ।

ନବାଗତା ନର୍ସଟି ଗୋଟାଏ ଶଯ୍ୟାରୁ ଅନ୍ୟ ଶଯ୍ୟା ପାଖକୁ ଯାଇ ରୋଗୀ ଦେଖିବାରେ ଲାଗିଛି । ଏହିପରି ସେ ଆହୁରି କେତେ ଶଯ୍ୟା ପାଖକୁ ଯିବ । ତେର ନମ୍ବର ଶଯ୍ୟାରେ ଯେଉଁ ରୋଗୀ ଶୋଇଛି ତା ପାଖକୁ ବି ଯିବ । ସେ ଦିନ ନୂଆ ସେ ଭର୍ତ୍ତି ହୋଇଛି ।

ମନମୋହନ ବାବୁ, ଲେଡ଼ି ଡାକ୍ତର ଓ ଅନ୍ୟ ନର୍ସ ଜଣକ ସମସ୍ତେ କିଛିକ୍ଷଣ କଥାବାର୍ତ୍ତା ହୋଇ ଚାଲିଗଲେ । ଯିବାବେଳେ ଲେଡ଼ି ଡାକ୍ତର ନବାଗତା ନର୍ସଟିକୁ ଲକ୍ଷ୍ୟ କରି ବଡ଼ ପାଟିରେ କହିଗଲେ—ମିସେସ୍ ଜେନା, ୧୩ ନମ୍ବର ରୋଗୀର ଟେମ୍ପରେଚର ନେଇ ନବ ।

ରୋଗୀକୁ ଇଞ୍ଜେକ୍ସନ୍ ଦିଆ ଯାଇଛି । ଦେଖିବାକୁ ହେବ କେତେ ଉତ୍ତାପ ଉଠିଛି ।

ଏଥର ସେ ତେର ନମ୍ବର ଶଯ୍ୟା ପାଖକୁ ଆସିଲା । ରୋଗୀର ମୁହଁକୁ ଟିକିଏ ଅନେଇ ଦେଇ ଥର୍ମମିଟରଟା ଦୁଇ ଚାରିଥର ଝାଡ଼ିଦେଇ ଜିଭତଳେ ରଖି ଦେଲା । ତା ପରେ ସେ କାନ୍ଥରେ ଝୁଲୁଥିବା ଚାର୍ଟ ଖଣ୍ଡ ଅଣିଲା ରୋଗୀର ଉତ୍ତାପ ଲେଖିବା ଉଦ୍ଦେଶ୍ୟରେ । ଚାର୍ଟରେ ଲେଖା ଥିବା ପ୍ରଥମ ଦୁଇଧାଡ଼ି ପଢ଼ିଲା—ସୁମିତ୍ରା ଜେନା, ସ୍ୱାମୀ ଶ୍ରୀ ସୋମନାଥ ଜେନା ?

ଆଉ ସେ ପଢ଼ି ପାରିଲା ନାହିଁ । ଘରଟା ଭିତରଟା ଯେପରି ହାଉଡ଼ିରେ ପିଟିଲା ପରି ଜଣାଗଲା । ହାତଟା ତାର କ୍ରମେ ଦୁର୍ବଳ ହୋଇ ଆସିବାରୁ ଜଣାଗଲା ସତରେ ଯେପରି ଚାର୍ଟଟା ତା ହାତରୁ ଖସି ପଡ଼ିବ । ଚାର୍ଟଖଣ୍ଡ ଯଥାସ୍ଥାନରେ ରଖି ଦେଇ ସେ ରୋଗୀ ମୁହଁକୁ ଜଳଜଳା ଭଳିଆ ଚାହିଁ ରହିଲା । ଆଖିରେ ପଲକ ପଡ଼ୁ ନାହିଁ । ଏହିପରି ସେ କେତେବେଳ ପର୍ଯ୍ୟନ୍ତ ଚାହିଁ ରହିଲା । କେଡ଼େ ସୁନ୍ଦର ଗୋରା ମୁହଁ । ସେହି ମୁହଁ ସହିତ ସେ ଆଗରୁ ପରିଚିତ ନ ଥିଲେ ମଧ୍ୟ ତାର କୌଣସି ଅତି ଆପଣା ଲୋକର ମୁହଁ ସହିତ ସାମଞ୍ଜସ୍ୟ ରହିଥିବାର ଜଣା ଯାଉଛି । ରକ୍ତ-ହୀନତାରେ ମୁହଁ ଶିଠୁଆ ଦେଖା ଯାଉଥିଲେ ବି ସେହି ମୁହଁ ଯେ ସୁଶ୍ରୀ ତାହା ସ୍ପଷ୍ଟ ବାରି ହୋଇ ଯାଉଛି ।

ଶଯ୍ୟା ପାଖରେ ଠିଆ ହୋଇଥିବା ଭଦ୍ରଲୋକଙ୍କ ମୁହଁକୁ ଥରେ ଚାହିଁଦେଇ ଦୃଷ୍ଟି ଫେରାଇ ଆଣିଲା । ସାଢ଼େ ପାଞ୍ଚଫୁଟ ଉଚ୍ଚର ସୁଶ୍ରୀ ପ୍ରୌଢ଼ । ମୁହଁର ଭାବ ଗମ୍ଭୀର, ଦୃଢ଼ତା ଓ କର୍ତ୍ତବ୍ୟ ନିଷ୍ଠାର ସଙ୍କେତ ମିଳେ ।

ମିସେସ୍ ଜେନା ଚମକି ଉଠିଲା । ଥର୍ମମିଟରଟା ରୋଗୀର ଜିଭତଳେ ଅବାଂଛିତ ଦୀର୍ଘ ସମୟ ରହିଛି ଜାଣି ତରବର ହୋଇ ସେଟା ଟାଣିଆଣି ଉତ୍ତାପ ଦେଖି ଚାର୍ଟରେ ଲେଖିଦେଲା ।

ରୋଗୀର ମୁଣ୍ଡରେ ଥରେ ହାତ ବୁଲାଇ ଆଣି ପଚାରିଲା—ମୁଣ୍ଡ ବୁଲାଉଥିବ, ଟିକିଏ ଟିପିଦିଏଁ ? ଆରାମ ଲାଗିବ ।

ସୁମିତ୍ରା ଶୁଖିଲା ହସଟିଏ ହସି ଅତି କ୍ଷୀଣ ସ୍ୱରରେ କହିଲେ—ନାଁ, ଥାଉ···

ମିସେସ୍ ଜେନା ଆସ୍ତେ ଆସ୍ତେ ମୁଣ୍ଡ, ହାତ ଓ ଗୋଡ଼ ଟିପି ଦେବାକୁ ଲାଗିଲା । ସେ ରୋଗୀର ଗୋଡ଼ ହାତ ଟିପିବାର ଦେଖି ଅନେକେ କୌତୂହଳୀ ହୋଇ ଅନାଇ ରହିଲେ । ମିସେସ୍ ଜେନା ଜଣେ ନର୍ସ । ଏତେ ରୋଗୀଙ୍କୁ ଦେଖୁଚି । କିନ୍ତୁ ଅନ୍ୟ କାହାରି ପ୍ରତି ଏପରି ଅନୁଗ୍ରହ ତ କେବେ ଦେଖେଇ ନାହିଁ, କାହିଁକି ? ଅନ୍ୟ କେହି ବି ଏପରି କରିବାର ତ ଦେଖାଯାଇ ନାହିଁ । ତେବେ ସେହି ରୋଗୀଟି ମିସେସ୍ ଜେନାର କିଏ ଆତ୍ମୀୟ ?

କିନ୍ତୁ ମିସେସ୍ ଜେନା ଭାବି ଚାଲିଛି ଆକାଶ-ପାତାଳ । ରୋଗୀର ଦେହରେ ହାତ ବୁଲଉ ବୁଲଉ ବେଳେ ବେଳେ ହାତ ଅଟକି ଯାଉଛି—ଏହି ସେହି ସୁମିତ୍ରା ଦେବୀ, ବିଶ୍ୱନାଥର ମା' । ଏହି ସେହି ସୋମନାଥ ବାବୁ ତାହାର ବାପ । ଏହି ଦୁଇଜଣଙ୍କୁ ଦେଖିବା ପୂର୍ବରୁ ସେ ଏମାନଙ୍କ ବିଷୟରେ କେତେ କଳ୍ପନା ଜଳ୍ପନା କରି କହିଥିଲା ବିଶ୍ୱନାଥକୁ ସେହି ମିଳନ ରାତିରେ । 'ମିସେସ୍ ଜେନା' ଡାକ ଶୁଣି ସେ ଚମକି ପଡ଼ି ଉଠି ଛିଡ଼ା ହେଲା । ଗୋଟିଏ ରୋଗୀ ପାଖରେ ଯେ ଅନାବଶ୍ୟକ ଏତେ ସମୟ ଅତିବାହିତ କଲାଣି ସେ କଥା ତାହାର ଖିଆଲ ନାହିଁ । ହଉ ମୁଁ ଅସୁଛି—କହି ତରି ତରି ହୋଇ ଚାଲିଗଲା । ସୁମିତ୍ରା ଓ ସୋମନାଥ ବାବୁ କୃତଜ୍ଞ ଓ କୌତୂହଳୀ ହୋଇ ତା ଆଡ଼କୁ ଚାହିଁ ରହିଲେ ।

ସନ୍ଧ୍ୟା ଛଅଟାରେ ଦିନରେ କାମ କରୁଥିବା ନର୍ସମାନେ ଚାଲିଯିବେ । ସେମାନଙ୍କ ସ୍ଥାନରେ ଅନ୍ୟମାନେ ଆସିବେ କାମ କରିବାକୁ । ନୂଆ ନର୍ସ ମିସେସ୍ ଜେନା ମଧ୍ୟ ଗଲା । ଯିବା ପୂର୍ବରୁ ତେର ନମ୍ବର ରୋଗୀକୁ କମଳା ଓ ବେଦାନା ରସ ଇତ୍ୟାଦି ପିଆଇ ଦେଇ ଦେହରେ ହାତ ବୁଲାଇ ଦେଇଗଲା ।

କିନ୍ତୁ କାର୍ଯ୍ୟରୁ ଫେରି କାହିଁରେ ତାର ମନ ଲାଗିଲା ନାହିଁ । କିଛି ନଖାଇ କେବଳ ସର୍ବତ୍ର ଗିଲାସେ ପିଇ ଦେଇ କ୍ଲାନ୍ତ ଦେହଟାକୁ ବିଛଣା ଉପରେ ଗଡ଼େଇ ଦେଲା । ବିଗତ ଏକବର୍ଷର ସ୍ମୃତି ଓ ତିକ୍ତ ଅନୁଭୂତି ତାର ମନକୁ ଗୋଟି ଗୋଟି ହୋଇ ଅଧିକାର କରିବାକୁ ଲାଗିଲା । ଦୁଶ୍ଚିନ୍ତା—କେବଳ ଦୁଶ୍ଚିନ୍ତା । ସର୍ବାଙ୍ଗ ଝାଳରେ ତନ୍ତି ଗଲାଣି । ରାତି କେତେ ହେଲାଣି ତାକୁ ଜଣା ନାହିଁ । ହଠାତ୍ ସେ ଚମକି ଉଠିଲା । ଓଦା ଆଖି ଯୋଡ଼ାକ ପଣତ କାନିରେ ପୋଛି ଦେଇ ହାତବନ୍ଧା ଘଣ୍ଟା ଦେଖିଲା ବାରଟା ବାଜିଗଲାଣି । ଆସ୍ତେ ଆସ୍ତେ ଉଠି ଘରର କବାଟ ବନ୍ଦ କରି ଦେଇ ଚାଲିଗଲା ମହିଳା ଓ୍ୱାର୍ଡ଼କୁ ।

ସବୁ ରୋଗୀ ଶୋଇ ପଡ଼ିଚନ୍ତି । ଡିଉଟିରେ ଥିବା ନର୍ସ ଆର୍ମଚେଆରରେ ପଡ଼ି ରହି ଟିକିଏ ବିଶ୍ରାମ କରୁଚନ୍ତି । ପାଦ ଟିପି ଟିପି ନିଃଶବ୍ଦରେ ସେ ସୁମିତ୍ରା ଶୋଇ ରହିଥିବା ଘରେ ପ୍ରବେଶ କରି ଦେଖିଲା ସୁମିତ୍ରା ଆଖି ବୁଜି ଶୋଇଛନ୍ତି । ଗୋଟାଏ ପାତ୍ରରେ ଦୁଧ ଓ ଖଣ୍ଡେ ପାଉଁରୁଟି ରହିଚି । ଅନୁମାନ କଲା ରୋଗୀକୁ ଦିଆଯାଇଛି ;

କିନ୍ତୁ ଖାଇ ନାହିଁ । ସେ ନିଜେ ଛଅଟା ବେଳେ ଟିକିଏ କମଳା ରସ ପିଆଇ ଦେଇ ଯାଇଥିଲା । ତା'ପରେ ରୋଗୀ ହୁଏତ ଆଉ କିଛି ଖାଇ ନାହିଁ । ଆସ୍ତେ ରୋଗୀର ଗୋଡ ତଳପାରେ ହାତ ଦେଇ ଦେଖିଲା ଉଷ୍ଣ । ଦେହର ଉତ୍ତାପ ଟିକିଏ କମ୍ ଅଛି । କିନ୍ତୁ ଶ୍ୱାସ ଦୁର୍ବଳ । ତାହାର ସ୍ପର୍ଶ ପାଇ ରୋଗୀ କଡ଼ ଲେଉଟାଇ ଟିକିଏ କୁଣ୍ଢେଇଲା ।

କଣ ବେଶି କଷ୍ଟ ହେଉଚି ? ସୁମିତ୍ରାଙ୍କ ଦେହରେ ହାତ ବୁଲାଉ ବୁଲାଉ ମିସେସ୍ ଜେନା ପଚାରିଲା ।

ହୁଁ……କ୍ଷୀଣ ସ୍ୱରରେ ଉତ୍ତର ଦେଇ ସୁମିତ୍ରା ନର୍ସ ଆଡ଼କୁ ଅନାଇ ରହିଲେ । ନର୍ସକୁ ଦେଖିଲା ମାତ୍ରେ ତାଙ୍କ ମୁହଁରେ ଆନନ୍ଦ ଓ ଉତ୍ସାହର ଚିହ୍ନ ଫୁଟି ଉଠିଲା । ଦୁର୍ବଳ ହାତଟା ନର୍ସର ଚିବୁକରେ ସ୍ପର୍ଶକରି କହିଲେ, ମା—ତମେ ଯେ ଏତେ ରାତିରେ ? ଦିନରେ କାମକରି ରାତିରେ କଣ ପୁଣି କାମକରିବାକୁ ପଡ଼ିବ ?

ଦୁଧ ପାଉଁରୁଟି ସେମିତି ଥୁଆ ହୋଇଚି ଯେ—ଭୋକ ଲାଗୁଥିବ । ମୁଁ ଟିକିଏ ଦୁଧଟା ଗରମ କରି ଆଣେ ! କହି ମିସେସ୍ ଜେନା ଉଠି ଚାଲିଯିବା ସମୟରେ ସୁମିତ୍ରା ବାରଣ କରି କହିଲେ—ନାଁ ମା, ମୋତେ କିଛି ରୁଚୁ ନାହିଁ । ଭୋକ ବି ଜମାରୁ ଲାଗୁ ନାହିଁ ।

କିଛି ନ ଖାଇଲେ ନିହାତି ଦୁର୍ବଳ ହୋଇ ପଡ଼ିବେ ଯେ, ଟିକିଏ ଦୁଧ ପିଇବାକୁ ହେବ ।

ମିସେସ୍ ଜେନା ଦୁଧ ଗରମ କରି ଆଣି ସୁମିତ୍ରାଙ୍କୁ ପିଆଇ ଦେଲା । ତା'ପରେ ସୁମିତ୍ରାଙ୍କ ଗୋଡ଼ ଚିପି ଦେଉଁ ଦେଉଁ କହିଲା—ଆପଣ ଟିକିଏ ଶୋଇବାକୁ ଚେଷ୍ଟା କରନ୍ତୁ ।

ସୁମିତ୍ରା ତାହାର ପିଠିରେ ଦୁର୍ବଳ ହାତଟା ଥରେ ବୁଲେଇ ଆଣି କହିଲେ—ମା' ପୂର୍ବଜନ୍ମରେ ତୁ ମୋର ଝିଅ ଥିଲୁ । ପୁଅ ଜନ୍ମ କରିଥିଲି ଯେ…… ଆଉ କହି ପାରିଲେ ନାହିଁ । ମିସେସ୍ ଜେନା ଏହି ପଦକ ଶୁଣିବା ମାତ୍ରେ ତାହାର ଆଖିରୁ ଅଶ୍ରୁର ବନ୍ୟା ଛୁଟିଲା । ସେ ସୁମିତ୍ରାଙ୍କ ଆଡ଼କୁ ପଛ କରି ବସିଥିବାରୁ ସୁମିତ୍ରା ତାହା ଲକ୍ଷ୍ୟ କରିପାରିଲେ ନାହିଁ ।

କିନ୍ତୁ ମିସେସ୍ ଜେନା ଆଉ ବେଶିକ୍ଷଣ ରୋଗୀ ପାଖରେ ବସି ରହିବା ଉଚିତ ମନେ କଲା ନାହିଁ । ରୋଗୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଉଠୁଛି । ରାତି ପାହିଲେ ଡାକ୍ତର କଣ ପ୍ରତିକାର କରୁଛନ୍ତି ତାହାହିଁ ସେ ଲକ୍ଷ୍ୟ କରିବ । ଦରକାର ପଡ଼ିଲେ ସେ ନିଜେ ରୋଗୀ ପକ୍ଷରୁ ପ୍ରତିକାର ବିଧାନରେ ଅଗ୍ରସର ହେବ । ସୁମିତ୍ରାଙ୍କ ପାଖରୁ ବିଦାୟ ନେଇ ଚାଲିଗଲା ନିଜର ରହିବା ଘରକୁ ।

*        *        *

ତହିଁ ପରଦିନ ଡାକ୍ତର ମନମୋହନ ବାବୁ ରୋଗୀର ଅବସ୍ଥା ଦେଖି ସୋମନାଥ ବାବୁଙ୍କୁ କହିଲେ— ରୋଗୀକୁ ରକ୍ତ ଦେବାକୁ ହେବ । ତା ନ ହେଲେ ଇଂଜେକ୍‌ସନ ବା ଔଷଧରେ ଆଶାନୁରୂପ ଫଳ ମିଳିବ ନାହିଁ । ସୋମନାଥ ବାବୁ ଅବୋଧ ଶିଶୁ ପରି ମନମୋହନ ବାବୁଙ୍କ ମୁହଁକୁ ଚାହିଁ ରହିଲେ ।

କିଛିକ୍ଷଣ ନୀରବ ରହି ସେ କହିଲେ—ଆପଣ ଯାହା ବ୍ୟବସ୍ଥା କରିବେ । ମୁଁ ତ ଆପଣଙ୍କ ଉପରେ ସବୁ ଦାୟିତ୍ୱ ଦେଇଛି ।

ମନମୋହନ ବାବୁ ଟିକିଏ ଚିନ୍ତିତ ହୋଇ କହିଲେ—ଏ ରୋଗୀକୁ ଗାଡ଼ିରେ କଟକ ନେବା ମଧ୍ୟ ନିରାପଦ ନୁହେଁ ।

ତେବେ ଉପାୟ ? ସୋମନାଥ ବାବୁ ଉଦ୍‌ବିଗ୍ନ ହୋଇ ପଚାରିଲେ ।

ମନମୋହନ ବାବୁ ଷ୍ଟେଥିସ୍କୋପ୍‌ଟା ହଲେଇ ହଲେଇ କହିଲେ—ଏଠି ମଧ୍ୟ ଆମେ ଦେଇପାରିବୁ । କିନ୍ତୁ ବ୍ଲଡ୍ ବ୍ୟାଙ୍କ୍ ତ ନାହିଁ । ଯଦି କେହି ଦେଇପାରେ ଦେଖନ୍ତୁ ।

ସୋମନାଥ ବାବୁ ଅତି ଆଗ୍ରହରେ କହିଲେ, ମୁଁ ଦେବି ।

ସୁମିତ୍ରା ରକ୍ତହୀନ ଧଳାଧଳା ଆଖି ଡୋଳା ଯୋଡ଼ାକ ବଡ଼ବଡ଼ କରି ଚାହିଁଲେ । ଅତି କଷ୍ଟରେ ଦୁର୍ବଳ ହାତଟା ହଲେଇ କହିଲେ— ନାଁ, ତା ହେବ ନାହିଁ ।

ମନମୋହନ ବାବୁ ଈଷତ୍ ହସି କହିଲେ—ଆହା, ଆପଣ ବ୍ୟସ୍ତ ହଉଚନ୍ତି କାହିଁକି ? ତାଙ୍କ ରକ୍ତ କାମରେ ଲାଗିବ ନାହିଁ । ଜୁଆନ୍ ସୁସ୍ଥ ଲୋକର ରକ୍ତ ଦରକାର । କିନ୍ତୁ ରକ୍ତ ତ ଏମନ୍ତେ ଦେବାକୁ ରାଜି ହେବେ ନାହିଁ । ଯଦି ନିଜର କେହି ଆତ୍ମୀୟ ଦେଇ ପାରନ୍ତି ନଚେତ୍ ଟଙ୍କା ଲୋଭରେ ଅନ୍ୟ କେହି ଯଦି ଦେଇ ପାରନ୍ତି ।

ସୋମନାଥ ବାବୁ ଆତୁର ହୋଇ କହିଲେ—ମନମୋହନ ବାବୁ, ଆପଣ ଚେଷ୍ଟା କଲେ ମିଳିପାରିବ । ଯାହା ଟଙ୍କା ପଡ଼ିବ ମୁଁ ଦେବାକୁ ରାଜି ଅଛି ।

ଆପଣଙ୍କ ପୁଅ ତ କାହିଁ ଆସୁନାହାନ୍ତି । ସେ କଣ ଏସବୁ ବିଷୟ ଜାଣନ୍ତି ନାହିଁ ? ମନମୋହନ ବାବୁ ପ୍ରଶ୍ନ କଲେ ।

ସୋମନାଥ ବାବୁ ଦୀର୍ଘ ନିଃଶ୍ୱାସ ପକାଇ କହିଲେ—ସେ ଚାକିରି କରୁଚି । ଚାକିରି ବଡ଼ ନା ମା' ବଡ଼ ।

ଆପଣ ଖବର ଦେଇଚନ୍ତି ?

ଟେଲିଗ୍ରାମ କରାହୋଇ ଥିଲା, କିନ୍ତୁ ଫେରିଆସିଚି । ସେ ସେଠାରେ ନାହିଁ । ପଢ଼ାପଢ଼ି ଛାଡ଼ି ଗୋଟାଏ ଲୋକ ଦର୍ପେ ହେଲା ଯାଯାବର ଭଳିଆ ଏଣେ ତେଣେ ବୁଲୁଚି ।

ମନମୋହନ ବାବୁ ଟିକିଏ ଗମ୍ଭୀର ଦେଖାଗଲେ । ଅନିଚ୍ଛା ସତ୍ତ୍ୱେ ସେ ପୁନଶ୍ଚ ପ୍ରଶ୍ନ କଲେ—ତା ବୋହୂଟିର ଖବର କଣ ?

ସୋମନାଥ ବାବୁ ମୁହଁ ବୁଲେଇ ନେଇ କହିଲେ—କେଜାଣି ! ମୋ ନିଜର ଖବର ମୁଁ ନିଜେ ରଖି ପାରୁ ନାହିଁ । ସେ ସବୁ ଖବର କିଏ ରଖୁଚି ।

ମନମୋହନ ବାବୁ ଓ ସୋମନାଥ ବାବୁଙ୍କର ଏହି ସମସ୍ତ କଥାମାନ ନବାଗତା ନର୍ସ ମିସେସ୍ ଜେନା ଅନ୍ୟାନ୍ୟ ରୋଗୀମାନଙ୍କୁ ଦେଖୁଥିବା ସମୟରେ ଶୁଣୁଥିଲି । ଆଖିର ଲୁହ ସମ୍ବରଣ କରି ନ ପାରି ସେ ହଠାତ୍ ସେହି କକ୍ଷ ତ୍ୟାଗ କରି ଚାଲିଗଲି, ଲୋକଚକ୍ଷୁର ଅନ୍ତରାଳରେ ଅଶ୍ରୁ ବିସର୍ଜନ କରିବାକୁ ।

ନର୍ସ ମିସେସ୍ ଜେନା ଯେତେବେଳେ ଦେଖିଲି ରୋଗୀ ନିମନ୍ତେ ବହୁ ଚେଷ୍ଟା କରି ମଧ୍ୟ ରକ୍ତ ମିଳିବା ସମ୍ଭବ ହେଉନାହିଁ ସେ ଆଉ ଅପେକ୍ଷା କରିବା ଉଚିତ ମନେ କଲି ନାହିଁ । ସୋମନାଥ ବାବୁ ଦୁଃଖ ଓ ହତାଶରେ ଭାଙ୍ଗି ପଡ଼ିଲେଣି । ଏତେବେଳେ ସେ ସୋମନାଥ ବାବୁଙ୍କ ଚକ୍ଷୁର ସାହାଯ୍ୟରେ ଦେଖିବାକୁ ପାଇଲି ଅଶ୍ରୁର ପ୍ରବାହ । ସାନ୍ତ୍ୱନା ଦେଇ କହିଲି—ବାବୁ, ଆପଣ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ । ରକ୍ତର ଯୋଗାଡ଼ ମୁଁ କରିଦେବି ।

ନର୍ସ ମୁହଁରୁ ଏହି କଥା ପଦକ ଶୁଣି ସୋମନାଥ ବାବୁ ଆନନ୍ଦରେ ପାଗଳ ହୋଇଗଲେ । କୃତଜ୍ଞତା ଜଣାଇବା ନିମନ୍ତେ ସେ ଭାଷା ଖୋଜି ପାଇଲେ ନାହିଁ । ତା ମୁଣ୍ଡରେ ହାତ ବୁଲାଇ କହିଲେ—ମା, ତୁମ୍ଭର ଏ ଉପକାର ନିମନ୍ତେ ମୁଁ ଜନ୍ମେ ଜନ୍ମେ ଋଣୀ ହୋଇ ରହିବି । ଭଗବାନ ତୁମ୍ଭର ମଙ୍ଗଳ କରିବେ । ତୁମ୍ଭର ମନୋବାଂଛା ପୂର୍ଣ୍ଣ କରିବେ । ମୁଁ ଆଶୀର୍ବାଦ କରୁଛି ।

ସୋମନାଥ ବାବୁଙ୍କର ଏହିକଥା କେଇପଦ ନର୍ସକୁ ଆନନ୍ଦ ନ ଦେଲେ ମଧ୍ୟ ତା ମୁହଁରେ ହସ ଫୁଟି ଉଠିଲା । ସେ ହସ ତାର ଇଚ୍ଛାକୃତ ନୁହେଁ । ଶିଶୁକୁ ଯେପରି ହସେଇଲେ ହସେ, କନ୍ଦାଇଲେ କାନ୍ଦେ ଏଇ ହସ ଠିକ ସେହିପରି । ଏ ଭଳିଆ ହସ ହସିବା ଲୋକର ଆୟତ୍ତାଧୀନରେ ନଥାଏ କିମ୍ବା ଏ ହସରେ କୌଣସି ମନସ୍ତତ୍ତ୍ୱ ନଥାଏ ।

ରକ୍ତ ଦେବା ପରେ ସୁମିତ୍ରା ଭଲ ହୋଇ ଆସିଲେଣି । ଆଉ ସେତେ ଦୁର୍ବଳତା ନାହିଁ । ଏଥର କେବଳ ଭଲ ପୁଷ୍ଟିକର ଖାଦ୍ୟ ଓ ଔଷଧ ଦେବାକୁ ହେବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ସୁମିତ୍ରା ଯେଉଁଦିନ ଡାକ୍ତରଖାନାରୁ ଘରକୁ ଆସିବେ ସେଦିନ ମନମୋହନ ବାବୁ, ଲେଡ଼ି ଡାକ୍ତର ଓ ଅନ୍ୟାନ୍ୟମାନଙ୍କୁ କୃତଜ୍ଞତା ଜଣାଇ ବିଦାୟ ନେଲେ । ରିକ୍ସାଟାଏ ତାଙ୍କ ପାଇଁ ଅପେକ୍ଷା କରି ରହିଚି ମହିଳା ୱାର୍ଡ ସାମନାରେ । ଯିବା ପୂର୍ବରୁ ସେ ସେହି ନର୍ସଜଣକ ସହିତ ସାକ୍ଷାତ କରି ଯିବା ପାଇଁ ଇଚ୍ଛା ପ୍ରକାଶ କଲେ ଯିଏ, ତାଙ୍କୁ ରକ୍ତ ଦାନ କରି ତାଙ୍କ ଜୀବନରକ୍ଷା କରିଛି । ଜଣେ ଧାଇଁ ସେହି ନବାଗତା ନର୍ସ ମିସେସ ଜେନାକୁ ଡାକିବାକୁ ଗଲା ।

ଠିକ ଏହିକବେଳେ ଅପ୍ରତ୍ୟାଶିତ ଭାବରେ ବିଶ୍ୱନାଥ ଆସି ସେଠାରେ ଉପସ୍ଥିତ ହୋଇ ସୋମନାଥ ବାବୁ ଓ ସୁମିତ୍ରାଙ୍କୁ ପ୍ରଣାମ କଲା । ସୁମିତ୍ରା ପୁଅକୁ ଦୀର୍ଘ ବର୍ଷକ ପରେ ଦେଖି କୁଣ୍ଢାଇ ପକାଇ କାନ୍ଦିବାକୁ ଲାଗିଲେ । ସୋମନାଥ ବାବୁ ରୁମାଲରେ ଆଖି ପୋଛୁ ପୋଛୁ ପଚାରିଲେ—ଟେଲିଗ୍ରାମଟା ଫେରିଆସିଲା । ତୁ କେଉଁଠି ଥିଲୁ କି ?

ବିଶ୍ୱନାଥ କହିଲା—ମୁଁ ଆଜିକୁ ଚାରିଦିନ ହେଲା ରାଉରକେଲାରୁ ଆସିଲିଣି । ବାଲେଶ୍ୱରରେ ଥିଲି । ଆଜି ଭଦ୍ରକ ଆସି ଏସବୁ ଘଟଣା ଶୁଣି ଦୌଡ଼ି ଦୌଡ଼ି ଆସୁଚି ।

ନର୍ସ ମିସେସ୍ ଜେନା ଯେତେବେଳେ ସେଠାରେ ଆସି ପହଞ୍ଚିଲା, ତାର ପ୍ରଥମେ ଦୃଷ୍ଟି ପଡ଼ିଲା ବିଶ୍ୱନାଥ ଉପରେ । ସୁମିତ୍ରା ଆଦର କରି ତାକୁ ପାଖକୁ ଡାକିଲେ । କିନ୍ତୁ ପ୍ରାଣହୀନ ସଂଜ୍ଞ ଅଟକି ଗଲା ପରି ସେ ସେହିଠାରେ ଅଟକିଗଲା । ଲଜ୍ଜା, ଦୁଃଖ, ଅଭିମାନ ସବୁ ଏକାବେଳକେ ତାର ହୃଦୟ ଓ ମନକୁ ନିସ୍ତେଜ କରି ପକାଇଲା । ବିଶ୍ୱନାଥ ମଧ୍ୟ ଗୋଟାଏ ଦୋଷୀ ଭଳି ତଳକୁ ମୁହଁ କରି ଛିଡ଼ା ହୋଇ ରହିଲା ।

ସୁମିତ୍ରା ନର୍ସ ପାଖକୁ ଯାଇ ତାକୁ ନିଜର ଦୁର୍ବଳବକ୍ଷକୁ ଭିଡ଼ି ଆଣି କହିଲେ—ମା, ତମେ ମୋର ପ୍ରାଣଦାତ୍ରୀ । ନିଜର ରକ୍ତ ଦେଇ ମୋର ଜୀବନ ରକ୍ଷା କଲ । ତମେ ମୋର ଝିଅ ଥିଲ ପୂର୍ବ ଜନ୍ମରେ । ଏ ଜନ୍ମରେ ମଧ୍ୟ ମୁଁ ତୁମକୁ ଝିଅ ରୂପେ ନ ପାଇଲେ ବି ତମେ ମୋର ଝିଅ ତୁଲ୍ୟ । ମୋର ଇଚ୍ଛା, ତମେ ଆମ ଘରକୁ ମୋ ସାଙ୍ଗରେ ଚାଲ, ମୋ ପାଖରେ ରହିବ ।

ମନମୋହନ ବାବୁ ସ୍ମିତ ହସି କହିଲେ—ତାଙ୍କ ଚାକିରୀ କିଏ ସେ ଛାଡ଼ି ଦେଇ ଆପଣଙ୍କର ଝିଅ ହୋଇ ଚାଲିଯିବେ ?

ସେ ମୋ ପାଖରେ ରହି କଣ ଚାକିରୀ କରି ପାରିବେ ନାହିଁ ? ସୁମିତ୍ରା ନର୍ସ ପିଠିରେ ହାତ ବୁଲାଉ ବୁଲାଉ କହିଲେ ।

ଏତେବେଳେ ନର୍ସର ଧୈର୍ଯ୍ୟଚ୍ୟୁତି ଘଟିଲା । ଥରିଲା ଥରିଲା ଗଳାରେ କହିଲା—ମା, ମୁଁ କିପରି ଆପଣଙ୍କ ପାଖରେ ରହିବି ? ମୁଁ ଯେ ଅଛୁଆଁ ·········

ଛି—ତମେ କଣ କହୁଚ ଗୌରୀ ! ମା ମନରେ ଆଘାତ ଲାଗିବ ନାହିଁ ? ବିଶ୍ୱନାଥ ଉଚ୍ଛ୍ୱସିତ ହୋଇ କହି ପକାଇଲା ।

ସମସ୍ତେ କିଛିକ୍ଷଣ ନିର୍ବାକ ହୋଇଗଲେ । ସ୍ୱାର ମଧ୍ୟରେ ସାମାନ୍ୟ ପଦେ ଦୁଇ ପଦ କଥାରେ ଯେ କି ଗୂଢ଼ ରହସ୍ୟ ଉଦ୍‌ଘାଟିତ ହୋଇଗଲା, ତାହା କେବଳ ଦୁଇଟି ଲୋକ ଜାଣି ପାରିଲେ ।

କିନ୍ତୁ ମନମୋହନ ବାବୁଙ୍କୁ ଏ ରହସ୍ୟ ଭେଦ କରିବାକୁ ବେଶି ସମୟ ଲାଗିଲା ନାହିଁ । ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ବିଶ୍ୱନାଥକୁ ପଚାରିଲେ—ତମେ କଣ ୟାଙ୍କୁ ଜାଣ ?

ବିଶ୍ୱନାଥ ଭାବାବେଶ ହୋଇ ନାଟକୀୟ ଧରଣରେ କହିଲା—ଡାକ୍ତରବାବୁ, ଏହି ନର୍ସ, ଯିଏ କି ମୋର ମା'ଙ୍କୁ ରକ୍ତ ଦାନ କରିଛି, ତାର ବହୁ ଆଗରୁ ସେ ମୋତେ ତାହାର ସମସ୍ତ ଦାନ କରି ସାରିଛି । ଏ ସେହି ଅଛୁଆଁ ବାଳିକା ଗୌରୀ ।

ସୁମିତ୍ରା ଗୌରୀକୁ ଛାତିରେ ଜାକି ଧରି ଶିଶୁପରି କାନ୍ଦିବାକୁ ଲାଗିଲେ । ସୋମନାଥ ବାବୁ ମୁହଁରେ ରୁମାଲ ଗୁଞ୍ଜିଦେଇ ମାଟି ଉପରେ ବସି ପଡ଼ିଲେ । ମନମୋହନ ବାବୁ ନିର୍ବାକ ଓ ନିସ୍ପନ୍ଦ ହୋଇ ଛିଡ଼ାହୋଇ ରହିଲେ ।

ସୁମିତ୍ରା ଲଜ୍ଜା ଓ ଅନୁତାପରେ ଗୌରୀ ଛାତିରେ ମୁହଁ ଗୁଞ୍ଜି ଦେଇ କାନ୍ଦି କାନ୍ଦି କହିଲେ—ମା ! ସବୁ ଦୋଷ ମୋର । ମୋତେ କ୍ଷମା କର । ତୁ ଲକ୍ଷ୍ମୀ । ମୋର କୁଳର ବୋହୂ । ତୁ ଅଛୁଆଁ ନୋହୁଁ ମା । ଯାହାର ରକ୍ତ ମୋ ଶରୀରରେ ପ୍ରବେଶ କରି ମୋତେ ବଞ୍ଚେଇ ପାରିଛି ମୁଁ କି ତାକୁ ଅଛୁଆଁ କହିପାରେ ? ପଛ କଥାମାନ ଭୁଲି ଯା ମା, ଅଭିମାନ ନ କରି ତୁ ମୋତେ କ୍ଷମା କର ।

ସୋମନାଥ ବାବୁ ତଳୁ ଉଠି ଆସ୍ତେ ଆସ୍ତେ ଗୌରୀ ପାଖକୁ ଯାଇ ତା' ହାତ ଧରିପକାଇ କହିଲେ—ମା, ବାପ ଯଦି ଅନ୍ୟାୟ କରି କ୍ଷମା ଚାହେଁ ଝିଅ କଣ କ୍ଷମା ଦେବ ନାହିଁ ? ମୁଁ ଯେଉଁ ଅନ୍ୟାୟ କରିଛି ତା'ର ପ୍ରତିଫଳ ପାଇସାରିଛି, କେବଳ ଅନୁତାପ କରି କରି । ଏଥର ଆମକୁ କ୍ଷମା ଦେ ମା ।

ମନମୋହନ ବାବୁ ଏହି ନାଟକୀୟ ଦୃଶ୍ୟର ସମାପ୍ତି ଆଣିବାକୁ ଯାଇ କହିଲେ—ବିଶ୍ୱନାଥ ବାବୁ ଆଉ ଖଣ୍ଡେ ରିକ୍ସା ଡାକି ଆଣ ।

ବିଶ୍ୱନାଥ ସ୍ମିତ ହସି ଦୌଡ଼ିଗଲା ଗୋଟାଏ ରିକ୍ସା ଆଣିବାକୁ । ଗୋଟାଏ ରିକ୍ସାରେ ସୁମିତ୍ରା ଓ ଗୌରୀ ଏବଂ ଅନ୍ୟ ରିକ୍ସାରେ ସୋମନାଥ ବାବୁ ଓ ବିଶ୍ୱନାଥ ବସିଲେ ।

ରିକ୍ସା ଦୁଇଟା ଗଡ଼ି ଗଡ଼ି ଚାଲିଲା ଆଗକୁ । ଅଦୃଶ୍ୟ ହେବା ପର୍ଯ୍ୟନ୍ତ ମନମୋହନ ବାବୁ ଛିଡ଼ା ହୋଇ ସେହି ଆଡ଼କୁ ଚାହିଁ ରହିଥିଲେ ।



ଗଳ୍ପ—

ଯତୀନ୍ଦ୍ର କୁମାର ଦାସ




# ଝରାପତ୍ରର ଇତିକଥା

ରାସ୍ତା ଉପରକୁ ଓହ୍ଲାଇ ଆସିଲା ଅରୁଣ ।

ରାସ୍ତା ଉପରେ ଅସମ୍ଭବ ଭିଡ଼—କାର, ରିକ୍ସା, ସାଇକେଲ । ରାସ୍ତା କଡ଼ର ହୋଟେଲରୁ ଭାସି ଆସୁଛି ସାନ୍ଧ୍ୟ ବେତାର ସଙ୍ଗୀତର ଚିତ୍କାର ! ଓଃ କି ଉତ୍କଟ, କି ବୀଭତ୍ସ ଏଇ ଚିତ୍କାର !

କେତେଟା ବାଜିବ ବର୍ତ୍ତମାନ ? ଅରୁଣ ରିଷ୍ଟୱାଚ୍‌କୁ ଚାହିଁଲା । ଚାରିଟା ବେଳୁ ଘଣ୍ଟା କଣ୍ଟା ମିନିଟ୍ କଣ୍ଟା ଧ୍ୟାନମଗ୍ନ ହୋଇ ଯାଇଛନ୍ତି । ଦୀର୍ଘ ସାତବର୍ଷ ଅବିଶ୍ରାନ୍ତ ପରିଶ୍ରମ ପରେ ଆଉ କି ଉପାୟ ଥିଲା ରିଷ୍ଟ ୱାଚ୍ ର ? ଦୋଷ କାହାର ? ରିଷ୍ଟ ୱାଚ୍‌ର, ନା ଅରୁଣର, ନା ଯେଉଁ ସଦାଶୟ ଶ୍ୱଶୁର ମହାଶୟ ଦୟାକରି ଦେଇଥିଲେ, ତାଙ୍କର ? ଶ୍ୱଶୁର ମହାଶୟ କଣ ଜାଣିଥିଲେ ଯେ ତାଙ୍କର ରାଜ-କର୍ମଚାରୀ ଜାମାତା ରିଷ୍ଟୱାଚ୍‌ର ଅଏଲିଂ ବିଷୟରେ ଏତେ ଉଦାସୀନ ହେବେ ବୋଲି ?

—ଏ ରିକ୍ସା !

—ଆସନ୍ତୁ ବାବୁ ।

—ନା, ନା, ଥାଉ ।

ଅନେକ ଦିନର ଅଭ୍ୟାସଟା । ଅତୀତରେ ପହିଲା ଦିନ ଅଫିସ ଛୁଟି ପରେ ରିକ୍ସାରେ ଫେରେ ଅରୁଣ ।

ଆଜି ପହିଲି ପରା ? ଅତୀତରେ ଏଇ ଦିନଟି କି ସୁନ୍ଦର ଲାଗୁଥିଲା ସତେ ! ଦୀର୍ଘ ୩୦ ଦିନ ଭିତରେ ମାସର ଏହି ଦିନଟି କି ସୁନ୍ଦର । କି ଚମତ୍କାର ! ଦୁଃଖ ଓ ଅନାଟନ ମଧ୍ୟରେ ଏଇ ଦିନଟି ହେଉଚି ସୁଖ ଓ ପ୍ରାଚୁର୍ଯ୍ୟର ।

କିନ୍ତୁ ଆଜି ପହିଲିର ମାନେ କିଚ୍ଛିନାହିଁ ଅରୁଣ ପକ୍ଷରେ ! ପହିଲିର ମାଧୁର୍ଯ୍ୟ ସେ ହରାଇ ସାରିଚି ଦୀର୍ଘ ଚୂଇମାସ ହେଲା ।

ଆରେ ଶରତ ଯେ ! ଅରୁଣ ଜଗନ୍ନାଥ ରେଷ୍ଟୁରାଣ୍ଟ୍ ଉପରକୁ ଉଠିଗଲା ।

ଶରତ ସାନ୍ଧ୍ୟୀରାଶ ଶେଷ କରି ଚା କପ୍‌ରେ ଓଠ ଲଗାଇଚି ।

—ନମସ୍କାର ଶରତ ବାବୁ !

—ନମସ୍କାର ! କିଣ ଦେଖା ନଥିଲ ଯେ ! ଆ, ଆ, ଖବର ଆଉ କଣ ?

ଅରୁଣ ବସିଲା । ଖବର ? ଖବର ଆଉ କଣ ? ଇସ୍ତଫାଟ ଦାଖଲ କରିଚ ।

—ଓଃ, ଜାଣିଚ, ଜାଣିଚ । କାହିଁକି ଦାଖଲ କଲ ଶୁଣେ ? ପାପ ଅନ୍ୟାୟର ପ୍ରତିବାଦ ଆଜିକାଲି ଯୁଗରେ ଅଚଳ । ଆମ ପରି କିରାଣି ପକ୍ଷରେ ସବଂସହା ହେବା ଭଲ । ମୋ କଥା ମାନ, ଇସ୍ତଫା ଫେରାଇ ଆଣ ।

ଶରତ ଟୁଲ ଛାଡ଼ି ଉଠିଲା ।

—ଟିକିଏ ଶୁଣିବୁକି ?

ଶରତ ବୁଲି ପଡ଼ି ଠିଆ ହେଲା ।

—କେତେଟା ଟଙ୍କା ଧାର ଦେଇଥିବୁ କି ? ଅରୁଣ ପଚାରିଲା ।

—ଆଜି ଭାଇ ଦରମା ମିଳିନି ମୋର ।

ବୟକୁ ଚା କପେ ପାଇଁ ଅର୍ଡ଼ର ଦେଇ ବେଞ୍ଚ ଉପରେ ବସି ପଡ଼ିଲା ଅରୁଣ ।

ଶରତ ବଦଳି ଯାଇଚି । ଯେଉଁ ଶରତ ଦିନେ ତାକୁ ଅଫିସରେ ନ ଦେଖୁଥିଲେ ପାଗଳ ପରି ଛୁଟି ଆସୁଥିଲା ତା ଘରକୁ, ଆଜି ସତେ କେତେ ବଦଳି ନ ଯାଇଚି ସେ !

ହଁ, ପରିବର୍ତ୍ତନ ହୋଇଚି । କେବଳ ଶରତର ନୁହେଁ—ଯେଉଁମାନେ ଦିନେ ତାର ଘନିଷ୍ଠ ବନ୍ଧୁ ଥିଲେ, ସମସ୍ତଙ୍କର ।

ଚା କପ୍‌ରେ ଓଠ ଲଗାଇଲା ଅରୁଣ । ଚିନି ମୋଟେ ନାହିଁ ।

—ଏ, ଚିନି ଦେଇଯା !

ଶରତ ମ୍ୟାନେଜର ହାତରୁ କେତୋଟି ଟଂକା ନେଇ ପକେଟ୍‌ରେ ରଖି ରାସ୍ତା ଉପରକୁ ଓହ୍ଲାଇ ଯାଉଚି ।

ଅରୁଣ ମୁହଁ ବୁଲାଇଲା । ବୟଟା ଚିନି ଟିକେ ଆଣିଦେବାକୁ କେତେ ଡେରି କରୁଚି । ଅଥଚ କେତେଦିନଂତଳେ ଅରୁଣ ଭିତରକୁ ପଶିବା ମାତ୍ରେ ଖୋଦ୍

ମ୍ୟାନେଜର ଦଉଡ଼ି ଆସୁଥିଲେ । ଦଉଡ଼ି ଆସୁଥିଲେ ଜଗନ୍ନାଥ ରେଷ୍ଟୁରାଣ୍ଟ୍‌ର ସମସ୍ତ ପରିଚାରକ ବୃନ୍ଦ । କଣ ଦରକାର କହିବା ଆଗରୁ ପ୍ଲେଟ୍‌ରେ ଆସି ଜମା ହୋଇ ଯାଉଥିଲା ଖାଦ୍ୟ ସାମଗ୍ରୀ । ମ୍ୟାନେଜର ବାବୁ ହସ ହସ ମୁହଁରେ କହୁଥିଲେ, ଖାଆନ୍ତୁ ଆଜ୍ଞା ! ପଇସା କଣ ଆପଣଙ୍କ ଉପରେ ରହିଯିବ ?

ଅଥଚ ଆଜି ଚଜ ଆଣିବାକୁ କେତେ ଡେରି ହେଲାଣି !

ପରିବର୍ତ୍ତନ ହୋଇଛି । ଆଜି ଅରୁଣ ଆଉ ବିଶ୍ୱସ୍ତ ରାଜକର୍ମଚାରୀ ନୁହେଁ, ଅଫିସର ବଡ଼ବାବୁଙ୍କ ଡାହାଣ ହାତ ନୁହେଁ ! କକ୍ଷଚ୍ୟୁତ ଗ୍ରହ ପରି ତାର ଆଉ କୌଣସି ମୂଲ୍ୟ ନାହିଁ ।

ନା, ବସ୍ତୁଟା ଆଉ ଚଜ ଆଣିବ ନାହିଁ । ଚୁଚିଟା ଅଣ୍ଡା ହୋଇ ଗଲାଣି ।

ବେଞ୍ଚ ଛାଡ଼ିଲା ଅରୁଣ ।

ଓଃ, କି ଶୀତ ପଡ଼ୁଛି ଏବର୍ଷ ? ସନ୍ଧ୍ୟା ହେଉଣୁ ନ ହେଉଣୁ ଦେହ ହାତ ଥରିବାକୁ ଲାଗିଲାଣି । ଆହୁରି ତ ଅଛି !

ରାସ୍ତା କଡ଼େ କଡ଼େ ଚାଲିବାକୁ ଲାଗିଲା ଅରୁଣ । ଏପରି ଶୀତରେ ଖଣ୍ଡିଏ ସିଗାରେଟ୍ ହେଲେ ଖୁବ୍ ଆରାମ ଲାଗନ୍ତା ।

ଆଗରେ ହରିର ପାନ ଦୋକାନ ।

—କାଭେଣ୍ଡର ସିଗାରେଟ୍‌ଟିଏ ଦିଅତ ହରି !

—ହରି ସିଗାରେଟ୍‌ଟିଏ ବଢ଼ାଇ ଦେଲା ହାତକୁ ।

—ପଇସା ରହିଲା ।

—ତା' କେମିତି ହେବ ଆଜ୍ଞା ? ଆଜିକାଲି ମୁଁ ଆଉ ବାକି ଦେଉ ନାହିଁ ।

—ଆରେ ପଇସାତ ଏବେ ନାହିଁ । କାଲି ଦେଇଯିବି ।

ସିଗାରେଟ୍‌ରେ ନିଆଁ ଲଗାଇଲା ଅରୁଣ । ଯେଉଁ ହରି ପ୍ରତିଦିନ ନିର୍ବିକାରରେ ବାକି ଖାତାଟି ବଢ଼ାଇ ଦେଉଥିଲା, ସେ ଆଜି ସାମାନ୍ୟ ଗୋଟାଏ ସିଗାରେଟ୍ ଧାର ଦେବାକୁ ବି ମନାକରୁଚି । କି ବିଚିତ୍ର ଏଇ ମନୁଷ୍ୟ, କି ବିଚିତ୍ର ଏଇ ପୃଥିବୀ ।

କେଉଁବାର ହୋଇଥିଲା ସେଦିନ ? ବୁଧବାର । ବୁଧବାର, ଚାରି ତାରିଖ । କୁମାରୀ ଉର୍ବଶୀ ଦେବୀ ସେଦିନ ଆସିଷ୍ଟାଣ୍ଟ୍ ରୂପେ ଅଫିସରେ ଯୋଗ ଦେଲେ । ଅଫିସର ସମସ୍ତଙ୍କର ଭ୍ରୂକୁଞ୍ଚନ, ଥଟ୍ଟା ପରିହାସ ଭିତରେ ଯେଉଁଦିନ ଉର୍ବଶୀ ଆସି ବସିଲେ ତାଙ୍କ ସିଟ୍‌ରେ, ସେଦିନ ନଥିଲା ତାଙ୍କର ଆଜିର ଗର୍ବୋନ୍ନତ ଗ୍ରୀବା, ନଥିଲା ଅହଙ୍କାରର ବଡ଼ିମା, ନଥିଲା ଦୃପ୍ତ ଭଙ୍ଗୀ ।

ସେଦିନ ଅଫିସରେ ବିଶେଷ କାମ ଥିବାରୁ ସାମାନ୍ୟ ବିଳମ୍ବରେ ଅଫିସ ଛାଡ଼ିଥିଲା ସେ । ବିରାଟ କର୍ମତତ୍ପର ଅଫିସଟି ପ୍ରାୟ ନିର୍ଜ୍ଜନ ହୋଇ ଆସିଥିଲା । କେବଳ ଜଣେ ଦୁଇଜଣ ପିଅନଙ୍କୁ ଛାଡ଼ି ଦେଲେ ଅଫିସରେ ଆଉ କେହି ନଥିଲେ ।

ତଳକୁ ଓହ୍ଲାଇବା ପାଇଁ ପାହାଚରେ ପାଦ ଦେଇଛି ମାତ୍ର ।
ସାର ନମସ୍କାର !
ଆଖି ଟେକି ଚାହିଁଲା ଅରୁଣ ।
ଆଗରେ ଅଫିସର ସେଇ ନୂତନ ଆଗନ୍ତୁକା ଉର୍ବଶୀ । ଆଖିରେ ନିଶ୍ଚିହ୍ନ ହରିଣୀର ନିର୍ବୋଧ ଚାହାଣୀ ।
—କଣ କହୁଚ ?
—ସାର୍ !
—କୁହ, ଡରୁଚ କାହିଁକି ?
—ସାର୍, ଯଦି କିଛି ମନେ ନକରନ୍ତି ତେବେ ଟିକିଏ ମୋ ସାଙ୍ଗରେ ଆସିବେ କି ?
—କୁଆଡ଼େ ?
—ଏଇ ଆମ ଘରକୁ—ଜଣେ ସାଙ୍ଗ ସଙ୍ଗେ ଗପୁ ଗପୁ ସଂଧ୍ୟା ହୋଇଗଲା । ବାପା ଯେମିତି ଲୋକ, ଆପଣ ଟିକିଏ ସାଙ୍ଗରେ ନ ଗଲେ ଖୁବ ଅସୁବିଧାରେ ପଡ଼ିବି ମୁଁ ।
ଉର୍ବଶୀ ଆଖି ତଳକୁ କଲା । ତାର ବ୍ରୀଡ଼ାନତ ମୁହଁକୁ ଚାହିଁ କେମିତି ଏକ ଦୁର୍ବଳତା ଅନୁଭବ କଲା ଅରୁଣ ।
—ଆଚ୍ଛା, ଚାଲ...
ସେଦିନ ଉର୍ବଶୀ ଘରେ ଆଦର ଆପ୍ୟାୟନ ପରେ ଚା'ପର୍ବ ଶେଷ କରି ଘରକୁ ଡେରିରେ ଫେରିଥିଲା ଅରୁଣ ।
ତା'ପରେ ଉର୍ବଶୀର ଅନୁରୋଧରେ କେତେଥର ସେ ଯାଇଛି ତାଙ୍କ ଘରକୁ । ଚା, ଜଳଖିଆ, ପାନ, ସିଗାରେଟ୍; ଆଉ ଫେରିଲା ବେଳକୁ ଉର୍ବଶୀର ଯୋଡ଼ହସ୍ତ—ଆଉ କେବେ ଏ ଗରିବ ଘରେ ପାଦ ଦେବେ ଆପଣ ?
ସେତେବେଳେ ଗର୍ବରେ ବୁନ୍ଦୁ ଫୁଲି ଉଠୁଥିଲା । ତାର ପୁରୁଷକାରର ବିଜୟ ହୋଇଛି ଯେମିତି !
ଅଥଚ ସେଇ ଗର୍ବର ପାହାଡ଼ ବି ଶୀଘ୍ର ଧୂଳିସାତ୍ ହୋଇଗଲା !
କେତେଦିନ ପରେ ଅଫିସରେ ସମସ୍ତଙ୍କ ମୁହଁରେ—ଉର୍ବଶୀ—ଅରୁଣ, ଅରୁଣ—ଉର୍ବଶୀ ।
ଦିନେ ବଡ଼ବାବୁ ଉର୍ବଶୀ ଓ ତାକୁ ଉପରକୁ ଡକାଇ ପଠାଇ ତାଗିଦ୍ କରି ଦେଲେ—ଦେଖ, ଏ ସବୁ ଭଲ ନୁହେଁ । ଏସବୁ କଣ ଶୁଣୁଚି ତମ ନାଁରେ ?
—ସାର୍, ସବୁ ମିଛ ସାର୍...
—ଆଉ, ସବୁ ସତ କହୁଚ ତମେ ? ସାବଧାନ, ପୁଣି ଯଦି ଶୁଣେ ତମ ନାଁରେ ତେବେ ଦୁହିଁଙ୍କୁ ମୁଁ ସସ୍‌ପେଣ୍ଡ୍ କରିବି, ଯାଅ, ବାହାରି ଯାଅ ମୋ ଆଗରୁ ।

ରାଗରେ ସାହେବ ଚକ୍କାର କରି ଉଠିଲେ ।

ଏତେଦୂର ରାଗିବା କେବେ ଦେଖି ନଥିଲା ଅରୁଣ ।

କିଛିଦିନ ପରେ ଓଲଟି ଗଲା ସବୁ । ସେଇ ଓଲଟପାଲଟରେ ଭାଗ୍ୟ ତାର ଓଲଟି ଗଲା, ସାମାନ୍ୟ ଭୁଲ ପାଇଁ ।

କିନ୍ତୁ ଭାଗ୍ୟ ଦେବୀ ପ୍ରସନ୍ନ ହେଲେ ଉର୍ବଶୀର । ବିନା ସୁପାରିଶରେ, ବିନା ଯୋଗ୍ୟତାରେ ସେଦିନର ଅନଭିଜ୍ଞା ତରୁଣୀ ଉର୍ବଶୀ ହଠାତ୍ ହୋଇ ଉଠିଲା ଅଫିସର ଯୋଗ୍ୟ କର୍ମଚାରିଣୀ । ସାହେବଙ୍କର ପ୍ରିୟ କର୍ମଚାରିଣୀ । ସାମାନ୍ୟ ସାମାନ୍ୟ କଥାରେ ଉପରୁ ଆସିଲା ଡାକ ଉର୍ବଶୀକୁ । ଘଣ୍ଟା ଘଣ୍ଟା ଧରି ସାହେବଙ୍କ ସଙ୍ଗେ ଆଲୋଚନା ରତ ହେଲା ଉର୍ବଶୀ ।

ଅଫିସରେ ଟୁପ୍, ଟାପ—ଉର୍ବଶୀ ଇନ୍ଦ୍ରଙ୍କୁ ଟଳାଇ ଦେଇଛି । ସାହେବଙ୍କ ସଙ୍ଗେ ସିନେମା ଯାଉଛି, ସାହେବଙ୍କ କାର ପ୍ରତିଦିନ ସନ୍ଧ୍ୟାରେ ଉର୍ବଶୀଙ୍କ ଘର ଆଗରେ ଅଟକୁଛି ।

ଦିନେ ହଠାତ୍ ଉର୍ବଶୀ ହେଲା ଅଫିସର ମୁଖ୍ୟା ଆଉ ଅଫିସର ସୁଯୋଗ୍ୟ କର୍ମଚାରୀ ଅରୁଣ ଖସି ଆସିଲା ତଳକୁ ।

ସମସ୍ତଙ୍କଠାରୁ ଅଶ୍ଚର୍ଯ୍ୟ ହୋଇଥିଲା ସେ ନିଜେ । ଆଉ ଅଫିସର ସମସ୍ତଙ୍କ ଆଗରେ ନିଜର ସମ୍ମାନ ରଖିବା ପାଇଁ ସେ ପ୍ରଥମେ ନେଇଥିଲା ଛୁଟି । ତାର କିଛି ଦିନ ପରେ ଦାଖଲ କରିଥିଲା ଇସ୍ତଫା ପତ୍ର ।

ସେ ଆଜିକି ଅନେକ ଦିନ ତଳର କଥା । ତାର ସେଇ କ୍ଷୀଣ ପ୍ରତିବାଦର ବିଚାର ଆଉ ହେବ କି ନାହିଁ କିଏ ଜାଣେ ?

ସାଏଁ କରି କାର୍‌ଟା ଆଗରେ ବ୍ରେକ୍ କଲା । କାର୍‌ରୁ ଓହ୍ଲାଇ ଆସିଲେ ଜଣେ ପୁରୁଷ ଆଉ ଜଣେ ନାରୀ । ଆରେ, ଇଏତ ସାହେବ, ଆଉ ପଛରେ କିଏ ? ମିସ୍ ଉର୍ବଶୀ ସାହୁ ! ଆଗରେ ଉତ୍କଳ ସିନେମା ।

ସିନେମାର ଫାଷ୍ଟ୍ ସୋ ଆରମ୍ଭ ହେବ ବର୍ତ୍ତମାନ । ସିନେମା ଆଗରେ ଅସମ୍ଭବ ଭିଡ଼ । କଣ ଅଛି ଆଜି ସିନେମାରେ ? ପ୍ୟାର୍ କି ସାଗର । ସାଗରରେ ସ୍ନାନ କରିବା ପାଇଁ ଆଜି କି ଭିଡ଼ !

ଅରୁଣ ଆଗେଇଲା । ଦିନ ବାରଟା ବେଳେ ବରୁଣାଇ ବିଶୁଦ୍ଧ "ଲଞ୍ଚ୍" ଖାଇବାପରେ ଆଉ ଡିନରର ଆବଶ୍ୟକତା କଣ ? ନା ମାନି ଗିଲସେ ପାଣି ପିଇ ଆଜିର ଡିନର ସାରିବାକୁ ହେବ ।

—ଅରୁ ବାବୁ, ହେ ଅରୁ ବାବୁ !

ଅରୁଣ ଫେରି ଚାହିଁଲା । ପଛରେ ପ୍ରିୟବ୍ରତ ବାବୁ, ବିଶିଷ୍ଟ ପ୍ରକାଶକ ।

—ମତେ ଡାକୁଛନ୍ତି ?

—ହଁ, ଆପଣଙ୍କୁ । କୁଆଡ଼େ ଯାଉଛନ୍ତି ?

—ଏଇ, ଘରକୁ ଫେରୁଛୁ ।

—ସେଇ ଯେଉଁ ବହିଟି ମତେ ଦେଇ ନଥିଲେ ?

—ହଁ, କଣ କରିବେ ସେ ବିଚରା । ସାମଲ ବାବୁଙ୍କ ଦେହ ଖରାପ ଅଛି । ଭାରି ଅଭାବରେ ପଡ଼ିଛନ୍ତି ସେ । କିଛି ଟଙ୍କା ସେ ବହି ପାଇଁ ଦେଇ ପାରିଲେ, ଭାରି ଭଲ ହୁଅନ୍ତା ।

—ହଁ, ସେଇଆ କହିବା ପାଇଁ ତ ଆପଣଙ୍କୁ ଡାକିଲି । ଶୁଣନ୍ତୁ, ବହିଟି ବିଶେଷ ଭଲ ହୋଇନାହିଁ । ମୁଁ ଯେଉଁ ଲେଖକ ବିକାଶ ଯୋଜନା କରିଛି, ସେଇ ଯୋଜନା ଅନୁସାରେ ଯେଉଁ ଆଧୁନିକ ଉପନ୍ୟାସ ସବୁ ବାହାରୁଛି ତାକୁ ଦେଖିଛନ୍ତି ?

—ନା ।

—ଖାଲି ଉପରେ ସୁନ୍ଦର ଚକଚକିଆ ଛବିଟିଏ ଦେଇ ଦେଲେ ଦୁଇ ମାସରେ ଶେଷ ! ଆଉ ପାରିଶ୍ରମିକ କେତେ ଜାଣନ୍ତି ? ଶୂନ୍...ଶୂନ୍...ହାଃ, ହାଃ, ହାଃ...ହଁ, ଶୁଣନ୍ତୁ ଆପଣ ଯେତେବେଳେ କହୁଛନ୍ତି, ତେବେ ୧୦/୨୦ ଦେଇ ପାରେ । ଯଦି ବହିଟିର ସମସ୍ତ ସତ୍ୱ ମତେ ଦେଇ ଦିଅନ୍ତି, ତେବେ ଆଉ କିଛି ମିଳିପାରେ ।

—ଅର୍ଥାତ୍ ?

—ଅର୍ଥାତ୍ ତାହା ସାମଲ ବାବୁଙ୍କର ବୋଲି କୌଣସି ଚିହ୍ନ ରହିବ ନାହିଁ, ବହିଟିର ଲେଖକ ହେବି ମୁଁ ।

ହେ ଭଗବାନ, କି ଅସୀମ ଦୟା ତମର !

—କାଲି ଭିତରେ ଯେମିତି ଖବର ମତେ ଦିଅନ୍ତି ! ହଉ ରହିଲି ନମସ୍କାର ।

ନମସ୍କାର ହେବା ପୂର୍ବରୁ ପ୍ରିୟବ୍ରତ ବାବୁ ସିନେମାର ଗହଳି ଭିତରେ ଲୁଚିଗଲେ । ହେ ଭଗବାନ, କି ଅସୀମ ଦୟା ତମର ? ଅରୁଣ ଜୋରରେ ଚାଲିବାକୁ ଲାଗିଲା ।

ବାସ୍ତବିକ୍ ସାମଲ ବାବୁ ଠିକ୍ କହୁଥିଲେ, ଗରିବ ଲୋକର କେହି ନାହିଁ । ଭଗବାନ ବି ନାହାନ୍ତି !

ଚାବି ଫିଟାଇ ଘରେ ପଶିଲା ଅରୁଣ । ଲାଇଟ୍ ଲଗାଇଲା । ଝରକା ତଳେ ପଡ଼ିଛି ଚିଠିଟି । ଅଫିସରୁ ଆସିଛି । ଚିଠି ଖୋଲିଲା ଅରୁଣ ।

"ଆପଣଙ୍କର ଇସ୍ତଫା ପତ୍ରକୁ ସରକାର ଖୁସିର ସହିତ ଗ୍ରହଣ କରି ନେଇଛନ୍ତି ।"

ଅରୁଣ ବିରକ୍ତିରେ ଚିଠିଟା ଝରକା ବାଟେ ବାହାରକୁ ଫିଙ୍ଗି ଦେଲା ।

---

# କାଚ ଗଂବୁଜର କାଂଚନ

**ଆଲୋକ ମିତ୍ର**

[ କଳ୍ପନାର କାଚ ଗଂବୁଜ ଭିତରେ କାଂଚନର ଦୀପ୍ତି ନେଇ ଯେଉଁ କଳାକୃତି-ଗୁଡ଼ିକ ଅମ୍ଳାନ ରହିଛି, ସେମାନଙ୍କୁ ପରିଚିତ କରାଇବା ଏ ବିଭାଗର ଲକ୍ଷ୍ୟ ]

ଏକ ମୃତ ଭିକ୍ଷୁକକୁ କେନ୍ଦ୍ର କରି ସାତଟି ସମୃଦ୍ଧିଶାଳୀ ଗ୍ରୀସୀୟ ନଗର ଭିତରେ କନ୍ଦଳ ସୃଷ୍ଟି ହୋଇଥିଲା । ଜୀବିତାବସ୍ଥାରେ ରାଜପଥର ଧାରେ ଧାରେ ହାତପାତି ବୁଲୁଥିବା ଏ ଅର୍ଦ୍ଧ ବୁଭୁକ୍ଷୁ କାଙ୍ଗାଳଟି ଲାଗି ସେମାନେ ଅନ୍ନ ସଂସ୍ଥାନ କରିପାରି ନ ଥିଲେ । ଅଥଚ ତାର ମୃତ୍ୟୁ ପରେ ବୈଭବ ବିଜଡ଼ିତ ସ୍ମିର୍ନାର ନଗରପାଳ ଦାବୀ କଲେ ସେ ଭିକ୍ଷୁକର ଜନ୍ମସ୍ଥାନ ଥିଲା ସ୍ୱନାମଧନ୍ୟ ସ୍ମିର୍ନା । ସାଲମିନ୍‌ର ନାଗରିକଗଣ ପ୍ରତିବାଦ କଲେ—ସେ ସେମାନଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଏଥେନସ୍ ସହିତ ଅନ୍ୟ ଚାରୋଟି ନଗରର ଅନୁରୂପ ଦାବୀ ବି ଉପସ୍ଥାପିତ ହେଲା ।

ଏ ଅନ୍ଧ ଭିକ୍ଷୁକର ଜୀବନ କାହାଣୀ ବଡ଼ ରୋମାଂଚକର । ଲୋକଶ୍ରୁତି କହେ, ସେ ମଣିଷ ନୁହଁ, ସ୍ମିର୍ନା ନଗରର ପାଦ ଛୁଇଁ ବହି ଯାଉଥିବା ତଟିନୀ ଓ ଏକ ଦେବକନ୍ୟାର ସନ୍ତାନ ସେ । ତାର ମୃତ୍ୟୁ କାହାଣୀ ବି ଆହୁରି ରୋମାଂଚକର । ଗୋଟିଏ ସାମୁଦ୍ରିକ ଦ୍ୱୀପରେ ଜଣେ ଯୁବକ ଧୀବରଙ୍କ ଏକ ଧଂଦାର ଉତ୍ତର ଦେଇ ନପାରି ସେ ନିଜର ଆସନ୍ନ ମୃତ୍ୟୁ କଥା ଆଗରୁ ଜାଣିପାରିଥିଲା ଏବଂ ନିଜ ଲାଗି ସ୍ମୃତି କବିତାଟିଏ ବି ଲେଖିଥିଲା । ୩ ଦିନ ପରେ ସେ ଇହଲୀଳା ସାଂଗ କଲା । ସେ ଖ୍ରୀ: ପୂ: ୮୫୦ କିଂବା ୧୦୦୦ର କଥା ।

ଏ ଅନ୍ଧ ଚାରଣ କବିର ନାମ ହୋମର । ତାର ଦୈହିକ ଚକ୍ଷୁରେ ବୋଳି ହୋଇ ରହିଥିଲା ଅନନ୍ତ ଯୁଗର ନିରନ୍ଧ୍ର କାଳିମା । କିନ୍ତୁ ତାର ମାନସ ରାଜ୍ୟ ମଧ୍ୟାହ୍ନ ସୂର୍ଯ୍ୟ ଦ୍ୱାରା ଆଲୋକ ଦୀପ୍ତ । ଜନପଦରୁ ଜନପଦ ବୁଲି ବୁଲି ସେ ଗୀତ ଗାଉଥିଲା । ସେ ସଂଗୀତର ସୃଷ୍ଟି ହୃଦସ୍ପୁର ଗଭୀର 'ଆଲୋଡ଼ନରୁ' ତା କବିତା ଗ୍ରୀସୀୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ, ଶିକ୍ଷାୟତନର ଶିଶୁ ତାକୁ ପଢ଼ି ଶିଖେ—ଅବସରରେ ତାର ଆବୃତ୍ତି କରେ । ପଣ୍ଡିତଗଣ ତାର ଅନୁଧ୍ୟାନ କରନ୍ତି ଏବଂ କବି ଓ ଲେଖକ ସେ କଥାସାଗରରୁ ନିଜ ନିଜ ରଚନା ଲାଗି ଖୋରାକ ସଂଗ୍ରହ କରନ୍ତି ।

ପୁରାତନ ଗ୍ରୀସର ଦୁଇଟି ଶ୍ରେଷ୍ଠ କାବ୍ୟ 'ଇଲିଆଡ଼୍' ଓ 'ଅଡ଼ିସି'ର ସେ ଲେଖକ । ଗ୍ରୀସ୍‌ର ଇତିହାସ ଗରିମାମୟ, ଗ୍ରୀସୀୟ ଜନତାର ଡାକ ଆକାଶବାସୀ ଦେବତାମାନେ କେବଳ ଶୁଣୁ ନ ଥିଲେ, ଓଲିମ୍ପିଅସ୍‌ର ଉପତ୍ୟକା ଛାଡ଼ି ସେମାନେ

ପୃଥିବୀକୁ ଅବତରଣ କରି ଆସୁଥିଲେ ମଣିଷର ହସ କାନ୍ଦ, ଅଶ୍ରୁ ଆବେଗରେ ନିଜକୁ ଜଡ଼ାଇ ଦେବା ଲାଗି । ମଣିଷ ଲାଗି ସେମାନେ ପରସ୍ପର ସହିତ କଳହ କରୁଥିଲେ ଏବଂ ନିଜର ପ୍ରିୟପାତ୍ର ମଣିଷ ଲାଗି ନାନାସୂତ୍ରରେ ପାର୍ଥିବ ଘଟଣା ପ୍ରବାହରେ ଅଂଶ ଗ୍ରହଣ କରୁଥିଲେ । ଏପରି ବହୁବିଧ ଉପଭୋଗ୍ୟ କାହାଣୀ ଭିତରୁ ସବୁଠାରୁ ବେଶୀ ରୋମାଞ୍ଚକର ଓ ବିଖ୍ୟାତ କାହାଣୀ ହେଉଛି ଟ୍ରୟ ଯୁଦ୍ଧର କାହାଣୀ, ଯାହାକି 'ଇଲିଆଡ୍'ରେ ବର୍ଣ୍ଣିତ ହୋଇଛି ।

ଟ୍ରୟର ରାଜା ବୃଦ୍ଧ ପ୍ରାଏମ୍‌ର ଏକାଧିକ ସନ୍ତାନ ମଧ୍ୟରୁ ପାରିସ୍ ଜଣେ । ଗ୍ରୀସ୍‌ର ସର୍ବଶ୍ରେଷ୍ଠ ସୁନ୍ଦରୀ ରୂପେ ଖ୍ୟାତି ଅର୍ଜନ କରିଥିବା ହେଲେନ୍‌କୁ ସେ ଅପହରଣ କରି ଆଣିଥାଏ । ହେଲେନ୍ ମେସିନେର ରାଜା ଅଗାମେମନର ଭାଇ ମିନେଲଅସର ସ୍ତ୍ରୀ । ସୁତରାଂ ଗ୍ରୀସ୍‌ବାସୀ ଅଗାମେମନର ଅଧିନାୟକତ୍ୱରେ ଏକ ବିଶାଳ ନୌବାହିନୀ ନେଇ ଟ୍ରୟରେ ପହଞ୍ଚିଥିଲେ । ଟ୍ରୟବାସୀ କିନ୍ତୁ ହେଲେନ୍‌କୁ ଫେରାଇ ଦେବା ଲାଗି ନାରାଜ । ସୁତରାଂ ଗ୍ରୀକ୍‌ମାନେ ଟ୍ରୟ ଅବରୋଧ କଲେ । ବହୁକାଳ ଲାଗି ସଂଗ୍ରାମ ଚାଲିଲା ଏବଂ ତାର ଇତିବୃତ୍ତି ଇଲିଆଡ୍‌ରେ ଲିପିବଦ୍ଧ ।

ଟ୍ରୟ ଅବରୋଧ ହୁଏତ ଏତେ ଦୁରୂହ ହୋଇ ନଥାନ୍ତା । କିନ୍ତୁ ରାଜା ଆଗାମେମନ ଭୁଲ କରି ବସିଲା ଏବଂ ଗ୍ରୀକ୍‌ମାନଙ୍କ ସର୍ବଶ୍ରେଷ୍ଠ ଯୋଦ୍ଧା ଏକିଲସ୍ ସହିତ ତାର ମନୋମାଳିନ୍ୟ ଘଟିଲା ।

ଗୋଟିଏ ନଗରର ସଫଳ ଅବରୋଧ ପରେ ରାଜା ଆଗାମେମନ ନିଜ ପାଇଁ ବନ୍ଦୀ କରି ଆଣିଥାଏ ଦେବତା ଅପୋଲୋର ପୂଜାରୀର ନିଜ ଝିଅକୁ । ବିଚାରା ପୂଜାରୀର ବହୁ ଆକୁଳ ମିନତି ପରେ ବି ଝିଅଟିକୁ ମୁକ୍ତି ମିଳିଲା ନାହିଁ । ସୁତରାଂ ନିଜ ପ୍ରିୟ ଦେବତା ପାଖରେ ପ୍ରାର୍ଥନା କଲା ଗ୍ରୀକ୍‌ମାନଙ୍କ ଉପରେ ପ୍ରତିଶୋଧ ନେବା ଲାଗି । ଅପୋଲୋର କ୍ରୁଦ୍ଧ ଶରାଘାତରେ ଶହ ଶହ ଗ୍ରୀକ୍ ସୈନ୍ୟ ଟଳି ପଡ଼ିଲେ ଏବଂ ଚିତା ନିଆଁ ମୁହୂର୍ତ୍ତିକ ଲାଗି ବି ନିର୍ବାପିତ ହେଲା ନାହିଁ ।

ଶ୍ରେଷ୍ଠ ଗ୍ରୀକ୍ ଯୋଦ୍ଧା ଏକିଲସ ଜ୍ୟୋତିଷଠାରୁ ଯେତେବେଳେ ଆପୋଲୋର କ୍ରୋଧର କାରଣ ଜାଣିପାରିଲା, ଗ୍ରୀକ୍ ସେନାର ହିତ ଦୃଷ୍ଟିରୁ ଝିଅଟିକୁ ଫେରାଇ ଦେବା ଲାଗି ସେ ଅଗାମେମନକୁ ଅନୁରୋଧ କଲା । ନିଜ ବାହୁ ବଳରେ ଜିଣି ଆଣିଥିବା ଝିଅଟିକୁ ସାମୂହିକ ହିତ ଦୃଷ୍ଟିରୁ ସେ ତ୍ୟାଗ କଲା ସିନା, ସେ କ୍ଷତିପୂରଣ ଚାହିଁଲା । ଅଥଚ କୋଠ ସମ୍ପତ୍ତି ରୂପେ ଆଉ ବନ୍ଦିନୀ ନ ଥିଲେ । ସୁତରାଂ କ୍ରୁଦ୍ଧ ଆଗାମେମନ୍ ଏକିଲସ୍‌ର ନିଜ ଭାଗରେ ପଡ଼ିଥିବା ଝିଅଟିକୁ ବଳାତ୍କାରରେ ଛଡ଼ାଇ ଆଣିଲା । ସେ ଆଘାତ ଏକିଲସ୍ ଲାଗି ଅସହନୀୟ । ସେ ଶପଥ କରି କହିଲା—ଦିନ ଆସିବ ଯେତେବେଳେ ତା ବିନା ଗ୍ରୀକ୍ ସେନା କେବଳ ହାହାକାର କରିବ ଏବଂ ସେମାନେ ସଂଯୁକ୍ତ କରପୁଟରେ ଦିନେ ତାର ସାହାଯ୍ୟ ଭିକ୍ଷା କରିବେ ।

ସାଗର କନ୍ୟା ଥେଟିସ୍‌ର ପୁତ୍ର ଏକିଲିସ୍ । ଥେଟିସ୍‌ର ଅନୁରୋଧ କ୍ରମେ ଜିଉସ୍ ଟ୍ରୟ ପକ୍ଷକୁ ସାହାଯ୍ୟ କରିବା ପାଇଁ ସମ୍ମତ ହେଲେ । ପ୍ରାଏମ୍‌ର ଅନ୍ୟତମ ପୁତ୍ର ହେକ୍‌ଟରର ଅଧିନାୟକତ୍ୱରେ ଟ୍ରୋଜାନ୍ ସେନା ଉଦ୍‌ବେଲିତ ସମୁଦ୍ର ଭଳି ମାଡ଼ି ଆସିଲେ । ଗ୍ରୀକ୍ ସେନାବାହିନୀର ଶ୍ରେଷ୍ଠ ଯୋଦ୍ଧାଗୁଡ଼ିକ ମୃତାହତ ହୋଇ ପଡ଼ିଲେ । ତଥାପି ଏକିଲିସ୍ ସ୍ଥାଣୁ ଭଳି ଅବିଚଳିତ ରହିଥାଏ । କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରିୟତମ ସହଚର ପେଟ୍ରୋକ୍ଲସ୍ ଯେତେବେଳେ ଶତ୍ରୁ ପକ୍ଷର ସହାୟକ ଦେବତା ଆପୋଲୋର କୁଟ ଚକ୍ରାନ୍ତରେ ପଡ଼ିଲା ଏବଂ ତାର ଶବ ନେବା ଲାଗି ଟଣା ଓଟରା ଲାଗିଲା, ଏକିଲିସ୍ ନୀରବ ରହି ପାରିଲା ନାହିଁ । ମୃତ ପେଟ୍ରୋକ୍ଲସର ଶବ ଉପରେ ଏକିଲିସ୍‌ର ଶୋକ ଅଭୂତପୂର୍ବ । କ୍ଷୁବ୍ଧ ଏକିଲିସ୍ ଧୂମକେତୁ ଭଳି ସଂହାରର ଉଦ୍ଦାମ ରୂପ ଧରି ରଣକ୍ଷେତ୍ରରେ ଘୂରିବୁଲିଲା । ହେକ୍‌ଟର ଉଦ୍ଧାର ପାଇ ପାରିଲା ନାହିଁ । ଏଇଠି 'ଇଲିଆଡ୍'ର ସମାପ୍ତି ।

'ଇଲିଆଡ୍'ର କାହାଣୀକୁ ଆଗେଇ ନେଇଛି ଆଉ ଏକ ମହାକାବ୍ୟ— "ଅଡ଼ିସି" । ଏକିଲିସ୍, ପାରିସ୍ ପ୍ରଭୃତି ମହାବୀରମାନଙ୍କ ଅକାଳ ମୃତ୍ୟୁ ପରେ ବି ଟ୍ରୟ ଅଜେୟ ରହିଲା । ଯୁଦ୍ଧ କ୍ଷେତ୍ରରେ ଦକ୍ଷତା ଯେଉଁଠି ହାର ମାନିଲା, ସେଠି ଅଡ଼ିସିଅସର କୁଟ ନୀତି କାମ ଦେଲା । ଏକ ବିରାଟ କାଠ ଘୋଡ଼ା ପ୍ରସ୍ତୁତ କରି ତାକୁ ସମୁଦ୍ର କୂଳରେ ଛାଡ଼ି ଦିଆଗଲା ! କୁହାଗଲା ସେ ଦେବୀ ଏଥିନା ଲାଗି ଭେଟି । ଅଥଚ ତାରି ଭିତରେ ଲୁଚି ରହିଲେ ଅଡ଼ିସିଅସ୍ ଏବଂ ବଛା ବଛା କେତୋଟି ବୀର । ପ୍ରତାରିତ ଟ୍ରୋଜାନଗଣ ଘୋଡ଼ାଟିକୁ ଆଗ୍ରହରେ ଗଡ଼ ଭିତରକୁ ଟାଣି ନେଲେ ଏବଂ ତା ପରେ ଯାହା ଘଟିଲା ତା ଅନେକଙ୍କୁ ଜଣା । ଭସ୍ମୀଭୂତ ଟ୍ରୟ ନଗରୀକୁ ପଛରେ ପକାଇ ହେଲେନ୍‌କୁ ସାଙ୍ଗରେ ନେଇ ବିଜୟ ଦର୍ପରେ ଗ୍ରୀସ୍ ଫେରିଲେ ମିନେଲିଅସ ।

ଯାହା କିନ୍ତୁ ଅକଥନୀୟ ପ୍ରତିବନ୍ଧକ ଜଡ଼ିତ ହୋଇ ଉପଭୋଗ୍ୟ ହୋଇ ପାରିଲା ନାହିଁ ଗ୍ରୀକ୍ ମାନଙ୍କ ଲାଗି । ଦଶ ବର୍ଷର ଅନୁପସ୍ଥିତି ଭିତରେ ଗ୍ରୀସ୍‌ରେ ପରିବର୍ତ୍ତନ ହୋଇଥାଏ ଅନେକ । ଅଡ଼ିସିଅସର ସର୍ବଶେଷରେ ପହଞ୍ଚି ଆବିଷ୍କାର କଲା ତାର ସୁନ୍ଦରୀ ସ୍ତ୍ରୀ ପେନିଲୋପ୍ ନୂତନ ପ୍ରେମିକମାନଙ୍କ ହାତରେ ବ୍ୟତିବ୍ୟସ୍ତ ହୋଇଛି ଏବଂ ତା' ରାଜ୍ୟକୁ ଅଧିକାର କରିବା ଲାଗି ଅବାଞ୍ଛିତ ଉଦ୍ୟମ ହେଉଛି ।

'ଇଲିଆଡ୍' ଓ 'ଅଡ଼ିସି' ଯୁଗ ଯୁଗ ଧରି କବି, ଲେଖକ, ଚିତ୍ରକର, ସଂଗୀତଜ୍ଞମାନଙ୍କୁ ଅନୁପ୍ରାଣିତ କରିଛି । ଗ୍ରୀସୀୟ ପାତ୍ରଗୁଡ଼ିକରେ ଏ କାହାଣୀ ଗୁଡ଼ିକ ଚିତ୍ରିତ ହୋଇ ଚିତ୍ରଜଗତରେ ଅମୂଲ୍ୟ ସମ୍ପଦ ରୂପେ ପରିଗଣିତ ହୋଇଛି । 'ଇଲିଆଡ୍' ଓ 'ଅଡ଼ିସି' ସାହିତ୍ୟ ଜଗତର ଗୋଟିଏ ଗୋଟିଏ ବିସ୍ମୟ । ସମୟ ତା ସୌନ୍ଦର୍ଯ୍ୟକୁ ମ୍ଳାନ କରି ପାରି ନାହିଁ । ସହସ୍ର ପୁନରାବୃତ୍ତି ସତ୍ତ୍ୱେ ସେ କେବେ ପୁରାତନ ମନେ ହୁଏ ନାହିଁ ।

---




## ମିସେସ୍ ଜେକ୍ୟୁଲାଇନ ବୋଭିଅର କେନେଡ଼ି

ଆମେରିକା ଭଳି ମହାନ ଗଣତାନ୍ତ୍ରିକ ଦେଶର ସର୍ବୋଚ୍ଚ ରାଷ୍ଟ୍ରନାୟକଙ୍କ ପତ୍ନୀ, ମିସେସ କେନେଡ଼ି ଭାରତ ଭ୍ରମଣରେ ଆସିଛନ୍ତି । ବିଶ୍ୱର ଅନ୍ୟାନ୍ୟ ମହିଳା ଭଳି ସେ କଣ କେବଳ ଜନନେତ୍ରୀ ? ଏହାର ଉତ୍ତରରେ କେବଳ ଏତିକି କୁହାଯାଇପାରେ ସେ ଜଣେ ସୁଦକ୍ଷ ଗୃହିଣୀ ।

ଦ'ଗଲ ଠାରୁ କ୍ରୁଶ୍ଚେଭ, ନେହରୁ ସମସ୍ତେ ଏଇ ଆଶ୍ଚର୍ଯ୍ୟ ମହିଳାଟିର ଆଦର୍ଶ ଓ ବ୍ୟବହାର ମୁଗ୍ଧ ହୋଇଛନ୍ତି । ତାର ରୁଚି, ଗୁଣ ଓ ରୂପର ପ୍ରଶଂସା ଆମେରିକା ଓ ୟୁରୋପରେ ସବୁ ମହଲରେ ଆଲୋଚନାର ବସ୍ତୁ ।

ସୁଶ୍ରୀ, କ୍ଷୀଣାଙ୍ଗୀ ଜେକ୍ୟୁଲାଇନ କେନେଡ଼ି ସ୍ୱଭାବତଃ ଧୀର ଓ ଲଜ୍ଜାଶୀଳା । ତାଙ୍କର ଗୃହ କରଣା, ସାଂସାରିକ ଜୀବନ ଓ ସାମାଜିକ ବନ୍ଧନ ପ୍ରତି ଦୃଷ୍ଟିଦେଲେ ନାରୀ ଜୀବନର ଦର୍ଶନ ଓ ତାହାର ସାର୍ଥକତା ପ୍ରତିପାଦିତ ହୁଏ । ଅକପଟ ସରଳତା ପରିଲକ୍ଷିତ ହୁଏ ତାଙ୍କ ପରିଧାନରୁ । ବେଶଭୂଷା ଓ ପରିପାଟି ବାହ୍ୟାଡମ୍ବରଶୂନ୍ୟ—ଅତି ସରଳ ଓ ମାର୍ଜିତ । ତାଙ୍କର ଜନୈକା ବାନ୍ଧବୀ କହନ୍ତି, ପୁରୁଣା ଲୁଗା ପିନ୍ଧିବାରେ ତାଙ୍କର ଆନନ୍ଦ । ଶ୍ୱଶୁରାଳୟରେ ସେ ଅତି ସାଧାରଣ ଭାବରେ ଚଳନ୍ତି । ଆଭିଜାତ୍ୟ ବୋଲି ଜିନିଷ ତାଙ୍କ ପାଖରେ ପରିଲକ୍ଷିତ ହୁଏ ନାହିଁ ।

ପ୍ରେସିଡେଣ୍ଟ ନିର୍ବାଚନ ପରେ ଜର୍ଜ ଟାଉନର ସୁବିଶାଳ ଓ ମନୋରମ ସରକାରୀ ବାସଭବନରୁ ଆସିଲେ ହ୍ୱାଇଟ ହାଉସର ରାଜଐଶ୍ୱର୍ଯ୍ୟ ମଧ୍ୟକୁ । ହ୍ୱାଇଟ ହାଉସର ଶାନ୍ତ ପରିବେଶ ଝଲମଲ ହୋଇ ଉଠିଲା ମିସେସ କେନେଡ଼ିଙ୍କ ଗୃହସଜ୍ଜାର ନିପୁଣତାରେ । ଏହିଠାରୁହିଁ ମିଳେ ତାଙ୍କର ଜୀବନର ପଟୁତା । ସେ କହନ୍ତି, 'ସଂସାର ଚଳାଇବାରେ ହିଁ ମୋର ଆନନ୍ଦ । ସଂସାର ଭଲଭାବରେ ଚାଲିଲେ,

ଝିଆପିଆ ଭଲ ଭାବରେ ହେଲେ ଓ ବଗିଚାରେ ଫୁଲ ସବୁ ହୋଇ ଫୁଟିଲେ ଏଥିରେହିଁ ମୁଁ ଆନନ୍ଦ ପାଏ ।

ପ୍ରେସିଡେଣ୍ଟ ନିର୍ବାଚନ ଫଳ ଘୋଷଣା ହେଲାପରେ ଶ୍ରୀମତୀ କେନେଡ଼ି ଯୁକ୍ତରାଷ୍ଟ୍ରର ପ୍ରଥମ ମହିଳା ନାଗରିକ ହେବାର ସମ୍ମାନ ପାଇଲେ । ଉତ୍ତରରେ ସେ କହିଥିଲେ, ଭୟ ପାଇବାର କାରଣ କୌଣସି ମୁଁ ଭାବି ପାରୁ ନାହିଁ । ସମ୍ପ୍ରତି କାଳରେ ମୁଁ ଜୀବନକୁ ପରିବେଶ ସହିତ ଖାପ ଖୁଆଇବାକୁ ଶିଖିଛି । ନାରୀ ଜୀବନର ଏକମାତ୍ର ଗୌରବ ହେଲା ତାହାର ସ୍ୱାମୀ ।

ମିସେସ କେନେଡ଼ିଙ୍କ ବାଲ୍ୟ ଶିକ୍ଷା ଆରମ୍ଭ ହୁଏ ଘରୋଇ ସ୍କୁଲ ଗୁଡ଼ିକରେ । ଭାସର କଲେଜରୁ ଶିକ୍ଷାଲାଭ କରି ଫ୍ରାନ୍ସରେ ଏକ ବର୍ଷ ବିଦ୍ୟା ଶିକ୍ଷା କରିଥିଲେ । ସେଠାରୁ ଆସି ଜର୍ଜ ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ପାଇଥିଲେ । ଫ୍ରାନ୍ସ ଓ ଇଟାଲି ଭାଷାରେ ତାଙ୍କର ଅସାଧାରଣ ବାକ୍‌ପଟୁତା କୌଣସି ମାର୍କିନ ରମଣୀଠାରେ ଏକ ଧାରାରେ ପରିଲକ୍ଷିତ ହୁଏ ନାହିଁ । ଇତିହାସ, ଜୀବନ ଚରିତ, କଳା, ରାଜନୈତିକ ଘଟଣା ଓ ଚିତ୍ରକଳା ଉପରେ ବହିମାନ ପଢ଼ିବାକୁ ସେ ଖୁବ୍ ଭଲ ପାଆନ୍ତି । ସ୍ୱାମୀଙ୍କ ଭଳି ସେ ମଧ୍ୟ ସମ୍ଭ୍ରାନ୍ତ ଓ ବିଭବଶାଳୀ ବଂଶୀୟା ।

ବିବାହ ଆଗରୁ ସେ ଏକ ଖବର କାଗଜରେ ଚାକିରି କରୁଥିଲେ । ଚାକିରି ପାଇଁ ଆବେଦନ କରିବା ସମୟରେ କାଗଜର କର୍ତ୍ତୃପକ୍ଷ କହିଲେ, ସେମାନେ ଜଣେ ଅନୁସନ୍ଧାନୀ ଫଟୋଗ୍ରାଫର ଚାହାନ୍ତି । ଚିତ୍ର ତୋଳାରେ ତ ତାଙ୍କର ଅଭିଜ୍ଞତା ନାହିଁ । ତେବେ କିପରି ଏହି ପଦ ପାଇଁ ପ୍ରାର୍ଥିନୀ ହେବେ ? ଏହି ପ୍ରଶ୍ନ ତାଙ୍କ ମନକୁ ଆଲୋଡ଼ନ କରିବାକୁ ଲାଗିଲା । ସେ ବିଚଳିତା ନ ହୋଇ ଲାଗିପଡ଼ିଲେ ଫଟୋଗ୍ରାଫି ଉପରେ ଆବଶ୍ୟକୀୟ ଶିକ୍ଷା ଗ୍ରହଣରେ । ତାଙ୍କର ଅଧ୍ୟବସାୟ ଫଳରେ ସେ ଆଜି ଯୁକ୍ତରାଷ୍ଟ୍ର ଆମେରିକାରେ ଖ୍ୟାତନାମା ଶିଳ୍ପୀ ।

ପ୍ରେସିଡେଣ୍ଟ ଆଇଜେନ ହାଓ୍ୱାରଙ୍କ କ୍ଷମତା ଗ୍ରହଣ କାଳୀନ ଉତ୍ସବରେ ଚିତ୍ରାଙ୍କନ ପାଇଁ ଶିଳ୍ପୀ ମହଲରୁ ସୁପାରିଶ ହେଲା ମିସେସ୍ କେନେଡ଼ିଙ୍କ ନାମ । ଏହି ଗୁରୁଦାୟିତ୍ୱ ଦକ୍ଷତା ସହକାରେ ସମ୍ପାଦନ କରି ଚିତ୍ରକର ଜଗତ ଆଣିଦେଲା ତାଙ୍କୁ ଖ୍ୟାତିର ଜୟମାଲ୍ୟ । ଇଂଲଣ୍ଡେଶ୍ୱରୀ ଦ୍ୱିତୀୟ ଏଲିଜାବେଥଙ୍କ ଅଭିଷେକ ସମୟରେ ଶ୍ରୀମତୀ କେନେଡ଼ିଙ୍କୁ ନିମନ୍ତ୍ରଣ ମିଳିଲା ଚିତ୍ରାଙ୍କନରେ ସାହାଯ୍ୟ କରିବାଲାଗି ।

ଖବର କାଗଜରେ ଚାକିରି କରୁଥିବା ବେଳେ ସେ ଜନ କେନେଡ଼ିଙ୍କ ସହିତ ପରିଚିତ ହୋଇଥିଲେ । ସେତେବେଳେ କେନେଡ଼ି ସିନେଟର ସଭ୍ୟପଦ ଲାଗି ନିର୍ବାଚିତ ହେବାକୁ ଚେଷ୍ଟା କରୁଥାଆନ୍ତି । ଅତୀତ ଦିନର ସ୍ମୃତିକୁ

ମନେ ପକାଇ କେକ୍ରୁ୍ୟାଲଚନ କରନ୍ତ, କେନେଡ଼ିଙ୍କ ପ୍ରତି ସଂକୋଚନଶୀଳ ପ୍ରଶସ୍ତ ନିବେଦନ ଆଜ ବି ମୋର ମନେ ଅଛି ।

ଭଲ ପାଆନ୍ତି ଛବି ଓ ଗୀତ । ଶିଳ୍ପ ଓ ଶିଳ୍ପୀ । ଶିଳ୍ପ-ସାମଗ୍ରୀ ସଂଗ୍ରହରେ ମଧ୍ୟ ପ୍ରଚୁର ଆଗ୍ରହ । ପ୍ରାଚୀନ ଓ ନବୀନ ଦୁଇ ପ୍ରକାର ଶିଳ୍ପର ପ୍ରକୃତ ସମଝଦାର । ହ୍ୱାଇଟ ହାଉସରେ ତାଙ୍କର ଆହ୍ୱାନ କ୍ରମେ ଜ୍ଞାନୀ ଗୁଣୀ-ଶିଳ୍ପୀମାନେ ଆସନ୍ତି । ଫୁଲ ଓ କବିତା ଖୁବ୍ ପ୍ରିୟ ।

ରାଜଐଶ୍ୱର୍ଯ୍ୟରେ ବୁଡ଼ି ରହି ମିସେସ୍ କେନେଡ଼ି ଯେ ନାରୀଧର୍ମର କର୍ତ୍ତବ୍ୟ ଭୁଲି ଯାଇଛନ୍ତି ତାହା ନୁହେଁ । ତାଙ୍କର ସନ୍ତାନ ଲାଳନ-ପାଳନ ଆମେରିକାନ ନାରୀମାନଙ୍କ ପ୍ରତି ଏକ ଅନୁକରଣୀୟ ହୋଇଛି ।

ତାଙ୍କର ତର୍ଜନୀ ଇଂଗିତରେ ତାଙ୍କ ସଂସାର ଚଳେ । ସକାଳ ୯ଟାରେ ଜଳଯୋଗ, ଖରାବେଳେ ଲଞ୍ଚ ଆଉ ରାତି ସାଢ଼େ ଆଠଟାରେ ଡିନର । ଘଡ଼ି କଣ୍ଟା ସଙ୍ଗେ ତାଳଦେଇ ସମସ୍ତେ ଟେବୁଲ ପାଖରେ ପହଞ୍ଚନ୍ତି । କଡ଼ା ହୁକୁମ । ଗ୍ରେଟ ଝିଅକୁ ନେଇ ଛବି ଆଙ୍କନ୍ତି । ଆଙ୍କି ତାକୁ ଦେଖାନ୍ତି । ଆଙ୍କିବାକୁ ପ୍ରେରଣା ଦିଅନ୍ତି । ସକାଳ ସନ୍ଧ୍ୟାରେ ତାକୁ ନେଇ ବୁଲନ୍ତି ।

ମିସେସ୍ କେନେଡ଼ିଙ୍କ ସମ୍ବନ୍ଧରେ ବିଖ୍ୟାତ ମାର୍କିନ କବି ରବର୍ଟ ଫଷ୍ଟର କହିଛନ୍ତି "ଏବି୍ଗଲ ଏଡ଼ାମସ୍ ଓ ଡ଼ୋଲିମେଡ଼ିସନଙ୍କ ଭଳି ସ୍ତ୍ରୀ ହ୍ୱାଇଟ ହାଉସକୁ ଅଲଙ୍କୃତ କରି ଅଛନ୍ତି । ସେମାନଙ୍କର ଆଦର୍ଶ ମାର୍କିନ ଜନଗଣ ହୃଦୟରେ ପ୍ରେରଣାର ଉତ୍ସ ଥିଲା । ଆଜି ସେମାନଙ୍କର ସ୍ଥାନ ମିସେସ୍ କେନେଡି ପୂର୍ଣ୍ଣ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।" ୧୯୬୦ ସାଲରେ ଫ୍ରାନ୍ସର ପ୍ରେସିଡ଼େଣ୍ଟ ଦ'ଗଲ ଅମେରିକା ପରିଦର୍ଶନରେ ଆସିଥିଲା ବେଳେ, ମିସେସ୍ କେନେଡ଼ି ସମ୍ବନ୍ଧରେ ମନ୍ତବ୍ୟ କରିଥିଲେ—'ଆମେରିକାରୁ ଯେଉଁ ଅଭିଜ୍ଞତା ନେଇ ମୁଁ ସ୍ୱଦେଶକୁ ଫେରୁଛି, ତାହା ଭିତରୁ ମିସେସ୍ କେନେଡ଼ିଙ୍କ ଆଦର୍ଶ ଅନ୍ୟତମ ।'

କବି ଭ୍ରମଣୀଳ ଓ ଭବିଷ୍ୟ ବଂଶଧର ପରିବର୍ତ୍ତନଶୀଳ । ମାତ୍ର ଇତିହାସ ଅମର । ଦୀର୍ଘ ୧୪୩ ବର୍ଷ ମଧ୍ୟରେ କେତେ ପ୍ରେସିଡ଼େଣ୍ଟଙ୍କ ସହଧର୍ମିଣୀ ହ୍ୱାଇଟ ହାଉସର ଗୃହକର୍ତ୍ତ୍ରୀ ହୋଇଛନ୍ତି ଓ ବିଦାୟ ନେଇଛନ୍ତି । କିନ୍ତୁ ମିସେସ୍ କେନେଡ଼ିଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ନବ ରୂପରେ ସଜ୍ଜିତ ହ୍ୱାଇଟ ହାଉସ ସେମାନଙ୍କ ଅମଳଠାରୁ ଭିନ୍ନ । ହ୍ୱାଇଟ ହାଉସର ଇତିହାସ ମିସେସ୍ କେନେଡ଼ିଙ୍କୁ କେବେ ହେଲେ ଭୁଲିବ ନାହିଁ ।

ସୁପ୍ରାଚୀନ ସଭ୍ୟତାର ଭୂମି ଭାରତର ଅତିଥି ହୋଇଛନ୍ତି ନୂତନ ପୃଥିବୀର ଏଇ ନବୀନା ଅତିଥି । ତାଙ୍କୁ ନିଶ୍ଚୟ ଭାରତ ଭଲ ଲାଗିବ ଏବଂ ଭାରତର କଳା ନୈପୁଣ୍ୟ ତାଙ୍କ ଶିଳ୍ପୀ-ମନର ଏକ ଚିରନ୍ତନ ସ୍ମୃତିରେ ପରିଣତ ହେବ ।

---

ଆନନ୍ଦର କଥା ଯେ ଓଡ଼ିଆ ଚଳଚ୍ଚିତ୍ର ଦିନୁଦିନ ପ୍ରସାରଲାଭ କରୁଛି । ଚିତ୍ର ସଂଖ୍ୟା ଯେତେ ବେଶିହେବ, ଓଡ଼ିଆ ଚିତ୍ର ପାଇଁ ସେତେ ଶିଘ୍ର କ୍ଷେତ୍ର ପ୍ରସ୍ତୁତ ହେବ । ଲାଭଜନକ ହେଲେ ଏ ଶିଳ୍ପ ପ୍ରତି ସମସ୍ତେ ଆକୃଷ୍ଟ ହେବେ ଏବଂ ଶିଳ୍ପୀ ଓ କଳାକାରମାନଙ୍କ ପାଇଁ ଅନ୍ନସଂସ୍ଥାନର ଏକ ସ୍ଥାୟୀ ସଂସ୍ଥାରୂପେ ଏହାଗଢ଼ିଉଠିବ ।

ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଗୃହରେ ଏକକାଳୀନ ନୂଆବୋଉ, ଲକ୍ଷ୍ମୀ ଓ ଶ୍ରୀ ପତିତପାବନ ମୁକ୍ତିଲାଭ କରିବା ଏ ଶିଳ୍ପର ଅଗ୍ରଗତିର ଏକ ଶୁଭ ସଙ୍କେତ ।

ଚିତ୍ର-ଆଲୋଚନା—

## ଲକ୍ଷ୍ମୀ

କଳିଙ୍ଗ ଫିଲ୍ମଙ୍କ ନବତମ ସାମାଜିକ ଚିତ୍ର 'ଲକ୍ଷ୍ମୀ' କଟକ କାପିଟାଲ ଟକିଜରେ ପ୍ରଦର୍ଶିତ ହେଉଛି । ସଂକ୍ଷେପରେ ଏହାର କଥାବସ୍ତୁ ହେଉଛି—ପାଟପୁର ଗାଁ ଡାକ୍ତରଖାନାକୁ ଜଣେ ନୂଆ ଡାକ୍ତର ଆସିଲେ । ଗାଁରେ ପହଞ୍ଚିବା ମାତ୍ରେ ଗାଁର ଅମାୟିକ ଯୁବକ ବିଶ୍ୱନାଥ ସହିତ ତାଙ୍କର ବନ୍ଧୁତା ହେଲା । ବିଶ୍ୱନାଥ ବିବାହିତ; କିନ୍ତୁ ସନ୍ତାନହୀନା ସ୍ତ୍ରୀ ଓ କଳହପ୍ରିୟ ମା'ର ନିତ୍ୟ ନୈମିତ୍ତିକ କନ୍ଦଳ ଭିତରେ ସେ ଅତିଷ୍ଠ ହୋଇ ଉଠେ ବେଳେବେଳେ ।

ଡାକ୍ତର ଅଶୋକ କମ୍ପାଉଣ୍ଡର କରୁଣାକରଙ୍କ ଘରେ ଖିଆପିଆ କରନ୍ତି । କମ୍ପାଉଣ୍ଡରଙ୍କ ସୁନ୍ଦରୀ ଝିଅ ରାଧା ତାଙ୍କର ତତ୍ତ୍ୱ ନିଏ । ଏଇ ଅବସରରେ ଦୁହେଁ ଦୁହିଁଙ୍କ ସଂସ୍ପର୍ଶରେ ଆସି ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି । କିନ୍ତୁ ଗାଁର ସରପଞ୍ଚ ଯେ କି ଜଣେ ଟାଉଟର ଶ୍ରେଣୀର ଲୋକ ସେ ନିଜ କାଲ ପୁଅ କୃଷ୍ଣିଆ ସହିତ ରାଧାକୁ ବାହା କରିବାକୁ ଆଗ୍ରହୀ ହୋଇ କମ୍ପାଉଣ୍ଡରଙ୍କୁ କହିଥାଏ । ଚେତେଣେ ବିଶ୍ୱନାଥ ମା ବୋହୂର ସନ୍ତାନସନ୍ତତି ନ ହେବାରୁ ରାଧାକୁ ବୋହୂ କରି ଆଣିବାକୁ ମନେ ମନେ ପାଞ୍ଚୁଥାଏ । କିନ୍ତୁ କେତେଜଣଙ୍କ ପରାମର୍ଶରେ ସ୍ତ୍ରୀ ସହିତ ବିଶ୍ୱନାଥ ଓଡ଼ଗାଁ ଯାଇ ରଘୁନାଥ ଠାକୁରଙ୍କ ପାଖରେ ପୁଅ ପାଇଁ ମାନସିକ କରିବାକୁ ଠିକ୍ କରେ ।

ଗାଁର ସରପଞ୍ଚ କିନ୍ତୁ କମ୍ପାଉଣ୍ଡରଙ୍କଠାରୁ ନରାଶ ବାଣୀ ଶୁଣି ଡାକ୍ତରଙ୍କୁ ଗାଁରୁ ତଡ଼ିବାକୁ ଚେଷ୍ଟା କରେ; କିନ୍ତୁ ବିଶ୍ୱନାଥ ଯୋଗୁ ତାର କଳ୍ପନାଜଳ୍ପନା ପାଣି ଫାଟିଯାଏ । ମନେ ମନେ ସେ ସୁଯୋଗ ଉଣ୍ଡୁଥାଏ । ବିଶ୍ୱନାଥ ସସ୍ତ୍ରୀକ ଓଡ଼ଗାଁ ଯାଇଥିବାବେଳେ ଡାକ୍ତରଙ୍କୁ ରାସ୍ତାରେ ଭେଟି ରାଧାକୁ କଳଙ୍କରୁ ବଞ୍ଚେଇବା ପାଇଁ ଗାଁ ଛାଡ଼ି ଚାଲିଯିବାକୁ ସେ ପରାମର୍ଶ ଦେଲେ । ତାପରେକମ୍ପାଉଣ୍ଡରଙ୍କୁ ମଙ୍ଗେଇ ନେଇ ନିର୍ବନ୍ଧ କରାଇ ନେଲେ ।

ବିଶ୍ୱନାଥ ଫେରି ଆସି ଦେଖେ ସବୁ ଓଲଟ ପାଲଟ ହୋଇଛି । ଡାକ୍ତର ନାହିଁ, ରାଧାର ବିବାହ ସରପଞ୍ଚ ପୁଅ ସହିତ ଦୁଇଦିନ ଭିତରେ ସମ୍ପନ୍ନ ହେବ । ସେ ପ୍ରତିବାଦ ନ କରି ନିଜେ ବାହାଘର ଆୟୋଜନରେ ପୁରାପୁରି ଲାଗି ପଡ଼ିଲା ।

ବିଶ୍ୱନାଥର ନିଜଘରେ ଅଶାନ୍ତିର ନିଆଁ ଜଳୁଛି—ବିଶ୍ୱନାଥ ମା ବୋହୂକୁ କହୁଛି, ତୁ ବିଶୁକୁ କହିଲେ ସେ ରାଧାକୁ ବାହା ହେବାକୁ ରାଜି ହୁଅନ୍ତା, ରାଧା ବି ବଞ୍ଚିଯାନ୍ତା । ବୋହୂ ଅସମ୍ମତ ହେଇ ଘରୁ ପଳାଇ ଯାଇ ନଦୀରେ ଡେଇଁ ପଡ଼ୁଛି ।

ଏଣେ ବାହାଘର ସରିଲା ; କିନ୍ତୁ ରାଧା ପରିବର୍ତ୍ତେ କନିଆ ହେଇଛି ଗୋଟିଏ ଟୋକା । ସରପଞ୍ଚ ଅଗ୍ନିଶର୍ମା । ହଟ୍ଟଗୋଳ ଭିତରେ ବିଶ୍ୱନାଥ ରାଧାକୁ ନେଇ ନିଜ ଘରେ ରଖି ଡାକ୍ତରକୁ ଖୋଜୁଛି । ଡାକ୍ତର ଆସି ପହଞ୍ଚୁଛି—ରାଧା ଡାକ୍ତରଙ୍କ ମିଳନ ହେବା ମୁହୂର୍ତ୍ତରେ ବିଶ୍ୱନାଥର ସ୍ତ୍ରୀ, ଯିଏ କି ଅନ୍ୟ ଗାଁରେ ଏଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲା, ଆସି ପ୍ରତିବାଦ କଲା । ଡାକ୍ତର ଉଦ୍‌ଘାଟନ କଲେ ଯେ ସେ ସନ୍ତାନସମ୍ଭବା । ଶାଶୁ ବୋହୂକୁ କୋଳକୁ ଟାଣି ଆଣୁଛନ୍ତି । ସରପଞ୍ଚ ସଦଳବଳେ ପହଞ୍ଚି ଗଣ୍ଡଗୋଳ କରି ବିଶ୍ୱନାଥକୁ ଆଘାତ କଲେ । ଡାକ୍ତର ସରପଞ୍ଚଙ୍କୁ ମାରିବାକୁ ଉଠନ୍ତି ଚାଲିବେଳେ ବିଶ୍ୱନାଥ ବାଧା ଦେଇ କହିଲେ, 'ତୁମେ ଦି'ଦିନର କୁଣିଆ, ଦି' ଦିନ ପରେ ପୁଣି ଫେରିଯିବ କେଉଁ ଦୂର ସହରକୁ, ଆମେ କିନ୍ତୁ ଏଇ ମାଟିର ମଣିଷ, ଆମେ ଏଇଠି ରହିବୁ, ଲଢ଼ିବୁ, ହସିବୁ; ଶେଷରେ ଏଇ ମାଟିରେ ମିଶିବୁ ।'

ବିଶ୍ୱନାଥ ଭୂମିକାରେ ଅଭିନୟ କରୁଥିବା ଯଶସ୍ୱୀ କଳାକାର ବାବୀଙ୍କ ମୁହଁରେ ଏଇ ଶେଷ କଥାପଦକ ଖୁବ୍ ମର୍ମସ୍ପର୍ଶୀ ହୋଇଛି ଏବଂ ତାଙ୍କ ଚରିତ୍ରର ସମସ୍ତ ସଫଳତା ଏଠାରେହିଁ କେନ୍ଦ୍ରୀଭୂତ ହୋଇଛି ।

ଡାକ୍ତର ଭୂମିକାରେ ଗୌର ପ୍ରସାଦଙ୍କ ଅଭିନୟ କାମ ଚଳାଇଲା ଭଳି ହୋଇଛି । ଚନ୍ଦନାଙ୍କ ଅଭିନୟ ଭଲ ହୋଇଥିଲେ ହେଁ ତାଙ୍କ ଦୁଃସ୍ଥ ଅଙ୍ଗସୌଷ୍ଠବ ମୁଖ୍ୟ ନାୟିକା ଭୂମିକା ପାଇଁ ଉପଯୁକ୍ତ ହେଇନି । ସରପଞ୍ଚ ଭୂମିକାରେ ପାଣ୍ଡେ, ବିଶ୍ୱନାଥ ସ୍ତ୍ରୀ ଭୂମିକାରେ ମଣିମାଳା ଓ ବାବୀଙ୍କ ଅଭିନୟ ବାସ୍ତବମୁଖୀ ହୋଇଛି । ଅଭିନେତ୍ରୀ ମେନା ବିଶ୍ୱନାଥର ମା ଚରିତ୍ରକୁ ଫୁଟାଇବାରେ ସକ୍ଷମ ହୋଇଛନ୍ତି । କିନ୍ତୁ କମ୍ପାଉଣ୍ଡରର ଭୂମିକାରେ ଦୟାନିଧିଙ୍କ ଅଭିନୟ ଅସଫଳତାର ଚରମ ନିଦର୍ଶନ । ଉକ୍ତ ଭୂମିକା ପାଇଁ ଜଣେ ପୋଖତ ଚରିତ୍ରାଭିନେତାଙ୍କୁ ବାଛିଥିଲେ ଭଲ ହୋଇଥାନ୍ତା । ସରପଞ୍ଚଙ୍କ ପୁଅ କୁଣ୍ଡିଆ ଭୂମିକାରେ ହାସ୍ୟାଭିନେତା ଶରତ ଓ ଅନ୍ୟାନ୍ୟ ପାର୍ଶ୍ୱ କଳାକାରମାନଙ୍କ ଅଭିନୟ ହୃଦୟଗ୍ରାହୀ ହୋଇଛି ।

କାହାଣୀଟି ବଙ୍ଗଳାର ପ୍ରଖ୍ୟାତ ଲେଖକ ଶୈଳଜାନନ୍ଦଙ୍କ ଗଳ୍ପ ଅବଲମ୍ବନରେ ରଚିତ ହେଇଥିଲେ ମଧ୍ୟ କର୍ତ୍ତୃପକ୍ଷ ତାକୁ ଏଡ଼େଇବାକୁ ଚେଷ୍ଟା କରି କେବଳ ଚିତ୍ରନାଟ୍ୟରେ ଲେଖକଙ୍କ ନାଁ ଉଲ୍ଲେଖ କରିଛନ୍ତି ।

ଅନ୍ୟାନ୍ୟ ଟେକ୍‌ନିକାଲ ଅସୁବିଧା ଦୃଷ୍ଟିରୁ ସବୁ କ୍ଷେତ୍ରରେ ଆମକୁ ପଡ଼ୋଶୀ ରାଜ୍ୟର ସାହାଯ୍ୟ ନେବାକୁ ହେଲେ ମଧ୍ୟ କାହାଣୀ କ୍ଷେତ୍ରରେ ଆମକୁ ଏକ ଲମ୍ଫ ଦେଇ ଅନ୍ୟ ଭାଷାର ଚିତ୍ର ସହିତ ତାଳ ଦେବାକୁ ହେବ । କିନ୍ତୁ ଏକ ପୁରୁଣା କଥାବସ୍ତୁ, ସନ୍ତାନ ନ ହେବାର ଅସନ୍ତୋଷ, ବେଦିରୁ କନ୍ୟା ହରଣ୍ଟେଲ ଆଦି ଅତି

ପୁରାତନ ଘଟଣା ପ୍ରବାହକୁ ଥୋଇ ଦର୍ଶକଙ୍କ ରୁଚିକୁ ତୃପ୍ତ କରିବା ଅନୁଚିତ । ଲକ୍ଷ୍ମୀ କଥାବସ୍ତୁର ପ୍ରାଣକେନ୍ଦ୍ର ଯାହା, ତାକୁ ପୂର୍ବରୁ ଓଡ଼ିଶାର ଅନ୍ୟ ପ୍ରଯୋଜକମାନେ ସଫଳତା ସହିତ ରୂପ ଦେଇ ସାରିଛନ୍ତି । ଅନୁରୂପ ଏକ କଥାବସ୍ତୁକୁ ଗ୍ରହଣ ନକରି ନୂଆ କାହାଣୀ ଢଙ୍ଗରେ ମନୋନିବେଶ କରିଥିଲେ ଚିତ୍ରର ସଫଳତାରେ ତାହା ସହାୟକ ହୋଇଥାନ୍ତା ।

ସଂଳାପ ରଚନାରେ ସ୍ୱରସାମ୍ୟ ରକ୍ଷାକରି ଯାଇଛି । ସଙ୍ଗୀତ ଶ୍ରୁତିମଧୁର ଓ ବୋଧଗମ୍ୟ ହୋଇଛି । ଚିତ୍ର ନିର୍ଦ୍ଦେଶ କ୍ଷେତ୍ରରେ ଶାରଦା ବାବୁ ନୂଆ ହୋଇଥିଲେହେଁ 'ଲକ୍ଷ୍ମୀ' ନିର୍ଦ୍ଦେଶନାରେ ସେ ନିଜ କୃତିତ୍ୱର ପରିଚୟ ଦେଇଛନ୍ତି ।

ଚିତ୍ର ଉତ୍ତୋଳନ ଆଶାନୁରୂପ । କେତେକ ଗ୍ରାମ୍ୟ ଦୃଶ୍ୟ ଚମତ୍କାର ହୋଇଛି । ଓଡ଼ିଆ ଚଳଚ୍ଚିତ୍ର ଯେ ଦିନୁଦିନ ଅଗ୍ରଗତି କରୁଛି, ଲକ୍ଷ୍ମୀ ତାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

## ନୂ ଆ ବୋ ଉ

'ପଞ୍ଚସଖା ପିକ୍‌ଚର୍ସ'ଙ୍କ ନିର୍ମିତ ସାମାଜିକ କଥାଚିତ୍ର 'ନୂଆବୋଉ' ଓଡ଼ିଶାର କେତେକ ଗୃହରେ ପ୍ରଦର୍ଶିତ ହେଉଛି । କଟକ ପ୍ରଭାତ ସିନେମାରେ ନିକଟରେ ତାହା ମୁକ୍ତିଲାଭ କରିବ । 'ନୂଆବୋଉ'ର ଏକ ପ୍ରେସ୍-ସୋ ଗତ ୭ ତାରିଖରେ ପ୍ରଭାତ ସିନେମାରେ ହୋଇ ଯାଇଛି । ମୁଖ୍ୟତଃ ଏହା ଏକ ହାସ୍ୟରସାତ୍ମକ ଚିତ୍ର ହୋଇଥିବାରୁ ଦର୍ଶକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ ।

[ ଗତ ସଂଖ୍ୟାରେ 'ନୂଆବୋଉ'ର କଥାବସ୍ତୁ ପ୍ରକାଶ ପାଇଥିଲା । ଆସନ୍ତା ସଂଖ୍ୟାରେ ଏହାର ଚିତ୍ର-ସମାଲୋଚନା ପ୍ରକାଶ ପାଇବ ସଂ: । ]

---

'ଜନ-ସାହିତ୍ୟ'ର ମାଲିକାନା ଓ ଅନ୍ୟାନ୍ୟ ବିଷୟରେ ବିଜ୍ଞପ୍ତି
(ଫର୍ମ ୪ର ୮ମ ଧାରା ଦେଖ)

| | | |
|---|---|---|
| ୧ । | ପ୍ରକାଶନର ସ୍ଥାନ | ... ବଙ୍ଗାଳିସାହି, କଟକ-୧ |
| ୨ । | ପ୍ରକାଶନ ସମୟ | ... ମାସିକ |
| ୩ । | ମୁଦ୍ରକ, ପ୍ରକାଶକ ଓ ସମ୍ପାଦକଙ୍କ ନାମ, ଜାତୀୟତା, ଠିକଣା | ... ବଂଶୀଧର ଭୂୟାଁ, ଭାରତୀୟ ବଙ୍ଗାଳି ସାହି, କଟକ-୧ |
| ୪ । | ଯେଉଁମାନେ ପତ୍ରିକାର ମାଲିକ କିମ୍ବା ଅଂଶୀଦାର ବା ଯେଉଁମାନଙ୍କର ସମସ୍ତ ମୂଳଧନର ୧ % ଅଂଶ ଅଛି, ସେମାନଙ୍କ ନାମ ଓ ଠିକଣା । | ... ଜନ-ସାହିତ୍ୟ ପ୍ରକାଶନ ବଙ୍ଗାଳିସାହି, କଟକ-୧ |

ମୁଁ ବଂଶୀଧର ଭୂୟାଁ ଏତଦ୍ଵାରା ଘୋଷଣା କରୁଛି ଯେ ଉପରୋକ୍ତ ବିବରଣୀଗୁଡ଼ିକ ମୋର ବିଶ୍ୱାସ ଓ ଜ୍ଞାନମତେ ସତ୍ୟ ଅଟେ ।

ସ୍ୱାଃ ବଂଶୀଧର ଭୂୟାଁ
ପ୍ରକାଶକ

ତା ୨୮ । ୨ । ୭୨